# ଧରିତ୍ରୀ
DHARITRI

ଧରିତ୍ରୀ 51 Years

୨୦୨୫ର ଶୁଭେଚ୍ଛା

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧/୨୦୨୫ (୧୮ ପୃଷ୍ଠା) | Bhubaneswar, Wednesday, January 1/2025 | Page 18 | ₹ 7.00 | SAMBALPUR

୫୧ଶ ଭାଗ ୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 39 | ମୂଲ୍ୟ ₹୭/-




ନବବର୍ଷ ୨୦୨୫କୁ ସ୍ୱାଗତ ଅବସରରେ ଅଷ୍ଟ୍ରେଲିଆର ସିଡ୍ନୀ ହାର୍ବରରେ ମଙ୍ଗଳବାର ଆତସବାଜିରେ ଆଲୋକିତ ଆକାଶ।

# ଉଚ୍ଚଶିକ୍ଷା ପାଇଁ ୬୭୬.୭ କୋଟି

**ଓଡ଼ିଶାର ଉଚ୍ଚଶିକ୍ଷା ଭିତ୍ତିଭୂମି ବିକାଶ ପାଇଁ କେନ୍ଦ୍ର ସରକାର ୪୦୮.୭ କୋଟି ଟଙ୍କା ଦେବେ। ରାଜ୍ୟ ସରକାର ମଧ୍ୟ ଏଥିପାଇଁ ୨୬୮ କୋଟିର ଆର୍ଥିକ ପ୍ୟାକେଜ୍ ପ୍ରଦାନ କରିବେ। ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ୍-ଉଷା) ଯୋଜନାରେ ରାଜ୍ୟରେ ମୋଟ ୬୭୬.୭ କୋଟି ଟଙ୍କା ବ୍ୟୟ ହେବ ବୋଲି ମଙ୍ଗଳବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।**

## ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ

### କେନ୍ଦ୍ରରୁ ୪୦୮.୭ କୋଟି, ରାଜ୍ୟରୁ ୨୬୮ କୋଟି ଟଙ୍କା ପ୍ରଦାନ ନିଷ୍ପତ୍ତି

ଭୁବନେଶ୍ୱର,୩୧।୧୨(ସୁନିତ୍ ମିଶ୍ର)

ଭାଜପା ସରକାର ଆସିବାର ୮୧ ଦିନ ମଧ୍ୟରେ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇସାରିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ୍-ଉଷା) ପ୍ରଣୟନ ନିମନ୍ତେ ଅନୁଷ୍ଠିତ ହୋଇଥିବା ୩ୟ ପ୍ରୋଜେକ୍ଟ ଆପ୍ରୁଭାଲ୍ ବୋର୍ଡ (ଥାର୍ଡ ପ୍ରୋଜେକ୍ଟ ଆପ୍ରୁଭାଲ ବୋର୍ଡ) ବୈଠକର ନିଷ୍ପତ୍ତି ଅନୁଯାୟୀ ପିଏମ୍-ଉଷା ଯୋଜନାରେ ଓଡ଼ିଶାକୁ ୬୭୬.୭ କୋଟି ଟଙ୍କାର ଆର୍ଥିକ ରାଶି ଅନୁଦାନ ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏହା ନିଶ୍ଚିତ ଓଡ଼ିଶାରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ସହ ମାନବ ସମ୍ବଳ, ଗବେଷଣା ଏବଂ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଦିଗରେ ସହାୟକ ହେବ ବୋଲି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ☞ **ପୃଷ୍ଠା-୪**

# ୨୦୨୫: ଓଡ଼ିଶା ଦେଖିବ ନୂଆ ବିକାଶ

ଭୁବନେଶ୍ୱର,୩୧।୧୨(ଅନିଲ ଦାସ)

ନୂଆବର୍ଷରେ ନୂଆ ସମ୍ଭାବନା ନେଇ ଆଗକୁ ବଢ଼ିବେ ନୂଆ ସରକାର। ଓଡ଼ିଶା ଦେଖିବ ନୂଆ ବିକାଶ। ଆଗାମୀ ଦଶନ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିକଶିତ ରାଜ୍ୟବାସୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ନୂଆବର୍ଷରୁ ହିଁ ଏହାର ମୂଳଦୁଆ ପଡ଼ିବ। ଅନ୍ନଦାତା(କୃଷକ), ନାରୀ ଶକ୍ତି, ସାମାଜିକ ନ୍ୟାୟ, ଉତ୍ତମ ସ୍ୱାସ୍ଥ୍ୟସେବା, ଶିକ୍ଷା, ଶିଳ୍ପ, ରୋଜଗାର, ଓଡ଼ିଆ ଅସ୍ମିତା ଓ ଜଗନ୍ନାଥ ସଂସ୍କୃତିକୁ ମିଳିବ ନୂଆ ଦିଗ।

ବର୍ଷ ଆରମ୍ଭରୁ ପ୍ରବାସୀ ଭାରତୀୟ ଦିବସ ଆୟୋଜନ କରି ରାଜ୍ୟ ସରକାର ଓଡ଼ିଶାକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ସମାରୋହରେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରବାସୀ ଭାରତୀୟ ଦିବସ ଏକ ପ୍ରକୃଷ୍ଟ ☞ **ପୃଷ୍ଠା-୪**











A quality product from
PAN BAHAR
ସବୁଆଡ଼େ
बहार
ଅଛି!
Happy New Year
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in

ଧରିତ୍ରୀ
DHARITRI
ଧରିତ୍ରୀ 51 Years





ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧/୨୦୨୫ Bhubaneswar, Wednesday, January 1/2025

# ହଉ କିଛି ନୂଆ

**ତଥାଗତ ସତପଥୀ**

ରାଜନୈତିକ ଦୃଷ୍ଟିକୋଣରୁ ୨୦୨୪ ଓଡ଼ିଶା ପାଇଁ ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ। ବିଜୁ ଜନତା ଦଳ(ବିଜେଡି)ର ୨୪ ବର୍ଷ ଶାସନର ଅବସାନ ଘଟିଥିଲା। ଲୋକଙ୍କର ଏକ ନୀରବ ବିପ୍ଳବ ନିର୍ବାଚନରେ ପ୍ରତିଫଳିତ ହୋଇଥିଲା। ଭୋଟର ସ୍ପଷ୍ଟ କରିଦେଲେ ଯେ, ଗଣତନ୍ତ୍ରରେ ସାମନ୍ତବାଦର ସ୍ଥାନ ନାହିଁ। କେତେକ ଗୋଷ୍ଠୀ ଏହି ନିର୍ବାଚନୀ ବିପର୍ଯ୍ୟୟ ଭି.କେ.ପାଣ୍ଡିଆନଙ୍କ ଯୋଗୁ ହୋଇଥିବା କହୁଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାଜୟ ପାଇଁ ଭାରତୀୟ ଜନତା ପାର୍ଟି (ଭାଜପା)କୁ ଶ୍ରେୟ ଦେଉଛନ୍ତି। ନିକଟରେ ବିଜେଡିର ୨୮ତମ ପ୍ରତିଷ୍ଠା ଦିବସରେ ଦଳୀୟ ସଭାପତି ନବୀନ କହିଥିଲେ, ଭାଜପାର ନକାରାତ୍ମକ ପ୍ରଚାରକୁ କାଉଣ୍ଟର କରିପାରିଲୁ ନାହିଁ। ବାସ୍ତବରେ ଦେଖିବାକୁ ଗଲେ ଏହି ପରାଜୟ ପାଇଁ ପାଣ୍ଡିଆନ ନୁହନ୍ତି କି ଭାଜପା ନୁହେଁ, ନିଜେ ନବୀନ ଦାୟୀ। ସାଧାରଣତଃ ପ୍ରଶାସନିକ ବ୍ୟବସ୍ଥାରେ ଜଣେ ଆଇଏଏସ୍ ଅଧିକାରୀ ସରକାରୀ ଚାକିରିରୁ ଅବସର ନେବାପରେ ନିଜ ଜନ୍ମସ୍ଥାନକୁ ଫେରିଯିବା ଲକ୍ଷ୍ୟ କରାଯାଏ। କିନ୍ତୁ ପାଣ୍ଡିଆନଙ୍କୁ ଦଳର ମଙ୍ଗ ଧରାଇ ନବୀନ ନିଜେ ଓଡ଼ିଆ ଲୋକଙ୍କୁ ତାଚ୍ଛଲ୍ୟ କରିଥିଲେ। ନବୀନ ଭାବିଥିଲେ ଯେ ସେ ଛେଳି, ମେଣ୍ଢା, ବଳଦ, ବିଲୁଆ ଯାହାକୁ ନାହିଁ ତାକୁ ଛିଡ଼ା କରିଦେଲେ ସେ ଜିତିଯିବ। ଓଡ଼ିଶାକୁ ନିଜର ଜାଗିରି ବୋଲି ଧରି ନେଇଥିଲେ। ବିଜେଡିର ଜନ୍ମଲଗ୍ନକୁ ଦେଖିଲେ ୧୯୯୭ରେ ପ୍ରତିଷ୍ଠା ସମୟରେ ନବୀନଙ୍କ ଭୂମିକା ଅତି ନଗଣ୍ୟ ଥିଲା। ଯେଉଁମାନେ ଦଳ ଗଢ଼ିଥିଲେ ଧୀରେ ଧୀରେ ସେମାନଙ୍କୁ ଅଣଦେଖା କରାଯାଇ ମୁଷ୍ଟିମେୟ ଗୋଷ୍ଠୀଙ୍କୁ ଧରି ସେ ଶାସନ ଚଳାଇଥିଲେ। ତାଙ୍କ କାନି ଧରି କେତେକେ ପାରି ହୋଇଗଲେ। ହେଲେ ନବୀନ ବୁଝିବା ଦରକାର ଥିଲା ଯେ, ସେ କ୍ଷମତାକୁ ଆସିବା ପଛରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପ୍ରତି ରାଜ୍ୟବାସୀଙ୍କ ପ୍ରଚୁର ଘୃଣାଭାବ ନିଅଁ ପକାଇଥିଲା। ଦୀର୍ଘ ୧୪ ବର୍ଷ କଂଗ୍ରେସ ଶାସନରେ ଜାନକୀଙ୍କ ଜଘନ୍ୟ କାର୍ଯ୍ୟକଳାପ ଓଡ଼ିଶା ଲୋକଙ୍କୁ ଅନ୍ତରରୁ ଘୃଣା କରିବା ପାଇଁ ବାଧ କରିଥିଲା। ସେହି ଭାବନା ଆଜି ପର୍ଯ୍ୟନ୍ତ ଓଡ଼ିଆଙ୍କ ମନରେ ଅଛି ବୋଲି କଂଗ୍ରେସ ଭଳି ଏକ ଜାତୀୟ ଦଳ ସମ୍ପୂର୍ଣ୍ଣ ଭାବେ ପଙ୍ଗୁ ହୋଇଯାଇଛି। ଏପରିକି ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପରିବାର ଓ ସମ୍ପର୍କୀୟ ରାଜନୈତିକ ସଫଳତା ଦେଖିପାରୁ ନାହାନ୍ତି। ଏତିକିବେଳେ ନେତୃତ୍ୱବିହୀନ କଂଗ୍ରେସର ଅଧୋଃଗତି ମଧ୍ୟ ବିଜେଡିକୁ ଆଗକୁ ବଢ଼ିବାରେ ସହାୟକ ହୋଇଥିଲା। ତେବେ ୧୯୯୭ରେ ବିଜେଡି ଗଠନ ହେବା ପରେ ୧୯୯୮ ଲୋକ ସଭା ନିର୍ବାଚନରେ ଆଶ୍ଚର୍ଯ୍ୟଜନକ ଭାବେ ସଫଳତା ପାଇଥିଲା। ତା'ପରେ ଭାଜପା ସମର୍ଥନରେ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡି କ୍ଷମତା ଧରି ରଖିବାରେ ସକ୍ଷମ ହୋଇଥିଲା। ଏହି ସମୟ ମଧ୍ୟରେ ପ୍ୟାରୀମୋହନ ମହାପାତ୍ର ଯେଉଁ ଭିତ୍ତିଭୂମି ସୃଷ୍ଟି କରିପାରିଥିଲେ, ତାହା ଉପରେ ନିର୍ଭର କରି ବିଜୁ ଜନତା ଦଳ ଏକାକୀ ୨୦୦୯ ନିର୍ବାଚନ ଲଢ଼ି ଜିତିପାରିଥିଲା। ଏହା ସତ୍ୟ ଯେ, ନବୀନଙ୍କ ନାମରେ ଭୋଟ ଆସୁଥିଲା। କିନ୍ତୁ ପ୍ୟାରୀଙ୍କ ଭଳି ଦଳର ଆହୁରି ଅନେକ ସଦସ୍ୟ କଳସରେ ଆଞ୍ଜୁଳେ ପାଣି ଢାଳିବା ହେତୁ ବିଜୁ ଜନତା ଦଳ ୨୪ ବର୍ଷ ତିଷ୍ଠିଲା। ୨୦୧୯ ପରେ ପାଗଳାମି ଆରମ୍ଭ ହୋଇଥିଲା। ଆଜି ଯଦି କେହି କହୁଥାଏ ଯେ, ବିଜେଡି କେବଳ ନବୀନଙ୍କ ନାମରେ ୫ ଥର ଜିତିଥିଲା, ତେବେ ୬ଷ୍ଠ ଥର ପରାଜୟ ପାଇଁ ମଧ୍ୟ ସେହି ନେତା ସମ୍ପୂର୍ଣ୍ଣ ଦାୟୀ ହେବେ।

ପ୍ରଥମଥର ପାଇଁ ଓଡ଼ିଶାରେ ଭାଜପା ସରକାର ଗଠନ କରିଛି। ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେବା ପରେ ରାଜ୍ୟର କୋଣ ଅନୁକୋଣକୁ ନିଜେ ବୁଲିବା ସହିତ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ବିଧାୟକମାନଙ୍କୁ ବିଭିନ୍ନ ଅଞ୍ଚଳ ଯାଇ ଲୋକଙ୍କ ଅଭିଯୋଗ ଓ ସମସ୍ୟା ବୁଝିବା ଉପରେ ଗୁରୁତ୍ୱ ଦେଉଛନ୍ତି। ସେ ଏଭଳି ଏକ ସକାରାତ୍ମକ ବାତାବରଣ ସୃଷ୍ଟି କରୁଛନ୍ତି, ଯାହା ଏକ ଦୃଢ଼ ଗଣତାନ୍ତ୍ରିକ ସରକାରର ସଙ୍କେତ ଦେଉଛି। ଏହା ଜଣାଶୁଣା ଯେ ଜଣେ ନେତା ଲୋକଙ୍କ ପାଖକୁ ଗଲେ ସାଧାରଣରେ ସରକାରଙ୍କ ଉପରେ ଆସ୍ଥା ଓ ଭରସା ବୃଦ୍ଧି ପାଇଥାଏ। ଗୋଟେ ମାନସିକତା ରହିଆସିଛି ଯେ ଆମକୁ ଶାସନ କରୁଥିବା ଜଣେ କେହି ରାଜା ବା ସମ୍ଭ୍ରାନ୍ତ ବର୍ଗର ହୋଇଥିବା ଦରକାର। କିନ୍ତୁ ନୂଆ ସରକାର ସେଭଳି ନେତାଙ୍କ ଠାଣିକୁ ଭାଙ୍ଗି ଲୋକଙ୍କ ସରକାର ହେବାକୁ ଚେଷ୍ଟା କରିବା ରାଜ୍ୟ ପାଇଁ ଏକ ଶୁଭ ସଙ୍କେତ। ଦେଶର ଅନ୍ୟାନ୍ୟ ଭାଜପା ଶାସିତ ରାଜ୍ୟ ବିଶେଷକରି ଉତ୍ତର ଭାରତରେ ସଂଖ୍ୟାଲଘୁଙ୍କ ପ୍ରତି ଅସୂୟାଭାବ ଦେଖାଦେବା ସହ ଧର୍ମୀୟ ବାଛବିଚାର ଓ ବିଭାଜନ ରାଜନୀତି ସର୍ବାଗ୍ରେ ରହୁଥିବାବେଳେ ଓଡ଼ିଶାରେ ତାହାର କୌଣସି ମାତ୍ର ପ୍ରଭାବ ଏପର୍ଯ୍ୟନ୍ତ ଦେଖିବାକୁ ମିଳିନାହିଁ। ଅର୍ଥାତ୍ ଜାତୀୟ ଭାଜପାର ଅଗଣତାନ୍ତ୍ରିକ ଚରିତ୍ରଠାରୁ ଓଡ଼ିଶାରେ ପ୍ରାରମ୍ଭିକ ସ୍ତରରେ, ଭାଜପା ସରକାର, ଏକ ସ୍ୱାଗତଯୋଗ୍ୟ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପସନ୍ଦ କରେ ବୋଲି ଦର୍ଶାଉଛି। ଏହିଭଳି ଆଭିମୁଖ୍ୟ ଭବିଷ୍ୟତରେ ରହିଲେ ସେହି ଦଳ ଓ ତା'ର ନେତୃବୃନ୍ଦଙ୍କୁ ଦୀର୍ଘମିଆଦୀ ରାଜନୈତିକ ଲାଭ ଆଣିଦେଇ ପାରିବ। କାରଣ ଓଡ଼ିଶାବାସୀ କେବେହେଲେ ହିଂସାତ୍ମକ କାର୍ଯ୍ୟକଳାପକୁ ପସନ୍ଦ କରନ୍ତି ନାହିଁ। ନିକଟରେ ବାଲେଶ୍ୱର ଜିଲା ରେମୁଣା ଥାନା ଛଣଖଣପୁରରେ ଘଟିଥିବା ଘଟଣା ରାଜ୍ୟ ପାଇଁ ଏକ ନକାରାତ୍ମକ ଛବି ଦେଖାଉଛି। ଅନ୍ୟପଟେ ବିଜେଡି ସରକାର ଅମଳରେ ଲୋକଙ୍କ ପାଖକୁ ପଦଯାତ୍ରାରେ ଯିବା ଗୋଟେ ଫେଶନ ହୋଇଯାଇଥିଲା। ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନ ୨ ଅକ୍ଟୋବରରୁ ୧୧ ଅକ୍ଟୋବର ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଯାଏ ଜନସମ୍ପର୍କ ଯାତ୍ରା କିଭଳି ଚାଲିଥିଲା ତାହା ଆମେ ଦେଖିଛୁ। ଶେଷରେ 'ନୂଆ-ଓ' ଏବଂ ନବୀନ ଓଡ଼ିଶା ଭଳି କାର୍ଯ୍ୟକ୍ରମ ବିଜେଡିକୁ କ୍ଷତି ପହଞ୍ଚାଇଥିଲା।

ନୂଆବର୍ଷ ୨୦୨୫ ଆସିଛି। ଏକ ସୁସ୍ଥ ଗଣତନ୍ତ୍ର ସକାଶେ ଶକ୍ତିଶାଳୀ ବିରୋଧୀ ଦଳର ମଧ୍ୟ ଆବଶ୍ୟକତା ଅଛି। କାରଣ ଆସନ୍ତାଦିନର ରାଜନୀତି ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ବିକଳ୍ପ ଦେଖିବା ଲାଗି ଓଡ଼ିଶା ଭୋଟରଙ୍କୁ ସୁଯୋଗ ମିଳିବା ଦରକାର। ଏବେ ସକାରାତ୍ମକ ରାଜନୀତି ଆରମ୍ଭ କରିବାକୁ ହେବ। ଓଡ଼ିଶାର ରାଜନୈତିକ ଇତିହାସ କହୁଛି ଯେ ଏହି ରାଜ୍ୟରେ ଜାତୀୟ ଦଳ ପରିବର୍ତ୍ତେ ସାଧାରଣ ଓଡ଼ିଆ ଭୋଟର ୧୯୬୦ ଦଶନ୍ଧିରୁ, ଯେତେବେଳେ ସୁଯୋଗ ମିଳିଛି, ଆଞ୍ଚଳିକ ନେତୃତ୍ୱକୁ ସମର୍ଥନ କରିଆସିଛନ୍ତି। ଜାନକୀଙ୍କୁ ବିରୋଧ କରି ନବୀନ ଆସିଥିଲେ। ୨୪ ବର୍ଷର ଶାସନ ପରେ ନବୀନଙ୍କୁ ନାପସନ୍ଦ କରି ଓଡ଼ିଆ ଭୋଟର ଭାଜପାକୁ ଆଣିଲେ। ଏବେ ସକାରାତ୍ମକ ଚିନ୍ତାରେ ବିରୋଧୀ ଛିଡ଼ାହେଲେ ନାପସନ୍ଦ ପରିବର୍ତ୍ତେ ପସନ୍ଦ ପାଇଁ ରାଜନୀତି କରିବାର ସୁଯୋଗ ସୃଷ୍ଟି ହୋଇପାରିବ।

# ମଣିପୁର ଜାତିଆଣ ହିଂସା: କ୍ଷମା ମାଗିଲେ ମୁଖ୍ୟମନ୍ତ୍ରୀ

ଇମ୍ଫାଲ୍,୩୧।୧୨(ପି.ଟି.)

ମଣିପୁରରେ ମୋଇତି ଏବଂ କୁକି-ଜୋ ସମ୍ପ୍ରଦାୟ ମଧ୍ୟରେ ୨୦୨୩ ମେ'ରୁ ଜାତିଆଣ ହିଂସା ଲାଗିରହିଥିବାବେଳେ ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି। ଅନେକ ହଜାର ଲୋକ ଘରଦ୍ୱାର ହରାଇ ଆଶ୍ରୟ ସ୍ଥଳରେ ମୁଣ୍ଡ ଗୁଞ୍ଜିଛନ୍ତି। ଏହି ଜାତିଆଣ ସଂଘର୍ଷ ପାଇଁ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ୨୦୨୪ ବର୍ଷର ଶେଷ ଦିନରେ ରାଜ୍ୟବାସୀଙ୍କୁ କ୍ଷମା ମାଗିଛନ୍ତି। ରାଜ୍ୟରେ ଯାହାକିଛି ଘଟିଯାଇଛି, ସେଥିପାଇଁ ସେ ଦୁଃଖିତ। ଅନେକେ ସେମାନଙ୍କ ପ୍ରିୟଜନକୁ ହରାଇଥିବାବେଳେ ବହୁତ ଲୋକ ଘରଦ୍ୱାର ହରାଇଛନ୍ତି।



ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ

ଏହି ହିଂସାକୁ ଭୁଲିଯିବା ସହ ଅତୀତର ଭୁଲ୍ ପାଇଁ କ୍ଷମା ଦେବାକୁ ମୁଖ୍ୟମନ୍ତ୍ରୀ ସବୁ ସମ୍ପ୍ରଦାୟକୁ ନିବେଦନ କରିଛନ୍ତି। ଏଥିସହିତ ଶାନ୍ତିପୂର୍ଣ୍ଣ ଓ ସମୃଦ୍ଧ ରାଜ୍ୟରେ ସମସ୍ତେ ମିଳିମିଶି ଚଳିବାକୁ ସେ ଅପିଲ୍ କରିଛନ୍ତି।

ଏକ ଖବରଦାତା ସମ୍ମିଳନୀରେ ବୀରେନ୍ କହିଛନ୍ତି, ଗତ ୩ରୁ ୪ ମାସ ହେଲା ମଣିପୁରରେ ଆପାତତଃ ଶାନ୍ତି ଜାରି ରହିଛି। ନୂତନ ବର୍ଷରେ ସ୍ୱାଭାବିକ ସ୍ଥିତି ଫେରିଆସିବା ନେଇ ସେ ଆଶାବାଦୀ। ୨୦୨୩ ମେ'ରୁ ଅକ୍ଟୋବର ମଧ୍ୟରେ ମଣିପୁରରେ ୪୦୮ଟି ଗୁଳିକାଣ୍ଡ ଘଟଣା ଘଟିଥିଲା। ୨୦୨୩ ନଭେମ୍ବରରୁ ୨୦୨୪ ଏପ୍ରିଲ ମଧ୍ୟରେ ୩୪୫ଟି ଗୁଳିକାଣ୍ଡ ଏବଂ ମେ'ରୁ ଏପର୍ଯ୍ୟନ୍ତ ୧୧୨ଟି ଗୁଳିକାଣ୍ଡ ଘଟିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ହିଂସା ବେଳେ ଲୁଟ୍ ହୋଇଥିବା ସମସ୍ତ ୩,୧୧୨ଟି ଅସ୍ତ୍ର ଏବଂ ୨,୫୧୧ ବିସ୍ଫୋରକ ସାମଗ୍ରୀକୁ ଜବତ କରାଯାଇଛି। ☞ପୃଷ୍ଠା-୪

# ନୂଆବର୍ଷରେ ୮୦୯ କୋଟି ଜନସଂଖ୍ୟା

## ■ ଭାରତରେ ସର୍ବାଧିକ ୧୪୧ କୋଟି
## ■ ୨୦୨୪ରେ ବିଶ୍ୱରେ ବଢ଼ିଛି ୭.୧ କୋଟି

ୱାଶିଂଟନ, ୩୧।୧୨

୨୦୨୫ ଜାନୁଆରୀ ୧ ସୁଦ୍ଧା ବିଶ୍ୱର ଜନସଂଖ୍ୟା ୮୦୯ କୋଟିରେ ପହଞ୍ଚିଛି। ଆମେରିକାର ଜନଗଣନା ବ୍ୟୁରୋ(ୟୁଏସ୍‌ସିବି) ପକ୍ଷରୁ ମଙ୍ଗଳବାର ପ୍ରକାଶ ପାଇଥିବା ଏକ ରିପୋର୍ଟରେ ଏହି ଆକଳନ କରାଯାଇଛି। କେବଳ ୨୦୨୪ରେ ବିଶ୍ୱ ଜନସଂଖ୍ୟାରେ ୭.୧ କୋଟି ବୃଦ୍ଧି ଘଟିଛି। ୨୦୨୪ ଜାନୁଆରୀ ୧ ସୁଦ୍ଧା ବିଶ୍ୱର ସମୁଦାୟ ଜନସଂଖ୍ୟା ୮୦୧.୯ କୋଟି ଥିବାବେଳେ ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ୮୦୯ କୋଟିରେ ପହଞ୍ଚିଛି। ୨୦୨୪ରେ ବିଶ୍ୱର ଜନସଂଖ୍ୟା ୦.୯% ହାରରେ ବୃଦ୍ଧି ପାଇଥିଲା, ଯାହା ୨୦୨୩ର ଜନସଂଖ୍ୟା ବୃଦ୍ଧି ହାରଠାରୁ କମ୍ ରହିଥିବା ନେଇ ୟୁଏସ୍‌ସିବି ଆକଳନ କରିଛି। ତେବେ କେବଳ ୨୦୨୩ରେ ବିଶ୍ୱ ଜନସଂଖ୍ୟାରେ ୭.୫ କୋଟି ବୃଦ୍ଧି ଘଟିଥିବା ନେଇ ୟୁଏସ୍‌ସିବି କହିଛି।

ଉକ୍ତ ରିପୋର୍ଟ ଅନୁଯାୟୀ, ୧୪୧ କୋଟି ଜନସଂଖ୍ୟା ସହ ଭାରତ ହେଉଛି ବିଶ୍ୱର ସବୁଠୁ ଜନବହୁଳ ଦେଶ। ୨୦୨୪ ଜୁଲାଇରେ ଭାରତ ଜନସଂଖ୍ୟା ପ୍ରଥମଥର ପାଇଁ ଚାଇନାକୁ ଟପିଥିଲା। ସର୍ବାଧିକ ଜନସଂଖ୍ୟା ତାଲିକାରେ ୧୪୦.୮ କୋଟି ଜନସଂଖ୍ୟା ସହ ଭାରତର ଠିକ୍ ପଛକୁ ଚାଇନା ରହିଛି। ସେହିପରି ୩୪.୧ କୋଟି ଲୋକଙ୍କ ସହ ଆମେରିକା ବିଶ୍ୱର ତୃତୀୟ ଜନବହୁଳ ଦେଶ ହୋଇଥିବା ☞ପୃଷ୍ଠା-୪

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'କୃଷି ଜୀବନ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।









ବିକାଶ ଦିଗରେ ଉଡାଣ
ପ୍ରଗତି ପଥେ ଓଡ଼ିଶା

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ସରକାରଙ୍କ ଗନ୍ତବ୍ୟ ସ୍ଥଳ ନୀତି ଅର୍ନ୍ତଭୁକ୍ତ
ନବବର୍ଷରେ ଓଡ଼ିଶା ପାଇଁ ନୂତନ ବିମାନ ସେବା

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା


| ଏୟାରଲାଇନ୍ ଅପରେଟର୍ | ମାର୍ଗ | ଫ୍ରିକୁଏନ୍ସି | ଆରମ୍ଭ ତାରିଖ |
|---|---|---|---|
| ଷ୍ଟାର ଏୟାର | ଝାରସୁଗୁଡା → ହାଇଦ୍ରାବାଦ → ଝାରସୁଗୁଡା | ପ୍ରତିଦିନ ବିମାନ ସେବା | ୧ ଜାନୁଆରୀ ୨୦୨୫ |
| | ଝାରସୁଗୁଡା → ରାଇପୁର → ଝାରସୁଗୁଡା | ସୋମବାର, ବୁଧବାର, ଶୁକ୍ରବାର ଓ ରବିବାର | ୧ ଫେବୃଆରୀ ୨୦୨୫ |
| | ଝାରସୁଗୁଡା → ଲକ୍ଷ୍ନୌ → ଝାରସୁଗୁଡା | ମଙ୍ଗଳବାର, ଗୁରୁବାର ଓ ଶନିବାର | ୧ ଫେବୃଆରୀ ୨୦୨୫ |
| ଏୟାର ଇଣ୍ଡିଆ ଏକ୍ସପ୍ରେସ୍ | ଭୁବନେଶ୍ୱର → କୋଚି → ଭୁବନେଶ୍ୱର | ପ୍ରତିଦିନ ବିମାନ ସେବା | ୩ ଜାନୁଆରୀ ୨୦୨୫ |
| | ଭୁବନେଶ୍ୱର → ଜୟପୁର → ଭୁବନେଶ୍ୱର | ସୋମବାର, ବୁଧବାର, ଶୁକ୍ରବାର ଓ ରବିବାର | ୩ ଜାନୁଆରୀ ୨୦୨୫ |
| | ଭୁବନେଶ୍ୱର → ଲକ୍ଷ୍ନୌ → ଭୁବନେଶ୍ୱର | ମଙ୍ଗଳବାର, ଗୁରୁବାର ଓ ଶନିବାର | ୪ ଜାନୁଆରୀ ୨୦୨୫ |

ହାଇଦ୍ରାବାଦ୍ | ରାୟପୁର୍ | ଲକ୍ଷ୍ନୌ | କୋଚି | ଜୟପୁର୍



ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର
OIPR-38001/13/0008/2425

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀ ଶ୍ରୀମତ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ, ସ୍ଥାନ: ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ. ୧୭୮, ୟୁନିଟ୍-୯, ସମୟ: ସକାଳ ୯ଟା ୩୦।
- ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ସହ କଥା ଏବଂ ତତ୍ତ୍ୱଭିତ୍ତିକ ନାଟ୍ୟପୁସ୍ତକ 'କନକବିଦ୍ୟା' ଉନ୍ମୋଚନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ମୋହନ ଦାସ ସ୍ମୃତି କମିଟି, ପତିତପାବନ ସେବାସଂଘ ଶହୀଦ ସ୍ମୃତି ସଂସଦ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ମୋହନ ଦାସଙ୍କ ୩୦ତମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ଚଉଁରପଦା ପତିତପାବନ ସେବାସଂଘ, ନିମାପଡ଼ା, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ୩୫ତମ ଚନ୍ଦ୍ରଭାଗା ଉତ୍ସବର ପଞ୍ଚମ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସକାଳ ୯ଟା।
- ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିରର ନବମ ଦିବସ, ସ୍ଥାନ: ଅସ୍ତପୁରା କୈଳାଶ ଫିସାରୀ ଫାର୍ମ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ସଡ଼କ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ବନ୍ତ ମିନି ମାରାଥନ, ସ୍ଥାନ: ଟିଲୋ କେନାଲ ଛକଠାରୁ ତାରିଣୀ ମନ୍ଦିର, ଶ୍ରୀବନ୍ତପୁର, ବନ୍ତ, ସମୟ: ସକାଳ ୮ଟା।
- ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ହାଇସ୍କୁଲ ପଡ଼ିଆ, ଚରମ୍ପା, ସମୟ: ସକାଳ ୯ଟା।
- ବିପ୍ଳବୀ ଚକ୍ରଧର ବେହେରାଙ୍କ ୫୨ତମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ଘଣ୍ଟେଶ୍ୱର ବିବିସି ବିଦ୍ୟାପୀଠ, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଆଗରପଡ଼ା ମହୋତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ୱାକାଥନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ୟଙ୍ଗ ମ୍ୟାନ୍ ଆସୋସିଏଶନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ:ବେତନଟୀ ଧମାକା ମହୋତ୍ସବ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମିଶ୍ରଣ ଦିବସ ପାଳନ, ସ୍ଥାନ:ଜିଲାପାଳଙ୍କ ସଦ୍‌ଭାବନା ଗୃହ, ବାରିପଦା,ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- ଭାଷା ଆନ୍ଦୋଳନ ପକ୍ଷରୁ ଶଶୀଭୂଷଣ ରଥଙ୍କ ୧୪୧ ତମ ଜୟନ୍ତୀ ପାଳନ, ସ୍ଥାନ: ଶଶୀଭୂଷଣ ରଥ ମହାବିଦ୍ୟାଳୟ, ସମୟ: ସକାଳ ୮ଟା।

## ଢେଙ୍କାନାଳ

- ସଡ଼କ ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୦।

## ଜଗତ୍‌ସିଂହପୁର

- ଆହ୍ୱାନ ଫାଉଣ୍ଡେଶନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ଡକ୍ ୱାର୍କର୍ସ ଚିତ୍ତ ବିନୋଦର କେନ୍ଦ୍ର, ବୃନ୍ଦାବନ କଲୋନୀ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଶ୍ରଦ୍ଧା ଡ୍ୟାନ୍ସ ଷ୍ଟୁଡିଓ, ହଳଦିଡିହ, କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।

## ଯାଜପୁର

- ଜିଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୨୫ ଉଦଘାଟନ୍, ସ୍ଥାନ : ଯାଜପୁର ସଂସ୍କୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ୯ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳା, ସ୍ଥାନ : ଯାଜପୁର ରୋଡ଼ କାଳୀମେଲଣ ପଡ଼ିଆ,ସମୟ : ଅପରାହ୍ନ ୩ଟା।
- ଧର୍ମଶାଳା ମହୋତ୍ସବରେ ତାରିକ ଅଜିଜ ଓ ସାଥୀମାନଙ୍କ ବଲିଓଡ ନାଇଟ, ସ୍ଥାନ: ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ନୟାଗଡ଼ ଯୋଗୀ ଯୋଗିଆଣି ପୀଠରେ ସାଧୁମେଳା, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୋସ୍କା, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ନବବର୍ଷ ଉପଲକ୍ଷେ ସମଲେଶ୍ୱରୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ : ସମଲେଶ୍ୱରୀ ମନ୍ଦିର, ସମୟ : ପ୍ରାତଃ ୫ଟା।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା।
- ସମ୍ବଲପୁର ଲୋକ ମହୋତ୍ସବ-୨୫ ଆୟୋଜନରେ ଚିତ୍ରକଳା କର୍ମଶାଳା, ସ୍ଥାନ : ସମଲେଶ୍ୱରୀ ମନ୍ଦିର ପରିସର, ସମୟ : ସକାଳ ୯ଟା।
- ଅଇଁଠାପାଲି ବ୍ୟବସାୟିକ ସଂଘ ବୈଠକ, ସ୍ଥାନ : ସମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଲୋକ ମହୋତ୍ସବ ଆୟୋଜନ କମିଟି ବୈଠକ, ସ୍ଥାନ : ସମ୍ବଲପୁର କଳା ପରିଷଦ, ସମୟ : ଅପରାହ୍ନ ୩ଟା ୩୦।

## ବଲାଙ୍ଗୀର

- ସଡ଼କ ସୁରକ୍ଷା ମାସ ୨୦୨୫ ପାଳନର ଶୁଭାରମ୍ଭ, ସ୍ଥାନ: ସରକାରୀ ବସ ଗ୍ୟାରେଜ୍ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ବାଧିତ ଜନବନ୍ଧୁ ପ୍ରଭାକର ରଥଙ୍କ ୧୦୪ ତମ ଜୟନ୍ତୀ ସମାରୋହ, ସ୍ଥାନ: ପତିତପାବନ ଏକାଡେମୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁବର୍ଣ୍ଣପୁର

- ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସୁରକ୍ଷା ରଥର ଶୁଭାରମ୍ଭ, ସ୍ଥାନ: ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୭ଟା।
- ପଏଁରୀ ଉତ୍ସବ ଶୁଭାରମ୍ଭ ଅବସରରେ ମଶାଲ ଯାତ୍ରା, ସ୍ଥାନ: ସୁରେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୯ଟା।
- ନବାନ୍ନ ପାରାୟଣର ଉଦ୍‌ଯାପନୀ, ସ୍ଥାନ:ମେଣ୍ଡିଲିପାଲି, ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୦ଟା।
- ନବବର୍ଷ ଅବସରରେ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ:ଭାଲପାବଲି ଶିବ ମନ୍ଦିର,ବଡ଼ମାଳ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।ହ୍

## ବରଗଡ଼

- ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ପାର୍ବତୀ ଗିରି ମହିଳା କଲେଜ ସମ୍ମୁଖ, ବରଗଡ଼, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମହିମା ଆଶ୍ରମ, ପଲସାନୀ(ବୁକୁରାମୁଣ୍ଡା), ପଦ୍ମପୁର, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଖଣ୍ଡହଥା, ବରଗଡ଼, ସମୟ: ସକାଳ ୯ଟା।

## ଝାରସୁଗୁଡ଼ା

- ସତସଙ୍ଗ କାର୍ଯ୍ୟକ୍ରମ ଓ ପ୍ରବଚନ, ସ୍ଥାନ: କାତିକେଲା ସତସଙ୍ଗ ମଣ୍ଡପ, ସମୟ: ସକାଳ ୮ଟା।
- ରାମାୟଣ ପାଠ ଓ କୀର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ: ମଳଦା କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା।
- ସଡ଼କ ସପ୍ତାହ ପାଳନ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଦୁଲ୍‌ଦୁଲି ପାଇଁ କଳସ ଶୋଭାଯାତ୍ରା, ପୂଜାର୍ଚ୍ଚନା, ସ୍ଥାନ: କନକ ଦୁର୍ଗା ମନ୍ଦିର, ବେହେରାମାଲ, ସମୟ: ମଧ୍ୟାହ୍ନ ୧୨ଟା।

## ରାଉରକେଲା

- ପ୍ରଗତି ଉତ୍କଳ ସଂଘ ପକ୍ଷରୁ କବିତା ପାଠୋତ୍ସବ, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା।
- ଗୋପବନ୍ଧୁ ପାଠାଗାରର ପ୍ରତିଷ୍ଠା ଦିବସ, ସ୍ଥାନ: ଛେଣ୍ଡ କଲୋନୀ, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ୩୨ତମ ଦେବଗଡ଼ ଜିଲା ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସାଇକେଲ ମ୍ୟାଜିକ ଶୋ', ସ୍ଥାନ: ରିଆମାଳ ବ୍ଲକ, ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଶ୍ରୀମଦ୍ ଭାଗବତ ଉପଲକ୍ଷେ ଅଜାମିଳ, ପ୍ରହ୍ଲାଦ, ଗଜାନନ ମୋକ୍ଷ, ବାମନ ଚରିତ୍ର କଥା, ସ୍ଥାନ: ନୂଆପଡା ସଦର ବ୍ଲକ ଡୁମେରପାଣି ଗାଁ, ସମୟ: ସକାଳ ୯ଟା।
- ଶ୍ରୀମଦ୍ ଭାଗବତ କଥା ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଡୁମେରପାଣି ଗାଁ, ସମୟ: ଅପରାହ୍ନ ୧ଟା।

## ବୌଦ୍ଧ

- ଚକରାପଥର ଯାତ୍ରା ଅବସରରେ ଧନୁଯାତ୍ରା ମହୋତ୍ସବ, ସ୍ଥାନ: ମାର୍ଡୋଲ ବେହେରାପଡା, କଣ୍ଟାମାଳ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।

# ୨୦୦ ଆପରାଧିକ ମାମଲା, ୧୬୦ ସରକାରୀ ବାବୁ ଗିରଫ

## ଭିଜିଲାନ୍ସର ବାର୍ଷିକ ରିପୋର୍ଟ-୨୦୨୪

- ୧୩୧ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ
- ୫୦ କ୍ଲାସ୍-୧ ଅଫିସରଙ୍କ ନାଁରେ ମାମଲା
- ସହଅଭିଯୁକ୍ତ ଭାବେ ୩୮ ଜଣଙ୍କ ସ୍ତ୍ରୀ ଫସିଛନ୍ତି

**ଭୁବନେଶ୍ୱର,୩୧।୧୨(ସତ୍ୟଜିତ୍ ରାଉତ)**

ସରକାରୀ ଅର୍ଥ ଆତ୍ମସାତ୍ ହେଉ କିମ୍ବା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସହ ଲାଞ୍ଚ ମାମଲା। ଦୁର୍ନୀତିଗ୍ରସ୍ତ ସରକାରୀ ବାବୁମାନେ ଭିଜିଲାନ୍ସ ଜାଲରେ ଫସିବା ପରେ ସେମାନଙ୍କ କଳା କାରନାମା ପଦାକୁ ଆସୁଛି। ୨୦୨୪ରେ ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶାଳୟ ୨୦୦ ଆପରାଧିକ ମାମଲା ରୁଜୁ କରିଥିବାବେଳେ ୧୮୧ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୧୬୦ ଜଣ ସରକାରୀ ବାବୁ ରହିଛନ୍ତି। ସେହିପରି ଭିଜିଲାନ୍ସ ଟିମ୍ ୪୮୩ ସ୍ଥାନରେ ଚଢ଼ାଉ କରିଥିବା ବେଳେ ମୋଟ୍ ୧୩୧ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଛି। ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବାର୍ଷିକ ରିପୋର୍ଟ-୨୦୨୪ରୁ ଏହା ଜଣାପଡ଼ିଛି।

ରିପୋର୍ଟ ଅନୁଯାୟୀ, ୨୦୦ ଆପରାଧିକ ମାମଲା ମଧ୍ୟରୁ ୪୪ଟି ସରକାରୀ ଅର୍ଥ ଆତ୍ମସାତ ସଂକ୍ରାନ୍ତୀୟ ଦୁର୍ନୀତି ମାମଲା ରହିଥିବାବେଳେ ୬୦ଟି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ୯୬ଟି ଲାଞ୍ଚ ମାମଲା ରହିଛି। ୩୦୮ଜଣ ବ୍ୟକ୍ତିଙ୍କ ବିରୋଧରେ ଏସବୁ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ମଧ୍ୟରେ ୫୦ ଜଣ କ୍ଲାସ୍-୧ ଅଫିସର, ୩୬ ଜଣ କ୍ଲାସ୍-୨ ଅଫିସର, ୧୩୧ ଜଣ ତୃତୀୟ ଶ୍ରେଣୀ କର୍ମଚାରୀ, ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ, ୧୮ଜଣ ଅନ୍ୟ ସରକାରୀ କର୍ମଚାରୀ ଓ ୭୨ ବେସରକାରୀ ବ୍ୟକ୍ତି ରହିଛନ୍ତି। ଗିରଫ ହୋଇଥିବା ୧୮୧ ଜଣ ଅଭିଯୁକ୍ତଙ୍କ ମଧ୍ୟରେ ୩୭ ଜଣ କ୍ଲାସ୍-୧ ଅଫିସର, ୨୭ଜଣ କ୍ଲାସ୍-୨ ଅଫିସର, ୮୫ଜଣ ତୃତୀୟ ଶ୍ରେଣୀ କର୍ମଚାରୀ, ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ, ୧୦ ଜଣ ଅନ୍ୟ ସରକାରୀ କର୍ମଚାରୀ ଓ ୨୧ ଜଣ ବେସରକାରୀ ବ୍ୟକ୍ତି ରହିଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୧୬ ଜଣ ଯନ୍ତ୍ରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ବିଭିନ୍ନ ବିଭାଗର ୬ଜଣ ମୁଖ୍ୟ ଯନ୍ତ୍ରୀ ରହିଛନ୍ତି। ୬୦ଟି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୬୬ ସରକାରୀ କର୍ମଚାରୀ ଓ ୩୬ ବେସରକାରୀ ବ୍ୟକ୍ତି ରହିଛନ୍ତି। ତେବେ ଏସବୁ ମାମଲାରେ ୧୩୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିବାବେଳେ ସହଅଭିଯୁକ୍ତ ଭାବେ ୩୮ଜଣଙ୍କ ସ୍ତ୍ରୀ ଫସିଛନ୍ତି। ସେହିଭଳି ମୋଟା ଅଙ୍କର ଟଙ୍କା ଧରି ଯାଉଥିବା ୫ଜଣ ସରକାରୀ ବାବୁଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଥିବା ବେଳେ ଏମାନଙ୍କ ମଧ୍ୟରେ ଜଣେ କ୍ଲାସ୍-୧ ଅଫିସର, ୨ଜଣ କ୍ଲାସ୍-୨ ଅଫିସର, ଜଣେ କ୍ଲାସ୍-୩ ଅଫିସର ଏବଂ ଜଣେ ଅନ୍ୟ ସରକାରୀ କର୍ମଚାରୀ ରହିଛନ୍ତି। ଏଥିସହ ୯୬ ଲାଞ୍ଚ ମାମଲାରେ ୧୦୫ ସରକାରୀ କର୍ମଚାରୀ ଓ ୧୦ଜଣ ବେସରକାରୀ ବ୍ୟକ୍ତି ଧରାପଡ଼ିଥିଲେ। ସରକାରୀ ଅର୍ଥ ଆତ୍ମସାତ୍ ସଂକ୍ରାନ୍ତୀୟ ୪୪ ମାମଲାରେ ୯୧ଜଣ ଅଭିଯୁକ୍ତ ରହିଥିବାବେଳେ ଏମାନଙ୍କ ମଧ୍ୟରେ ୬୫ ସରକାରୀ କର୍ମଚାରୀ ଏବଂ ୨୬ ବେସରକାରୀ ବ୍ୟକ୍ତି ରହିଛନ୍ତି। ତଦନ୍ତ ବେଳେ ଭିଜିଲାନ୍ସ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କ ୭୯୨ଟି ବ୍ୟାଙ୍କ୍ ଆକାଉଣ୍ଟକୁ ଫ୍ରିଜ୍ କରିଛି। ୨୦୨୪ରେ ୧୦୫ଟି ମାମଲାରେ ଦଣ୍ଡାଦେଶ ହୋଇଛି। ଏସବୁ ମାମଲାରେ ୧୪୭ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତେବେ ଏହିବର୍ଷ ୨୫ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବାବେଳେ ଦଣ୍ଡାଦେଶ ଆଧାରରେ ୬୫ଜଣ ଦୋଷୀ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନଶନ୍ ବନ୍ଦ କରାଯାଇଛି। ଅନ୍ୟପକ୍ଷରେ ୨୦୨୪ରେ ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ୍ ପକ୍ଷରୁ ୧୦୧ ସ୍ଥାନରେ ଚଢ଼ାଉ କରାଯାଇ ୪.୮୨ କୋଟି ଟଙ୍କାର ସାମଗ୍ରୀ ଜବତ ସହ ୩୯ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

# ଠକ ଯୋଡ଼ିଙ୍କ ଅଫିସ ସିଲ୍

## ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ, ଜ୍ୱାଇଁ କହି ଠକେଇ ଘଟଣା

**ଭୁବନେଶ୍ୱର,୩୧।୧୨(ସତ୍ୟଜିତ୍ ରାଉତ)**

ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଜ୍ୱାଇଁ ପରିଚୟ ଦେଇ ବଡ଼ବଡ଼ିଆଙ୍କୁ ଠକୁଥିବା ହାଇପ୍ରୋଫାଇଲ୍ ଠକ ଯୋଡ଼ି ଏବେ ଝାରପଡ଼ା ଜେଲରେ ଥିବାବେଳେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଇନ୍‌ଫୋସିଟି ଥାନା ଅନ୍ତର୍ଗତ ରଘୁନାଥପୁରସ୍ଥିତ ଏକ କୋଠାରେ ଥିବା ଅଭିଯୁକ୍ତ ହଂସିତା ଅଭିଲିପ୍‌ସା ଏବଂ ଅନିଲ କୁମାର ମହାନ୍ତିଙ୍କ ଅଫିସକୁ ମଙ୍ଗଳବାର ସିଲ୍ କରାଯାଇଥିବା ଜୋନ-୬ ଏସିପି ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ତେବେ ବଡ଼ କଥା ହେଉଛି, ପୋଲିସ ଆସିବା ସୂଚନା ପାଇ କର୍ମଚାରୀମାନେ ଅଫିସ୍‌ର ଗୋଟିଏ ପଟେ ତାଲା ପକାଇ ଫେରାର ହୋଇଯାଇଥିଲେ। ପୋଲିସ ଟିମ୍ ଉକ୍ତ ଅଫିସ ତାଲା ଭାଙ୍ଗି ପ୍ରବେଶ କରି ତନ୍ନ ତନ୍ନ କରି ସବୁ ଯାଞ୍ଚ କରିବା ସହ ଅଫିସକୁ ସିଲ୍ କରିଥିଲା। ଏହି ମାମଲାରେ ଆଗକୁ ଅଭିଯୋଗ ସଂଖ୍ୟା ବଢ଼ିବା ନେଇ ପୋଲିସ ଆଶଙ୍କା କରୁଛି। ଅଭିଯୁକ୍ତଦ୍ୱୟ ମିଛ ପ୍ରତିଶ୍ରୁତି ଦେଇ ବହୁ ଶିଳ୍ପପତି ଓ ବ୍ୟବସାୟୀଙ୍କୁ ଜାଲରେ ଫସାଇ ଠକିଥିବା ପୋଲିସ ପ୍ରମାଣ ପାଇଛି।

**ପ୍ରଥମ ପୃଷ୍ଠାରୁ...**

## ଉଚ୍ଚଶିକ୍ଷା ପାଇଁ...

ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରଠାରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ସୂରଜ କହିଛନ୍ତି, ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପ୍ରଣୟନ ନିମନ୍ତେ ସର୍ବମୋଟ ୬୭୬.୭ କୋଟି ଟଙ୍କା ଆର୍ଥିକ ରାଶି ଅନୁଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏଥିମଧ୍ୟରୁ ୩୮ଟି ପ୍ରସ୍ତାବ ନିମନ୍ତେ ୬୭୦ କୋଟି ଟଙ୍କା ଏବଂ ମ୍ୟାନେଜମେଣ୍ଟ ମନିଟରିଙ୍ଗ ଇଭାଲ୍ୟୁଶନ ଆଣ୍ଡ ରିସର୍ଚ୍ଚ (ଏମ୍‌ଏମ୍‌ଇଆର୍) ଗ୍ରାଣ୍ଟ ନିମନ୍ତେ ୬.୭ କୋଟି ଟଙ୍କା ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି। ସର୍ବମୋଟ ୬୭୬.୭ କୋଟି ଟଙ୍କା ମଧ୍ୟରୁ କେନ୍ଦ୍ର ସରକାରଙ୍କ ତରଫରୁ ୪୦୮.୭ କୋଟି ଏବଂ ରାଜ୍ୟ ସରକାରଙ୍କ ତରଫରୁ ୨୬୮ କୋଟି ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯିବ। ସର୍ବମୋଟ ଅନୁଦାନ ରାଶିକୁ ୫ଟି ବର୍ଗରେ ବିଭକ୍ତ କରାଯାଇଛି। ମଲ୍ଟି ଡିସିପ୍ଲିନାରୀ ଏଜୁକେଶନ ଏବଂ ରିସର୍ଚ୍ଚ ୟୁନିଭରସିଟି ବର୍ଗରେ ୪ଟି ବିଶ୍ୱବିଦ୍ୟାଳୟକୁ ୧୦୦ କୋଟି ଲେଖାଏ (ପ୍ରତ୍ୟେକକୁ ୧୦୦ କୋଟି, ସର୍ବମୋଟ ୪୦୦ କୋଟି), ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ବର୍ଗରେ ୫ଟି ବିଶ୍ୱବିଦ୍ୟାଳୟକୁ ୨୦ କୋଟି ଲେଖାଏ, ମହାବିଦ୍ୟାଳୟର ଭିତ୍ତିଭୂମି ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ବର୍ଗରେ ୨୪ଟି ମହାବିଦ୍ୟାଳୟକୁ ୫ କୋଟି ଲେଖାଏ ଜେଣ୍ଡର ଇନ୍‌କ୍ଲୁଜନ ଓ ଇକ୍ୱାଲିଟି ଇନିସିଏଟିଭ ବର୍ଗରେ ୫ଟି ଜିଲାକୁ ୧୦ କୋଟି ଲେଖାଏ ଏବଂ ଏମ୍‌ଏମ୍‌ଇଆର୍ ଗ୍ରାଣ୍ଟ ନିମନ୍ତେ ୬.୭ କୋଟି ଟଙ୍କା ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି। ମଲ୍ଟି ଡିସିପ୍ଲିନାରୀ ଏଜୁକେଶନ ଏବଂ ରିସର୍ଚ୍ଚ ୟୁନିଭରସିଟି ବର୍ଗରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତ୍ୟେକଙ୍କୁ ୧୦୦ କୋଟି ଟଙ୍କା ଲେଖାଏ ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନାରେ ଆକାଂକ୍ଷୀ ଜିଲାଗୁଡ଼ିକରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ବିକାଶ ନିମନ୍ତେ ମଧ୍ୟ ଆର୍ଥିକ ରାଶି ଅନୁଦାନ ପ୍ରଦାନ କରାଯିବ, ଯାହାକି ସମସ୍ତ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବା ସହ ସେମାନଙ୍କ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣରେ ମଧ୍ୟ ସହାୟକ ହେବ।

ମନ୍ତ୍ରୀ ସୂରଜ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା ମାଧ୍ୟମରେ ବିଶ୍ୱବିଦ୍ୟାଳୟଗୁଡିକରେ ସ୍ମାର୍ଟ କ୍ଲାସରୁମ, ଲାବରେଟୋରି, କମ୍ପ୍ୟୁଟର ଲାବୋରେଟୋରି, ଏକାଡେମିକ ବିଲ୍ଡିଂ, ଲାଇବ୍ରେରି ଆଦି ନିର୍ମାଣ କରାଯିବ। ଏହାସହ ଉଚ୍ଚକୋଟୀର ଗବେଷଣା ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ମଧ୍ୟ ପ୍ରଦାନ କରାଯିବ। ଯୋଜନାରେ ଛାତ୍ରୀ ଓ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷାରୁ ଯେପରି ବଞ୍ଚିତ ନ ହେବେ ସେହି ଦିଗରେ ମଧ୍ୟ ଧ୍ୟାନ ଦିଆଯିବ ବୋଲି କହିଛନ୍ତି।

## ୨୦୨୫: ଓଡ଼ିଶା ଦେଖିବ...

ଅବସର। ଏହି ସମାରୋହରେ ଦେଶ ବିଦେଶରୁ ପ୍ରାୟ ୭ ହଜାରରୁ ଊର୍ଦ୍ଧ୍ୱ ଅତିଥି ଯୋଗଦେବେ। ରାଜ୍ୟ ପର୍ଯ୍ୟଟନ ହେବ ଚଳଚଞ୍ଚଳ। ସେହିପରି ଜାନୁଆରୀ ଶେଷ ଭାଗରେ ଉତ୍କର୍ଷ ଓଡ଼ିଶା ମେକ୍ ଇନ କନ୍‌କ୍ଲେଭ ଆୟୋଜନ କରି ରାଜ୍ୟ ସରକାର ଏକ ନୂଆ ଶିଳ୍ପ ବିପ୍ଳବର ଅୟମାରମ୍ଭ କରିବେ। ଉତ୍କର୍ଷ ଉତ୍କଳ ସମ୍ମିଳନୀ ମାଧ୍ୟମରେ ୨୦୨୯ ସୁଦ୍ଧା ରାଜ୍ୟକୁ ଅଢ଼େଇ ଲକ୍ଷ କୋଟି ଟଙ୍କାର ଘରୋଇ ପୁଞ୍ଜି ଏବଂ ୨ ବିଲିୟନ ଡଲାରରୁ ଅଧିକ ବିଦେଶୀ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ନୂଆ ବର୍ଷରେ ନୂଆ ସରକାର ନୂତନ ଯୋଜନାର ଫର୍ଦ୍ଦ ଖୋଲିବେ। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାଠାରୁ ଆରମ୍ଭ କରି 'ସେତୁବନ୍ଧନ ଯୋଜନା', 'ପଞ୍ଚସଖା ଶିକ୍ଷା ସେତୁ ଯୋଜନା', 'ଗ୍ରାମାଞ୍ଚଳ ପରିବହନ ଯୋଜନା', 'ବିକଶିତ ଗାଁ ବିକଶିତ ଓଡ଼ିଶା', 'ସିଏମ୍-କିଷାନ ଯୋଜନା', 'ଅନ୍ତ୍ୟୋଦୟ ଗୃହ ଯୋଜନା' ଭଳି ଅନେକ ଜନହିତକର ଯୋଜନା କାର୍ଯ୍ୟକାରୀ କରି ବିକଶିତ ଓଡ଼ିଶା ଲକ୍ଷ୍ୟକୁ କେଇପାଦ ଆଗେଇ ନେବେ। 'ସମୃଦ୍ଧ କୃଷକ ଯୋଜନା'ରେ ଧାନର ସର୍ବନିମ୍ନ ମୂଲ୍ୟ ୩୧୦୦ଟଙ୍କା ଦେବା ପାଇଁ ବଜେଟରେ ଅତିରିକ୍ତ ୫ ହଜାର କୋଟି ଟଙ୍କା ବ୍ୟୟବରାଦ କରି କୃଷକମାନଙ୍କର ସହାନୁଭୂତି ସାଉଁଟିବାକୁ ଲକ୍ଷ୍ୟ ରଖିଛନ୍ତି। ସୁଭଦ୍ରା ଯୋଜନାରେ ୧୦ହଜାର କୋଟିର ଅର୍ଥ ବରାଦ କରି ମହିଳାଙ୍କୁ ସଶକ୍ତ କରିବା ଲକ୍ଷ୍ୟକୁ ସାକାର କରିବେ। ସେହିପରି ଅନୁସୂଚିତ ଜନଜାତି ବର୍ଗର ଅଷ୍ଟମ ଓ ଦ୍ୱାଦଶ ଶ୍ରେଣୀ ପାସ୍ କରୁଥିବା ଏବଂ ନବମ ଓ ଏକାଦଶରେ ନାମ ଲେଖାଉଥିବା ପିଲାଙ୍କୁ ବାର୍ଷିକ ୫ ହଜାର ଟଙ୍କାର ସହାୟତା ପ୍ରଦାନ ପାଇଁ 'ମାଧୋ ସିଂହ ହାତ ଖର୍ଚ୍ଚ' ଯୋଜନା ଆଦିବାସୀ ଶିକ୍ଷାର ପ୍ରସାରକୁ ଦେବ ନୂଆ ଦିଗନ୍ତ। ନୂଆବର୍ଷରେ 'ଆୟୁଷ୍ମାନ ଭାରତ ଯୋଜନା' ଓ 'ପିଏମ୍ ସୂର୍ଯ୍ୟଘର ଯୋଜନା' ଲାଗୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। 'ମଧୁବାବୁ ପେନ୍‌ସନ ଯୋଜନା' ଓ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ୮୦ ବର୍ଷରୁ ଊର୍ଦ୍ଧ୍ୱ, ୮୦ ପ୍ରତିଶତ ଭିନ୍ନକ୍ଷମଙ୍କୁ ମାସିକ ୩ ହଜାର ୫ ଶହ ଟଙ୍କା ଭତ୍ତା ଦେବା ପାଇଁ ବଜେଟରେ ବ୍ୟୟବରାଦ କରାଯାଇଛି। ନୂଆବର୍ଷରେ ତାହା ଲାଗୁ କରିବାକୁ ସରକାର ଯୋଜନା କରିଛନ୍ତି।

ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ପରିକଳ୍ପନା। ଓଡ଼ିଆ ଅସ୍ମିତା ହିଁ ଓଡ଼ିଶାବାସୀଙ୍କ ପରିଚୟ। ପ୍ରଥମ କ୍ୟାବିନେଟରେ ଶ୍ରୀମନ୍ଦିର ପାଇଁ ୫ ଶହ କୋଟିର କର୍ପସ ପାଣ୍ଠି ଗଠନ ଐତିହ୍ୟର ମାଇଲଖୁଣ୍ଟରେ ଯୋଡ଼ିବ ନୂଆ ଅଧ୍ୟାୟ। ଆସିବ ରାଜ୍ୟ ସମବାୟ ନୀତି। ସବ୍‌ଡିଭିଜନ ସ୍ତରରେ ସ୍ଥାପନ ହେବ ଶୀତଳ ଭଣ୍ଡାର। ଆସନ୍ତା ୨ ବର୍ଷରେ ବ୍ଲକ ସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ କରି ଖାଦ୍ୟଶସ୍ୟର ଅଭାବ ଉପରେ ଲାଗିବ ଅଙ୍କୁଶ। କାର୍ଯ୍ୟକାରୀ ହେବ ଲକ୍ଷପତିଦିଦି କାର୍ଯ୍ୟକ୍ରମ। ସଶକ୍ତ ହେବେ ଗ୍ରାମାଞ୍ଚଳ ମହିଳା। ୨୦୨୭ ସୁଦ୍ଧା ରାଜ୍ୟରେ ୨୫ ଲକ୍ଷ ଲକ୍ଷପତିଦିଦି ସୃଷ୍ଟି କରିବା ଲକ୍ଷ୍ୟର ଶୁଭାରମ୍ଭ ନୂଆ ବର୍ଷରୁ ଆରମ୍ଭ ହେବ। ରାଜ୍ୟର ଆଦିବାସୀ ଗ୍ରାମଗୁଡ଼ିକର ବିକାଶର ଆହ୍ୱାନକୁ ମୁକାବିଲା କରିବାକୁ 'ଆଦର୍ଶ ଆଦିବାସୀ ଗ୍ରାମ କାର୍ଯ୍ୟକ୍ରମ' ଶୁଭାରମ୍ଭ କରିବା ଲକ୍ଷ୍ୟ ରଖାଯାଇଛି। ଅନୁସୂଚିତ ଜାତି ସମ୍ପ୍ରଦାୟ ମଧ୍ୟରେ ଦାରିଦ୍ର୍ୟ ହ୍ରାସ କରିବା ପାଇଁ ରାଜ୍ୟରେ ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା କାର୍ଯ୍ୟକାରୀ କରାଯିବ।

କ୍ରୀଡ଼ାକୁ ମିଳିବ ନୂଆ ଦିଗ। ରାଜ୍ୟରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଓ ନୂଆ ଷ୍ଟାଡିୟମ ପାଇଁ ନୂଆବର୍ଷରେ ୯୫୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଗ୍ରାମାଞ୍ଚଳରେ ମିଳିବ ସହରାଞ୍ଚଳ ସୁବିଧା। ରାଜ୍ୟ ସରକାର 'ବିକଶିତ ଗାଁ ବିକଶିତ ଓଡ଼ିଶା' ନାଁରେ ନୂଆ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଏଥି ପାଇଁ ବଜେଟରେ ୧ ହଜାର କୋଟି ବ୍ୟୟ ବରାଦ କରାଯାଇଛି। ଶକ୍ତି ସଙ୍କଟକୁ ଦୃଷ୍ଟିରେ ରଖି ସୌରଶକ୍ତି ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ ହେବ।

## ମଣିପୁର ଜାତିଆଣ ହିଂସା...

ହିଂସାକାଣ୍ଡ ଘଟଣାରେ ୬୨୫ ଜଣଙ୍କୁ ଗିରଫ କରାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୨,୦୪୭ଟି ଏତଲା ଦାଏର ହୋଇଛି। ମଣିପୁର ହିଂସା ଘଟଣାରେ ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ କ୍ଷମା ମାଗିବା ପରେ କଂଗ୍ରେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛି। ପ୍ରଧାନମନ୍ତ୍ରୀ ସାରା ବିଶ୍ୱ ଭ୍ରମଣ କରୁଥିବାବେଳେ ହିଂସାଗ୍ରସ୍ତ ମଣିପୁର କାହିଁକି ଯାଉ ନାହାନ୍ତି ଓ ରାଜ୍ୟବାସୀଙ୍କୁ କ୍ଷମା ମାଗୁନାହାନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ପ୍ରଧାନମନ୍ତ୍ରୀ ମଣିପୁର ପ୍ରତି କିପରି ଅବହେଳା କରିଛନ୍ତି, ତାହା ସେଠାର ସରଳ ଜନସାଧାରଣ ବୁଝିପାରିବେ ନାହିଁ। ମୋଦି ଜାଣିଶୁଣି ଏହି ଉତ୍ତରପୂର୍ବାଞ୍ଚଳ ରାଜ୍ୟକୁ ଯାଉ ନ ଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ୍ସ'ରେ ଲେଖିଛନ୍ତି।

## ନୂଆବର୍ଷରେ ୮୦୯ କୋଟି...

ଏହି ରିପୋର୍ଟ କହିଛି। ୨୦୨୪ରେ କେବଳ ଆମେରିକାରେ ୦.୭୮% ହାରରେ ୨୬ ଲକ୍ଷ ଜନସଂଖ୍ୟା ବଢ଼ିଥିବା ୟୁଏସ୍‌ସିବି ଆକଳନ କରିଛି। ସେହିପରି ସର୍ବାଧିକ ଜନସଂଖ୍ୟା ତାଲିକାରେ ଚତୁର୍ଥ, ପଞ୍ଚମ ଏବଂ ଷଷ୍ଠ ସ୍ଥାନରେ ଯଥାକ୍ରମେ ଇଣ୍ଡୋନେସିଆ, ପାକିସ୍ତାନ ଓ ନାଇଜେରିଆ ରହିଛି। ମାତ୍ର ୭୬୪ ଜନସଂଖ୍ୟା ସହ ଭାଟିକାନ ସିଟି ବିଶ୍ୱର ସବୁଠାରୁ କମ୍ ଜନସଂଖ୍ୟା ଥିବା ଦେଶ ହୋଇଥିବା ନେଇ ଉକ୍ତ ରିପୋର୍ଟ ପ୍ରକାଶ କରିଛି। ତେବେ ୟୁଏସ୍‌ସିବିର ଆକଳନ ଅନୁଯାୟୀ, ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ଯୁଦ୍ଧ ଏବଂ ସଂଘର୍ଷର ପ୍ରଭାବ ମଧ୍ୟ ଜନସଂଖ୍ୟା ଉପରେ ପଡ଼ିଛି। ୟୁକ୍ରେନ, ବୁଲଗାରିଆ ଏବଂ ଲାଟଭିଆରେ ମୃତ୍ୟୁ ହାର ସର୍ବାଧିକ ରହିଛି।

ସେହିପରି ସମସ୍ତ ମହାଦେଶ ମଧ୍ୟରେ ଆଫ୍ରିକା ମହାଦେଶରେ ଜନ୍ମ ହାର ସର୍ବାଧିକ ରହିଛି। ଏହି ରିପୋର୍ଟରେ ପ୍ରକାଶ ପାଇଥିବା ଆକଳନ ଅନୁଯାୟୀ, ୨୦୨୫ ଜାନୁଆରୀରେ ସେକେଣ୍ଡ ପ୍ରତି ଜନ୍ମ ହାର ୪.୨ ଏବଂ ମୃତ୍ୟୁ ହାର ୨.୦ ରହିବ। ସେହିପରି ଏହି ମାସ ଆମେରିକାରେ ପ୍ରତି ୯ ସେକେଣ୍ଡରେ ଜଣେ ଶିଶୁ ଜନ୍ମ ହେବେ ବୋଲି ଆକଳନ କରାଯାଇଥିବାବେଳେ ପ୍ରତି ୯.୪ ସେକେଣ୍ଡରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିବ। ସେହିପରି ପ୍ରତି ୨୩.୨ ସେକେଣ୍ଡରେ ଆମେରିକାର ଜନସଂଖ୍ୟାରେ ଜଣେ ପ୍ରବାସୀ ଯୋଡ଼ି ହେବେ। ଅନ୍ୟପକ୍ଷରେ, ପ୍ରତି ୨୧.୨ ସେକେଣ୍ଡରେ ଦେଶର ଜନସଂଖ୍ୟାରେ ହାରାହାରି ଜଣେ ବ୍ୟକ୍ତିଙ୍କର ବୃଦ୍ଧି ଘଟିବ ବୋଲି ୟୁଏସ୍‌ସିବି ଆକଳନ କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ନୂଆ ବର୍ଷର ପହିଲି ଦିନରେ ଚନ୍ଦ୍ର କର୍ମ ସ୍ଥାନରେ ଅବସ୍ଥାନକରି ବନ୍ଧୁମିଳନରେ ଆନନ୍ଦ ପ୍ରଦାନ କରିବେ। ଉତ୍ତମ ସ୍ୱାସ୍ଥ୍ୟ, ଉନ୍ନତ ଚିନ୍ତାଧାରା, ସୁନ୍ଦର ପାରିବାରିକ ସ୍ଥିତି ସୁସ୍ଥ ମାନସିକତା ସୃଷ୍ଟି କରିବ। ନୂଆ ଯୋଜନା ମାଧ୍ୟମରେ ବ୍ୟବସାୟରେ ଶାଖା ପ୍ରଶାଖା ଖୋଲିବାର ପରିକଳ୍ପନା କରିବେ। ଅସଜଡ଼ା ପରିସ୍ଥିତିକୁ ସୁଧାରିବାର ପ୍ରଯତ୍ନ କରିପାରନ୍ତି।

**ବୃଷ**
କର୍ମଭାବସ୍ଥ ୨ ମିତ୍ର ଗ୍ରହ ଆପଣଙ୍କ ପରିଜନ ସହ ଯାତ୍ରା, ମନୋରଞ୍ଜନ କାର୍ଯ୍ୟକ୍ରମ ଏବଂ ସୁସ୍ୱାଦୁ ଭୋଜନାଦିର ପ୍ରବନ୍ଧ କରିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ସହଯୋଗରୁ ଉତ୍ସାହିତ ହେବେ। ସମ୍ପର୍କୀୟ ଦୂରେଇଯିବା ଭଳି ଅନୁଭବ କରିବେ। ବାଣିଜ୍ୟ, ମାଙ୍ଗଳିକ କାର୍ଯ୍ୟ, ଜମିଜମା ସମ୍ବନ୍ଧୀୟ ଆଲୋଚନା କରିପାରନ୍ତ।

**ମିଥୁନ**
ରବି ଓ ବୁଧଙ୍କ ସ୍ଥିତିଜନିତ ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ସନ୍ତୁଷ୍ଟ ହୋଇପାରିବେନି। ଅଟକି ରହିଯାଇଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ କରିବା ସକାଶେ ଆଲୋଚନା କରିପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ ସାଙ୍ଗକୁ ବ୍ୟବସାୟିକ ସ୍ଥିତିକୁ ସଜାଡ଼ିନେବେ। ପ୍ରକାଶନ, ପ୍ରଶାସନ, ଏଜେନ୍ସିପ୍, ବାଣିଜ୍ୟ, ବ୍ୟବସାୟ ଦିଗର ସମୀକ୍ଷା କରିପାରନ୍ତି।

**କର୍କଟ**
ରାଶ୍ୟାଧିପ ଚନ୍ଦ୍ର ସପ୍ତମ ଅଷ୍ଟମାଧିପ ଶନି କ୍ଷେତ୍ରରେ ଅବସ୍ଥାନ କରୁଥିବାରୁ ମନରେ ଶିଥିଳତା ଅନୁଭବ କରିବେ। ପାରିବାରିକ ଅସ୍ଥିରତା ରହିଥିଲେ ମଧ୍ୟ ସମ୍ପର୍କୀୟଙ୍କ ସହଯୋଗରୁ ମନ ହାଲୁକା ରହିବ। ସଭାସମିତିରେ ଆଲୋଚନା, ସାଙ୍ଗଠନିକ ପ୍ରକ୍ରିୟା, ପ୍ରଶାସନିକ ତତ୍ପରତା, ଆନୁଷ୍ଠାନିକ କ୍ଷେତ୍ରରେ ଲୋକ ସମ୍ପର୍କ ଅକ୍ଷୁଣ୍ଣ ରହିବ।

**ସିଂହ**
ରାଶ୍ୟାଧିପ ଗୁରୁକ୍ଷେତ୍ରସ୍ଥ ଯୋଗୁ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। ସଭାସମିତିକୁ ସ୍ୱତନ୍ତ୍ରଭାବରେ ଆହୂତ ହୋଇ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ ଲାଭକରିପାରନ୍ତି। କର୍ମକ୍ଷେତ୍ରରେ ଉନ୍ନତ ଚିନ୍ତା ଓ ସୁପରିକଳ୍ପିତ ଯୋଜନାକୁ ବାସ୍ତବମୁଖୀ କରାଇବାରେ ସମର୍ଥ ହେବେ। ଭାବିଚିନ୍ତି କାମ କରିବା ସହ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିପାରନ୍ତି।

**କନ୍ୟା**
ଆଜି ଚନ୍ଦ୍ର ଓ ମଙ୍ଗଳଙ୍କ ପାରସ୍ପରିକ ଦୃଷ୍ଟିରୁ ବନ୍ଧୁଙ୍କ ବଦାନ୍ୟତା, ସହକର୍ମୀଙ୍କ ସହଯୋଗ ଏବଂ ପାରିବାରିକ ସହାନୁଭୂତି ପ୍ରାପ୍ତହେବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ପ୍ରିୟଭାଜନ ହେବେ। ନିଜ ପରିସରରେ ବନ୍ଧୁ ଗହଣରେ ବିବାଦୀୟ ପରିସ୍ଥିତିକୁ ସୁଧାରିନେବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଆଶାନୁଯାୟୀ ଅର୍ଥ ପ୍ରାପ୍ତି ହୋଇପାରେ।

**ତୁଳା**
ବୁଧ ଓ ବୃହସ୍ପତିଙ୍କ ଦୃଷ୍ଟି ବିନିମୟରୁ ପଦସ୍ଥ ବ୍ୟକ୍ତିଙ୍କ ପରାମର୍ଶରେ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ପରିବାରରେ ଦୁର୍ବଳ ମଙ୍ଗଳଙ୍କ କୁପ୍ରଭାବରେ କଠୋର ବାକ୍ୟାଳାପ ସାଙ୍ଗକୁ ସନ୍ଦେହ ଓ ଭୁଲ୍ ବୁଝାମଣା ପରିସ୍ଥିତିକୁ ସଙ୍ଗିନ କରିପାରେ। ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃବିବାଦ ଦେଖାଦେବ। ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସା ପାଇବେ।

**ବିଛା**
ଶୁକ୍ର ଓ ଶନିଙ୍କ ଚତୁର୍ଥାବସ୍ଥାନ ପରିବାର ଓ କର୍ମକ୍ଷେତ୍ର ସକାଶେ ଅନୁକୂଳ ଫଳ ପ୍ରଦାନ କରିବ। ସମ୍ପର୍କୀୟ କାର୍ଯ୍ୟରେ ସାହାଯ୍ୟ କରିବେ। କୌଣସି ନୂତନ କର୍ମାରମ୍ଭରୁ ଦିନଟିରେ କାର୍ଯ୍ୟବ୍ୟସ୍ତତା ବଢ଼ିଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ପ୍ରତ୍ୟୁଷ ଯାତ୍ରା, ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇବେ।

**ଧନୁ**
ରାଶ୍ୟାଧିପତି ଦୁଃସ୍ଥାନରେ ରହିଥିବାରୁ ସ୍ୱାସ୍ଥ୍ୟ ଗଡ଼ବଡ଼ ହେବା ସାଙ୍ଗକୁ ମାନସିକ ଅସ୍ଥିରତା ଦେଖାଦେବ। ତଥାପି କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ବନ୍ଧୁଙ୍କ ସହାନୁଭୂତି, ସମ୍ପର୍କୀୟଙ୍କ ସଦ୍‌ଭାବ ଊଣା ହେବନାହିଁ। ବୁଝାମଣାରେ ଉନ୍ନତି ସାଙ୍ଗକୁ ପରିବାରରେ ସୁଖ, ଶାନ୍ତି ଫେରି ଆସିବ। ସାମାଜିକ କାର୍ଯ୍ୟଦକ୍ଷତାକୁ ନେଇ ବନ୍ଧୁବର୍ଗ ପ୍ରଶଂସା କରିପାରନ୍ତି।

**ମକର**
ନୂଆ ବର୍ଷରୁ ରାଶିରେ ଚନ୍ଦ୍ର ଅବସ୍ଥାନକରି ସୁଖ, ସମ୍ମାନ ସହ ଅଭିଳାଷ ପୂରଣ କରିବେ। ମନରେ ଉଙ୍କି ମାରୁଥିବା ନୂଆ ଭାବନାକୁ ବିଭିନ୍ନ ରଙ୍ଗରେ ରୂପାୟିତ କରିପାରନ୍ତି। ଆର୍ଥିକ ପରିସ୍ଥିତି ସୁଧାରିନେବା ସକାଶେ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବେ। ଆଲୋଚନା ପରିସରରେ ବାକ୍ ଅସଂଯମ ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**କୁମ୍ଭ**
ରାଶିରେ ଶୁକ୍ର ବିଳାସବ୍ୟସନ ମଧ୍ୟରେ ବୁଡ଼ାଇ ରଖିବା ସହ ମାନସିକ ଚିନ୍ତାଧାରାକୁ ବିକ୍ଷିପ୍ତ କରିପାରେ। ଷଷ୍ଠାଧିପଙ୍କ ପ୍ରଭାବରେ ଋଣଭାର ବୃଦ୍ଧି, ପରୋକ୍ଷ ଶତ୍ରୁତା ଓ କାର୍ଯ୍ୟହାନିଜନିତ ବ୍ୟସ୍ତତା ବଢ଼ିଯିବ। ମଜାମଉଜର ସୁଯୋଗ ପାଇପାରନ୍ତି। ଦୂରଯାତ୍ରା, ଜମିଜମା ବିବାଦ କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**ମୀନ**
ରାହୁଜନିତ କର୍ମଜଞ୍ଜାଳ ପରିସର ବୃଦ୍ଧିପାଉଥିବାରୁ ମାନସିକ ଅସ୍ଥିରତା ପରିଲକ୍ଷିତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି, କାମରେ ଅଗ୍ରଗତି ସାଙ୍ଗକୁ ପାରିବାରିକ ସମର୍ଥନରୁ ଆତ୍ମତୃପ୍ତି ପାଇବେ। ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ପ୍ରତିଶ୍ରୁତି ହାସଲକରି ସମସ୍ୟାର ସମାଧାନ ପାଇଁ ଆଶାୟୀ ହେବେ। ବ୍ୟବସାୟ, ବାଣିଜ୍ୟ, ପରିବହନ, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ଦିଗ ମନ୍ଦ ହେବନାହିଁ।

ଆଜି ଇଂରାଜୀ ନୂତନ ବର୍ଷ-୨୦୨୫ ମସିହାର ପ୍ରଥମ ଦିବସ, ପୌଷ ଶୁକ୍ଳ ଦ୍ୱିତୀୟା ବୁଧବାର, ଖ୍ରୀଷ୍ଟୀୟ ନବବର୍ଷ। ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୨୫ ଗତେ, ଘ.୦୮।୩୫ ମଧ୍ୟେ, ୧୦।୪୫ ଗତେ, ଘ.୧୧।୫୦ ମଧ୍ୟେ ଶୁଭ ଶୁଭବେଳା। ଦିବା ଘ.୧୧।୫୦ ଗତେ, ଘ.୦୧।୧୧ ମଧ୍ୟେ ରାହୁକାଳ।

# ପାରାଗ୍ଲାଇଡିଂ, ପାରା ଲ୍ୟାଣ୍ଡିଂର ମଜା ନେଉଛନ୍ତି ପର୍ଯ୍ୟଟକ

## ଆକୃଷ୍ଟ କରୁଛି ଦେଓମାଳି

କୋରାପୁଟ,୩୧।୧୨ (ଅମିତାଭ ବେହେରା)

କୋରାପୁଟ ଜିଲା ସେମିଳିଗୁଡ଼ାର କୁନ୍ଦୁଲିରୁ କୋଟିଆ ଆଡ଼କୁ ଦେଓମାଳି ପର୍ବତ ରହିଛି। ସମୁଦ୍ର ପତ୍ତନଠାରୁ ୧୬୭୨ ମିଟର ଉଚ୍ଚତାରେ ଥିବା ଏହା ଓଡ଼ିଶାର ଉଚ୍ଚତମ ପର୍ବତ ଶୃଙ୍ଗ। ଏହାର ଜଳବାୟୁ ପରିବେଶପ୍ରେମୀ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ପର୍ବତ ଉପରେ ୨୦୨୩ ଡିସେମ୍ବର ୨ରେ ନ୍ୟାଶନାଲ ଆଡଭେଞ୍ଚର ଫାଉଣ୍ଡେଶନ ସଂସ୍ଥା ପକ୍ଷରୁ ପଟ୍ଟାଙ୍ଗିର ପୂର୍ବତନ ବିଧାୟକ ପ୍ରତୀମ ପାଢ଼ୀଙ୍କ ଦ୍ୱାରା ପାରାଗ୍ଲାଇଡିଂ ଓ ପାରା ଲ୍ୟାଣ୍ଡିଂ ଭଳି ରୋମାଞ୍ଚକର କ୍ରୀଡ଼ାର ସଫଳ ପରୀକ୍ଷା କରାଯାଇଥିଲା। ସମ୍ପୃକ୍ତ ସଂସ୍ଥା ପର୍ଯ୍ୟଟକଙ୍କୁ ଏହି ସେବା ଯୋଗାଇ ଆସୁଛି। ଉଚ୍ଚତା ଅନୁସାରେ ପ୍ରତି ଘଣ୍ଟାକୁ ୫ ଶହରୁ ୮୦୦ ଟଙ୍କା ନିଆଯାଇଥାଏ। ସେନାର ଅବସରପ୍ରାପ୍ତ ଓ ପ୍ରଶିକ୍ଷିତ ଅଧିକାରୀଙ୍କ ଦ୍ୱାରା ସଂସ୍ଥା ପକ୍ଷରୁ ଜିଲା ପ୍ରଶାସନର ଅନୁମତି ନେଇ ଏହି ସେବା କେବଳ ପିକ୍ ସିଜନରେ ପର୍ଯ୍ୟଟକମାନଙ୍କୁ ଯୋଗାଇ ଦିଆଯାଉଥିବା ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପକ୍ଷରୁ କୁହାଯାଇଛି, ଯାହା ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରୁଛି। ବର୍ଷାଋତୁ ଜୁଲାଇରୁ ସେପ୍ଟେମ୍ବରକୁ ଛାଡ଼ିଦେଲେ ଅନ୍ୟ ୯ ମାସ ଏହି ସ୍ଥାନକୁ ପର୍ଯ୍ୟଟକ ଆସିପାରିବେ। ନଭେମ୍ବରରୁ ମାର୍ଚ୍ଚ ଯାଏ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ୨୦୨୨ରେ ଦେଓମାଳିକୁ ୩ ଲକ୍ଷ ୯୯ ହଜାର ୯୮୦ ଦେଶୀ ପର୍ଯ୍ୟଟକ ଆସିଥିବା ବେଳେ ୬୭ ଜଣ ବିଦେଶୀ ଆସିଥିବା ଜଣାଯାଇଛି। ସେହିପରି ୨୦୨୩ରେ ୩ ଲକ୍ଷ ୯୫ ହଜାର ୭୧୦ ଦେଶୀ ପର୍ଯ୍ୟଟକ ଓ ୨୦୬ ବିଦେଶୀ ପର୍ଯ୍ୟଟକ ଏଠାକୁ ଆସିଥିବା ଜିଲା ପର୍ଯ୍ୟଟନ ଅଧିକାରୀ ତାଲିନା ପ୍ରଧାନ ସୂଚନା ଦେଇଛନ୍ତି। ୨୦୨୪ରେ କେତେଜଣ ପର୍ଯ୍ୟଟକ ଏଠାକୁ ଆସିଛନ୍ତି ସେ ନେଇ ବର୍ତ୍ତମାନ ସୁଦ୍ଧା ସର୍ଭେ କରାଯାଇପାରି ନାହିଁ। କିନ୍ତୁ ପୂର୍ବ ବର୍ଷ ତୁଳନାରେ ଯଥେଷ୍ଟ ଅଧିକ ପର୍ଯ୍ୟଟକ ଆସିଥିବା ପର୍ଯ୍ୟଟନ ଅଧିକାରୀ କହିଛନ୍ତି। ପର୍ଯ୍ୟଟକମାନଙ୍କ ଏଠାରେ ରହିବା ପାଇଁ କୋରାପୁଟ ବନ ବିଭାଗ ପକ୍ଷରୁ ୧୦ କଟେଜ କରାଯାଇଛି। ୨୪ ଘଣ୍ଟା ପାଇଁ ଏହାର ମୂଲ୍ୟ ୬,୧୯୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ଟଙ୍କାରେ ଜଳଖିଆ, ଲଞ୍ଚ,ଡିନର ଓ ସ୍ନାକ୍ସ ବ୍ୟବସ୍ଥା ରହିଛି। ସେହିପରି ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଶତାଧିକ ତମ୍ବୁ ବ୍ୟବସ୍ଥା କରାଯାଇଛି। ୨୪ ଘଣ୍ଟା ତମ୍ବୁ ସହ ଟି, ସ୍ନାକ୍ସ, ପାଣି ବ୍ୟବସ୍ଥା ପାଇଁ ପର୍ଯ୍ୟଟକଙ୍କୁ ୧୨ ହଜାର ଟଙ୍କା ଦେୟ ଧାର୍ଯ୍ୟ ହୋଇଛି।

ନିକଟରେ ପରବ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କୋରାପୁଟ ଆସିଥିବାବେଳେ ଦେଓମାଳିରେ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ୩୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଘୋଷଣା କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କୋରାପୁଟ ଗସ୍ତ ସମୟରେ ଦେଓମାଳି ପରିଦର୍ଶନକରି ଏଠାରେ ପ୍ରାକୃତିକ ପରିବେଶର ଏକ ହବ୍ କରିବା ନେଇ ରାଜ୍ୟ ସରକାର ଚିନ୍ତା କରୁଥିବା କହିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଦେଓମାଳିକୁ ଟ୍ରାକିଂ ପାଇଁ ଏକ ଉତ୍କୃଷ୍ଟ ସ୍ଥାନ କରାଯିବା ଉପରେ ପର୍ଯ୍ୟଟକମାନଙ୍କୁ ଅଧିକ ପ୍ରୋତ୍ସାହନ ନିମନ୍ତେ ପରବରେ ପର୍ବତାରୋହଣ ପ୍ରତିଯୋଗିତା କରାଯାଇଥିଲା ବୋଲି ଜିଲାପାଳ ଭି. କୀର୍ତ୍ତିଭାସନ କହିଛନ୍ତି। ଏହାର ବିକାଶ ଓ ଏଥିରେ ସ୍ଥାନୀୟ ଯୁବତୀଯୁବକମାନଙ୍କୁ ନିଯୁକ୍ତି ଦେବା ସ୍ଥାନୀୟ ଅଞ୍ଚଳର ଏସ୍‌ଏଚ୍‌ଜି ମହିଳାଙ୍କୁ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟ ରଖାଯାଇଥିବା ପଟ୍ଟାଙ୍ଗି ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ କହିଛନ୍ତି।






## ଭୀମକୁଣ୍ଡର ସାନକୁଣ୍ଡ ଉପରେ ଝୁଲି ରହିଥିବା ନାବାଳକ ଉଦ୍ଧାର

ପାଟଣା, ୩୧।୧୨(ବୀରକିଶୋର ଦାଶ)

କଥାରେ ଅଛି, ରଖେ ହରି ତ ମାରେ କିଏ। କେନ୍ଦୁଝର ଜିଲା ପାଟଣା ବ୍ଲକର ଡୁମୁରିଆ ପଞ୍ଚାୟତ ଭୀମକୁଣ୍ଡର ସାନକୁଣ୍ଡ ଉପରେ ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଥିଲେ ଜଣେ ନାବାଳକ। ମଙ୍ଗଳବାର ସକାଳେ ସ୍ଥାନୀୟ ଯୁବକମାନେ ତାଙ୍କୁ ଉଦ୍ଧାର କରିଛନ୍ତି। ନାବାଳକଙ୍କ ବୟସ ୧୪ରୁ ୧୫ ବର୍ଷ ହେବ। ସେ ନିଜ ବିଷୟରେ କିଛି କହିପାରୁ ନ ଥିବାରୁ ତାଙ୍କ ପରିଚୟ ମିଳିପାରିନାହିଁ। ସୂଚନା ଅନୁଯାୟୀ, ଭୀମକୁଣ୍ଡ ପର୍ଯ୍ୟଟନ କେନ୍ଦ୍ରରେ ଚାଓମିନ ଦୋକାନ କରିଥିବା ପଲାଣଘାଟି ଗ୍ରାମର ଚନ୍ଦନ ମହାନ୍ତ ଓ ବାଲିଯୋଡ଼ି ଗ୍ରାମର ଘନ ମହାନ୍ତ ସକାଳୁ ଶୌଚ ପାଇଁ ସାନକୁଣ୍ଡ ଆଡ଼କୁ ଯାଉଥିଲେ। ନାବାଳକ ଜଣକ ଏକ ବଡ଼ ପଥରକୁ ଧରି ସାନକୁଣ୍ଡ ଉପରେ ବିପଦପୂର୍ଣ୍ଣ ଭାବେ ଝୁଲିରହିଥିବା ସେମାନେ ଦେଖିବାକୁ ପାଇଥିଲେ। ବୈତରଣୀ ନଦୀର ଅପରପାର୍ଶ୍ୱ ବୋଙ୍ଗି ଅଞ୍ଚଳରୁ ଲୋକଙ୍କ ପାଟି ଶୁଣି ଯୁବକମାନେ ୨ଟି ଗାମୁଛାକୁ ଗଣ୍ଠି କରି ନାବାଳକଙ୍କ ପାଖରେ ପହଞ୍ଚାଇଥିଲେ। ନାବାଳକ ଜଣକ ଗାମୁଛାକୁ ଧରି ଉପରକୁ ଆସିଥିଲେ। ସେ ଏକ ଓଦା ହାଫ୍ ପ୍ୟାଣ୍ଟ ଓ ଶାର୍ଟ



ପିନ୍ଧିଥିବା ବେଳେ ଶୀତରେ ଥରୁଥିଲେ। କେବଳ ଭୋକ ଲାଗୁଛି ବ୍ୟତୀତ ଆଉ କିଛି କହିପାରି ନ ଥିଲେ। ଚନ୍ଦନ ତାଙ୍କୁ ଆଳୁଦମ୍ ଦହିବରା ଖାଇବାକୁ ଦେବା ସହ ଶୁଖିଲା ପ୍ୟାଣ୍ଟ ଶାର୍ଟ ପିନ୍ଧିବାକୁ ଦେଇଥିଲେ। ଏହାପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପାଟଣା ଥାନାକୁ ନିଆଯାଇଥିଲା। ସେ କେଉଁଠୁ କିଭଳି ଉପରମୁଣ୍ଡରୁ ବୈତରଣୀରେ ଭାସିଆସିଲେ କିମ୍ବା ଗାଧୋଉଥିବା ବେଳେ ସ୍ରୋତ ତାଙ୍କୁ ଭସାଇ ଆଣିଛି, ତାହା ଜଣାପଡିନାହିଁ। ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ ନାବାଳକଙ୍କ ଫଟୋ ବିଭିନ୍ନ ଥାନାକୁ ପଠାଇ ତଦନ୍ତ କରୁଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ ସାମନ୍ତରାୟଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ସନ୍ଧ୍ୟାରେ ପାଟଣା ପୋଲିସ ପକ୍ଷରୁ ଏଏସ୍‌ଆଇ ଗୌରହରି ଗରଡିଆ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟର ମାନସିକ ବିଭାଗରେ ନାବାଳକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ନେଇଥିଲେ। ଏନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସାମନ୍ତରାୟ କହିଛନ୍ତି, ଆଶ୍ରମ ସ୍କୁଲ ଡିଏମ୍‌ଏଫ୍ ପ୍ରୋଜେକ୍ଟ କୋଅର୍ଡିନେଟରଙ୍କୁ ନାବାଳକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ପଠାଯାଇଛି। ତାଙ୍କ କାଟାଗୋରିର ନାବାଳକ ହୋଇଥିଲେ ଚାଇଲ୍ଡଲାଇନରେ ଥଇଥାନ ବ୍ୟବସ୍ଥା କରାଯିବ। ସନ୍ଧ୍ୟା ସୁଦ୍ଧା ନାବାଳକଙ୍କ ପରିଚୟ ଓ ଘଟଣା ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରିନାହିଁ।

## କଳିଙ୍ଗ ଷ୍ଟୁଡିଓ ପରିସରରୁ ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୩୧।୧୨(ସତ୍ୟଜିତ୍ ରାଉତ)

କଳିଙ୍ଗ ଷ୍ଟୁଡିଓ ପସିରରରୁ ଚୋରି ଅଭିଯୋଗରେ ମଙ୍ଗଳବାର ଭରତପୁର ଥାନା ପୋଲିସ ଶାମପୁର ଅଞ୍ଚଳରେ ରହୁଥିବା ଖୋର୍ଦ୍ଧାର ବିଭୁ ପ୍ରସାଦ ପ୍ରଧାନ (୨୯)ଙ୍କୁ ଗିରଫ କରିଛି। ତାଙ୍କଠାରୁ ଚୋରି ଲୁହାରଡ୍ ଓ ଅନ୍ୟାନ୍ୟ ବିଦ୍ୟୁତ ଉପକରଣ ଆଦିକୁ ପୋଲିସ ଜବତ କରିଛି। କୋର୍ଟଚାଲାଣ ପରେ ବିଭୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୋମବାର ସକାଳେ କେହି ନ ଥିବା ସୁଯୋଗ ନେଇ କଳିଙ୍ଗ ଷ୍ଟୁଡିଓ ପରିସରକୁ ଯାଇ ବିଭୁ ନିର୍ମାଣ କାର୍ଯ୍ୟ ଲାଗିଥିବା ଲୁହାଛଡ଼ ଏବଂ ବିଦ୍ୟୁତ ଉପକରଣ ସବୁ ଚୋରି କରି ନେଇଯାଇଥିଲେ। ପରେ ନିର୍ମାଣ କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ଅଭିମନ୍ୟୁ ବେହେରା ଭରତପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ବିଭୁଙ୍କୁ ଆୟୁର୍ବେଦ କଲେଜ ଲେନ୍‌ରୁ କାବୁ କରିଥିଲା।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରୀ ନିବାସରେ ଅଗ୍ନିକାଣ୍ଡ

ବ୍ରହ୍ମପୁର,୩୧।୧୨ (ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ସାବେରୀ ଛାତ୍ରୀ ନିବାସ ଦ୍ୱିତୀୟ ମହଲାର ୩୫ ନଂ. ରୁମ୍‌ରେ ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ କେତେଜଣ ଛାତ୍ରୀଙ୍କ ବହି, ପୋଷାକ, ଲାପଟପ୍ ପୋଡିଯାଇଛି। ସାବେରୀ ହଷ୍ଟେଲ ଦ୍ୱିତୀୟ ମହଲାର ୩୫ ନଂ. ରୁମ୍‌ର ଜଣେ ଛାତ୍ରୀ ସକାଳେ ମେସ୍‌ରେ ଖାଇ ଫେରିବାରେ ରୁମ୍‌ରୁ ଧୂଆଁ ବାହାରୁଥିବା ଦେଖି ଅନ୍ୟ ଛାତ୍ରୀମାନଙ୍କୁ ଡାକିଥିଲେ। ଉକ୍ତ ରୁମ କବାଟ ଖୋଲିବା ପରେ ନିଆଁ ଲାଗିଥିବା ଦେଖି ହଷ୍ଟେଲ ଦାୟିତ୍ୱରେ ଥିବା ମାଟ୍ରୋନଙ୍କୁ ଜଣାଇଥିଲେ। ଏ ନେଇ ବିଶ୍ୱବିଦ୍ୟାଳୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଜଣାଇଥିଲେ। କେତେଜଣ କର୍ମଚାରୀ ଆସି ମେନ ସୁଇଚ ବନ୍ଦ କରି ରୁମ୍‌ରେ ପାଣି ପକାଇ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟରୁ ରୁମ୍‌ରେ ଅଗ୍ନିକାଣ୍ଡ ଘଟିଥିବା ଓ ବହିପତ୍ର, ଡ୍ରେସ, ଲାପଟପ, ଖଟ ଆଦି ପୋଡ଼ି ଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ପଚାରିବାରୁ, କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି ତାହାର ତଦନ୍ତ ସହ ବିଶ୍ୱବିଦ୍ୟାଳୟରେ ଥିବା ସମସ୍ତ ହଷ୍ଟେଲର ଇଲେକ୍ଟ୍ରିଫିକେଶନ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ କରାପଲ୍ଲୀ ଆରଆଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ରୁମରେ ୩ ଜଣ ଛାତ୍ରୀ ରହୁଥିବା ବେଳେ ସେମାନଙ୍କ ମଧ୍ୟରୁ ଦୁଇ ଜଣ ଘରକୁ ଚାଲି ଯାଇଥିଲେ। ଜଣେ ଛାତ୍ରୀ ଉକ୍ତ ରୁମରେ ରହୁଥିଲେ। ହଷ୍ଟେଲ ଦାୟିତ୍ୱରେ ଥିବା ଅଧିକାରୀ କହିଛନ୍ତି, ରୁମର ସମସ୍ତ ସୁଇଚ ଅଫ ଥିବା ବେଳେ ଗୋଟିଏ ଲାଇଟ୍ ଲାଗିଥିଲା। ହଷ୍ଟେଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଥିଲା। ଦ୍ୱିତୀୟ ମହଲାର ସମସ୍ତ ରୁମର ବିଦ୍ୟୁତ ବିଚ୍ଛିନ୍ନ କରି ଛାତ୍ରୀମାନଙ୍କୁ ଅନ୍ୟ ରୁମରେ ରଖାଯାଇଥିବା କହିଛନ୍ତି।



୩୫ ନଂ. ରୁମରେ ନିଆଁ ଲାଗି ବହିପତ୍ର ପୋଡିଯାଇଛି।









ପ୍ରତିବନ୍ଧକକୁ ଭୟ କରନାହିଁ। ନୈରାଶ୍ୟକୁ ମନରେ ସ୍ଥାନ ଦିଅନାହିଁ। ସ୍ଥିର ଓ ଶାନ୍ତ ଭାବେ ସାଧନା କରିଚାଲ। ଏବେ ଯାହା କଠିନ, ତାହା ପରେ ସହଜ ହୋଇଉଠିବ। -ଶ୍ରୀମା

-ଇଂରାଜୀ ନୂତନ ବର୍ଷ ପ୍ରବେଶ, ଦ୍ୱିତୀୟାର ଚନ୍ଦ୍ର ଦର୍ଶନ, ଶରଣ ଆରମ୍ଭ



# ପିତୃତ୍ୱ: ଏକ ଆହ୍ୱାନ



ଡ.ଛାୟାକାନ୍ତ ଷଡ଼ଙ୍ଗୀ

ମନୁ ସଂହିତାରେ ଉଲ୍ଲେଖ ଅଛି 'ଉପାଧ୍ୟାୟାତ୍ ଦଶାଚାର୍ଯ୍ୟଃ ଆଚାର୍ଯ୍ୟାଣାଂ ଶତଂ ପିତା' ଅର୍ଥାତ୍ ଉପାଧ୍ୟାୟଠାରୁ ଆଚାର୍ଯ୍ୟ ଦଶଗୁଣ ଓ ଆଚାର୍ଯ୍ୟଠାରୁ ପିତା ଶହେ ଗୁଣ ବଡ଼। ପଦ୍ମପୁରାଣରେ ପୁଣି କୁହାଯାଇଛି 'ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହିଁ ପରମଂ ତପଃ/ ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାଃ ' ପିତାଙ୍କୁ ସନ୍ତୁଷ୍ଟକଲେ ସମସ୍ତ ଦେବତା ତୃପ୍ତ ହୁଅନ୍ତି। ଏଣୁ ଶ୍ରବଣ କୁମାର ମାତାପିତାଙ୍କୁ ଭାରରେ ବହନକରି ତୀର୍ଥ ଦର୍ଶନ କରାଇଲେ। ପିତାଙ୍କୁ ଖୁସି କରିବା ପାଇଁ ଦେବବ୍ରତ (ଭୀଷ୍ମ) ଆଜୀବନ ଅବିବାହିତ ରହିବା ପାଇଁ ପ୍ରତିଜ୍ଞା କଲେ ଓ ରାମଚନ୍ଦ୍ର ପିତୃସତ୍ୟ ପାଳନ କରିବା ପାଇଁ ୧୪ ବର୍ଷ ବନବାସ ଗଲେ। ଏହା ହେଉଛି ଭାରତୀୟ ସଂସ୍କୃତି।

ପିତୃତ୍ୱ ଯେମିତି ଏକ ଆନନ୍ଦ, ସେମିତି ଏକ ଦୁଃଖ। ପିଲାଟିଏ ଜନ୍ମ ନେଲେ ବାପା ଭାବେ 'ମୋ ପୁଅ ମୋଠାରୁ ଅଧିକ ଗୁଣବାନ୍ ହେବ, ମୋର ସ୍ୱପ୍ନକୁ ସାକାର କରିବ ଓ ବୃଦ୍ଧାବସ୍ଥାରେ ମୋର ସାହାରା ହେବ'। ମାତ୍ର ସବୁ ବାପାଙ୍କ କ୍ଷେତ୍ରରେ ଏହି ଇଚ୍ଛା ପୂରଣ ହୁଏ ନାହିଁ। ଅନେକ କ୍ଷେତ୍ରରେ ବାପାଙ୍କ ଏହି ସ୍ୱପ୍ନ ଚୂର୍ମାର ହୋଇଯାଏ। ସନ୍ତାନସନ୍ତତି ତା'ଠାରୁ ଦୂରେଇଯାନ୍ତି। ସେ ପରିବାର ପାଇଁ ଅଦରକାରୀ ହୋଇଯାଏ, ଫକୀରମୋହନଙ୍କ 'ଡାକମୁନ୍‌ସୀ' ଗଳ୍ପରେ ପୁଅ ବାପାକୁ ଇଂରାଜୀ ଘୁଷି ମାରେ। ମନୋଜ ଦାସଙ୍କ 'ଦାନ୍ତ' ଗପରେ ପିତା ପୁଅବୋହୂର ବ୍ୟବହାରରେ ଅତିଷ୍ଠ ହୋଇ ଘରକୁ ଫେରିଆସେ। ଅବଶ୍ୟ ଏହିପରି ଘଟଣା ଯେ ଆଜି ଘଟୁଛି ତାହା ମଧ୍ୟ ଠିକ୍ ନୁହେଁ। ଯୁଗେ ଯୁଗେ ପୁତ୍ର ଖଳନାୟକର ଭୂମିକାରେ ଅବତୀର୍ଣ୍ଣ ହୋଇଛି। ଅଜାତଶତ୍ରୁ ପିତା ବିମ୍ବିସାରଙ୍କୁ ଓ ଆଉରଙ୍ଗଜେବ ଶାହାଜାହାନଙ୍କୁ ବନ୍ଦୀକରି କାରାଗାରରେ ନିର୍ଯାତନା ଦେଇଛନ୍ତି। ପୁରାଣର ବର୍ଣ୍ଣନା ଅନୁସାରେ କଂସ ପିତା ଉଗ୍ରସେନଙ୍କୁ ବନ୍ଦୀ କରିଛି। ଅପର ପକ୍ଷରେ ଶ୍ରବଣ କୁମାର ଓ ଧର୍ମପଦ ଭଳି ପିତୃଭକ୍ତ ସନ୍ତାନ ମଧ୍ୟ ଅଛନ୍ତି।

ସନ୍ତାନସନ୍ତତିଙ୍କ ପିତୃଦ୍ରୋହ ଆଚରଣ ସମ୍ପର୍କରେ ପ୍ରାଚୀନ ଇଂରେଜ ନାଟ୍ୟକାର ସେକ୍ସପିଅର ତାଙ୍କ କାଳଜୟୀ ନାଟକ 'କିଙ୍ଗ୍-ଲିଅର' ରେ ଏହା ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି। ରାଜା ଲିଅରଙ୍କ ଥିଲେ ୩ ଝିଅ-ଗନେରିଲ୍, ରେଗାନ୍ ଓ କଡେଲିଆ। ସେ ତାଙ୍କ ରାଜ୍ୟକୁ ଝିଅମାନଙ୍କ ପିତୃପ୍ରେମକୁ ଆଧାରକରି ୩ଜଣଙ୍କ ମଧ୍ୟରେ ବାଣ୍ଟିବା ପାଇଁ ନିଷ୍ପତ୍ତି ନେଲେ ଓ ତାଙ୍କୁ କେଉଁ ଝିଅ କେତେ ଭଲ ପାଆନ୍ତି ଜାଣିବାକୁ ଚାହିଁଲେ। ଗନେରିଲ୍ କହିଲା, "ମୁଁ ଆପଣଙ୍କୁ ଏତେ ଭଲ ପାଏ ଯେ ତାହା ଭାଷାରେ ପ୍ରକାଶ କରିପାରିବି ନାହିଁ। ମୁଁ ପୃଥିବୀର ସମସ୍ତ ଐଶ୍ୱର୍ଯ୍ୟ ଅପେକ୍ଷା ଆପଣଙ୍କୁ ବେଶି ଭଲ ପାଏ।'' ରେଗାନ୍ କହିଲା, "ମୋ ଭଉଣୀ ଗନେରିଲ୍‌ର ପ୍ରେମଠାରୁ ମୋ ପ୍ରେମ କୌଣସି ଗୁଣରେ କମ୍



ନୁହେଁ। ମୁଁ ବି ତୁମକୁ ଭଲ ପାଇ ଜୀବନର ଶ୍ରେଷ୍ଠ ଆନନ୍ଦ ଅନୁଭବ କରେ।'' ମାତ୍ର କଡେଲିଆ କହିଲା, "ବାପା, ଆପଣ ମୋତେ ଜନ୍ମ ଦେଇଛନ୍ତି, ପାଳନ କରିଛନ୍ତି ଓ ଭଲ ପାଉଛନ୍ତି। ସେହି ଦୃଷ୍ଟିରୁ ଆପଣଙ୍କ ପ୍ରତି ମୁଁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରି ମୋର କର୍ତ୍ତବ୍ୟ ସମ୍ପାଦନ କରିବି। ଯେତେବେଳେ ମୁଁ ବିବାହ କରିବି ମୋ ସ୍ୱାମୀ ନ୍ୟାୟତଃ ମୋର ପ୍ରେମ ଓ କର୍ତ୍ତବ୍ୟର ଅର୍ଦ୍ଧେକ ଦାବି କରିବେ। ମୋ ଭଉଣୀମାନଙ୍କ ଭଳି ମୁଁ ମୋର ସବୁତକ ପ୍ରେମ କେବଳ ତୁମ ପାଇଁ ରଖିପାରିବି ନାହିଁ। ମୋ ପ୍ରେମ ଦୁଇଭାଗ ହେବା ସ୍ୱାଭାବିକ।'' କଡେଲିଆ ମୁହଁରୁ ଏହା ଶୁଣି ରାଜା ଲିଅର୍ କ୍ରୋଧ ଜର୍ଜରିତ ହୋଇ ସମଗ୍ର ରାଜ୍ୟକୁ ଗନେରିଲ୍ ଓ ରେଗାନ୍‌ଙ୍କ ମଧ୍ୟରେ ବାଣ୍ଟିଦେଇ କଡେଲିଆକୁ ନିର୍ବାସନ ଦଣ୍ଡ ଦେଲେ। ଜଣେ ନିର୍ଲୋଭ ଫରାସୀ ରାଜା ତାକୁ ବିବାହ କଲେ ଓ ନିଜ ରାଜ୍ୟକୁ ନେଇଗଲେ। ଗନେରିଲ୍ ଓ ରେଗାନ୍‌କୁ ରାଜ୍ୟ ଅର୍ପଣକଲା ପରେ ୨ଜଣ ଝିଅଙ୍କ ପାଖରେ ପାଳିକରି ମାସେ ଲେଖାଏ ରହିଲେ। କ୍ରମେ ଦୃଶ୍ୟପଟ ପରିବର୍ତ୍ତନ ହେଲା। ସ୍ୱାର୍ଥପର ଭଉଣୀ ଦ୍ୱୟ ରାଜ୍ୟ ପାଇସାରିବା ପରେ ବାପା ଲିଅର୍‌ଙ୍କୁ ନିର୍ଯାତନା ଦେଲେ ଓ ଶେଷରେ ରାଜ ଉଆସରୁ ସେ ବିତାଡ଼ିତ ହେଲେ। ରାଜା କୃତଘ୍ନ ଝିଅମାନଙ୍କର ନିର୍ଯାତନାରେ ପାଗଳପ୍ରାୟ ହୋଇ ଘୂରି ବୁଲିଲେ। ଶେଷରେ କଡେଲିଆ ହିଁ ତାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିଥିଲା ଯଦିଓ ଘଟଣାକ୍ରମେ ସେ ଜୀବନ ହାରିଲା ଓ ଶେଷରେ ଲିଅର୍‌ଙ୍କ ମଧ୍ୟ ମୃତ୍ୟୁ ହେଲା।

ତାଙ୍କ ନାଟକରେ ସେକ୍ସପିଅର୍ ସୂଚାଇ ଦେବାପାଇଁ ଚାହିଁଛନ୍ତି, ମୁହଁରେ ପ୍ରକାଶ ପାଉଥିବା ପ୍ରେମ ହୃଦୟର ଭାଷା ହୋଇ ନ ପାରେ। ଦ୍ୱିତୀୟତଃ ବାପାମାନଙ୍କୁ ମଧ୍ୟ ବାସ୍ତବତାକୁ ସ୍ୱୀକାର କରିବାକୁ ହେବ। ସ୍ନେହ ଆଧିପତ୍ୟର ରୂପ ନେବା ଠିକ୍ ନୁହେଁ। ପୁଅ ହେଉ ବା ଝିଅ, ବିବାହ କଲା ପରେ ସେମାନଙ୍କ ଜୀବନରେ ଆଉ ଜଣେ ମଣିଷର ଆବିର୍ଭାବ ହେବ ଓ ପିତା ପ୍ରତି ଥିବା ସେମାନଙ୍କ ପ୍ରେମ ୨ଭାଗ ହେବା ଏକ ବାସ୍ତବତା। ଯେତେବେଳେ ଏହାକୁ ସ୍ୱୀକାର କରାଯାଏ ନାହିଁ, ସେତେବେଳେ ସୃଷ୍ଟି ହୁଏ ଦ୍ୱନ୍ଦ୍ୱ ଓ ଅଶାନ୍ତି। ପିତୃତ୍ୱ ଆଘାତ ପାଏ, ମାତ୍ର ତାକୁ ଗ୍ରହଣ କରିନେବା ହେଉଛି ବାସ୍ତବ ଦୃଷ୍ଟିଭଙ୍ଗୀ।

ଜଣେ ଆଦର୍ଶ ପିତା ହେବା ସହଜ କଥା ନୁହେଁ। ଏହା ମଧ୍ୟ ଏକ ସାଧନା। ମହାଭାରତରେ ବର୍ଣ୍ଣିତ ରାଜା ଶାନ୍ତନୁଙ୍କ ପାଇଁ ଭୀଷ୍ମ ଓ ରାଜା ଯଯାତିଙ୍କ ପାଇଁ ପୁରୁ ଆଦର୍ଶ ପୁତ୍ର ହୋଇପାରନ୍ତି, ମାତ୍ର ଶାନ୍ତନୁ ଓ ପୁରୁ ଜଣେ ଆଦର୍ଶ ପିତାର କର୍ତ୍ତବ୍ୟ କରିନାହାନ୍ତି। ଲାବଣ୍ୟବତୀ ସତ୍ୟବତୀଙ୍କୁ ସ୍ତ୍ରୀ ରୂପେ ପାଇବା ପାଇଁ ରାଜା ଶାନ୍ତନୁ ଖାଦ୍ୟପେୟ ତ୍ୟାଗ କରି ଦୁର୍ବଳ ହୁଅନ୍ତେ ସତ୍ୟବତୀଙ୍କ ସହ ପିତାଙ୍କ ବିବାହ କରିବା ପାଇଁ କୈବର୍ତ୍ତରାଜାଙ୍କ ଦୁଇଟି କଠୋର ସର୍ତ୍ତକୁ ଗ୍ରହଣ କରିନେଲେ ପୁତ୍ର ଦେବବ୍ରତ। ସର୍ତ୍ତାନୁସାରେ ସେ ପ୍ରତିଜ୍ଞା କଲେ ରାଜାଙ୍କ ଅନ୍ତେ ସେ ସିଂହାସନ ଆରୋହଣ କରିବେ ନାହିଁ, ଆରୋହଣ କରିବେ ସତ୍ୟବତୀଙ୍କ ପୁତ୍ର ଏବଂ ପରବର୍ତ୍ତୀ ଦ୍ୱନ୍ଦ୍ୱ ଓ ଆଶଙ୍କା ଦୂରକରିବା ପାଇଁ ସେ ଆଜୀବନ ଅବିବାହିତ ରହିବେ। ଏହିଭଳି ଭୀଷଣ ପ୍ରତିଜ୍ଞା କରି ସେ ଭୀଷ୍ମ ନାମରେ ପରିଚିତ ହେଲେ। ରାଜା ଶାନ୍ତନୁ ସତ୍ୟବତୀଙ୍କୁ ପାଇ ଜୀବନକୁ ଉପଭୋଗ କଲେ ସିନା, ପିତାଙ୍କୁ ସୁଖୀ କରିବା ପାଇଁ ଦେବବ୍ରତଙ୍କ ଜୀବନ ଅପରିପୂର୍ଣ୍ଣ ରହିଗଲା। ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନୀଙ୍କୁ ବିବାହ କରିବା ପରେ ମଧ ରାଜା ଯଯାତି ଶର୍ମିଷ୍ଠାଙ୍କୁ ଗୁପ୍ତରେ ବିବାହ କରିବାରୁ ଶୁକ୍ରାଚାର୍ଯ୍ୟଙ୍କ ଅଭିଶାପରେ ଯଯାତି ବାର୍ଦ୍ଧକ୍ୟଗ୍ରସ୍ତ ହେଲେ। ଏକମାତ୍ର ଉପାୟ ଥିଲା କେହି ଯଦି ସ୍ୱଇଚ୍ଛାରେ ଯୌବନ ଦାନ କରି ବାର୍ଦ୍ଧକ୍ୟ ଗ୍ରହଣ କରେ ତା'ହେଲେ ରାଜା ପୁଣି ଯୌବନପ୍ରାପ୍ତ ହେବେ। ପିତା ଚାହୁଁଥିଲେ ସ୍ତ୍ରୀଙ୍କ ସହ ଏକ ଭୋଗମୟ ଜୀବନ। ତାଙ୍କୁ ଖୁସି କରିବା ପାଇଁ ପଞ୍ଚମ ପୁତ୍ର ପୁରୁ ସ୍ୱଇଚ୍ଛାରେ ଯୌବନ ଦାନକରି ପିତାଙ୍କ ବାର୍ଦ୍ଧକ୍ୟକୁ ଗ୍ରହଣ କଲେ। ମାତ୍ର ପୁରୁ ବିନା କାରଣରେ ବାପାଙ୍କ ସୁଖ ପାଇଁ ବାର୍ଦ୍ଧକର ଯନ୍ତ୍ରଣା ଭୋଗିଲେ। ମହର୍ଷି ବ୍ୟାସଦେବ ଏହି ଦୁଇ ଚରିତ୍ର ମାଧ୍ୟମରେ ସୂଚାଇ ଦେଇଛନ୍ତି, ଏମାନେ ଆଦର୍ଶ ପିତା ନୁହନ୍ତି। ଶାନ୍ତନୁଙ୍କ ସମ୍ଭୋଗରୁ ଜନ୍ମ ନେଲେ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ। ଏମାନେ ଅକାଳରେ ମୃତ୍ୟୁବରଣ କଲା ପରେ ବିଚିତ୍ରବୀର୍ଯ୍ୟଠାରୁ ଜନ୍ମନେଲେ ଧୃତରାଷ୍ଟ୍ର ଓ ପଣ୍ଡୁ। ସେଠାରୁ ଆରମ୍ଭ ହେଲା ମହାଭାରତ ଯୁଦ୍ଧ ଓ କୌରବ ବଂଶର ଧ୍ୱଂସ। ଏହି ଧ୍ୱଂସଲୀଳାର ବୀଜ ଥିଲେ ଶାନ୍ତନୁ। ଯଯାତି ବହୁବର୍ଷ ଧରି ସ୍ତ୍ରୀମାନଙ୍କୁ ନେଇ ଯୌବନକୁ ଉପଭୋଗ କଲେ ସିନା, ଅକାରଣେ ବାର୍ଦ୍ଧକ୍ୟ ଯନ୍ତ୍ରଣା ଭୋଗିଲେ ପୁତ୍ର ପୁରୁ।

ପିତାପୁତ୍ରର ସମ୍ପର୍କ ଏକ ଆଦର୍ଶଗତ ସମ୍ପର୍କ। ପିତୃତ୍ୱ ଏକ ଆହ୍ୱାନ। ପିତାପୁତ୍ର ସମ୍ପର୍କ ଏକ ସାମାଜିକ ସମସ୍ୟା ନୁହେଁ। ଏଥିପାଇଁ ଯେଭଳି ପିତାର ପ୍ରଶସ୍ତ ହୃଦୟ ଦରକାର, ସେଭଳି ପୁତ୍ର, କନ୍ୟାର କୃତଜ୍ଞତା ଓ ସମ୍ବେଦନଶୀଳତା ଦରକାର। ଏହିଭଳି ଦୃଷ୍ଟିଭଙ୍ଗୀ ପୋଷଣ କଲେ ପିତା -ପୁତ୍ର-କନ୍ୟା ସମ୍ପର୍କ ମଧୁର ହୋଇପାରିବ, ଏଥିରେ ସନ୍ଦେହ ନାହିଁ।

**ପ୍ରାକ୍ତନ ଅଧ୍ୟକ୍ଷ, ଡିଏଭି ସ୍ୱୟଂଶାସିତ କଲେଜ,ଟିଟିଲାଗଡ଼, ମୋ: ୭୦୦୮୩୬୯୯୨୦**

# ଯାତ୍ରା ସମ୍ପର୍କରେ



ଅନୀତା ପଟ୍ଟନାୟକ

ଶ୍ରଦ୍ଧାଙ୍କର ପୁଅ ଦାସିଆ ଓ ତା'ର ସାଙ୍ଗ ସାଲବେଗ ଦିନେ ଶ୍ରଦ୍ଧାଙ୍କୁ ପଚାରିଲେ ଏତେ ପ୍ରକାରର ଯାତ୍ରା କ'ଣ? ହିନ୍ଦୁ ଧର୍ମରେ ବାର ମାସରେ ତେର ଯାତ୍ରା ହେଉଛି। ଯଥା ରଥଯାତ୍ରା, ପାଦୁକାଯାତ୍ରା, ଚଭାଡ଼ି ଯାତ୍ରା, ଧନୁଯାତ୍ରା, ରୁକୁଣା ରଥ ଯାତ୍ରା, ଚନ୍ଦନ ଯାତ୍ରା ଇତ୍ୟାଦି । ଏହା ଆମକୁ କ'ଣ ସୂଚନା ଦିଏ। ଶ୍ରଦ୍ଧା ଦାସିଆର ମୁଣ୍ଡକୁ ଆଉଁଷି ଦେଇ କହିଲେ - 'ଜୀବନ ଏକ ଯାତ୍ରା। କେତେକ ବର୍ଷ, ମାସ ଓ ଋତୁର। ମନୁଷ୍ୟ ଜାଗତିକ ଜୀବନଯାପନ, ବସ୍ତୁଗତ ପଦାର୍ଥ ହାସଲର ଯାତ୍ରାରେ ତା'ର ବିଶ୍ରାମ ସ୍ଥଳର ରାସ୍ତାକୁ ଭୁଲିଯାଇଥାଏ। ରଥଯାତ୍ରାଗୁଡ଼ିକ ତାହାକୁ ମନେପକାଇ ଦେଇଥାନ୍ତି।'

ଦାସିଆ କହିଲା, ଆମ ଘର ପାଖ ରାଧାମାଉସୀ କହୁଥିଲେ, ଅଗ୍ନି ସଂଯୋଗ ବିନା ବତି ଯେପରି ଜଳିପାରି ନଥାଏ, ଜୀବନ ଯାତ୍ରାରେ ଆଧ୍ୟାତ୍ମିକତାର ସଂଯୋଗ ବିନା ଜୀବନଯାତ୍ରା ସଫଳ ହୋଇପାରି ନ ଥାଏ। ଦାସିଆର ସାଙ୍ଗ ସାଲବେଗ କହିଲା, ଆମର ବିଜ୍ଞାନ ଶିକ୍ଷକ କହୁଥିଲେ ସୂର୍ଯ୍ୟଙ୍କର ଚତୁଃପାର୍ଶ୍ୱରେ ପୃଥିବୀ ଘୂରି ବୁଲିବା ବିନା ତା'ର ଯାତ୍ରା ସଫଳ ନ ହେଲେ ଦିନରାତି ହୋଇପାରି ନ ଥାଏ। ସେହିପରି ନିଜଠାରୁ ମହତ୍ତର ସତ୍ତା ଆଡ଼କୁ ଗତି କରିବାକୁ ଯାତ୍ରା କୁହାଯାଏ। ଶ୍ରଦ୍ଧା କହିଲେ, ମଣିଷ ଅନେକ ଯାତ୍ରା କରିଛି। ଅନେକ ପର୍ଯ୍ୟଟନସ୍ଥଳୀ ବୁଲି ଦେଖିଛି। ମାଇଲ ମାଇଲ ଯାତ୍ରା ଗତି କରି ଗନ୍ତବ୍ୟସ୍ଥଳରେ ପହଞ୍ଚିଛି। କିନ୍ତୁ ଗନ୍ତବ୍ୟସ୍ଥଳୀ କୁହେ ତୋର ଆହୁରି ଅନେକ ଯାତ୍ରା ବାକି ଅଛି। ଗନ୍ତବ୍ୟସ୍ଥଳୀରେ ଆମେ ପୁରସ୍କାର ଖୋଜୁ। ଗୀର୍ଜାର ଘଣ୍ଟି, ମସ୍‌ଜିଦର ନମାଜର ସ୍ୱର, ମନ୍ଦିରର ଘଣ୍ଟ, ମାର୍ଦ୍ଦଳ, ଶଙ୍ଖଧ୍ୱନି ସୂଚାଇ ଦିଏ ଯେ, ରେ ମାନବ କାମନା ବାସନାଶୂନ୍ୟ ଜୀବନରେ ହିଁ ଦୈବତ୍ୱ ନିହିତ। ହେଲେ ତୁ ଆଗେଇ ଚାଲ। ଜୀବନର ବିଶ୍ରାମସ୍ଥଳୀ ନିକଟକୁ। ହେଲେ ମନୁଷ୍ୟ ଯେତେବେଳେ ପଚାରେ ଆମେ ଏ ଯାତ୍ରାକୁ ଆସିଥିଲୁ କାହିଁକି? ଏହି ସମୟରେ ଯାତ୍ରାର ଭାସ୍ୟକାରର ସ୍ୱର ଶୁଭେ 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ଲଭତେ।' ସାଲବେଗ କହିଲା, ଏ ଉକ୍ତି କ'ଣ ମଣିଷର ମନ ଭରେ। ସେ ସମୁଦ୍ରକୂଳକୁ ଯାତ୍ରା କରେ। ଦାସିଆ ଶ୍ରଦ୍ଧାଙ୍କୁ ପଚାରିଲା, ତୁ ରଥଯାତ୍ରା ପରେ ସମୁଦ୍ର କୂଳକୁ କାହିଁକି ବୁଲାଇ ନେଉ? ମୁଁ ସମୁଦ୍ରର ନୀଳ ତରଙ୍ଗକୁ ଦେଖି ବିମୋହିତ ହୁଏ। ତରଙ୍ଗ ମତେ କୁହେ ମୁଁ କେତେବେଳଠାରୁ ଉତ୍ପନ୍ନ ହୋଇ କେତେ ପଥ ଗତି କରିଆସିଲିଣି। ନିଜକୁ ଭୁଲି ଯାଇଛି। ଏପରି କାହିଁକି ମୋ ଭିତରେ ଭାବନା ଆସେ? ଶ୍ରଦ୍ଧାଙ୍କର ମଧୁସୂଦନ ରାଓଙ୍କର ଉକ୍ତି ମନେପଡ଼େ, ସେ ଦାସିଆ ଓ ସାଲବେଗଙ୍କର ମୁଣ୍ଡକୁ ଆଉଁଷି କହନ୍ତି 'ରେ ଆତ୍ମନ ନୀଦ୍ରା ପରିହରି ଫେଡ଼ି ଚିନ୍ତାର ଲୋଚନ, କର କର ନିରୀକ୍ଷଣ ନିଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି ଭେଟିବାକୁ ମୃତ୍ୟୁସିନ୍ଧୁ କରାଳ ଲହରି।'

ରଥଯାତ୍ରା ସାରି ସମୁଦ୍ର କୂଳରେ ଆତ୍ମ ଚିନ୍ତନ ସମୟରେ ମନୁଷ୍ୟ ହୃଦୟଙ୍ଗମ କରେ ଏଥରର ରଥଯାତ୍ରା ତା'ର ଜୀବନର ଶେଷ ଯାତ୍ରା ନୁହେଁ। ଅନେକ ଯାତ୍ରା ତା'ର ଜୀବନରେ ବାକି ଅଛି। ସେତେବେଳେ ତା'ର ମନେପଡ଼େ ଜାତସ୍ୟ ହିଁ ଧ୍ରୁବମୃତ୍ୟୁ। ମୃତ୍ୟୁକୁ ଜୟ କରିବାକୁ ରଥଯାତ୍ରାରେ ଯୋଗ ଦେଇଥିଲି। ସାଲବେଗ କହିଲା, ମୋର ମା' ହାସିନା କହୁଥିଲେ, ହରି ହରି, ରାମ ରାମ, କୃଷ୍ଣ କୃଷ୍ଣ ତୁଣ୍ଡରେ ନ ଧରି ରଥରେ ନାଚି ନାଚି ବିଭୋର ନ ହୋଇ ଏ ଶରୀର ତ୍ୟାଗ ମୂଲ୍ୟହୀନ। ଏପରି ମନୁଷ୍ୟ କେବେ ବି ଅମୃତର ସନ୍ତାନ ହୋଇ ନ ପାରେ। ଶ୍ରଦ୍ଧା କହିଲେ, ମହାପ୍ରଭୁ କେଉଁ ଭକ୍ତର ଆବେଗ, କେଉଁ ଶବରୀର ପ୍ରତୀକ୍ଷା, କେଉଁ ଭକ୍ତର ଡାକ ଶୁଣି ଶ୍ରୀମନ୍ଦିର ପରିତ୍ୟାଗ କରି ଭକ୍ତଙ୍କୁ ଦର୍ଶନ ଦିଅନ୍ତି ତାହା କହି ହେବନାହିଁ। ଦାସିଆ ଓ ସାଲବେଗ ଏକ ସ୍ୱରରେ କହିଲେ, ପ୍ରଭୁ ଯେତେବେଳେ ସୁଯୋଗ ଦେଉଛନ୍ତି ତା'ର ସଦୁପଯୋଗ ଆମେ କରିବୁ। ତାଙ୍କର ପାଦୁକା ଯାତ୍ରାରେ ତାଙ୍କ ପୟରରେ ମଥାକୁ ରଖି ତୁଣ୍ଡରେ ହରିନାମ ଧରି ଜୀବନଯାତ୍ରାକୁ ସଫଳ କରିବୁ। ଶ୍ରଦ୍ଧା କହିଲେ, ଚାଲ ଆମେ ସମସ୍ତେ ମିଶି ପ୍ରାର୍ଥନା କରି ରଥଯାତ୍ରାରେ ଯୋଗଦେବା। ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପୁନଶ୍ଚ ଆମ ଜୀବନର ଯାତ୍ରା ନ ହେଉ ବୋଲି ପ୍ରାର୍ଥନା କରିବା। ଚିରନ୍ତନ ବିଶ୍ରାମସ୍ଥଳୀ ପାଇଁ ପ୍ରାର୍ଥନା କରିବା ଓ ଆନନ୍ଦରେ ନିଜକୁ ଭରିଦେବା।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ
ମୋ : ୯୬୯୨୯୮୦୦୨୬**

## ଏଇ ଭାରତରେ

ତେଲଙ୍ଗାନାର ଡ. ରବୀନ୍ଦ୍ର ଚୌକିଦାର ସୁଶ୍ରୁତ ଫାଉଣ୍ଡେଶନ ଗଠନ କରି ମାଗଣାରେ ଗରିବ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ସେ ମଧ୍ୟ ୪ ଜଣ ମେଧାବୀ ଗରିବ ପିଲାଙ୍କ ମେଡିକାଲ ପଢ଼ା ଖର୍ଚ୍ଚ ତୁଲାଉଛନ୍ତି। ଏଥିପାଇଁ ରବୀନ୍ଦ୍ର ଓ ତାଙ୍କ ସାଥୀ ୬ ଜଣ ଡାକ୍ତର ସେମାନଙ୍କ ମାସିକ ଆୟର ୨୦ ପ୍ରତିଶତ ଦାନ କରୁଛନ୍ତି । ତେଲଙ୍ଗାନାର ଆଦିବାସୀ ଅଧ୍ୟୁଷିତ ଗାଥୁପୁଥଣ୍ଡା ଗାଁରେ ଜନ୍ମିତ ରବୀନ୍ଦ୍ରଙ୍କ ପିଲାଦିନେ ବହୁ କଷ୍ଟରେ ସେ ପଢ଼ିଥିଲେ। ତାଙ୍କ ପିତା ଥିଲେ ଜଣେ ଦିନ ମଜୁରିଆ । ରବୀନ୍ଦ୍ର ସ୍କୁଲ ଓ କଲେଜ ଶିକ୍ଷା ଶେଷ କରି ହାଇଦ୍ରାବାଦର ଓସ୍‌ମାନିଆ ମେଡିକାଲ କଲେଜରେ ଏମ୍‌ବିବିଏସ୍ ଶେଷକରି ୱାରଙ୍ଗଲସ୍ଥିତ କାକତୀୟ ମେଡିକାଲ କଲେଜରୁ ଏମ୍‌ଏସ୍ କରିଥିଲେ। ପରେ ୨୦୦୯ରେ ଚାକିରିରେ ଯୋଗଦେବା ବେଳେ ତାଙ୍କ ପିତାଙ୍କ ଫୁସ୍‌ଫୁସ୍ କ୍ୟାନ୍‌ସର ଚିକିତ୍ସା ଖର୍ଚ୍ଚ ବହନ କରିବା କଷ୍ଟକର ହୋଇଯାଇଥିଲା। ଏହି ଅସୁବିଧାକୁ ଅନୁଭବ କରିବା ପରେ ସେ ଗରିବ ଲୋକଙ୍କୁ ଚିକିତ୍ସା କ୍ଷେତ୍ରରେ ସହଯୋଗ କରିବା ପାଇଁ ସୁଶ୍ରୁତ ଫାଉଣ୍ଡେଶନ ଗଠନ କରି ସେବା ଯୋଗାଇ ଆସୁଛନ୍ତି। ରବୀନ୍ଦ୍ର ମେଡିକାଲ ଡ୍ୟୁଟି ସାରିବା ପରେ ରାତି ୧୦ଟା ପର୍ଯ୍ୟନ୍ତ ମାଗଣାରେ ରୋଗୀ ସେବା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧ ଜାନୁଆରୀ ୧୯୭୬

- ଚାସନାଲା ଖଣି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶ୍ରମିକଙ୍କ ପରିବାରକୁ ସାହାଯ୍ୟ କରିବା ପାଇଁ ରାଜ୍ୟପାଳ ଆକବର ଅଲ୍ଲୀ ଖାଁ ୧ ହଜାର ଟଙ୍କା ଦାନ କରିଛନ୍ତି।
- ଅପୂର୍ବ ସାହସିକତା, ନେତୃତ୍ୱ ଏବଂ କର୍ତ୍ତବ୍ୟନିଷ୍ଠା ପ୍ରଦର୍ଶନ କରିଥିବା ଦେଶର ୧୨ ପୋଲିସଙ୍କୁ ସାହସିକତା ପୋଲିସ ପଦକ ପ୍ରଦାନ।
- ପ୍ରତିରକ୍ଷା ମନ୍ତ୍ରୀ ବଂଶୀଲାଲ୍‌ଙ୍କ ଦ୍ୱାରା ଆଗତ କରାଯାଇଥିବା ଅର୍ଥନୈତିକ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ।

## su | do | ku  ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | 4 | 9 | | 1 | |
| | | 8 | | | | | | 4 |
| 1 | | 7 | | | | | 3 | |
| | | | | | 2 | 7 | | 8 |
| | | 2 | | | | 6 | | |
| | | | 9 | 5 | | | | 1 |
| | 5 | | | 9 | 7 | 4 | 2 | |
| | | | | | 3 | | | |
| | 8 | | 1 | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 9 | 2 | 6 | 5 | 7 | 1 | 8 |
| 8 | 7 | 6 | 3 | 9 | 1 | 4 | 2 | 5 |
| 2 | 5 | 1 | 8 | 7 | 4 | 3 | 6 | 9 |
| 7 | 9 | 2 | 5 | 1 | 3 | 8 | 4 | 6 |
| 5 | 1 | 8 | 6 | 4 | 2 | 9 | 7 | 3 |
| 4 | 6 | 3 | 7 | 8 | 9 | 2 | 5 | 1 |
| 1 | 8 | 5 | 4 | 3 | 7 | 6 | 9 | 2 |
| 9 | 3 | 7 | 1 | 2 | 6 | 5 | 8 | 4 |
| 6 | 2 | 4 | 9 | 5 | 8 | 1 | 3 | 7 |

ଗତକାଲିର ଉତ୍ତର

# ପୁଣି ଚାଷକ୍ଷେତକୁ ଫେରିବା



ଡି. ଶୁଭମ୍

ସାଧାରଣତଃ ଆମେ ଯେବେ କୃଷିର କଥା କହୁ, ସେବେ ଗୋଟେ ରାଷ୍ଟ୍ର ବା ରାଜ୍ୟର ଅର୍ଥନୀତି କଥା ଆଗକୁ ଆସେ। ଆମେ ସବୁବେଳେ ଗୋଟେ କଥା ପଢ଼ିଆସିଛେ ଯେ, କୃଷି ହେଉଛି ରାଜ୍ୟ ଅର୍ଥନୀତିର ମେରୁଦଣ୍ଡ। ଆମକୁ ବୁଝିବାକୁ ହେବ ଯେ ଯେବେଠୁ ଆମେ ଏ କଥା ପଢ଼ିଛେ କେବଳ ପାଠରେ ହିଁ ଏହାକୁ ନରଖି ଏହାର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଦିଗରେ ଅଧିକ ଚିନ୍ତା କରିବାର ସମୟ ଆସିଛି। କେବଳ ପୁସ୍ତକରେ ପଢ଼ି ସଭାସମିତିରେ ଉଚ୍ଚସ୍ୱରରେ ଭାଷଣ ଦେଲେ କାମ ସରିଯାଏନି। ଏହାକୁ କିପରି ଠିକ୍‌ଭାବରେ ଚାଷଜମିରେ ପ୍ରୟୋଗ କରିହେବ, ସେ ଦିଗରେ ସମସ୍ତଙ୍କ ସହଭାଗିତା ଆବଶ୍ୟକ। କାରଣ ଆପଣମାନେ ଜଳବାୟୁ ପରିବର୍ତ୍ତନର ସମସ୍ୟାକୁ ଅନୁଭବ କରୁଥିବେ। ଓଡ଼ିଶା ପରିପ୍ରେକ୍ଷୀରେ ମଧ୍ୟ ଏହାକୁ ଆମେ ଲକ୍ଷ୍ୟ କରୁଛେ। ୨୦୫୦ରେ ବିଶ୍ୱର ୯୦୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ଖାଦ୍ୟ ଯୋଗାଇବାକୁ ଉତ୍ପାଦନ ହାର ୬୦-୭୦ ପ୍ରତିଶତ ବଢ଼ାଇବାକୁ ପଡ଼ିବ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ଉଲ୍ଲେଖ ଯେ, ବର୍ଦ୍ଧିତ ଜନସଂଖ୍ୟା ପାଇଁ ଆମକୁ କୃଷିର ପରିଭାଷାକୁ ପରିବର୍ତ୍ତନ କରିବାକୁ ହେବ । ଆମେ ସବୁବେଳେ କୃଷିକୁ ଶେଷ ବିକଳ୍ପ ଭାବେ ଗ୍ରହଣ କରୁଛେ। ପିଲାଦିନେ ପାଠପଢ଼ାରେ ବ୍ୟତିକ୍ରମ ହେଲେ ମା'ବାପାଙ୍କର ଗୋଟେ କଥା -ଆରେ ପାଠ ନ ପଢ଼ିଲେ ଚାଷ କରିବୁ ନ ହେଲେ ଗାଇ ଚରେଇବୁ। ଏସବୁ ମାନସିକତା ଆମ ଭିତରେ ଏକ ନିରାଶ ଭାବନା ତିଆରି କରିଛି କୃଷିକୁ ନେଇ। ଏହାର ପରିବର୍ତ୍ତନ ଜରୁରୀ। କେବଳ ସାଧାରଣ ଜନତା ନୁହେଁ ଅନେକ ଉଦ୍ୟୋଗୀ ଚାକିରି ପରେ ଗାଁକୁ ଫେରି ଅନେକ କୃଷି ଉଦ୍ୟୋଗ ପ୍ରତିଷ୍ଠାକରିବା ଉଦାହରଣ ଆମେ ଓଡ଼ିଶାରେ ଦେଖୁଛୁ। ତେବେ କୃଷି କ'ଣ ଆମର ପ୍ରଥମ ବିକଳ୍ପ ହୋଇପାରିବନି? ଯଦି କୃଷିକୁ ପ୍ରଥମ ବିକଳ୍ପ ଭାବରେ ରଖିବା ତେବେ ନିଶ୍ଚୟ କୃଷି କ୍ଷେତ୍ରରେ ଅଭିବୃଦ୍ଧି ଆସିବ, ଏଥିରେ ସନ୍ଦେହ ନାହିଁ। ବ୍ୟାକ୍ ଟୁ ବେସିକ୍ସର ବାର୍ତ୍ତାକୁ ପ୍ରଧାନମନ୍ତ୍ରୀ ସବୁବେଳେ ଦୋହରାଇଛନ୍ତି। ଏହାର ଅର୍ଥ ଆମେ ପୁଣି ମୂଳକୁ ଫେରିବା। ତେବେ କୃଷିକୁ ପ୍ରଥମ କି ଶେଷ ବିକଳ୍ପ କରିବା, ତାହାର ଦାୟିତ୍ୱ ଆପଣମାନଙ୍କର । ଏ ନିଷ୍ପତ୍ତି ଆମ ପରବର୍ତ୍ତୀ ପିଢ଼ି ପାଇଁ ଏକ ଉଦାହରଣ ସୃଷ୍ଟି କରିବ। ଯଦି ଏବେଠାରୁ ଏହାକୁ ଶେଷ ବିକଳ୍ପ ନେଇ ଚାଲିବା ଆଉ ୫୦ ବର୍ଷ ପରେ ଆମ ବଂଶଜମାନେ ଏହି ଶବ୍ଦକୁ ନିଶ୍ଚିହ୍ନ କରିବାକୁ ବି ସମୟ ଲାଗିବନି। ତେଣୁ ଆମକୁ ଏବେଠୁ ସଜାଗ ହେବାକୁ ପଡ଼ିବ।

ଆଲୋଚନାରେ ପ୍ରଥମେ ଆମେ ଚାଷଜମିର କଥା ଦେଖିବା। ଆପଣମାନେ ସମସ୍ତେ ଜାଣିଥିବେ ମାଟି ପାଇଁ ହିଁ ଚାଷ। ଯେମିତି ମାଟି ସେମିତି ଚାଷ। ଏହି ମାଟିର କ୍ଷୟ ହିଁ ଚାଷକୁ ସଙ୍କଟରେ ପକାଇଛି। ଏହାକୁ ଠିକ୍ ଭାବରେ ଅନୁଧ୍ୟାନ କରିବାର ସମୟ ଆସିଛି। ଏକ ସର୍ବେକ୍ଷଣରୁ ଜଣାଯାଇଛି, ୧୯୯୦ ରୁ ୨୦୧୪ ମଧ୍ୟରେ ପାଖାପାଖି ୫୦୦୦ଏକର ଜମି ମାଟି ଲବଣୀକରଣ ଯୋଗୁ ନଷ୍ଟ ହୋଇଛି। ଚାଷୀଭାଇମାନେ ଜମିରେ ରାସାୟନିକ ସାର ପ୍ରୟୋଗକରି ଅଧିକ ଫସଲ କରିପାରୁଥିଲେ ମଧ୍ୟ ମାଟିର ଉର୍ବରତା ପ୍ରତି ସାଧାରଣତଃ ଦୃଷ୍ଟି ଦିଅନ୍ତି ନାହିଁ। କାରଣ ରାସାୟନିକ ସାର ଫସଲକୁ ତା'ର



ଆବଶ୍ୟକତା ଅନୁସାରେ ସମସ୍ତ ପୋଷକତତ୍ତ୍ୱ ପ୍ରଦାନ କରିପାରିଲେ ମଧ୍ୟ ଏହି ଉର୍ବରତା କ୍ଷଣସ୍ଥାୟୀ ହୋଇଥାଏ। ୧୯୭୩, ୧୯୮୫, ଏବଂ ୨୦୦୬ରେ ଯଥାକ୍ରମେ ୩୧, ୩୮ଏବଂ ୫୬ ଟନ୍ ହେକ୍ଟର ପ୍ରତି ମୃତ୍ତିକା କ୍ଷୟ ବୃଦ୍ଧି ପାଇଲା। ମାଟିର ଉର୍ବରତା ଉପରେ ଫସଲର ମାନ ନିର୍ଭର କରେ। କାରଣ ମାଟି ଯେତେ ଉର୍ବର ହୁଏ ଫସଲର ଗୁଣବତ୍ତା ଠିକ୍ ପରିମାଣରେ ବଜାୟ ରହେ। ଉର୍ବର ମାଟି ନ ହେଲେ ଆଶାନୁରୂପ ଖାଦ୍ୟ ଉତ୍ପାଦନ କରିପାରିବା ନାହିଁ। ଆମେ ଯଦି ଚାଷକୁ ପ୍ରଥମ ବିକଳ୍ପ ଭାବେ ଗ୍ରହଣ କରିବାକୁ ଚାହୁଁଛୁ ତାହେଲେ ମାଟିର କଥାକୁ ପ୍ରଥମରେ ଚନ୍ତାକରି ଏହାର ଗଠନ ଓ ସୁରକ୍ଷା ଦିଗରେ ଯଥୋଚିତ ପଦକ୍ଷେପ ନେବା ଆବଶ୍ୟକ।

ଦ୍ୱିତୀୟରେ ଆମେ ଆମର ମାନସିକତାକୁ ପରିବର୍ତ୍ତନ କରି ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର ସମୟ ଆସିଛି। ପ୍ରକୃତିକୁ ନେଇ ଚାଷକରିବା କଥା ହେଉ କି ପରିବେଶୀୟ ଗ୍ରାମ ଗଠନ, ଜୈବିକ ଚାଷ ହେଉ କି ଜୈବହାଟ, ଚାଷ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ହେଉ କି ନୂଆ ଜ୍ଞାନକୌଶଳ ଏସବୁକୁ ଚାଷୀ କିପରି ଠିକ୍ ଭାବରେ ପାଇପାରିବ ସେ ଦିଗରେ ଚିନ୍ତାକରିବା ଆବଶ୍ୟକତା ଅଛି। କାରଣ ଚାଷୀ ଆଖିରେ ନ ଦେଖିଲେ ବିଶ୍ୱାସ କରେନାହିଁ। ତେଣୁ ଚାଷୀକୁ ଚାଷ କୌଶଳକୁ ଶିଖାଇବାକୁ ପଡ଼ିବ। ଆମେ ଯାହା ପାଠରେ ପଢ଼ିଲେ ତାହାକୁ ଚାଷଜମିରେ ଉପଯୋଗ କରିବା ହିଁ ବର୍ତ୍ତମାନ ସମୟର ଆହ୍ୱାନ।

ତୃତୀୟରେ ଚାଷ ଆମ ପାଇଁ ପ୍ରଥମ ବିକଳ୍ପ ହେବ ଯେତେବେଳେ ସମସ୍ତଙ୍କ ମିଳିତ ସହଭାଗିତା ରହିବ। ପ୍ରତି ପଞ୍ଚାୟତରେ ସଫଳ ଚାଷୀମାନଙ୍କୁ ନେଇ କୃଷି ମେଳାରେ ସେମାନଙ୍କ କାର୍ଯ୍ୟଦକ୍ଷତାକୁ ଲୋକଲୋଚନକୁ ଆଣିବା ସହ ଆଜିକାଲି ଅନେକ ଯୁବ ଉଦ୍ୟୋଗୀଙ୍କ କୃଷି ଉଦ୍ୟୋଗକୁ କିପରି ଲୋକଙ୍କ ପାଖରେ ପହଞ୍ଚାଯାଇପାରିବ, ସେ ଦିଗରେ ବିଚାର କରିବାର ଅଛି। ପ୍ରତି ପଞ୍ଚାୟତରେ ଲୋକଙ୍କୁ ସେ ଅଞ୍ଚଳର ସଫଳ ଚାଷୀଙ୍କ ଚାଷଜମିର ନୂଆକୌଶଳକୁ ଶିକ୍ଷା ଦେବାର ଅଛି। ବ୍ଲକସ୍ତରରେ କୃଷି ସମ୍ପ୍ରସାରଣର ଏ ଦିଗରେ ପ୍ରମୁଖ ଭୂମିକା ରହିଛି। ପଞ୍ଚାୟତସ୍ତରରେ ଚାଷୀମାନଙ୍କୁ ସଚେତନ କରାଇବାର ଅଛି।

ଚତୁର୍ଥରେ ଆମେ କୃଷି ଉଦ୍ୟୋଗକୁ ଅଧିକ ପ୍ରାଧାନ୍ୟ ଦେବାର ସମୟ ଅଛି। ସରକାରଙ୍କ ତରଫରୁ ଷ୍ଟାର୍ଟଅପ ଦିଗରେ ଅନେକ କାର୍ଯ୍ୟକ୍ରମ କରାଯାଉଛି। ଯୁବ ଉଦ୍ୟୋଗୀମାନେ ଏହାର ଲାଭ ନେବା ଉଚିତ। ଆମେ ଗାଁକୁ ଫେରିବା, ଚାଷଜମିକୁ ଫେରିବା- ଏ ସ୍ଲୋଗାନ ଏବେ ଶୁଣିବାକୁ ମିଳୁଛି । ଏହାର ସଫଳ କାର୍ଯ୍ୟକାରିତା ଉପରେ ବି ସେତିକି ତଦାରଖ ହେବା ଆବଶ୍ୟକ। ଉପଯୁକ୍ତ ଫସଲ ପ୍ଲାନିଂ ମାଧ୍ୟମରେ ଉଦ୍ୟୋଗଟିଏ ପ୍ରତିଷ୍ଠାକରି ନିଜକୁ ସ୍ୱାବଲମ୍ବୀ କରିହେବ। ଏ ଦିଗରେ କୃଷି ବିଶେଷଜ୍ଞମାନଙ୍କର ମତାମତ ନେଇ କରିପାରିଲେ ଭଲ। କଥାରେ ଅଛି 'କାଲି କାମ ଆଜି କର, ଆଜି କାମ ଏବେ କର' ସମୟକୁ ସାଥୀକଲେ ହାରିବନି କେବେ। ଏ ଦିଗରେ ଏବେଠାରୁ ସଂକଳ୍ପ ନେବା ଦରକାର।

ପଞ୍ଚମରେ ଗାଁ ଗାଁରେ ଏଥିପାଇଁ ସଚେତନତା ଶିବିର ଆୟୋଜନ କରିବା। ଫଳରେ ରୋଜଗାର ନଥିବା ଯୁବକମାନେ କିପରି ଚାଷ କରି ରୋଜଗାରକ୍ଷମ ହୋଇପାରିବେ, ସେ ଦିଗରେ ବୁଝାଇହେବ। ଚାଷ କଲେ ବି ଜଣେ କିପରି ଉଦ୍ୟୋଗୀ ହୋଇପାରିବ ତାହାକୁ ଅନୁଧ୍ୟାନ କରିବାର ସମୟ ଉପନୀତ। ଆମକୁ ପୁଣି କୃଷି କ୍ଷେତକୁ ଫେରିବାର ଯେଉଁ ସଂକଳ୍ପ ସେସବୁକୁ ଏକ ମିଶନ୍ ଆଗକୁ ନେବାର ଅଛି। ଆମେ ଆଜି ଯେଉଁ ସ୍ୱପ୍ନ ଦେଖୁଛେ ଚାଷକୁ ନେଇ ତାହା କିପରି ଦୀର୍ଘମିଆଦୀ ହେବ ସେ ଦିଗରେ କାମ କରିବାକୁ ହେବ।

**ଜୈବନିରୀକ୍ଷକ,ଓଡ଼ିଶାରାଜ୍ୟଜୈବପ୍ରମାଣନ ସଂସ୍ଥା, ଭୁବନେଶ୍ୱର, ମୋ: ୯୪୩୮୪୬୭୦୭୯**

## ପାଠକ ଶ୍ରେଷ୍ଠ ବିଚାରକ

### ମହାପ୍ରସାଦର ରେଟ୍‌ଚାର୍ଟ

ମହାଶୟ,

ଶ୍ରୀମନ୍ଦିର ଆନନ୍ଦ ବଜାରରେ ମହାପ୍ରସାଦ ବିକ୍ରିର ରେଟ୍‌ଚାର୍ଟ ଲଗାଇବା ନେଇ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିବା ଖବର ପ୍ରକାଶ ପାଇଛି। ଯଦ୍ଦ୍ୱାରା ଶ୍ରଦ୍ଧାଳୁମାନେ ଶୋଷଣର ଶିକାର ନ ହୋଇ ନିର୍ଦ୍ଧାରିତ ଦରରେ ମହାପ୍ରସାଦ ସେବନ କରିପାରିବେ। ତେବେ ଏପର୍ଯ୍ୟନ୍ତ ଏହା ଉପରେ ଶ୍ରୀମନ୍ଦିର ପ୍ରଶାସନ କି ପଦକ୍ଷେପ ଗ୍ରହଣ କଲା ତାହା ଜଣାଯାଇ ନାହିଁ। ଅବଶ୍ୟ ଏହି ପ୍ରସଙ୍ଗରେ ପରିଚାଳନା କମିଟିରେ କେତେଥର ଆଲୋଚନା ହୋଇଛି। ପ୍ରଥମେ ମହାପ୍ରସାଦ ପ୍ରସ୍ତୁତି ନିମନ୍ତେ ଯେଉଁ ଖାଦ୍ୟ ସାମଗ୍ରୀ ଯଥା ଚାଉଳ, ଡାଲି, ଘିଅ, ପନିପରିବା, ଜାଳେଣି, ହାଣ୍ଡି କୁଡୁଆ, ରୋଷେଇ କରୁଥିବା ସୁଆର, ମହାସୁଆରଙ୍କ ପାରିଶ୍ରମିକ ଓ ସେମାନଙ୍କ ସହାୟକଙ୍କ ମଜୁରି ଆଦି ଯଥେଷ୍ଟ ଖର୍ଚ୍ଚ ହିସାବକୁ ନେଇ ବିକ୍ରି ଦର ଧାର୍ଯ୍ୟ କରାଯାଏ। ଏବେ ଶ୍ରୀମନ୍ଦିରରେ ଓମ୍‌ଫେଡ୍ ଘିଅର ବ୍ୟବହାର ନିମନ୍ତେ ସରକାର ପ୍ରସ୍ତାବ ରଖିଛନ୍ତି, ଯାହାର ମୂଲ୍ୟ ଅତ୍ୟଧିକ। ଦୀର୍ଘ ବର୍ଷ ଧରି ଶ୍ରୀମନ୍ଦିରରେ ବନସ୍ପତି ଡାଲ୍‌ଡାକୁ ଘିଅ କହି ମହାପ୍ରସାଦ ଓ ଶୁଖୁଲି ତିଆରି ହେଉଥିଲା ଓ ଦୀପରେ ବ୍ୟବହାର ମଧ୍ୟ ହେଉଥିଲା। ଯେଉଁ ସମୟରେ ବଜାର ଦରକୁ ନେଇ ରେଟ୍‌ଚାର୍ଟ ତିଆରି ହେବ, ତହିଁର ମୂଲ୍ୟ ପରବର୍ତ୍ତୀ ସମୟରେ ଅକାମୀ ହୋଇଯିବ। ଏ ପରିପ୍ରେକ୍ଷୀରେ ସମ୍ଭବ ନୁହେଁ। ତେଣୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କେତେଦୂର ସମ୍ଭବ ତା' ବିଚାରସାପେକ୍ଷ।

**- ହରମୋହନ ମହାନ୍ତି, ଦରତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତା' ବ୍ୟଥାରେ ବଥାଏ ଯେ
ମୋର ପ୍ରାଣ ମନ
ବାରତା ତାହାର ଚୁମ୍ବେ
ଅଧର ନୟନ।
-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଏକ ସମୃଦ୍ଧ, ବିକଶିତ ଓଡ଼ିଶା ଗଢ଼ିବା ଲକ୍ଷ୍ୟ ହେଉ



ଜୟ ଜଗନ୍ନାଥ, ନମସ୍କାର। ଇଂରାଜୀ ନୂଆବର୍ଷ ୨୦୨୫ ଉପଲକ୍ଷେ ରାଜ୍ୟର ସମସ୍ତ ଭଉଣୀଭାଇମାନଙ୍କୁ ଆନ୍ତରିକ ଶୁଭକାମନା ଜଣାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନୂଆବର୍ଷ ସମସ୍ତଙ୍କ ଜୀବନରେ ଆନନ୍ଦ, ସମୃଦ୍ଧି ଓ ଶୁଖ ଭରିଦେଉ। ନୂଆବର୍ଷ ଅବସରରେ ସମସ୍ତେ ସଂକଳ୍ପ ନେଇ ଏକ ସମୃଦ୍ଧ, ବିକଶିତ ଓଡିଶା ଗଢ଼ିବା ଦିଗରେ ନିଜର ଶ୍ରେଷ୍ଠ ଯୋଗଦାନ ରଖିବାକୁ ସମସ୍ତେ ଆଗେଇ ଆସନ୍ତୁ। ନୂଆବର୍ଷ ଲାଗି ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ବନ୍ଦେ ଉତ୍କଳ ଜନନୀ।

- **ମୁଖ୍ୟମନ୍ତ୍ରୀ, ମୋହନ ଚରଣ ମାଝୀ**

## ଓଡ଼ିଶା ସଫଳତାର ନୂଆ ଅଧ୍ୟାୟ ଯୋଡୁ



ନୂଆବର୍ଷ ସବୁବେଳେ ନୂଆ ଆଶା ଓ ନୂଆ ସମ୍ଭାବନାର ପ୍ରତୀକ ଭାବରେ ଆସିଥାଏ । ଆମ ଦକ୍ଷତା ଓ ପ୍ରତିବଦ୍ଧତା ହିଁ ସେ ଆଶାକୁ ବାସ୍ତବ ରୂପ ଦେବା ସହ ସମ୍ଭାବନାକୁ ସୁଯୋଗରେ ପରିଣତ କରିଥାଏ। ସାହସ ଓ ନିଷ୍ଠା ସଫଳତାର ଏହି ଦୁଇଟି ସ୍ତମ୍ଭକୁ ଆଧାର କରି ଓଡ଼ିଆ ଜାତି ସବୁ ବାଧା ଅତିକ୍ରମ କରି ଜାତି ଇତିହାସରେ ସଫଳତାର ନୂଆ ଅଧ୍ୟାୟ ଯୋଡୁ। ୨୦୨୫ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ। ମହାପ୍ରଭୁଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନକୁ ଆନନ୍ଦ,ଶାନ୍ତି ଓ ସମୃଦ୍ଧିରେ ଭରି ଦେଉ।

- **ନବୀନ ପଟ୍ଟନାୟକ,ବିରୋଧୀ ଦଳ ନେତା**

୨୦୨୫ ବର୍ଷ ରାଜ୍ୟବାସୀଙ୍କ ପାଇଁ ସୁଖ ସମୃଦ୍ଧି ଆଣିଦେଉ। ଏହି ବର୍ଷରେ ରାଜ୍ୟର ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ମନୋରଞ୍ଜନ ଆଦି କ୍ଷେତ୍ର ପାଇଁ ନୂଆ ଆଶା ଓ ସମ୍ଭାବନା ସୃଷ୍ଟି ହେଉ ବୋଲି ସମସ୍ତେ ଆଶାବାଦୀ।

## ସମ୍ଭାବନା, ନୂତନ ଉନ୍ମାଦନାର ବର୍ଷ ହେଉ



ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ଇଂରାଜୀ ନବବର୍ଷ ୨୦୨୫ର ଶୁଭେଚ୍ଛା ଜଣାଉଛି। ବର୍ଷ ୨୦୨୫ ସମସ୍ତଙ୍କ ପାଇଁ ସମ୍ଭାବନା ଓ ନୂତନ ଉନ୍ମାଦନାର ବର୍ଷ ହେଉ। ଡିସେମ୍ବର ୨୦୨୪ର ଅନ୍ତିମ ଦିନରେ ସୂର୍ଯ୍ୟର ଅସ୍ତ ହୋଇଛି। ତେବେ ଅସ୍ତଗାମୀ ସୂର୍ଯ୍ୟ ସବୁବେଳେ ଏକ ନୂତନ ଆରମ୍ଭର ପ୍ରତିଶ୍ରୁତି ନିଜ ସହିତ ବହନ କରିଥାଏ। ନୂଆ ବର୍ଷରେ ନୂତନ ସମ୍ଭାବନା ଏବଂ ସକରାତ୍ମକ ଆରମ୍ଭକୁ ଆମେ ସମସ୍ତେ ସ୍ୱାଗତ କରିବା ଦରକାର। ୨୦୩୬ରେ ଓଡ଼ିଶା ଓ ୨୦୪୭ରେ ଭାରତକୁ ଦେଖିଲେ ଆମ ରାଜ୍ୟ ଏବଂ ଦେଶର ପରିବର୍ତ୍ତନ ରାସ୍ତାରେ ଅଛି। ଆଗକୁ ଯାତ୍ରା ଅସୀମ ସମ୍ଭାବନାରେ ପରିପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ଆମେ ଆଗାମୀ ଦିନରେ ଏକ ସମୃଦ୍ଧମୟ ଏବଂ ନୂଆ ଭାରତର ସ୍ୱପ୍ନ ନେଇ ଏକ ନୂଆ ଭବିଷ୍ୟତ ତିଆରି କରିବା ପାଇଁ ପ୍ରସ୍ତୁତ ଅଛୁ। ସମସ୍ତଙ୍କୁ ଓ ସଶକ୍ତ କରିବା ଏବଂ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ୨୦୨୫ରେ ଅଧିକ ପରିଶ୍ରମ କରିବାକୁ ସଂକଳ୍ପବଦ୍ଧ।

- **ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ**

## 'ବିକଶିତ ଓଡ଼ିଶା' ଗଠନ ନୂତନ ବର୍ଷର ଆହ୍ୱାନ



ଇଂରାଜୀ ନବବର୍ଷ ୨୦୨୫ ପାଇଁ ସମଗ୍ର ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ନିଶ୍ଚିତ ପୂରଣ ହେବ। ଏହି ଲକ୍ଷ୍ୟ ହାସଲ କରିବା ହେଉଛି ଆମ ସମସ୍ତଙ୍କ ଦାୟିତ୍ୱ। 'ବିକଶିତ ଓଡ଼ିଶା' ଗଠନ ହେଉଛି ନୂତନ ବର୍ଷର ଆହ୍ୱାନ। ୨୦୨୫ ବର୍ଷରେ ସମସ୍ତ ଆହ୍ୱାନକୁ ସାମ୍ନା କରି ଓଡ଼ିଶାକୁ ଆହୁରି ଆଗେଇ ନେବାକୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଓଡ଼ିଶା ଲୋକଙ୍କ ଆଶୀର୍ବାଦରେ ରାଜ୍ୟର ଶାସନ ବ୍ୟବସ୍ଥା ଆମକୁ ମିଳିଛି। ତେଣୁ ରାଜ୍ୟ ବିକାଶର ସମ୍ଭାବନାକୁ ପୂରଣ କରିବା ଲାଗି ସରକାର ଓ ଦଳ ମିଳିମିଶି ପୂରଣ କରିବେ। ନିର୍ବାଚନ ପୂର୍ବରୁ ସଂକଳ୍ପ ପତ୍ରରେ ଯାହା ପ୍ରତିଶ୍ରୁତି ଦେଇଥିଲୁ ତାହା ମଧ୍ୟ ପୂରଣ ହେବ। ଓଡିଶାକୁ ଭାରତର ବିକାଶ ଦିଗରେ ବିକଶିତ କରିବା ପାଇଁ କାର୍ଯ୍ୟ କରାଯିବ।

- **ଭାଜପା ରାଜ୍ୟ ସଭାପତି, ମନମୋହନ ସାମଲ**

## ଲୋକଙ୍କ ପାଇଁ ରାଜ୍ୟବ୍ୟାପୀ ଲଢ଼େଇ କରିବ କଂଗ୍ରେସ



୨୦୨୫ ବର୍ଷ ରାଜ୍ୟର ସମସ୍ତ ଜନସାଧାରଣଙ୍କ ଲାଗି ସୁଖ, ସମୃଦ୍ଧି ଓ ଶାନ୍ତିର ବର୍ଷ ହେଉ। ବିରୋଧୀ ଦଳ ହିସାବରେ କଂଗ୍ରେସ ଲୋକଙ୍କ ସମସ୍ୟାକୁ ନିଜର ବୋଲି ଭାବି କାର୍ଯ୍ୟ କରିଆସୁଛି, ଆଗକୁ ମଧ ଏହା ଜାରି ରଖିବ। ନୂଆ ବର୍ଷରେ ଦଳକୁ ନୂଆ ସଭାପତି ମିଳିବାକୁ ଯାଉଛି। ଯିଏ ସଭାପତି ଭାବେ ନୂଆ କରି ଦାୟିତ୍ୱ ନେବେ, ତାଙ୍କ ନେତୃତ୍ୱରେ ଦଳ କିପରି ରାଜ୍ୟରେ ସଙ୍ଗଠନକୁ ଆଗକୁ ବଢ଼ାଇବ ସେଥିପାଇଁ ଦଳର ସମସ୍ତ କର୍ମୀ ଅପେକ୍ଷା କରି ରହିଛନ୍ତି। ଏହି ବର୍ଷରୁ ଦଳର ସଙ୍ଗଠନ ମଜଭୁତ ହେବା ସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ କଂଗ୍ରେସ ଲୋକଙ୍କ ପାଇଁ ରାଜ୍ୟବ୍ୟାପୀ ଲଢେଇ ଜୋରଦାର କରିବ।

- **ରାମ ଚନ୍ଦ୍ର କାଡାମ, କଂଗ୍ରେସ ବିଧାୟକ ଦଳ ନେତା**

## ନୂଆବର୍ଷ ଚ୍ୟାଲେଞ୍ଜର ବର୍ଷ ହେଉ



୨୦୨୫ ଇଂଲିଶ କ୍ୟାଲେଣ୍ଡର ନୂଆବର୍ଷ ଆମ ସମସ୍ତଙ୍କ ପାଇଁ ଗୋଟେ ଚ୍ୟାଲେଞ୍ଜର ବର୍ଷ ହେଉ। ସମସ୍ତ ପ୍ରକାର ଚ୍ୟାଲେଞ୍ଜକୁ ଗ୍ରହଣ କରିବାକୁ ସଂକଳ୍ପ ନେବା। ବିଶେଷକରି ଅଳସୁଆମିକୁ ଦୂର କରି ନିଜକୁ ଆଉ ସମାଜକୁ ଠକିବାର ମନୋବୃତ୍ତିକୁ ପରିହାର କରିବା ଆମ ସମସ୍ତଙ୍କ ଦାୟିତ୍ୱ ହେବା ଆବଶ୍ୟକ। ଯେଉଁମାନେ କହୁଛନ୍ତି ୨୦୨୪କୁ ବିଦାୟ ଦେଲେ, ସେମାନଙ୍କୁ ନିବେଦନ ଆପଣ ଚାହିଁଲେ ବି ୨୦୨୪କୁ ବିଦାୟ ଦେଇପାରିବେ ନାହିଁ। ଯାହା ଇତିହାସକୁ ଚାଲିଯାଏ, ତାହା ସାଇତା ହୋଇ ରହିଯାଏ। ତେବେ ପୁରୁଣା ବର୍ଷ ସମସ୍ତଙ୍କ ପାଇଁ ସ୍ମୃତିର ବର୍ଷ ହୋଇ ରହିବ।

- **ଅରୁଣ ସାହୁ, ବିଧାୟକ**

## ଭିତ୍ତିଭୂମି, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ହେବ ମୁଖ୍ୟ ଫୋକସ



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ନୂଆବର୍ଷ ରାଜ୍ୟବାସୀଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ। ୨୦୨୫ ନୂଆବର୍ଷ ଏକ ଅନନ୍ୟ ପ୍ରବାସୀ ଭାରତୀୟ ଦିବସରୁ ଆରମ୍ଭ ହେବ। ଏହାପରେ ଉତ୍କର୍ଷ ଓଡ଼ିଶା ମେକ୍ ଇନ ଓଡ଼ିଶା କନ୍‌କ୍ଲେଭ ମହାପର୍ବ ଅନୁଷ୍ଠିତ ହେବ। ଏଥିରେ ଭିତ୍ତିଭୂମି, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ର ଉପରେ ମୁଖ୍ୟ ଫୋକସ ରହିବ। ରାଜ୍ୟ ବିକାଶ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

- **ନିକୁଞ୍ଜ ବିହାରୀ ଧଳ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ**

## ସହରକୁ ଏକନମ୍ବର କରିବା ଆମର ଲକ୍ଷ୍ୟ



ଆମେ ସର୍ବଦା ଭୁବନେଶ୍ୱର ସହରକୁ ଏକନମ୍ବର କରିବା ପାଇଁ କାମ କରୁଛୁ। ନୂଆବର୍ଷରେ ମଧ ଏହି ଧାରା ବଜାୟ ରହିବ। ସହରକୁ ସୁନ୍ଦର ରଖିବା ସହ ଏଠାକାର ଅଧିବାସୀଙ୍କୁ ଏକ ସୁନ୍ଦର ଏବଂ ସୁସ୍ଥ ପରିବେଶ ଯୋଗାଇଦେବା ଆମର ଲକ୍ଷ୍ୟ। ଏଥିସହ ଡ୍ରେନେଜ୍, ରାସ୍ତାଘାଟ, ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟ କରିବା ସବୁଠାରୁ ବଡ ଆହ୍ୱାନ ଏବଂ ଦାୟିତ୍ୱ। ସହରବାସୀ ପୂର୍ବରୁ ମଧ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)କୁ ସହଯୋଗ କରିଛନ୍ତି ଏବଂ ଆଶୀର୍ବାଦ ରଖିଛନ୍ତି, ନୂଆବର୍ଷରେ ମଧ ସେହିଭଳି ଆଶୀର୍ବାଦ ରହିବ। ତେବେ ସହରର ଉନ୍ନତି କେବଳ ସରକାର, ମେୟର କିମ୍ବା ବିଏମ୍‌ସି ଚାହିଁଲେ ହେବନାହିଁ, ଏଥିପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ।

- **ସୁଲୋଚନା ଦାସ, ମେୟର**


























**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**SALES AND MARKETING STAFF REQUIREMENT**
Portable container sales and marketing experienced staff requirement in Bhubaneswar.
CONTACT
6370860262 / 9777264796

See Career Appointment on every Wednesday & Saturday

**WANTED**
**Diploma Mechanical Engineers required**, For a factory in **Hyderabad,** we are Looking for **DME in Our Production Deptt.** Candidates from Cement/ sponge Iron/ Ferro Alloys, having working experience of 5 year or more, in production and maintenance dept. can apply Accommodation, food and medical insurance will be provided by company. Pl apply :- **info@rdipurification.com**

**INTERNATIONAL INSTITUTE FOR POPULATION SCIENCES, MUMBAI**
Walk-in Interview for 12 Female field investigators and 2 field Supervisors for data collection from households and health facilities in Odisha. **Duration:** 45-60 days. **Qualification:** Bachelor's Degree in Social Science, Proficiency in Odia and English and 2+ years of experience in household & facility surveys. **Venue:** Panthanivas, Bhubaneswar, **Jan. 2, 2025 at 2 P.M.**

**SBI**
**ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

**ପ୍ରୋବେସନାରୀ ଅଫିସରମାନଙ୍କ ନିଯୁକ୍ତି**
ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ପ୍ରୋବେସନାରୀ ଅଫିସର ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି
**ଖାଲି ପଦବୀ ସଂଖ୍ୟା: 600**
ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://bank.sbi/web/careers/current-openings ରେ ବିଜ୍ଞାପନ ନମ୍ବର **CRPD/PO/2024-25/22** ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।
- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 27.12.2024 ରୁ 16.01.2025 ପର୍ଯ୍ୟନ୍ତ ।**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US"** ଉପରୋକ୍ତ ବ୍ୟାଙ୍କର ଅଫିସିଆଲ୍ ୱେବସାଇଟରେ ଉପଲବ୍ଧ ।
**ସ୍ଥାନ:** ମୁମ୍ବାଇ
**ତାରିଖ:** 27.12.2024
**ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)**

## ସଂକ୍ଷେପରେ

### ମୁକ୍ତ ଓ ସ୍ଥିର ଇଣ୍ଡୋ-ପାସିଫିକ୍ ଦିଗରେ କାର୍ଯ୍ୟ କରିବ କ୍ୱାଡ୍

ନୂଆଦିଲ୍ଲୀ,୩୧।୧୨(ପି.ଟି.)

ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚାଇନା ଏହାର ସାମରିକ ସାମର୍ଥ୍ୟ ବଢ଼ାଉଥିବାବେଳେ ଉକ୍ତ ଅଞ୍ଚଳକୁ ମୁକ୍ତ, ସ୍ଥିର ଓ ଶାନ୍ତିପୂର୍ଣ୍ଣ ରଖିବା ଦିଗରେ କାର୍ଯ୍ୟ କରିବା ଲାଗି ଭାରତ ଏବଂ କ୍ୱାଡ୍‌ର ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଙ୍ଗଳବାର ସେମାନଙ୍କ ନିଷ୍ଠାବାନ୍ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛନ୍ତି। କ୍ୱାଡ୍ ସହଯୋଗର ୩୦ତମ ବାର୍ଷିକୀ ଅବସରରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ବହିର୍ବ୍ୟାପାର ମନ୍ତ୍ରୀମାନେ ଏକ ମିଳିତ ବିବୃତିରେ ସଂକଳ୍ପ କରିଛନ୍ତି। ୨୦୦୪ରେ ଭାରତ ମହାସାଗରରେ ଭୂକମ୍ପ ଏବଂ ସୁନାମି ପରେ ପରସ୍ପର ମଧ୍ୟରେ ସହଯୋଗ ବଢ଼ାଇବା ପାଇଁ ୨୦ ବର୍ଷ ପୂର୍ବେ ଭାରତ, ଆମେରିକା, ଅଷ୍ଟ୍ରେଲିଆ ଏବଂ ଜାପାନ୍ ଏକାଠି ହୋଇଥିଲେ। ଏହି ମେଣ୍ଟ କ୍ୱାଡ୍‌ରେ ପରିଣତ ହୋଇଥିଲା। ଇଣ୍ଡୋ-ପାସିଫିକ୍ ଅଞ୍ଚଳର ଆହ୍ୱାନଗୁଡ଼ିକର ମୁକାବିଲା ଲାଗି କ୍ୱାଡ୍ ଗତ କିଛିବର୍ଷ ହେଲା ଅନେକ ପଦକ୍ଷେପ ନେଇଆସୁଛି। ସେଥିରେ ସାମୁଦ୍ରିକ ସୁରକ୍ଷା, ଭିତ୍ତିଭୂମି ଏବଂ ଯୋଗାଯୋଗ ଆଦି ରହିଛି। ୨୦୨୫ ମଧ୍ୟଭାଗରେ ଭାରତ ପରବର୍ତ୍ତୀ କ୍ୱାଡ୍ ସମିଟ୍ ଆୟୋଜନ କରିବାକୁ ଯାଉଛି।

### କଲେଜ ଫି ନ ଦେବାରୁ ପରୀକ୍ଷା ବାରଣ: ଦଳିତ ଛାତ୍ରୀଙ୍କ ଆତ୍ମହତ୍ୟା

ଚଣ୍ଡିଗଡ଼, ୩୧।୧୨

ହରିୟାଣାର ଭିୱାନି ଜିଲା ଲୋହାରୁସ୍ଥିତ ସିଂଘାନି ଗ୍ରାମର କଳାରେ ସ୍ନାତକ ପଢୁଥିବା ଦୀକ୍ଷା(୨୨) ନାମ୍ନୀ ଜଣେ ଛାତ୍ରୀ ମଙ୍ଗଳବାର ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ଭିୱାନି ସହରର ଏକ ଘରୋଇ କଲେଜରେ ପଢୁଥିଲେ। କଲେଜ ଫି' ବାବଦକୁ ୩୫ ହଜାର ଟଙ୍କା ବକେୟା ଥିବାରୁ ତାଙ୍କୁ ପଞ୍ଚମ ସେମିଷ୍ଟର ପରୀକ୍ଷା ଦେବାକୁ କଲେଜ କର୍ତ୍ତୃପକ୍ଷ ବାରଣ କରିଥିଲେ। ଫଳରେ ଦୀକ୍ଷା ହତୋତ୍ସାହିତ ହୋଇ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ବାପା ଜଗଦୀଶ ଭିୱାନି ଥାନାରେ ଅଭିଯୋଗ କରିଛନ୍ତି। ଜଗଦୀଶଙ୍କ ଅଭିଯୋଗ ଆଧାରରେ ପୋଲିସ କଲେଜ ମାଲିକଙ୍କ ସମେତ ୪ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଏନ୍‌ଜିଓରେ ମହିଳାଙ୍କ ନିଯୁକ୍ତି ବନ୍ଦ କରିବାକୁ ତାଲିବାନ୍‌ର ନିର୍ଦ୍ଦେଶ

କାବୁଲ,୩୧।୧୨

ଆଫଗାନିସ୍ତାନର ସମସ୍ତ ବେସରକାରୀ ସଂଗଠନ (ଏନ୍‌ଜିଓ)ରେ ମହିଳା ନିଯୁକ୍ତି ବନ୍ଦ କରିବାକୁ ଶାସକ ତାଲିବାନ୍ ପକ୍ଷରୁ କଡ଼ା ନିର୍ଦ୍ଦେଶନାମା ଜାରି ହୋଇଛି। ନିର୍ଦ୍ଦେଶର ଅବମାନନା କଲେ ସମସ୍ତ ଏନ୍‌ଜିଓକୁ ବନ୍ଦ କରିଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ନିର୍ଦ୍ଦେଶନାମା ଅନୁପାଳନ ନ ହେଲେ ଏନ୍‌ଜିଓଗୁଡ଼ିକର ଲାଇସେନ୍ସ ବାତିଲ କରାଯିବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



ନବବର୍ଷ ୨୦୨୫କୁ ସ୍ୱାଗତ ପାଇଁ ରାଞ୍ଚିଠାରେ ଯୁବତୀମାନେ ମଙ୍ଗଳବାର ଫଟୋ ପୋଜ୍ ଦେଉଛନ୍ତି।

## ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କୁ ଗିରଫ ପାଇଁ ୱାରେଣ୍ଟ ଜାରି

ସିଓଲ,୩୧।୧୨


ୟୁନ୍ ସୁକ୍ ୟେଓଲ

ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲଙ୍କ ବିରୋଧରେ ମହାଭିଯୋଗ ଗୃହୀତ ହୋଇଥିବାବେଳେ ତାଙ୍କୁ ଗିରଫ କରିବା ସହ ତାଙ୍କ କାର୍ଯ୍ୟାଳୟର ତଲାସି ନେବା ପାଇଁ ସେଠାର ଏକ ଅଦାଲତ ୱାରେଣ୍ଟ ଜାରି କରିଛନ୍ତି। ଦୁର୍ନୀତି ନିବାରଣ ସଂସ୍ଥା ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ଦେଶରେ ସାମରିକ ଆଇନ ଲାଗୁ କରିବା ଘଟଣାରେ ସିଓଲ୍ ୱେଷ୍ଟର୍ନ ଡିଷ୍ଟ୍ରିକ୍ଟ କୋର୍ଟ ୱାରେଣ୍ଟ ଜାରି କରିଛି। ଦେଶରେ ବିଦ୍ରୋହ ସୃଷ୍ଟିର କାରଣ ସାମରିକ ଆଇନ ଲାଗୁ କି ନୁହେଁ, କରପ୍‌ସନ ଇନ୍‌ଭେଷ୍ଟିଗେଶନ କାର୍ଯ୍ୟାଳୟ ତାହାର ତଦନ୍ତ କରୁଛି। ଗତ ୧୪ ତାରିଖରେ ବିରୋଧୀ ଦଳ ନିୟନ୍ତ୍ରିତ ନ୍ୟାଶନାଲ ଆସେମ୍ବ୍ଲିରେ ୟୁନ୍‌ଙ୍କ ବିରୋଧରେ ମହାଭିଯୋଗ ଗୃହୀତ ହେବା ପରେ ତାଙ୍କ କ୍ଷମତା କାଢ଼ିନିଆଯାଇଛି। ତାଙ୍କୁ ରାଷ୍ଟ୍ରପତି ପଦରୁ ବରଖାସ୍ତ କରାଯିବ କି ଉକ୍ତ ପଦରେ ପୁନଃ ଅବସ୍ଥାପିତ କରାଯିବ, ସେ ନେଇ ସାମ୍ବିଧାନିକ ଅଦାଲତ ନିଷ୍ପତ୍ତି ନେବେ। ତେବେ ବାରମ୍ବାର ଅପିଲ୍ ସତ୍ତ୍ୱେ ସେ ଜେରା ପାଇଁ ତଦନ୍ତକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ହାଜର ହେଉନାହାନ୍ତି କି ତାଙ୍କ କାର୍ଯ୍ୟାଳୟର ତଲାସି ପାଇଁ ଅନୁମତି ଦେଉ ନାହାନ୍ତି। ଆପରାଧିକ ମାମଲାରେ ରାଷ୍ଟ୍ରପତିଙ୍କୁ ତଦନ୍ତ ପରିସରରୁ ବାଦ୍ ଦିଆଯାଇଥାଏ। ତେବେ ବିଦ୍ରୋହ କିମ୍ବା ଦେଶଦ୍ରୋହ ଅଭିଯୋଗରେ ତାଙ୍କୁ ଏହି ସୁବିଧା ମିଳିବ ନାହିଁ।

# ୟେମେନ୍‌ରେ କେରଳ ନର୍ସଙ୍କୁ ମୃତ୍ୟୁଦଣ୍ଡ

ନୂଆଦିଲ୍ଲୀ,୩୧।୧୨

### ରାଷ୍ଟ୍ରପତିଙ୍କ ମଞ୍ଜୁରୀ

### ମୁକୁଳାଇବା ପାଇଁ ସହାୟତା ଯୋଗାଇ ଦିଆଯିବ: ଭାରତ

ହତ୍ୟା ଅଭିଯୋଗରେ ୟେମେନ୍‌ରେ ମୃତ୍ୟୁ ଦଣ୍ଡାଦେଶର ସମ୍ମୁଖୀନ ହୋଇଥିବା ଜଣେ ଭାରତୀୟ ନର୍ସଙ୍କୁ ଏହି ଦଣ୍ଡରୁ ମୁକୁଳାଇବା ପାଇଁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ସରକାର ମଙ୍ଗଳବାର କହିଛନ୍ତି। ୟେମେନ୍ ନାଗରିକ ତଲାଲ ଅବ୍‌ଡୋ ମେହଦିଙ୍କୁ ହତ୍ୟା ଅଭିଯୋଗରେ କେରଳ ପାଲାକ୍କାଡ୍ ଜିଲା ଅନ୍ତର୍ଗତ କୋଲେଙ୍ଗୋଡ୍ ଅଞ୍ଚଳର ନର୍ସ ନିମିଶା ପ୍ରିୟାଙ୍କୁ ୨୦୨୦ରେ ସେଠାର ଏକ ତଳକୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଥିଲେ। ୟେମେନ୍ ସୁପ୍ରିମକୋର୍ଟ ନ୍ୟାୟିକ ପରିଷଦ ୨୦୨୩ ନଭେମ୍ବରରେ ଉକ୍ତ ଦଣ୍ଡାଦେଶକୁ କାଏମ ରଖିଥିଲେ। ୟେମେନ୍ ରାଷ୍ଟ୍ରପତି ରଶଦ ଅଲ୍-ଅଲିମି ସୋମବାର ପ୍ରିୟାଙ୍କ ମୃତ୍ୟୁଦଣ୍ଡକୁ ଅନୁମୋଦନ


ନିମିଶା ପ୍ରିୟା

କରିଛନ୍ତି। ଏହି ମାମଲାରେ ପ୍ରିୟାଙ୍କ ପାଇଁ ନୂଆଦିଲ୍ଲୀ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଗଣମାଧ୍ୟମକୁ କହିଛନ୍ତି।

୨୦୧୭ ଜୁଲାଇରୁ ପ୍ରିୟା ଗିରଫ ହୋଇ ୟେମେନ୍‌ର ଏକ ଜେଲରେ ରହିଛନ୍ତି। ତାଙ୍କ ମୁକ୍ତି ମୃତକଙ୍କ ପରିବାରର କ୍ଷମା ଉପରେ ନିର୍ଭର କରୁଛି। ଯଦି ଉକ୍ତ ପରିବାର କ୍ଷମା ନ ଦିଅନ୍ତି, ତେବେ ମାସେ ମଧ୍ୟରେ ପ୍ରିୟାଙ୍କୁ ଫାଶୀ ଦିଆଯିବ। ସାନାସ୍ଥିତ ଟ୍ରାଏଲ୍ କୋର୍ଟଙ୍କ ମୃତ୍ୟୁ ଦଣ୍ଡାଦେଶ ରାୟ ବିରୋଧରେ ପ୍ରିୟାଙ୍କ ଆବେଦନକୁ ୨୦୨୩ ନଭେମ୍ବରରେ ୟେମେନ୍ ସୁପ୍ରିମକୋର୍ଟ ଜୁଡିସିଆଲ୍ କାଉନ୍‌ସିଲ ଖାରଜ କରିଦେଇଥିଲେ। ଏବେ ମୃତ୍ୟୁଦଣ୍ଡରୁ ମୁକୁଳିବାର ଗୋଟିଏ ବିକଳ୍ପ ହେଲା ମୃତକଙ୍କ ପରିବାରକୁ ପ୍ରିୟାଙ୍କ ପରିବାର ପକ୍ଷରୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରାଯିବା। କ୍ଷତିପୂରଣ ପାଇବା ପରେ ମେହଦିଙ୍କ ପରିବାର ଓ ସେମାନଙ୍କ ସମ୍ପ୍ରଦାୟର ନେତା ପ୍ରିୟାଙ୍କୁ କ୍ଷମା ପ୍ରଦାନ କରିବେ। ଏହା ପରେ ତାଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଖାରଜ କରାଯାଇପାରିବ।

କ୍ଷତିପୂରଣ ଦେଇ ମାମଲାର ଆପୋସ ସମାଧାନ ପାଇଁ ବୁଝାମଣା ଚାଲିଥିଲା। ତେବେ ପ୍ରିୟାଙ୍କ ତରଫରୁ ନିଯୁକ୍ତ ଓକିଲଙ୍କୁ ଦେୟ ପୈଠ କରିବାରେ ବିଳମ୍ବ ହେବାରୁ ବୁଝାମଣା ଅଟକି ଯାଇଥିଲା। ପ୍ରାକ୍ ବୁଝାମଣା ଦେୟ ବାବଦରେ ଓକିଲ ଜଣକ ୨ କିସ୍ତିରେ ୪୦,୦୦୦ ଆମେରିକୀୟ ଡଲାର ଦାବି କରିଥିଲେ। ସମ୍ପୂର୍ଣ୍ଣ ଦେୟ ପୈଠ କରା ନ ଗଲେ, ସେ ବୁଝାମଣା ପ୍ରକ୍ରିୟାକୁ ଆଗେଇବେ ନାହିଁ ବୋଲି କହିଥିଲେ। ପ୍ରିୟାଙ୍କ ମା' ପ୍ରେମକୁମାରୀ ଗତ ଏପ୍ରିଲରେ ୟେମେନ୍ ଯାଇ ଝିଅଙ୍କୁ ଜେଲରେ ଦେଖାକରିଥିଲେ। ସେବେଠାରୁ ପ୍ରେମକୁମାରୀ ସେଠାରେ ରହି ଝିଅଙ୍କ ମୁକ୍ତି ପାଇଁ ଉଦ୍ୟମ ଚଳାଇଛନ୍ତି।

ସୂଚନାଯୋଗ୍ୟ, ୨୦୦୮ରେ ପ୍ରିୟା ୟେମେନ୍ ଯାଇ ସେଠାର କେତେକ ହସ୍ପିଟାଲରେ କାମ କରିବା ପରେ ୨୦୧୫ରେ ନିଜସ୍ୱ କ୍ଲିନିକ୍ ଆରମ୍ଭ କରିଥିଲେ। ୟେମେନି ଆଇନର ବ୍ୟବସ୍ଥା ଅନୁଯାୟୀ ସେ କ୍ଲିନିକ୍‌ରେ ମେହଦିଙ୍କୁ ସ୍ଥାନୀୟ ସହଯୋଗୀ ରଖିଥିଲେ। ତେବେ ମେହଦି କ୍ଲିନିକ୍‌ରୁ ଅର୍ଥ ହଡ଼ପ କରୁଥିବା ଅଭିଯୋଗ ସମ୍ପର୍କରେ ପ୍ରିୟା ତାଙ୍କୁ ପଚାରିବାରୁ, ଉଭୟଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା। ମେହଦିଙ୍କ ପାଖରେ ରହିଥିବା ନିଜ ପାସ୍‌ପୋର୍ଟ ଫେରିପାଇବା ପାଇଁ ପ୍ରିୟା ତାଙ୍କୁ ସଂଜ୍ଞାହୀନ କରିବା ଉଦ୍ଦେଶ୍ୟରେ ନିଶା ଇଞ୍ଜେକ୍‌ଶନ ଦେଇଥିଲେ। ତେବେ ନିଶାର ମାତ୍ରା ଅଧିକ ହେବାରୁ ମେହଦିଙ୍କର ମୃତ୍ୟୁ ଘଟିଥିଲା। ପ୍ରିୟା ସେହି ସମୟରେ ୟେମେନ୍ ଛାଡ଼ି ପଳାଇଆସିବାକୁ ଉଦ୍ୟମ କରୁଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା।

### ଇସ୍ରାଏଲ୍‌ରେ ପାଲେଷ୍ଟିନୀୟ ଶ୍ରମିକଙ୍କ ସ୍ଥାନ ନେଇଛନ୍ତି ୧୬ ହଜାର ଭାରତୀୟ

ଜେରୁଜେଲମ୍,୩୧।୧୨

ହମାସ୍ ଆତଙ୍କବାଦୀମାନେ ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିବା ପରଠାରୁ ପାଲେଷ୍ଟିନୀୟ ନିର୍ମାଣ ଶ୍ରମିକଙ୍କୁ ସେହି ଦେଶରେ ପ୍ରବେଶ ନିଷେଧ କରାଯାଇଛି। ଅନେକ ହଜାର ପାଲେଷ୍ଟିନୀୟ ଶ୍ରମିକଙ୍କ ସ୍ଥାନରେ ଇସ୍ରାଏଲ୍ ସରକାର ୧୬,୦୦୦ ଭାରତୀୟ ନିର୍ମାଣ ଶ୍ରମିକଙ୍କୁ ନିୟୋଜିତ କରିଛନ୍ତି। ଯଦି ଆକ୍ରମଣ ହୋଇ ନ ଥାନ୍ତା, ତେବେ ଇସ୍ରାଏଲ୍‌ର ନିର୍ମାଣ କାର୍ଯ୍ୟରେ ହିନ୍ଦୀ, ହିବ୍ରୁ ଏବଂ ମାଣ୍ଡାରିନ୍ ନୁହେଁ, ବରଂ ଆରବୀୟ ଭାଷାଭାଷୀ ଶ୍ରମିକଙ୍କୁ ବହୁଳ ଭାବେ ଦେଖିବାକୁ ମିଳିଥାନ୍ତା। ହମାସ୍ ଆକ୍ରମଣ ପରଠାରୁ ଗାଜା ବିରୋଧରେ ଇସ୍ରାଏଲ୍ ଯୁଦ୍ଧ ଚଳାଇଥିବାବେଳେ ହେଜବୋଲ୍ଲା ଏବଂ ହୁଟି ବିଦ୍ରୋହୀଙ୍କ ବିରୋଧରେ ମଧ୍ୟ ଲଢ଼େଇ କରୁଛି।


ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାର ବରଫାବୃତ୍ତ କାଜିଗୁଣ୍ଡ ରେଳଷ୍ଟେଶନଠାରେ ମଙ୍ଗଳବାର ମିଳିତ ସୁରକ୍ଷା ବଳର ମକ୍ ଡ୍ରିଲ୍।

### ଚିକିତ୍ସା ସେବାରେ ଅସନ୍ତୋଷ, ଡାକ୍ତରୀ ଅବହେଳା ନୁହେଁ: ହାଇକୋର୍ଟ

ନୂଆଦିଲ୍ଲୀ, ୩୧।୧୨

୨୦୧୬ରେ ସ୍ତ୍ରୀଙ୍କ ମୃତ୍ୟୁକୁ ନେଇ ଜଣେ ବ୍ୟକ୍ତି ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦିଲ୍ଲୀ ହାଇକୋର୍ଟଙ୍କ ନିକଟରେ ଏକ ଆବେଦନ ଦାଖଲ କରିଥିଲେ। ଦିଲ୍ଲୀ ହାଇକୋର୍ଟ ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି। ମାମଲାର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ କହିଛନ୍ତି, ଚିକିତ୍ସା ସେବାରେ କୌଣସି ବ୍ୟକ୍ତି ଅସନ୍ତୋଷ ପ୍ରକାଶ କରିବାର ଅର୍ଥ ଡାକ୍ତରୀ ଅବହେଳା ନୁହେଁ। ଶୁଣାଣି ବେଳେ ଜଷ୍ଟିସ୍ ସଞ୍ଜୀବ ନରୁଲା କହିଛନ୍ତି, ଡାକ୍ତରଙ୍କର ଦାୟିତ୍ୱ ହେଉଛି ରୋଗୀଙ୍କର ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ଏବଂ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା। ରୋଗୀଙ୍କ ପରିବାରର ଆଶା ଅନୁଯାୟୀ, ନିର୍ଦ୍ଧାରିତ ସମୟସୀମାରେ ଚିକିତ୍ସା ଯୋଗାଇବାକୁ ଡାକ୍ତରମାନେ ବାଧ୍ୟ ନୁହନ୍ତି।

## ଧର୍ମ ପରିବର୍ତ୍ତନ ଅଭିଯୋଗରେ ଦଳିତଙ୍କୁ ବଜରଙ୍ଗ କର୍ମୀଙ୍କ ମାଡ଼

ଲକ୍ଷ୍ନୌ, ୩୧।୧୨

ଉତ୍ତରପ୍ରଦେଶର ଫତେପୁର ଜିଲା ବହଲୋପୁର ଅଲାଇ ଗ୍ରାମରୁ ଧର୍ମ ପରିବର୍ତ୍ତନ କରୁଥିବା ଅଭିଯୋଗରେ ଶିବବଦନ ନାମକ ଜଣେ ୪୭ ବର୍ଷୀୟ ଦଳିତ ବ୍ୟକ୍ତିଙ୍କୁ ବଜରଙ୍ଗଦଳର କର୍ମୀମାନେ ମାଡ଼ ମାରିଥିବାର ମାମଲା ସାମ୍ନାକୁ ଆସିଛି। ଏନେଇ ଶିବବଦନ ସୋମବାର ଫତେପୁର ଥାନାରେ ଅଭିଯୋଗ କରିଛନ୍ତି। ଯିଶୁ ଖ୍ରୀଷ୍ଟଙ୍କର ଉପାସନା କରିଥିବାରୁ ବହଲୋପୁର ଅଲାଇ ଗ୍ରାମର କିଛି ଉଚ୍ଚ ଶ୍ରେଣୀର ବ୍ୟକ୍ତି ଏବଂ ବଜରଙ୍ଗ ଦଳର କର୍ମୀମାନେ ତାଙ୍କୁ ମାଡ଼ ମାରିଥିଲେ ଏବଂ ଲଙ୍ଗଳା କରି ରାସ୍ତାରେ ଚଲାଇଥିଲେ ବୋଲି ଶିବବଦନ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଶିବବଦନ କହିଛନ୍ତି, ସେ ଦୀର୍ଘ ୨ ବର୍ଷ ଧରି ଯିଶୁ ଖ୍ରୀଷ୍ଟଙ୍କର ଉପାସନା କରୁଥିଲେ। ତାଙ୍କର ଏହି କାର୍ଯ୍ୟରେ କିଛି ଉଚ୍ଚ ଜାତିର ଲୋକ ଅସନ୍ତୁଷ୍ଟ ଥିଲେ ଏବଂ ତାଙ୍କୁ ଉଚିତ ଶିକ୍ଷା ଦିଆଯିବ ବୋଲି ଧମକ ଦେଇ ଆସୁଥିଲେ। ଶିବବଦନଙ୍କ ଅଭିଯୋଗ ଆଧାରରେ ପୋଲିସ ୩ ଜଣ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଛି। ତେବେ ଶିବବଦନ ୨ ବର୍ଷ ପୁରୁଣା ଏକ ଧର୍ମ ପରିବର୍ତ୍ତନ ମାମଲାରେ ଜାମିନରେ ଅଛନ୍ତି ବୋଲି ପୋଲିସ କହିଛି। ଅନ୍ୟପକ୍ଷରେ, ଶିବବଦନ ବହଲୋପୁର ଅଲାଇ ଗ୍ରାମରେ ଧର୍ମ ପରିବର୍ତ୍ତନ କରୁଥିବା ଅଭିଯୋଗ କରି କେତେଜଣ ଲୋକ ମଙ୍ଗଳବାର ତାଙ୍କ ବିରୋଧରେ ଏତଲା ଦେଇଛନ୍ତି।

## ପାକିସ୍ତାନରେ ପର୍ଯ୍ୟଟକଙ୍କ ପାଇଁ ଖୋଲିଲା ଭଗତ ସିଂ ଗ୍ୟାଲେରି

ଲାହୋର, ୩୧।୧୨

ପାକିସ୍ତାନର ରାୱଲପିଣ୍ଡିସ୍ଥିତ ଐତିହାସିକ ପୁଞ୍ଛ୍ ହାଉସରେ ଥିବା ଭଗତ ସିଂ ଗ୍ୟାଲେରିକୁ ପର୍ଯ୍ୟଟକଙ୍କ ପାଇଁ ଖୋଲି ଦିଆଯାଇଛି। ଏଥିପାଇଁ ପାକିସ୍ତାନର ପଞ୍ଜାବ ସରକାର ଅନୁମତି ପ୍ରଦାନ କରିଛନ୍ତି। ଏହି ଗ୍ୟାଲେରିରେ ଭାରତର ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂଙ୍କର ବିଭିନ୍ନ ଫଟୋ, ଚିଠି, ତାଙ୍କ ସମ୍ବନ୍ଧିତ ପ୍ରକାଶିତ ଖବର, ତାଙ୍କ ମୃତ୍ୟୁଦଣ୍ଡର ପ୍ରମାଣ ପତ୍ର ଏବଂ ତାଙ୍କ ଜୀବନୀ ଓ ସ୍ୱାଧୀନତା ସଂଗ୍ରାମ ସହ ଜଡ଼ିତ ବିଭିନ୍ନ ଐତିହାସିକ ଦସ୍ତାବିଜ୍ ରହିଛି। ପାକିସ୍ତାନ ପଞ୍ଜାବ ସରକାରଙ୍କ ମୁଖ୍ୟ ସଚିବ ଜାହିଦ୍ ଅଖତର ମଙ୍ଗଳବାର ଏହି ଗ୍ୟାଲେରିର ଉଦ୍‌ଘାଟନ କରିଛନ୍ତି। ଗ୍ୟାଲେରିରେ ଥିବା ଭଗତ ସିଂଙ୍କ ସହ ଜଡ଼ିତ ବିଭିନ୍ନ ଦସ୍ତାବିଜ୍‌କୁ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯିବ ବୋଲି ସେ କହିଛନ୍ତି। ୯୩ ବର୍ଷ ତଳେ ପୁଞ୍ଛ୍ ହାଉସ୍‌ଠାରେ ଭଗତ ସିଂଙ୍କର କୋର୍ଟ ଟ୍ରାଏଲ କରାଯାଇଥିଲା।


ପାକିସ୍ତାନ ପଞ୍ଜାବ ରାଜ୍ୟର ମୁଖ୍ୟ ସଚିବ ଜାହିଦ ଅଖତର ଜମାନ ପୁଞ୍ଛ୍ ହାଉସର ଭଗତ ସିଂହ ଗ୍ୟାଲେରିକୁ ଉନ୍ମୋଚନ କରୁଛନ୍ତି।

# ଫୋକସ୍‌ରେ ବିମାନବନ୍ଦର ଏମ୍ବାଙ୍କମେଣ୍ଟ

### ଦକ୍ଷିଣ କୋରିଆ ବିମାନ ଦୁର୍ଘଟଣାର ତଦନ୍ତ

ସିଓଲ,୩୧।୧୨

ଦକ୍ଷିଣ କୋରିଆ ଜେଜୁ ଏୟାରର ବୋଇଂ ୭୩୭-୮୦୦ ବିମାନ ଦୁର୍ଘଟଣାରେ ସମସ୍ତ ୧୭୫ ଯାତ୍ରୀ ଏବଂ ୪ ଜଣ କ୍ରିଉ ସଦସ୍ୟଙ୍କ ମୃତ୍ୟୁ ଘଟିଥିଲା। ମୃତକମାନଙ୍କ ଚିହ୍ନଟ କାର୍ଯ୍ୟରେ ପୋଲିସ ବ୍ୟସ୍ତ ଥିବାବେଳେ କେଉଁ କାରଣରୁ ଏଭଳି ଭୟାବହ ଦୁର୍ଘଟଣା ଘଟିଲା, ତାହାର ତଦନ୍ତକୁ ମଙ୍ଗଳବାର ଜୋର୍‌ଦାର କରାଯାଇଛି। ରବିବାର ମୁଆନ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନଟି ବେଲି-ଲ୍ୟାଣ୍ଡିଂ କରିବା ପରେ ରନ୍‌ୱେରୁ ଖସିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏୟାରପୋର୍ଟର ଏମ୍ବାଙ୍କମେଣ୍ଟରେ ରଖାଯାଇଥିବା ନାଭିଗେଶନ ଉପକରଣଗୁଡ଼ିକ ସହ ବିମାନଟି ଧକ୍କା ଦେବା ଫଳରେ ଜଳିଯାଇଥିଲା। ବିମାନବନ୍ଦର ଅପରେଟିଂ ମାନୁଆଲ ଅନୁଯାୟୀ, ଏମ୍ବାଙ୍କମେଣ୍ଟ ରନ୍‌ୱେ



ଶେଷଭାଗର ଅତି ନିକଟରେ ଥିବାବେଳେ ସେଠାରେ ୨୦୨୪ ପ୍ରଥମ ଭାଗରୁ ଏହି ଉପକରଣଗୁଡ଼ିକ ରଖାଯାଇଥିଲା। ସମ୍ପ୍ରସାରଣ ଯୋଜନା ପାଇଁ ଉପକରଣକୁ ସ୍ଥାନାନ୍ତର କରାଯିବା ନିମନ୍ତେ ସୁପାରିସ କରାଯାଇଥିଲା। ପ୍ରଶ୍ନଗୁଡ଼ିକର ଜବାବ ଦେବା ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ଉକ୍ତ ଦସ୍ତାବିଜ୍ ଯାଞ୍ଚ କରିବା ଆବଶ୍ୟକ ବୋଲି ପରିବହନ ମନ୍ତ୍ରଣାଳୟ କହିଛି।

ଦୁର୍ଘଟଣାରେ ମୃତକମାନଙ୍କ ମଧ୍ୟରୁ ଏବେ ବି ୫ଟି ମୃତଦେହ ଚିହ୍ନଟ ହୋଇପାରି ନାହିଁ। ତୁରନ୍ତ ଡିଏନ୍‌ଏ ପରୀକ୍ଷା କରାଇବା ପାଇଁ ଅଧିକ କର୍ମଚାରୀ ଓ ଉପକରଣ ମଞ୍ଜୁର କରାଯାଇଛି। ଦୁର୍ଘଟଣା ସ୍ଥଳରୁ ବିମାନର ଡେଟା ରେକର୍ଡର ବ୍ଲାକ୍ ବକ୍ସ ମିଳିଥିବାବେଳେ ଏକ ମୁଖ୍ୟ କନେକ୍ଟର ମିଳୁ ନ ଥିବାରୁ ତଥ୍ୟ କିପରି ବାହାର କରାଯିବ, ସେ ନେଇ କର୍ତ୍ତୃପକ୍ଷ ସମୀକ୍ଷା କରୁଛନ୍ତି। ତେବେ କକ୍‌ପିଟ୍ ଭଏସ୍ ରେକର୍ଡରୁ ତଥ୍ୟ ପୁନଃ ପ୍ରାପ୍ତି ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଦେଶର ଏୟାରଲାଇନ୍ସଗୁଡ଼ିକ ଦ୍ୱାରା ପରିଚାଳିତ ସମସ୍ତ ବୋଇଂ ୭୩୭-୮୦୦ ବିମାନର ସୁରକ୍ଷା ଯାଞ୍ଚ କାର୍ଯ୍ୟ ଜାନୁଆରୀ ୩ ସୁଦ୍ଧା ଶେଷ କରିବାକୁ ସୋମବାର ଦେଶର ନୂଆ କାମଚଳା ରାଷ୍ଟ୍ରପତି ଚୋଇ ସାଙ୍ଗ-ମୋକ୍ ନିର୍ଦ୍ଦେଶ ଦେଇଥିଲେ। ମୁଆନ୍ ଏୟାରପୋର୍ଟକୁ ଜାନୁଆରୀ ୭ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ତଦନ୍ତରେ ଆମେରିକାର ଜାତୀୟ ପରିବହନ ନିରାପତ୍ତା ବୋର୍ଡ (ଏନ୍‌ଟିଏସ୍‌ବି), ସଂଘୀୟ ବିମାନ ଚଳାଚଳ ପ୍ରଶାସନ ଏବଂ ବିମାନ ନିର୍ମାତା କମ୍ପାନୀ ବୋଇଂ ସାମିଲ ହୋଇଛି। ବିମାନରେ ପକ୍ଷୀ ମାଡ଼ ହେବା, ବିମାନର କଣ୍ଟ୍ରୋଲ ସିଷ୍ଟମ୍ କାମ ନ କରିବା ଆଦି ଦୁର୍ଘଟଣାର ସମ୍ଭାବ୍ୟ କାରଣ ହୋଇପାରେ ଯେଉଁଥିପାଇଁ ପାଇଲଟ୍ ଏମର୍ଜେନ୍ସି ଘୋଷଣା କରିବା ସହ ତରବରରେ ବିମାନ ଅବତରଣ ଉଦ୍ୟମ କରିଥିଲେ ବୋଲି ଅଗ୍ନିଶମ ଏବଂ ପରିବହନ ଅଧିକାରୀମାନେ କହିଛନ୍ତି। ତଦନ୍ତକାରୀ ଅଧିକାରୀମାନେ ଉକ୍ତ ସମ୍ଭାବ୍ୟ କାରଣଗୁଡ଼ିକ ଉପରେ ତଦନ୍ତ ଚଳାଇଛନ୍ତି। ଏହା ବ୍ୟତୀତ ବିମାନବନ୍ଦରର ଡିଜାଇନ୍ ବିଶେଷକରି ରନ୍‌ୱେ ଶେଷଭାଗ ନିକଟରେ ବୃହତ୍ କଳା ରଙ୍ଗର କଂକ୍ରିଟ୍ ଏମ୍ବାଙ୍କମେଣ୍ଟକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି, ଯାହା ନାଭିଗେଶନ ଉପକରଣ ଗଚ୍ଛିତ ରଖିବା ପାଇଁ ବ୍ୟବହୃତ ହେଉଥିଲା।

# ଜାନୁଆରୀ ୫ରୁ ୯ ମଠଖାଇ ମହୋତ୍ସବ



୧୬ତମ ମଠଖାଇ ମହୋତ୍ସବ ପୋଷ୍ଟରକୁ ଅଧ୍ୟକ୍ଷ, ଉପଦେଷ୍ଟା ଲୋକାର୍ପଣ କରୁଛନ୍ତି।

## ମଠଖାଇ ମହୋତ୍ସବର ପୋଷ୍ଟର ଉନ୍ମୋଚନ

- ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବର ସାଧାରଣ ବୈଠକ
- ନାଟକ ମାଧ୍ୟମରେ ସମାଜ ସଂସ୍କାର, ବିକାଶ ଲକ୍ଷ୍ୟ
- ମଞ୍ଚସ୍ଥ ହେବ ଦୁଇ କୋଶଲୀ, ଦୁଇ ହିନ୍ଦୀ ଓ ଗୋଟିଏ ଓଡିଆ ନାଟକ

**ବଲାଙ୍ଗୀର,୩୦।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ମଠଖାଇ ମହୋତ୍ସବ କମିଟି ଏବଂ ଭୂମିକା ପକ୍ଷରୁ ସ୍ଥାନୀୟ ମହାଲକ୍ଷ୍ମୀନଗର ସଂସ୍କୃତି ମଣ୍ଡପ ଠାରେ ମଙ୍ଗଳବାର ସାଧାରଣ ବୈଠକ ଓ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଜାନୁଆରୀ ୫ରୁ ୯ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବ ଅନୁଷ୍ଠିତ ହେବ। ଏହି ବୈଠକରେ ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସଭାପତି ବୀରେନ୍ଦ୍ର କୁମାର ବନ୍ଛୋର ଓ ସମ୍ପାଦକ ରଶ୍ମିରଞ୍ଜନ ବକ୍ସି ମଞ୍ଚାସୀନ ଥିଲେ। ଏହି ଅବସରରେ ଅଧ୍ୟକ୍ଷ ଓ ଉପଦେଷ୍ଟା ମଠଖାଇ ମହୋତ୍ସବର ପୋଷ୍ଟର ଉନ୍ମୋଚନ କରିଥିଲେ। ସମାଜ ସଂସ୍କାର ଏବଂ ବିକାଶ ମୂଳକ କାର୍ଯ୍ୟ ପାଇଁ ନାଟକ ଏକ ବଳିଷ୍ଠ ମାଧ୍ୟମ। ଗତ ୧୬ ବର୍ଷ ଧରି ମଠଖାଇ ମହୋତ୍ସବ ଜରିଆରେ ଏହି ଉଦ୍ୟମ ଜାରି ରହିଛି। ଦେଶର ବିଭିନ୍ନ ଅଞ୍ଚଳର କଳାକାର, ଶିଳ୍ପୀ ଓ ବୁଦ୍ଧିଜୀବୀ ଏହି ମହୋତ୍ସବରେ ଯୋଡି ହେଉଛନ୍ତି ଏବଂ ଲୋକଙ୍କୁ ସଚେତନତାର ବାର୍ତ୍ତା ଦେଉଛନ୍ତି ବୋଲି ମଠଖାଇ ମହୋତ୍ସବ ଅଧ୍ୟକ୍ଷ ନରସିଂହ ମିଶ୍ର କହିଥିଲେ। ଉପଦେଷ୍ଟା ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ସମାଜ ନିର୍ମାଣ ଏକ ମହତ୍ତ୍ୱପୂର୍ଣ୍ଣ କାମ। ଗତ ୧୬ ବର୍ଷ ଧରି ନାଟକ ଜରିଆରେ ଏହି କାର୍ଯ୍ୟ କରାଯାଇଆସୁଛି। କେବଳ ନାଟକ ନୁହେଁ, ବରଂ ଆଲୋଚନାଚକ୍ର ମାଧ୍ୟମରେ ସମାଜ, ମନସ୍ତତ୍ତ୍ୱ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିଚାର ବିମର୍ଶ ହେଉଛି। ଏହା ଏକ ଅତ୍ୟନ୍ତ ଦାୟିତ୍ୱ ସମ୍ପନ୍ନ କାର୍ଯ୍ୟ। ଏଥିରେ କଳାକାର, ଶିଳ୍ପୀ ଭଳି ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟତମ ଉପଦେଷ୍ଟା ନାଟ୍ୟଭୂଷଣ ଜଗଦାନନ୍ଦ ନାଟକର ଜୟଯାତ୍ରା ଏବଂ ମଠଖାଇ ମହୋତ୍ସବର ସଫଳ ଆୟୋଜନ କାମନା କରିଥିଲେ। ସଭାପତି ବନ୍ଛୋର ୫ରୁ ୯ ତାରିଖ ପର୍ଯ୍ୟନ୍ତ ମଞ୍ଚସ୍ଥ ହେବାକୁ ଥିବା ନାଟକ ଓ ଅନ୍ୟାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜାନୁଆରୀ ୫ ତାରିଖ ଉଦ୍‌ଘାଟନୀ ଉତ୍ସବରେ ପଦ୍ମପୁର 'ଲୁ'ଅନୁଷ୍ଠାନ ପକ୍ଷରୁ ନାଟ୍ୟକାର ଜଗନ୍ନାଥ ସେଠ୍‌ଙ୍କ ନିର୍ଦ୍ଦେଶିତ କୋଶଲୀ ନାଟକ ଆଦମ୍‌ଖୋର, ୬ରେ ଛତିଶଗଡ ରାୟପୁରର ରଙ୍ଗଶୃଙ୍ଖଳା ନାଟ୍ୟମଞ୍ଚ ପକ୍ଷରୁ ହୀରା ମାନିକପୁରୀଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ ଚନ୍ଦା ଔର ଚକୋର, ୭ରେ ବେଲପାହାଡର ମିରର ଥିଏଧର ପକ୍ଷରୁ ସୁବାସ ଚନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶିତ କୋଶଲୀ ନାଟକ ଉଲପି, ୮ରେ ଜାମସେଦପୁରର ଝାଡ଼ଖଣ୍ଡ ସାଂସ୍କୃତିକ ମଞ୍ଚ ପକ୍ଷରୁ ଶିବଲ ସାଗରଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ ସୁରଜ କି ଅନ୍ତମ କିରନ୍ ସେ ସୁରଜ କି ପହେଲି କିରନ୍ ତକ୍ ଏବଂ ୯ରେ ରାଉରକେଲା ନିଉ କ୍ରେଷ୍ଟ ରିପେଟଟୋରୀ ପକ୍ଷରୁ ନଳିନୀ ନୀହାର ନାୟକଙ୍କ ନିର୍ଦ୍ଦେଶିତ ଓଡିଆ ନାଟକ କାରାଗାରର କାହାଣୀ ମଞ୍ଚସ୍ଥ ହେବ। ଏହାସହିତ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡାଲଖାଇ, ମଡୁଆଶାଲ, ବଜନିଆ, ଚୁରାଫଗୁନ୍ ଏବଂ କୁଠି ଡାଲଖାଇ ପରିବେଷଣ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଶେଷରେ ସମ୍ପାଦକ ରଶ୍ମିରଞ୍ଜନ ବକ୍ସି ଧନ୍ୟବାଦ ଦେଇଥିଲେ।

## ଆମ୍ବେଡକର କ୍ରିକେଟ: ଯୋଗୀସର୍ଡା ଚାମ୍ପିୟନ

**ଲୋଇସିଂହା,୩୧।୧୨(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ଆମ୍ବେଡକର କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳରେ ୨୦ ରନରେ ଫାସଡକୁ ହରାଇ ଯୋଗୀସର୍ଡା ଚାମ୍ପିୟନ ହୋଇଛି। ସ୍ଥାନୀୟ ଖେଳପଡିଆରେ ଆୟୋଜକ ବୁଢୀପଦର, ରାମପୁର, ଧଉଁରାଦାଦର, ଫାସଡ, ଲାଦେରବାହାଲ, ବାଦିବାହାଲ, ଯୋଗୀସର୍ଡା ଓ ଦୁମଦୁମି ଦଳକୁ ନେଇ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଗ୍ରୁପରୁ ଫାସଡ ଓ ବି ଗ୍ରୁପରୁ ଯୋଗୀସର୍ଡା ଫାଇନାଲକୁ ଉନ୍ନୀତ ହୋଇଥିଲେ। ୬ଓଭର ବିଶିଷ୍ଟ ଫାଇନାଲରେ ଯୋଗୀସର୍ଡା ପ୍ରଥମେ ବ୍ୟାଟିଂ କରି ୭୭ ରନ କରିଥିଲେ। ନିର୍ଦ୍ଧାରିତ ଓଭରରେ ଫାସଡ ଦଳ ୫୭ ରନ କରିବାରେ ସକ୍ଷମ ହୋଇପାରିଥିଲା। ୨୦ ରନରେ ବିଜୟୀ ହୋଇ ଯୋଗୀସର୍ଡା ଚାମ୍ପିୟନ ହୋଇଛି। ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ମୁନା ବାଗ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପଧାନ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ।

**CEE FOR RECT IN TA FOR RECT RALLY AT PITHORAGARH (UK) 2024**

Common Entrance Exam (CEE) for Run Pass and Medically Fit candidates of TA Recruitment Rally, Pithoragarh (UK) 2024 will be held at **Dogra Regimental Centre, Ayodhya Cantt (UP)** on **12 Jan 2025** from **10:00 AM to 12:00 PM**. Candidates to report by **06:30 AM** at **Exam Centre on 12 Jan 2025** with all required documents for checking of documents and biometric verification.

## କଂସ ରାଜୁତିରେ ଢୁଲୁକିବ ନଗର

# ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

**ପାଟଣାଗଡ଼,୩୧।୧୨(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଗଙ୍ଗାଧର ପାର୍କଠାରେ ସୋମବାର ରାତିରେ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଝାରୀ, ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ସୁଶାନ୍ତ ମହାନ୍ତି, ଉପସଭାପତି ଫାଜେଶ ଖାନ, ସମ୍ପାଦକ ଦିଲ୍ଲୀପ ଦାସ, ସହସମ୍ପାଦକ ଦିଲୀପ ବର୍ଗାର୍ତ୍ତୀ, କୋଷାଧ୍ୟକ୍ଷ ଅଶ୍ୱିନୀ ସାହୁଙ୍କ ସମେତ ଧନୁଯାତ୍ରା ମହୋତ୍ସବ କମିଟିର କର୍ମକର୍ତ୍ତାମାନେ ମଞ୍ଚାସୀନ ଥିଲେ। ଏହି ଧନୁଯାତ୍ରା ଆସନ୍ତା ୫ ତାରିଖରେ ଉଦ୍‌ଯାପିତ ହେବ। ଉଦ୍‌ଘାଟନୀ ସଭା ପରେ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହୋଇଥିଲା। ମଥୁରା ନଗରୀର ରାଜା ଉଗ୍ରସେନଙ୍କ ମଥୁରା ନଗରୀ ପରିଭ୍ରମଣ କରି ଦରବାରରେ ପହଞ୍ଚିବା, ଯୁବରାଜ କଂସଙ୍କ ମୃଗୟା ଯାତ୍ରା, ଦେବକୀ ବସୁଦେବ ଶୁଭବିବାହ, ଶୂନ୍ୟବାଣୀ ଶୁଣି ଦେବକୀ ଓ ବସୁଦେବଙ୍କୁ ବନ୍ଦୀ କରିବା, ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସ ସିଂହାସନ ଆରୋହଣ କରିବା ଆଦି ମଞ୍ଚସ୍ଥ ହୋଇଥିଲା।

## ବିଷ ପିଇ ଯୁବକଙ୍କ ମୃତ୍ୟୁ

**ବଲାଙ୍ଗୀର/ଲୋଇସିଂହା, ୩୧।୧୨ (ବୀରେନ୍ଦ୍ର ଝାଙ୍କର/ ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଦଶପୁରର ଯୁବକ ପ୍ରଶାନ୍ତ ଖେତିଙ୍କ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲରେ ମଙ୍ଗଳବାର ମୃତ୍ୟୁ ଘଟିଛି। ପ୍ରାଥମିକ ତଦନ୍ତରୁ ବିଷକ୍ରିୟାରେ ତାଙ୍କ ମୃତ୍ୟୁ ହୋଇଥିବା ପୋଲିସ ଜାଣିବାକୁ ପାଇଛି। କେଉଁ କାରଣରୁ ସେ ବିଷ ପିଇଥିଲେ ତାହାର କାରଣ ସ୍ପଷ୍ଟ ହୋଇନାହିଁ।

**ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ, କଳାହାଣ୍ଡି**

ପତ୍ର ସଂଖ୍ୟା: ୬୯୧/ଡିସିଓ ତାରିଖ: ୩୦।୧୨।୨୦୨୪

**ବିଜ୍ଞାପନ**

ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି **'୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା' – ୨୦୨୫** ଆସନ୍ତା ତା୧୪।୦୧।୨୦୨୫ରୁ ୧୭।୦୧।୨୦୨୫ରିଖ ପର୍ଯ୍ୟନ୍ତ ସ୍ଥାନୀୟ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ଭବାନୀପାଟଣାଠାରେ ଅନୁଷ୍ଠିତ ହେବ। ଏଥିପାଇଁ ୧୫୦ଗୋଟି ପ୍ରଦର୍ଶନୀ ଷ୍ଟଲ୍ ସ୍ଥାପନ କରାଯିବ। ଷ୍ଟଲ୍‌ଗୁଡ଼ିକ ଆରକ୍ଷଣ କରିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଗୁଡ଼ିକ ପାଇଁ ଏହାର ସବିଶେଷ ବିସ୍ତୃତ ବିବରଣୀ ଜିଲ୍ଲା ୱେବ୍‌ସାଇଟ୍ **https://kalahandi.odisha.gov.in**ରେ ପ୍ରକାଶ କରାଯାଇଅଛି। ଆରକ୍ଷଣର କ୍ରମିକ ନମ୍ବର ଅନୁସାରେ ଷ୍ଟଲ୍‌ଗୁଡ଼ିକ ଆବଣ୍ଟନ କରାଯିବ। ତା୦୧।୦୧।୨୦୨୫ରିଖରୁ ଷ୍ଟଲ୍ ଆରକ୍ଷଣ କରିବା ଆରମ୍ଭ ହେବ।

**ସ୍ୱା./– ଜିଲ୍ଲା ସଂସ୍କୃତି ଅଧିକାରୀ, କଳାହାଣ୍ଡି**

# ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ ନିକ୍ୱଣ ଉଦ୍‌ଯାପିତ



ବାର୍ଷିକୋତ୍ସବ ନିକ୍ୱଣରେ ଲୋକକବିରତ୍ନ ପଦ୍ମଶ୍ରୀ ହଳଧର ନାଗ କବିତା ଗାନ କରୁଛନ୍ତି।

**ବଲାଙ୍ଗୀର,୩୧।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟର ୬୦ତମ ବାର୍ଷିକୋତ୍ସବ ନିକ୍ୱଣ ସୋମବାର ଅନୁଷ୍ଠିତ ହୋଇଥିଲା। କଲେଜ ଛାତ୍ର ସଂସଦ ସଭାପତି ଶକ୍ତିଶା ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକୋତ୍ସବରେ କଲେଜ ଅଧ୍ୟକ୍ଷ ଡ. ଅରବିନ୍ଦ କୁମାର ଓଝା, ମୁଖ୍ୟଅତିଥି ଭାବେ ଏହି କଲେଜର ପୂର୍ବତନ ଅଧ୍ୟକ୍ଷା ଡ. ସୁଷମା ମଞ୍ଜରୀ ନାୟକ, ମୁଖ୍ୟବକ୍ତା ଭାବେ ଲୋକକବିରତ୍ନ ପଦ୍ମଶ୍ରୀ ହଳଧର ନାଗ, ଛାତ୍ରୀ ସଂସଦ ଉପଦେଷ୍ଟା ବିଭୂତି ଭୂଷଣ ସାହୁ, ନାଟ୍ୟ ସଂସଦର ଉପଦେଷ୍ଟା ସଲୋମନ କୁମାର, ଡ. ଅନୁରାଧା ମିଶ୍ର, ଅର୍ପିତା ମନହୀରା ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ଡ. ନାୟକ ତାଙ୍କ ବକ୍ତବ୍ୟରେ ଆଜିର ଛାତ୍ର ସମାଜ ମୋବାଇଲ ଫୋନ, ଇଣ୍ଟରନେଟ୍ ବ୍ୟବହାର କରି ବହୁବିଧ ଜ୍ଞାନ ଆହରଣ କରିପାରୁଛନ୍ତି। ତେବେ ଏହାର ଦୁର୍ବ୍ୟବହାର ପ୍ରତି ମଧ୍ୟ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା କବି ହଳଧର ନାଗ କୋଶଲୀ ଭାଷା ଓ ସଂସ୍କୃତିର ସମୃଦ୍ଧି ଦିଗରେ କାର୍ଯ୍ୟ କରିବାକୁ କହିବା ସହ ଏହି ଭାଷା ଆଗାମୀ ଦିନରେ ନିଶ୍ଚିତ ରୂପେ ସରକାରୀ ସ୍ୱୀକୃତି ଲାଭ କରିବ ବୋଲି ଗୁରୁତ୍ୱାରୋପ କରିଥିଲେ। ତାଙ୍କ ଏକାଧିକ କୋଶଲୀ କବିତାରେ ଛାତ୍ରୀମାନେ ବିହ୍ୱଳିତ ହୋଇପଡିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଓଝା ମହିଳା ମହାବିଦ୍ୟାଳୟକୁ ଉନ୍ନତି ଏବଂ ଉତ୍ତରଣ ଦିଗରେ ନେଇଯିବାକୁ ହେଲେ ଶୃଙ୍ଖଳା ଏବଂ ସମନ୍ୱୟ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରୀ ଶକ୍ତିଶା ଚୌଧୁରୀ ଏବଂ ରିନୁ ତରିଆଙ୍କ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ଚାମ୍ପିୟନ ଭାବେ ଏବଂ ଯୁକ୍ତଦୁଇ ଶ୍ରେଣୀ ସ୍ତରରେ ସନ୍ଧ୍ୟାରାଣୀ ପଧାନ ଓ ଶୁଭଶ୍ରୀ ସାହୁଙ୍କ ଚାମ୍ପିୟନ ଭାବେ ପୁରସ୍କୃତ କରାଯାଇଥିଲା। ସଭା ଶେଷରେ ସଲୋମନ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ. DRM/Engg/KUR/24-25/E-Tender/93, ତା.26.12.2024ରିଖ

(1) ଟେଣ୍ଡର ସଂ. e-TenderBRIDGKUR-262-24,ତା.17.12.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଜରୋଲି (JRLI) - ଟମକା (TMKA) ସେକ୍ସନ ଅଧୀନସ୍ଥ ରୋଡ଼ ଅଣ୍ଡର ବ୍ରିଜ୍(ROBs) ଗୁଡ଼ିକରେ ସୁରକ୍ଷାତ୍ମକ ପୃଷ୍ଠଭାଗ କୋଟିଙ୍ଗର ଉପଯୋଗ ଏବଂ ପୋଲ ଗୁଡ଼ିକରେ ତ୍ରୁଟିପୂର୍ଣ୍ଣ ଇଲାଷ୍ଟୋମେରିକ୍ ବିୟରିଙ୍ଗ ଗୁଡ଼ିକର ସ୍ଥାନାନ୍ତରଣ, ଗର୍ଡର ପୋଲଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାର ପ୍ରସ୍ତାବିତ ଫିକ୍ସିଙ୍ଗ୍।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 228.52 ଲକ୍ଷ, EMD (₹) : 2,64,300.00।

(2) ଟେଣ୍ଡର ସଂ. eTender-HQ-KUR-270-2024, ତା.17.12.2024ରିଖ

**ବିବରଣୀ :** ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ/ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ (KUR)- ବଲାଙ୍ଗୀର (BLGR) ସେକ୍ସନର ଖୋର୍ଦ୍ଧା ରୋଡ଼ (KUR) ଠାରୁ ବୋଲଗଡ଼ (BORT) ଷ୍ଟେସନ ପର୍ଯ୍ୟନ୍ତ ପୋଲଗୁଡ଼ିକର ସମ୍ ଆପ୍ରୋନ୍, ୱିଙ୍ଗ୍ ୱାଲ, ରିଟର୍ଣ୍ଣ ୱାଲ, ଡ୍ରପ୍ ୱାଲ, ବାଲାଷ୍ଟ ରିଟେନିଙ୍ଗ୍ ୱାଲ, ଡିସିଲ୍‌ଟିଙ୍ଗ୍ ଡ୍ରେନ୍, ଜଙ୍ଗଲ ସଫେଇ, ଇପୋକ୍ସି ପ୍ଲାଷ୍ଟର, ଷ୍ଟୋନ ପିଚିଙ୍ଗ୍ ଇତ୍ୟାଦି ନିମନ୍ତେ ପ୍ରସ୍ତାବିତ ମରାମତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 135.11 ଲକ୍ଷ, EMD (₹) : 2,17,600.00।

(3) ଟେଣ୍ଡର ସଂ. etendernorthkur-272-2024, ତା.18.12.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଯାଜପୁର କେନ୍ଦୁଝର ରୋଡ଼ ଅଧୀନସ୍ଥ J-D ଲାଇନ୍‌ରେ କି.ମି.180.00 ଠାରୁ କି.ମି.147.00 ପର୍ଯ୍ୟନ୍ତ ଏବଂ ଯାଜପୁର କେନ୍ଦୁଝର ରୋଡ଼-କେନାପୁର ଷ୍ଟେସନ ମଧ୍ୟରେ କି.ମି.334.74 ଠାରୁ କି.ମି.353.80 ପର୍ଯ୍ୟନ୍ତ 30.09.2025 ପର୍ଯ୍ୟନ୍ତ ଅବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 163.18 ଲକ୍ଷ, EMD (₹) : 2,31,600.00।

(4) ଟେଣ୍ଡର ସଂ. etendersouthkur-271-2024, ତା.16.12.2024ରିଖ

**ବିବରଣୀ :** ସହାୟକ ମଣ୍ଡଳ ଯନ୍ତ୍ରୀ/ବାଲୁଗାଁ(BALU) ଅଧୀନସ୍ଥ ଶୌଚାଳୟ, ଫେନ୍ସିଙ୍ଗ, ଗଭୀର ନଳକୂପ ଏବଂ ହାଇଟ୍ ଗେଜ୍ ଇତ୍ୟାଦି ସହିତ ଲେଭେଲ କ୍ରସିଙ୍ଗ୍ ପ୍ରବେଶ ପଥ ପୃଷ୍ଠଭାଗ, ଲେଭେଲ କ୍ରସିଙ୍ଗ୍ ଗୁମଟିର ପ୍ରସ୍ତାବିତ ବିବିଧ ମରାମତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 99.93 ଲକ୍ଷ, EMD (₹) : 1,99,900.00।

ଶେଷ ହେବା ଅବଧି : 10(ଦଶ) ମାସ (କ୍ରମ ସଂ.1 ପାଇଁ) ଏବଂ 12(ବାର) ମାସ (କ୍ରମ ସଂ.2 ପାଇଁ) ଏବଂ 08(ଆଠ) ମାସ (କ୍ରମ ସଂ.3 ଏବଂ 4 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.01.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼

PR-848/P/24-25

**NOTICE**

**CHANGE OF NAME**

I, LAXMIPRIYA SWAIN, aged about 40 years, W/o. DILLIP KUMAR JENA, have changed my surname from 'SWAIN' to 'JENA' vide Affidavit dated 20.12.2024 sworn before the Executive Magistrate, Bhubaneswar. I shall, henceforth be known as LAXMIPRIYA JENA instead of LAXMIPRIYA SWAIN for all purposes.

**ୟୁକୋ ବ୍ୟାଙ୍କ UCO BANK**
(ଭାରତ ସରକାରଙ୍କ ଉପକ୍ରମ) (A Govt. of India Undertaking)
ସମ୍ମାନ ଆପଣଙ୍କ ବିଶ୍ୱାସର — Honours Your Trust

**ଆଞ୍ଚଳିକ କାର୍ଯ୍ୟାଳୟ:** ବାଲେଶ୍ୱର, ଓଟି ରୋଡ଼, ପୋଲିସ୍ ଲାଇନ୍ ଛକ ନିକଟ, ବାଲେଶ୍ୱର, ଓଡ଼ିଶା-୭୫୬୦୦୧

**ରିୟଲ୍ ଇଷ୍ଟେଟ୍ ଏଜେଣ୍ଟ/ସମ୍ପତ୍ତି ବ୍ରୋକରମାନଙ୍କର ତାଲିକାଭୁକ୍ତିକରଣ**

ୟୁକୋ ବ୍ୟାଙ୍କ, ରିୟଲ ଇଷ୍ଟେଟ୍ ଏଜେଣ୍ଟ/ସମ୍ପତ୍ତି ବ୍ରୋକରମାନଙ୍କର ତାଲିକାଭୁକ୍ତିକରଣ ନିମନ୍ତେ ଯୋଗ୍ୟ ବ୍ୟକ୍ତିବିଶେଷ/ସଂସ୍ଥା/ଏଜେନ୍ସି/ ଏଲ୍‌ଏଲ୍‌ପି/ କମ୍ପାନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି। ୟୁକୋ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ବାଲେଶ୍ୱର, ସା: ଓ.ଟି. ରୋଡ଼, ପୋଲିସ୍ ଲାଇନ୍, ଛକ, ବାଲେଶ୍ୱର, ଓଡ଼ିଶା-୭୫୬୦୦୧ ଠାରେ ଦରଖାସ୍ତ ତା୦୭.୦୧.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିପାରିବେ। ଯୋଗ୍ୟତା ଓ ଅନ୍ୟାନ୍ୟ ବିବରଣୀ ନିମନ୍ତେ ଆମର ନିକଟତମ ଶାଖା/କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା zobalasore.rec@ucobank.co.in / zo.balasore@ucobank.co.inକୁ ମେଲ୍ କରନ୍ତୁ।

ତାରିଖ: ୩୧.୧୨.୨୦୨୪ ଆଞ୍ଚଳିକ ପ୍ରବନ୍ଧକ, ଆଞ୍ଚଳିକ କାର୍ଯ୍ୟାଳୟ: ବାଲେଶ୍ୱର

# ଜୁନିଅର ଚାମ୍ପ ୨୦୨୪ ପରିଣାମ ଘୋଷଣା



ଜୁନିଅର ଚାମ୍ପ ପୁରସ୍କାର ବିତରଣ ଉତ୍ସବରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର,୩୧।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

ଯୁବୋଦୟ ଚାରିଟେବଲ ଟ୍ରଷ୍ଟଙ୍କ ସଂଯୁକ୍ତ ଉଦ୍ୟମରେ ଆୟୋଜିତ ଜୁନିଅର ଚାମ୍ପ-୨୦୨୪ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଯୋଗଦାନ କରିଥିଲେ। ଯୁବୋଦୟର ସଂସ୍ଥାପକ ଓ ନିର୍ଦ୍ଦେଶକ ଅମ୍ବରୀଶ ଦାଶ ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ଅତିଥି ବେହେରା ତାଙ୍କ ବକ୍ତବ୍ୟରେ ସମୟ ଖୁବ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି ଏବଂ ଆମକୁ ସମୟ ସହିତ ପରିବର୍ତ୍ତିତ ହେବାକୁ ପଡିବ। ପାରମ୍ପରିକ ଶିକ୍ଷା ଆଜିର ଯୁଗରେ ପ୍ରାସଙ୍ଗିକ ରହିନାହିଁ, ସେଥିରେ ସୁଧାର ଆଣିବା ଆବଶ୍ୟକ ବୋଲି କହିଥିଲେ। ଅମ୍ବରୀଶ ଦାଶ ତାଙ୍କ ବକ୍ତବ୍ୟରେ ଯୁବୋଦୟ ସବୁ ସମୟରେ ବଲାଙ୍ଗୀରର ଶିକ୍ଷାର ମାନ ଉନ୍ନତ କରିବାରେ ଅଗ୍ରଣୀ ଭୂମିକା ନେଇ ଆସିଛି। ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ବୋଲି କହିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ପରୀକ୍ଷା ଫଳ ପ୍ରକାଶ କରାଯାଇଥିଲା। ଶ୍ରେଣୀ ୧ରେ ସାଇ ଶିବାନ୍‌ଶ ମିଶ୍ର ପ୍ରଥମ ସ୍ଥାନ, ଅନନ୍ୟା ସୋନା ଦ୍ୱିତୀୟ ସ୍ଥାନ ଏବଂ ଅରିହନ୍ତ ସାଇ ତୃତୀୟ ସ୍ଥାନ ପାଇଥିଲେ। ଶ୍ରେଣୀ ୨ରେ ମଲୟ ବର୍ଗତି ପ୍ରଥମ, ବନ୍‌ଶିକା କେଡିଆ ଦ୍ୱିତୀୟ ଏବଂ ଆୟାଂଶ ନାୟକ ତୃତୀୟ ସ୍ଥାନ, ଶ୍ରେଣୀ ୩ରେ ଅବାଶ ମିଶ୍ର ପ୍ରଥମ ଓ ପ୍ରୟାଶ କୁମାର ପ୍ରଧାନ ଦ୍ୱିତୀୟ ସ୍ଥାନ ଓ ଆୟୁଷ୍ମାନ ଜୋଶୀ ତୃତୀୟ ସ୍ଥାନ, ଶ୍ରେଣୀ ୪ରେ ତେଜଶ ସିଂ ପ୍ରଥମ ସ୍ଥାନ, ଯୁବାନ୍ ଅଗ୍ରୱାଲ ଦ୍ୱିତୀୟ ଏବଂ ଆୟୁଶୀ ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ। ଶ୍ରେଣୀ ୫ରେ ଇଶାନା ମହାନ୍ତି ପ୍ରଥମ, ଆର୍ଯ୍ୟମାନ ସିଂଦେଓ ଦ୍ୱିତୀୟ ଏବଂ ଶ୍ଲୋକ ଅମୃତ ମିଶ୍ର ତୃତୀୟ ସ୍ଥାନ, ଶ୍ରେଣୀ ୬ରେ ସୌଭାଗ୍ୟ ରାଉତ ପ୍ରଥମ, ରୁଦ୍ରାଂଶ କର ଦ୍ୱିତୀୟ, ଶ୍ରେୟାନସ ଅଗସ୍ତି ତୃତୀୟ, ଶ୍ରେଣୀ ୭ରେ ପ୍ରିୟାଂଶୀ ମିଶ୍ର ପ୍ରଥମ, ସୁନେନା ଠାକୁର ଦ୍ୱିତୀୟ, ଅଭ୍ୟୁଥାନ ସତପଥୀ ତୃତୀୟ ଏବଂ ଶ୍ରେଣୀ ୮ରେ ସୌମ୍ୟା ମହାପାତ୍ର ପ୍ରଥମ, ଅନିକେତ ତ୍ରିପାଠୀ ଦ୍ୱିତୀୟ ଏବଂ ଅଭନିଶ ଅଗ୍ରୱାଲ ତୃତୀୟ ସ୍ଥାନ ହାସଲ କରିଥିବାରୁ ପୁରସ୍କୃତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା।

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER, WATER RESOURCES DIVISION, KORBA (C.G.)**
**e-PROCUREMENT TENDER NOTICE**
eProcurement Portal: https://eproc.cgstate.gov.in
**(SECOND CALL)**

**NIT No.:06/SAC/24-25** **Dated: 30.12.2024**

Online tenders are invited for the following works upto 16.01.2025 at 17.30 hour.
Name of Work -
(System Tender No. 163548) : Construction of Tendubhatha Anicut on Gajar Nalla.
Probable Amount of Contract : Rs.275.67 Lakhs
(Note: Tender Invited As per SOR of August 2022)
The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in)** from **Date 06.01.2025 at 17.31 hours. (IST) onwards**.
**NOTE:** All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier registration in order to download the tender documents and participate in the subsequent bidding process.

**Sd./- Executive Engineer**
**Water Resources Division**
**Korba (C.G.)**

G-242504965/4

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

अल्पकालीन पुर्न ई–निविदा आमंत्रण
सूचना संख्या – 05RI/2024–25/EE/RWD/DALTONGANJ
कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है
दिनांक–30.12.2024

1. कार्य का नाम :

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/ DALTONGAN J/15/2024-25 | सोरडीहा मेन रोड से केतात मंदिर पथ तक पथ निर्माण । 2.80कि0मी0 | 308.214 | तीन करोड़ आठ लाख एक्कीस हजार चार सौ रू0 मात्र | 12 माह | द्वितीय |

2.बेवसाईट में निविदा प्रकाशन की तिथि : 04.01.2025
3.ई–निविदा प्राप्ति की अंतिम तिथि एवं समय : 18.01.2025 up to 5.00 PM
4.निविदा खोलने की तिथि एवं समय 20.01.2025 पूर्वाह्न 3.30 बजे
5.निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6.ई–निविदा प्रकोष्ठ का दूरभाष सं0 –06562357595
विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज

PR 343266 (Rural Development)24-25*D

**PANCHASAKHA SHIKHYA SETU**
**(Erstwhile Mo School Abhiyan Parichalana Sangathan)**
**A-1 Block, 6th Floor, Toshali Bhawan,**
**Satya Nagar, Bhubaneswar, Odisha - 751007**
**REQUEST FOR PROPOSAL (RFP)**

**RFP No. 771/PSS/24** **Date: 30.12.24**

No. n-180: Sealed quotations are invited for the selection of agency for providing Human Resource Services of Professionals for Project Monitoring Unit of Panchasakha Shikhya Setu (Erstwhile Mo School Abhiyan Parichalana Sangathan), A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha - 751007. The last date of submission of quotation is **23.01.2025** before **06.00 P.M.** For more details, please visit **www.moschool.in**.

OIPR-27178/11/0008/2425

# ସୁବର୍ଣ୍ଣପୁର ଜିଲାରେ ନାହିଁ ଶୀତଳ ଭଣ୍ଡାର

**ସୋନପୁର,୩୧।୧୨(ମୃତ୍ୟୁଞ୍ଜୟ ଶତପଥୀ)**

■ବଢୁଛି ଉତ୍ପାଦନ, ନାହିଁ ସଂରକ୍ଷଣ ବ୍ୟବସ୍ଥା
■ଚାଷୀ ଅଭାବୀ ବିକ୍ରିର ଶିକାର

କୃଷି ପ୍ରଧାନ ସୁବର୍ଣ୍ଣପୁର ଜିଲାରେ ନାହିଁ ଶୀତଳ ଭଣ୍ଡାର। ଜିଲାରେ ବହୁଳ ପରିମାଣରେ ପନିପରିବା ଉତ୍ପାଦନ ହେଉଛି। ଆବଶ୍ୟକ ଅନୁସାରେ ସଂରକ୍ଷଣ କିମ୍ବା ଚାଷୀଙ୍କୁ ବିକ୍ରି କରିବାରେ ସହାୟକ କୃଷି ବଜାର ବ୍ୟବସ୍ଥା ନାହିଁ। ସାପ୍ତାହିକ ହାଟକୁ ଆସିବା ପୂର୍ବରୁ ବ୍ୟବସାୟୀମାନେ କମ୍ ଦରରେ ପନିପରିବା କିଣି ବାହାରେ ବିକ୍ରି କରି ମାଲେମାଲ ହେଉଛନ୍ତି। ଉଦ୍ୟାନ କୃଷି ବିଭାଗ ସୂଚନା ଅନୁସାରେ, ଜିଲାରେ ୧୫୦୧ ହେକ୍ଟର ଜମିରେ ପିଆଜ ଚାଷ ହେଉଛି। ଚଳିତବର୍ଷ ୧୭ହଜାର ୪୫୭ ମେଟ୍ରିକ୍ ଟନ୍ ପିଆଜ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ୩୦୮ହେକ୍ଟର ଆଳୁ ଚାଷ ହୋଇଥିବା ବେଳେ ୪ହଜାର ୭୩୭ମେଟ୍ରିକ୍ ଟନ୍ ଉତ୍ପାଦନ ହେବାର ଲକ୍ଷ୍ୟ ରହିଛି। ୨୫୪୮ହେକ୍ଟର ଜମିରେ ଚଳିତ ବର୍ଷ ବାଇଗଣ ଚାଷ ହୋଇଛି। ପ୍ରାୟ ୪୪ହଜାର ୯୫୫ମେଟ୍ରିକ୍ ଟନ ବାଇଗଣ ଉତ୍ପାଦନ ହେବ। ଜିଲାରେ ୩୨୦୭ ହେକ୍ଟର ଜମିରେ ଟମାଟୋ ଚାଷ ହୋଇଛି। ସେଥିରୁ ୪୫ହଜାର ୧୯୭ମେଟ୍ରିକ୍ ଟନ୍ ଟମାଟୋ ଉତ୍ପାଦନ ହେବାର ଉଦ୍ୟାନ ବିଭାଗ ଲକ୍ଷ୍ୟ ରଖିଛି। ସେହିପରି ଜିଲାରେ ହଜାର ହଜାର ମେଟ୍ରିକ୍ ଟନ୍ ଆମ୍ବ ଉତ୍ପାଦନ ହୋଇଥାଏ। ଶିଳ୍ପ ବିହୀନ ଏହି ଜିଲାରେ ଚାଷୀ ଧାନ ଚାଷ ସହ ବିଭିନ୍ନ ଡାଲି ଜାତୀୟ ଓ ପନିପରିବା ଫସଲ ଚାଷ କରିଥାନ୍ତି। ହେଲେ ଜିଲାରେ ଶୀତଳ ଭଣ୍ଡାର ନଥିବାରୁ ଉତ୍ପାଦନ କରୁଥିବା ପନିପରିବା ଓ ଫଳକୁ ଚାଷୀ ସଂରକ୍ଷଣ ପାରୁନାହିଁ। ଫଳରେ ଚାଷୀମାନେ କମ୍ ଦରରେ ବ୍ୟବସାୟୀଙ୍କୁ ବିକ୍ରି କରି କ୍ଷତିଗ୍ରସ୍ତ ହେଉଛନ୍ତି। ଉତ୍ପାଦିତ ପନିପରିବା ପାଇଁ ଆବଶ୍ୟକ ବଜାର କିମ୍ବା ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ଦର ଆକାଶ ଛୁଆଁ ରହିଥିଲେ ବି ଖୁବ୍ କମ ଦରରେ ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ପିଆଜ ଉତ୍ପାଦନ ସମୟରେ ଚାଷୀ କିଲୋ ପ୍ରତି ୭ରୁ ୯ ଟଙ୍କା ଦରରେ ବିକ୍ରି କରନ୍ତି। ମାତ୍ର ଅନ୍ୟ ସମୟରେ କିଲୋ ପ୍ରତି ୪୦ ଟଙ୍କା ଦେଇ କିଣନ୍ତି। ସେହିପରି ଟମାଟୋ, ବାଇଗଣ, କୋବି ଭଳି ପନିପରିବାକୁ ଚଷୀମାନେ ସ୍ୱଳ୍ପ ଦରରେ ବିକ୍ରି କରନ୍ତି। ଅମଳ ସମୟରେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଚାଷୀଙ୍କର ବାରମ୍ବାର ଦାବି ପରେ ମଧ୍ୟ ସରକାର ନିଦାବିଷ୍ଟ ସାଜିଛି। ଗତ ସରକାର ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ କରିବେ ବୋଲି ୨୦୧୯ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ଜିଲାରେ ଗୋଟିଏ ବି ଶୀତଳ ଭଣ୍ଡାର ନିର୍ମାଣ କଲେନି। ସରକାରୀସ୍ତରରେ କୃଷିର ବିକାଶ ପାଇଁ ବିଭିନ୍ନ ଯୋଜନା କରା ଯାଉଥିବା ବେଳେ ବାସ୍ତବରେ ଚାଷୀର ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆ ଯାଉନାହିଁ। ଉତ୍ପାଦିତ ପନିପରିବାକୁ ଚାଷୀ ସଂରକ୍ଷଣ ପାରୁନାହିଁ। ଜିଲାରେ ଛଅଟି ବ୍ଲକ ସୋନପୁର, ତରଭା, ଡୁଙ୍ଗୁରିପାଲି, ବିନିକା, ଉଲୁଣ୍ଡା ଓ ବୀରମହାରାଜପୁର ରହିଥିବା ବେଳେ ଏହି ବ୍ଲକ ଗୁଡିକରେ ଆଳୁ, ପିଆଜ, ରସୁଣ, ଟମାଟୋ, ପୋଟଳ, ବାଇଗଣ, ଝୁଡଙ୍ଗ, ଭେଣ୍ଡି, କାକୁଡି, କଲରା, ଲଙ୍କା, ବୈତାଳୁ, ଅମୃତ ଭଣ୍ଡା ଓ କୋବି ଆଦି ବିଭିନ୍ନ ପନିପରିବା ଚାଷ କରାଯାଏ। ଋଣ, କରଜ କରି ଚାଷୀଟିଏ ବିହନ, ସାର ଓ କୀଟନାଶକ କିଣି ଚାଷ କରୁଛି। ତେବେ ଭିତ୍ତିଭୂମି ଅଭାବରୁ ସେମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଉତ୍ପାଦନ ସମୟରେ ପନିପରିବା ପଚି ନଷ୍ଟ ହେଉଛି। ବର୍ତ୍ତମାନ ଅଧିକାଂଶ ଚାଷୀ ନିଜର ଚାହିଦା ମେଣ୍ଟାଇବା ପାଇଁ ଚାଷ କରୁଛନ୍ତି। ଚାଷୀମାନଙ୍କୁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନର ଅଭାବ ରହିଛି ବୋଲି ଅଭିଯୋଗ ହୋଇଆସୁଛି। ଚାଷୀମାନେ ବାରମ୍ବାର ଚାଷ କରି କ୍ଷତିଗ୍ରସ୍ତ ହେବା ପରେ ମଧ୍ୟ ପନିପରିବା ଓ ଫଳ ଚାଷ ବଢିଛି। ତେଣୁ ଚାଷୀଙ୍କ ହିତ ପାଇଁ ଏହି ଅଞ୍ଚଳରେ ଶୀତଳ ଭଣ୍ଡାରର ଆବଶ୍ୟକତା ରହିଛି। ନୂତନ ଭାଜପା ସରକାର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଉପଖଣ୍ଡରେ ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ଯୋଜନା କରିଛନ୍ତି। ସେହିକ୍ରମରେ ଜିଲାର ସୋନପୁର ଓ ବୀରମହାରାଜପୁର ଉପଖଣ୍ଡରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ସରକାର ଉଦ୍ୟମ କରୁଥିବା ଉଦ୍ୟାନ କୃଷି ବିଭାଗ ସୂତ୍ରରୁ ଜଣାପଡିଛି।

## ଚନ୍ଦଲି ମଠରେ ସତ୍ୟସାଇ ଭକ୍ତ ସମ୍ମିଳନୀ

**ଅମରପାଲି,୩୧।୧୨(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତର ଚନ୍ଦଲି ମଠ ପରିସରରେ ୧୪ତମ ସତ୍ୟସାଇ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ବୀରମହାରାଜପୁର ସମିତି ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସକାଳୁ ଓଁକାର, ସୁପ୍ରଭାତ, ଜ୍ୟୋତିଧ୍ୟାନ, ନଗର ସଙ୍କୀର୍ତ୍ତନ କରାଯାଇଥିଲା। ଏହା ସହିତ ଅଷ୍ଟୋତ୍ତର ଶତାନାମାବଳୀ, ଭଜନ, ଆରତୀ, ସତସଙ୍ଗ, ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ୟାମ ସୁନ୍ଦର ମେହେର ସଭା ପରିଚାଳନା କରିଥିଲେ। ସତ୍ୟସାଇ ସେବା ସଙ୍ଗଠନ ଜିଲା ସଭାପତି ଗୁଣନିଧି ପାତ୍ର ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ରବୀନ୍ଦ୍ର କୁମାର ମିଶ୍ର ଭକ୍ତ ସଖା ଭଗବାନ ଉପରେ ପ୍ରବଚନ ପ୍ରଦାନ କରିଥିଲେ। ଲୀଳା ଅବତାର ସତ୍ୟସାଇଙ୍କ ଉପରେ ଦାମୋଦର ମିଶ୍ର, କର୍ମଫଳ ବିଷୟରେ ଡ.ପ୍ରଫୁଲ୍ଲ କୁମାର ରଥ, ନିଷ୍କାମ ଫଳ ଉପରେ ପୂର୍ବତନ ଜିଲା ସଭାପତି ବୃନ୍ଦାବନ ରଥ, ଭଗବାନଙ୍କ ଉପରେ ଜ୍ୟୋତିର୍ମୟୀ ମିଶ୍ର, ମୋକ୍ଷପ୍ରାପ୍ତି ଉପରେ ଚନ୍ଦଲି ମଠ ମହନ୍ତ ସଂଗ୍ରାମ କେଶରୀ ଦାସ ପ୍ରବଚନ ପ୍ରଦାନ କରିଥିଲେ। ସନ୍ତୋଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**CEE FOR RECT IN TA FOR RECT RALLY AT PITHORAGARH (UK) 2024**

Common Entrance Exam (CEE) for Run Pass and Medically Fit candidates of TA Recruitment Rally, Pithoragarh (UK) 2024 will be held at **Dogra Regimental Centre, Ayodhya Cantt (UP)** on **12 Jan 2025** from **10:00 AM to 12:00 PM**. Candidates to report by **06:30 AM** at **Exam Centre on 12 Jan 2025** with all required documents for checking of documents and biometric verification.

# ଚୂଡ଼ାନ୍ତ ପର୍ଯ୍ୟାୟରେ ବୀରମହାରାଜପୁର ଧନୁଯାତ୍ରା ପ୍ରସ୍ତୁତି

**ଅମରପାଲି,୩୧।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ତୃତୀୟ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨ ଜାନୁୟାରୀଠାରୁ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ମଙ୍ଗଳବାର ଅପରାହ୍ନରେ ଏହାର ଚୂଡ଼ାନ୍ତ ରୂପରେଖ ଦିଆଯାଇଛି। ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବ କମିଟି ସଭାପତି କିଶୋର ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ କଳାକାର ସଂଘ ସଭାପତି ରାମକୃଷ୍ଣ ହୋତା, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ମହୋତ୍ସବ କମିଟି ସମ୍ପାଦକ ଅକ୍ଷୟ



ସଭାରେ ଉପସ୍ଥିତ ମହୋତ୍ସବ କମିଟି ସଦସ୍ୟ ।

ସରାଫ, ସାଂସ୍କୃତିକ ସମ୍ପାଦକ ଚିନ୍ମୟ ସାହୁ, ସହସମ୍ପାଦକ ସୁରୁବାବୁ ପଧାନ, ଶିକ୍ଷାବିତ ଅଭିମନ୍ୟୁ ବର୍ଗର୍ତ୍ତି, ଆଇନଜୀବୀ ଆଶ୍ରୟ ମହାନନ୍ଦ, ରଘୁନାଥ ସାହୁ, ସମାଜସେବୀ

### ଝସକେତନ ପ୍ରଧାନ ହେବେ କଂସ

ସୁରେଶ କଲତା, ଶୁଭମ ପ୍ରିତମ ହୋତା, ଅବିନାଶ ଥନାପତି, ଆକାଶ ଥନାପତି, ରାମ ଚନ୍ଦ୍ର ଭୁକ୍ତା ଉପସ୍ଥିତ ରହି ନିଜ ମତ ରଖିଥିଲେ। ଚଳିତ ବର୍ଷ ମଧ୍ୟ ବରିଷ୍ଠ କଳାକାର ଝସକେତନ ପଧାନ କଂସ ଭୂମିକାରେ ଅଭିନୟ କରିବେ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପାଦକ ଅକ୍ଷୟ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଛରେ ପିଟିହେଲା ବାଇକ, ଜଣେ ମୃତ

**ଗଞ୍ଜେଇ ଚାଲାଣ କରୁଥିଲେ**

**ସୋନପୁର,୩୧।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର କଲେଜ ରାସ୍ତାରେ ଏକ ଗଛରେ ପିଟି ହୋଇ ଜଣେ ବାଇକ ଆରୋହୀଙ୍କ ମଙ୍ଗଳବାର ସକାଳେ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରିନି। ତେବେ ତାଙ୍କ ଘର ଛତିଶଗଡ ଅଞ୍ଚଳରେ ବୋଲି ଜଣାପଡ଼ିଛି। ସେ ବୌଦ୍ଧ ଜିଲାରୁ ଗଞ୍ଜେଇ କିଣି ବାଇକ ନଂ ସିଜି୧୪-୨ ୮୩୧ରେ ସୁବର୍ଣ୍ଣପର ରାସ୍ତାରେ ଛତିଶଗଡ ଚାଲାଣ କରୁଥିଲେ । ତାଙ୍କ ନିକଟରୁ ପ୍ରାୟ ୪ କିଲୋ ଗଞ୍ଜେଇ ଜବତ ହୋଇଛି। ଏ ସମ୍ପର୍କରେ ସୋନପୁର ଥାନାରେ ଏକ ମାମଲା ରୁଜୁ ହୋଇଛି ।

**ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ, କଳାହାଣ୍ଡି**

ପତ୍ର ସଂଖ୍ୟା: ୬୯୧/ଡିସିଓ   ତାରିଖ: ୩୦।୧୨।୨୦୨୪

**ବିଜ୍ଞାପନ**

ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି **'୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା' – ୨୦୨୫** ଆସନ୍ତା ତା୧୪।୦୧।୨୦୨୫ରୁ ୧୭।୦୧।୨୦୨୫ରିଖ ପର୍ଯ୍ୟନ୍ତ ସ୍ଥାନୀୟ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ଭବାନୀପାଟଣାଠାରେ ଅନୁଷ୍ଠିତ ହେବ। ଏଥିପାଇଁ ୧୫୦ଗୋଟି ପ୍ରଦର୍ଶନୀ ଷ୍ଟଲ୍ ସ୍ଥାପନ କରାଯିବ। ଷ୍ଟଲ୍‌ଗୁଡ଼ିକ ଆରକ୍ଷଣ କରିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଗୁଡ଼ିକ ପାଇଁ ଏହାର ସବିଶେଷ ବିସ୍ତୃତ ବିବରଣୀ ଜିଲ୍ଲା ୱେବ୍‌ସାଇଟ୍ **https://kalahandi.odisha.gov.in**ରେ ପ୍ରକାଶ କରାଯାଇଅଛି। ଆରକ୍ଷଣର କ୍ରମିକ ନମ୍ବର ଅନୁସାରେ ଷ୍ଟଲ୍‌ଗୁଡ଼ିକ ଆବଣ୍ଟନ କରାଯିବ। ତା୦୧।୦୧।୨୦୨୫ରିଖରୁ ଷ୍ଟଲ୍ ଆରକ୍ଷଣ କରିବା ଆରମ୍ଭ ହେବ।

ସ୍ୱା./– ଜିଲ୍ଲା ସଂସ୍କୃତି ଅଧିକାରୀ, କଳାହାଣ୍ଡି

# ଡ. ହିମାଂଶୁ ପାଢ଼ୀଙ୍କୁ ଆମ୍ବେଦକର ଇଣ୍ଟରନ୍ୟାଶନାଲ ଆୱାର୍ଡ



ଡ.ହିମାଂଶୁ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଅମରପାଲି, ୩୧।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ହିମାଂଶୁ ପାଢ଼ୀଙ୍କୁ ମିଳିଛି ମର୍ଯ୍ୟାଦାଜନକ ଡ. ବି. ଆର.ଆମ୍ବେଦକର ଇଣ୍ଟରନ୍ୟାଶନାଲ ଆୱାର୍ଡ଼। ନୂଆଦିଲ୍ଲୀ ସ୍ଥିତ ୱାର୍ଲଡ ଚାରିଟି ୱେଲଫେୟାର ଫାଉଣ୍ଡେଶନ ତରଫରୁ ପ୍ରବନ୍ଧ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କୃତିପାଇଁ ବିଶିଷ୍ଟ ସାହିତ୍ୟିକ, ସଂସ୍କୃତି ଗବେଷକ, ଜାତୀୟ ସ୍ତରରେ ପ୍ରତିଷ୍ଠିତ ପରିଭ୍ରମଣ ଲେଖକ ତଥା ବୀରମହାରାଜପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ପାଢୀଙ୍କୁ ମିଳିଛି ଏହି ସଫଳତା। ଡିସେମ୍ବର ୩୧ରେ ଏହି ଅନୁଷ୍ଠାନ ତରଫରୁ ପୁରୀଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ତାଙ୍କୁ ଉପଢୌକନ, ମାନପତ୍ର ତଥା ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଡ଼. ପାଢୀଙ୍କ ଶିକ୍ଷାଦାନ କ୍ଷେତ୍ରରେ ୩୩ ବର୍ଷର ଅଭିଜ୍ଞତା ରହିଛି । ଉଭୟ ଇଂଲିଶ ଓ ଓଡ଼ିଆ ଭାଷାରେ ତାଙ୍କର ୩ଶହରୁ ଊର୍ଦ୍ଧ୍ୱ ପ୍ରବନ୍ଧ ବିଭିନ୍ନ ପତ୍ର ପତ୍ରିକା ଓ ସମ୍ବାଦପତ୍ରରେ ପ୍ରକାଶ ପାଇଛି।

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ. DRM/Engg/KUR/24-25/E-Tender/93, ତା.26.12.2024ରିଖ

(1) ଟେଣ୍ଡର ସଂ. e-TenderBRIDGKUR-262-24,ତା.17.12.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଜରୋଲି (JRLI) - ଟମକା (TMKA) ସେକ୍ସନ ଅଧୀନସ୍ଥ ରୋଡ଼ ଅଣ୍ଡର ବ୍ରିଜ୍(ROBs) ଗୁଡ଼ିକରେ ସୁରକ୍ଷାତ୍ମକ ପୃଷ୍ଠଭାଗ କୋଟିଙ୍ଗର ଉପଯୋଗ ଏବଂ ପୋଲ ଗୁଡ଼ିକରେ ତ୍ରୁଟିପୂର୍ଣ୍ଣ ଇଲାଷ୍ଟୋମେରିକ୍ ବିୟରିଙ୍ଗ୍ ଗୁଡ଼ିକର ସ୍ଥାନାନ୍ତରଣ, ଗର୍ଡର ପୋଲଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାର ପ୍ରସ୍ତାବିତ ଫିକ୍ସିଙ୍ଗ୍ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 228.52 ଲକ୍ଷ, EMD (₹) : 2,64,300.00 ।

(2) ଟେଣ୍ଡର ସଂ. eTender-HQ-KUR-270-2024, ତା.17.12.2024ରିଖ

**ବିବରଣୀ :** ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ/ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ (KUR)-ବଲାଙ୍ଗୀର (BLGR) ସେକ୍ସନର ଖୋର୍ଦ୍ଧା ରୋଡ଼ (KUR) ଠାରୁ ବୋଲଗଡ଼ (BORT) ଷ୍ଟେସନ ପର୍ଯ୍ୟନ୍ତ ପୋଲଗୁଡ଼ିକର ସମ୍ ଆପ୍ରୋନ୍, ୱିଙ୍ଗ୍ ୱାଲ, ରିଟର୍ଣ୍ଣ ୱାଲ, ଡ୍ରପ୍ ୱାଲ, ବାଲାଷ୍ଟ ରିଟେନିଙ୍ଗ୍ ୱାଲ, ଡିସିଲଟିଙ୍ଗ୍ ଡ୍ରେନ୍, ଜଙ୍ଗଲ ସଫେଇ, ଇପୋକ୍ସି ପ୍ଲାଷ୍ଟର, ଷ୍ଟୋନ ପିଚିଙ୍ଗ୍ ଇତ୍ୟାଦି ନିମନ୍ତେ ପ୍ରସ୍ତାବିତ ମରାମତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 135.11 ଲକ୍ଷ, EMD (₹) : 2,17,600.00 ।

(3) ଟେଣ୍ଡର ସଂ. etendernorthkur-272-2024, ତା.18.12.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଯାଜପୁର କେନ୍ଦୁଝର ରୋଡ଼ ଅଧୀନସ୍ଥ J-D ଲାଇନ୍‌ରେ କି.ମି.180.00 ଠାରୁ କି.ମି.147.00 ପର୍ଯ୍ୟନ୍ତ ଏବଂ ଯାଜପୁର କେନ୍ଦୁଝର ରୋଡ଼-ଜେନାପୁର ଷ୍ଟେସନ ମଧ୍ୟରେ କି.ମି.334.74 ଠାରୁ କି.ମି.353.80 ପର୍ଯ୍ୟନ୍ତ 30.09.2025 ପର୍ଯ୍ୟନ୍ତ ଅବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 163.18 ଲକ୍ଷ, EMD (₹) : 2,31,600.00 ।

(4) ଟେଣ୍ଡର ସଂ. etendersouthkur-271-2024, ତା.16.12.2024ରିଖ

**ବିବରଣୀ :** ସହାୟକ ମଣ୍ଡଳ ଯନ୍ତ୍ରୀ/ବାଲୁଗାଁ(BALU) ଅଧୀନସ୍ଥ ଶୌଚାଳୟ, ଫେନ୍ସିଙ୍ଗ୍, ଗଭୀର ନଳକୂପ ଏବଂ ହାଇଟ୍ ଗେଜ୍ ଇତ୍ୟାଦି ସହିତ ଲେଭେଲ କ୍ରସିଙ୍ଗ୍ ପ୍ରବେଶ ପଥ ପୃଷ୍ଠଭାଗ, ଲେଭେଲ କ୍ରସିଙ୍ଗ୍ ଗୁମଟିର ପ୍ରସ୍ତାବିତ ବିବିଧ ମରାମତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 99.93 ଲକ୍ଷ, EMD (₹) : 1,99,900.00 ।

ଶେଷ ହେବା ଅବଧି : 10(ଦଶ) ମାସ (କ୍ରମ ସଂ.1 ପାଇଁ) ଏବଂ 12(ବାର) ମାସ (କ୍ରମ ସଂ.2 ପାଇଁ) ଏବଂ 08(ଆଠ) ମାସ (କ୍ରମ ସଂ.3 ଏବଂ 4 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.01.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼

PR-848/P/24-25

**NOTICE**
**CHANGE OF NAME**

I, LAXMIPRIYA SWAIN, aged about 40 years, W/o. DILLIP KUMAR JENA, have changed my surname from 'SWAIN' to 'JENA' vide Affidavit dated 20.12.2024 sworn before the Executive Magistrate, Bhubaneswar. I shall, henceforth be known as LAXMIPRIYA JENA instead of LAXMIPRIYA SWAIN for all purposes.

**ୟୁକୋ ବ୍ୟାଙ୍କ UCO BANK**
(ଭାରତ ସରକାରଙ୍କ ଉପକ୍ରମ) (A Govt. of India Undertaking)
ସମ୍ମାନ ଆପଣଙ୍କ ବିଶ୍ୱାସର   Honours Your Trust

ଆଞ୍ଚଳିକ କାର୍ଯ୍ୟାଳୟ: ବାଲେଶ୍ୱର, ଓଟି ରୋଡ୍, ପୋଲିସ୍ ଲାଇନ୍ ଛକ ନିକଟ, ବାଲେଶ୍ୱର, ଓଡ଼ିଶା-୭୫୬୦୦୧

**ରିୟଲ୍ ଇଷ୍ଟେଟ୍ ଏଜେଣ୍ଟ/ସମ୍ପତ୍ତି ବ୍ରୋକରମାନଙ୍କର ତାଲିକାଭୁକ୍ତିକରଣ**

ୟୁକୋ ବ୍ୟାଙ୍କ, ରିୟଲ୍ ଇଷ୍ଟେଟ୍ ଏଜେଣ୍ଟ/ସମ୍ପତ୍ତି ବ୍ରୋକରମାନଙ୍କର ତାଲିକାଭୁକ୍ତିକରଣ ନିମନ୍ତେ ଯୋଗ୍ୟ ବ୍ୟକ୍ତିବିଶେଷ/ସଂସ୍ଥା/ଏଜେନ୍ସି/ଏଲ୍‌ଏଲ୍‌ପି/ କମ୍ପାନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି । ୟୁକୋ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ବାଲେଶ୍ୱର, ସା: ଓ.ଟି. ରୋଡ଼, ପୋଲିସ୍ ଲାଇନ୍, ଛକ, ବାଲେଶ୍ୱର, ଓଡ଼ିଶା-୭୫୬୦୦୧ ଠାରେ ଦରଖାସ୍ତ ତା୦୭.୦୧.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିପାରିବେ। ଯୋଗ୍ୟତା ଓ ଅନ୍ୟାନ୍ୟ ବିବରଣୀ ନିମନ୍ତେ ଆମର ନିକଟତମ ଶାଖା/କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା zobalasore.rec@ucobank.co.in / zo.balasore@ucobank.co.inକୁ ମେଲ୍ କରନ୍ତୁ ।

ତାରିଖ: ୩୧.୧୨.୨୦୨୪   ଆଞ୍ଚଳିକ ପ୍ରବନ୍ଧକ, ଆଞ୍ଚଳିକ କାର୍ଯ୍ୟାଳୟ: ବାଲେଶ୍ୱର

# ପାଚିକା ଦକ୍ଷତା ବୃଦ୍ଧି ତାଲିମ ଶିବିର

**ଅମରପାଲି,୩୧।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ବିଦ୍ୟାଳୟରେ ବ୍ଲକସ୍ତରୀୟ ଦୁଇଦିନିଆ ପାଚିକା ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକର ୧୪୫ ବିଦ୍ୟାଳୟର ୨୬୫ଜଣ ପାଚିକା ଓ ସହାୟିକାଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ଶାନ୍ତନୁ କୁମ୍ଭକର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଞ୍ଛାନିଧି ମିଶ୍ର ଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ ଯୋଗଦେଇ ପାଚିକା ଓ ସହାୟିକାମାନଙ୍କୁ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପିଏମ ପୋଷଣ ସଂଯୋଜକ ସୁଶାନ୍ତ ମହାକୁର, ସିଆରସିସି ନାରାୟଣ ବେହେରା, କୈସ୍ତୁଭ ଦାସ, ପ୍ରମୋଦ ବିଶ୍ୱାଳ, ନୃପଲଲ ମେହେର, କର୍ମୁ ପଧାନ, ଉମାଶଙ୍କର ପୂଝାରୀ ତାଲିମଦାତାଭାବେ ଯୋଗଦେଇଥିଲେ। ଏହି ଅବସରରେ ଏକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ୩ପ୍ରତିଯୋଗୀଙ୍କୁ ସମ୍ମାନୀତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉଫୁଲ ବିଦ୍ୟାଳୟ ସମେତ ଟିକିରାପଡ଼ା ୟୁପିଏସ ଓ ମୁର୍ଷୁଣ୍ଡୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା।

# ବାଘପାଲି ବକୁଳ ମହୋତ୍ସବ ଉଦ୍‌ଯାପିତ



ସୁଧାସାର ଗୀତାର ଚତୁର୍ଥ ସଂସ୍କରଣକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ଅମରପାଲି, ୩୧।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବାଘପାଲିସ୍ଥିତ ସିଦ୍ଧଯୋଗୀ ଶ୍ରୀଶ୍ରୀ ଚନ୍ଦ୍ରମଣି ଦାସ ସମାଧି ପୀଠରେ ପ୍ରସିଦ୍ଧ ବକୁଳ ଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ୨୪ତାରିଖରୁ ୮ଦିନ ଧରି ଚାଲିଥିବା ଏହି ମହୋତ୍ସବ ମଙ୍ଗଳବାର ପୂର୍ଣ୍ଣାହୁତି ସହିତ ସମାପନ ହୋଇଛି। ଏହି ଅବସରରେ ଭାଗବତ ସପ୍ତାହ ପାରାୟଣ, କଳସ ଶୋଭାଯାତ୍ରା, ସଂକୀର୍ତ୍ତନ ବୈଠକ କାର୍ଯ୍ୟକ୍ରମ, ଅଷ୍ଟପ୍ରହର ନାମଯଜ୍ଞ, ଦଣ୍ଡନୃତ୍ୟ, ଭଜନ କାର୍ଯ୍ୟକ୍ରମ, ସୁନ୍ଦରାକାଣ୍ଡ ପାରାୟଣ, କବିତା ଆସର ଆଦି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବକୁଳ ଯାତ୍ରା ମହୋତ୍ସବ କାହିଁ ଆବାହନ କାଳରୁ ତଥା ଶତାଧିକ ବର୍ଷରୁ ନିରବଚ୍ଛିନ୍ନ ଭାବରେ ଯାତ୍ରା ହୋଇଆସୁଛି। ସନ୍ଥ ଚନ୍ଦ୍ରମଣି ଦାସ ଏହି ପୀଠରେ ସମାଧି ହୋଇରହିଥିବା କଥିତ ରହିଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମକୁନ୍ଦ ଧରୁଆ ଅଧ୍ୟକ୍ଷତା କରିଥିଲେ। ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କୃତିବାସ ମିଶ୍ର, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଚନ୍ଦ୍ରମଣି ଦାସଙ୍କ ସୁଧାସାର ଗୀତାର ଚତୁର୍ଥ ସଂସ୍କରଣ ଲୋକାର୍ପଣ କରାଯାଇଥିଲା। ଟ୍ରଷ୍ଟ ସଭାପତି ରାଜେନ୍ଦ୍ର ପ୍ରସାଦ ପାଢୀ, ସଦସ୍ୟ ଜାନକୀରାମ ଦେହେରୀ, ଉତ୍ତର ପାତ୍ର, ନରସିଂହ ପଧାନ ଓ ସମାରୁ ବରଗଡ଼ି, ସତ ବରଗଡ଼ି, ମାଗିପଧାନ, ମନୋଜ ଦନାୟକ, ରାଜ ଅମାତ, ଘନଶ୍ୟାମ ପଧାନ, ପୁରନ୍ଦର ଥାଟି, ଯେହେରୁ ପଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଶେଷ କରି ଭକ୍ତ ଦର୍ଶନାର୍ଥୀମାନେ ସିଦ୍ଧଯୋଗୀ ଚନ୍ଦ୍ରମଣି ସମାଧି ପୀଠରେ ଦର୍ଶନ କରିବା ସହ ତାଙ୍କ ପ୍ରଭୁକୃପା ପାଇଁ ଦୂରଦୂରାନ୍ତରୁ ଆସିଥିଲେ। ଏହି ଅବସରରେ ଜିଲା ତଥା ଜିଲା ବାହାରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

# ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ସଂଘ ଗଠିତ

**ତରଭା,୩୧।୧୨(ମାନଭଞ୍ଜନ ମିଶ୍ର):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ସଂଘ ଗଠିତ ହୋଇଛି। ମେଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ ବାଳଗୋପଳ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକର ବିଭିନ୍ନ ଗ୍ରାମରେ ରହୁଥିବା ୬୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଶିକ୍ଷକ ଯୋଗ ଦେଇଥିଲେ। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଏକ ସଂଘ ଗଠନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ତରଭା ବ୍ଲକ ନାମରେ ଏହି ସଂଘ ଗଠନ କରାଯାଇଛି। ଏହାର ପ୍ରଥମ ସଭାପତିଭାବେ ତରଭା ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଦିଲ୍ଲୀପ କୁମାର ପାଣିଗ୍ରାହୀଙ୍କୁ ସର୍ବସମ୍ମତିରେ ମନୋନୀତ କରାଯାଇଛି। ସମ୍ପାଦକଭାବେ କଷ୍ଟି ବାଘ, ଉପସଭାପତି ସୁଦାମ ଚରଣ ସାହୁ, କୋଷାଧ୍ୟକ୍ଷ ଭିକାରୀ ଚରଣ ମେହେର, ସହସମ୍ପାଦକ ସୁରେନ୍ଦ୍ର ପାଣ୍ଡେଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା କମିଟିରେ ଟଙ୍କଧର ମେହେର, ହରିଶ୍ଚନ୍ଦ୍ର ସାହୁ, ବସନ୍ତ କୁମାର ନାଏକ, ମୁନୁ କୁମାର ମିଶ୍ର ଓ ମକୁନ୍ଦ ଝାଙ୍କରଙ୍କୁ ରଖାଯାଇଛି। ବସନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

अल्पकालीन पुर्न ई–निविदा आमंत्रण
सूचना संख्या – 05RI/2024–25/EE/RWD/DALTONGANJ
कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है
दिनांक–30.12.2024

1. कार्य का नाम :

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (लाख में) अंक में | अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/ DALTONGAN J /15/2024-25 | सोरडीहा मेन रोड से केतात मंदिर पथ तक पथ निर्माण । 2.80कि0मी0 | 308.214 | तीन करोड़ आठ लाख एक्कीस हजार चार सौ रू0 मात्र | 12 माह | द्वितीय |

2.बेवसाईट में निविदा प्रकाशन की तिथि : 04.01.2025
3.ई–निविदा प्राप्ति की अंतिम तिथि एवं समय : 18.01.2025 up to 5.00 PM
4.निविदा खोलने की तिथि एवं समय 20.01.2025 पूर्वाह्न 3.30 बजे
5.निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6.ई–निविदा प्रकोष्ठ का दूरभाष सं0 –06562357595
विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज
PR 343266 (Rural Development)24-25*D

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER, WATER RESOURCES DIVISION, KORBA (C.G.)**
**e-PROCUREMENT TENDER NOTICE**
eProcurement Portal: https://eproc.cgstate.gov.in
**(SECOND CALL)**

**NIT No.:06/SAC/24-25**   **Dated: 30.12.2024**

Online tenders are invited for the following works upto 16.01.2025 at 17.30 hour.
Name of Work -
(System Tender No. 163548) : Construction of Tendubhatha Anicut on Gajar Nalla.
Probable Amount of Contract : Rs.275.67 Lakhs
(Note: Tender Invited As per SOR of August 2022)
The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in)** from **Date 06.01.2025 at 17.31 hours. (IST) onwards**.
**NOTE:** All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier registration in order to download the tender documents and participate in the subsequent bidding process.

Sd./- Executive Engineer
Water Resources Division
Korba (C.G.)
G-242504965/4

**PANCHASAKHA SHIKHYA SETU**
**(Erstwhile Mo School Abhiyan Parichalana Sangathan)**
**A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha - 751007**
**REQUEST FOR PROPOSAL (RFP)**

**RFP No. 771/PSS/24**   **Date: 30.12.24**

No. n-180: Sealed quotations are invited for the selection of agency for providing Human Resource Services of Professionals for Project Monitoring Unit of Panchasakha Shikhya Setu (Erstwhile Mo School Abhiyan Parichalana Sangathan), A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha - 751007. The last date of submission of quotation is **23.01.2025** before **06.00 P.M.** For more details, please visit **www.moschool.in**.

OIPR-27178/11/0008/2425

# ଆଜି ସୁନ୍ଦରଗଡ଼ ଜିଲା ପ୍ରତିଷ୍ଠା ଦିବସ

ସୁନ୍ଦରଗଡ,୩୧।୧୨(ଜୟ ନାରାୟଣ ମେଣ୍ଡୁଲି)

ଆଜି ସୁନ୍ଦରଗଡ ଜିଲାର ୭୮ତମ ପ୍ରତିଷ୍ଠା ଦିବସ। ୧୯୪୮ମସିହା ଏହି ଦିନରେତତ୍କାଳୀନ ଗାଙ୍ଗପୁର ଓ ବଣାଇ ଗଡଜାତ ରାଜ୍ୟକୁ ନେଇ ଗଠିତ ହୋଇଥିଲା ସୁନ୍ଦରଗଡ ଜିଲା। ମୋଟ ୯୭୧୨.୬ବର୍ଗ କିଲୋମିଟର କ୍ଷେତ୍ରଫଳ ବିଶିଷ୍ଟ ଏହି ଜିଲା ରାଜ୍ୟର ଦ୍ୱିତୀୟ ବୃହତ୍ତମ ଜିଲା ଭାବେ ମାନ୍ୟତା ଲାଭ କରିଛି। ଉପାନ୍ତ ଜିଲା ଭାବେ ଛତିଶଗଡ଼ ଓ ଝାଡଖଣ୍ଡ ସୀମା ସହିତ ଲାଗିରହିଛି। ପ୍ରାକୃତିକ ଖଣିଜ ସମ୍ପଦ ଭରା ଏହି ଜିଲାରେ ସ୍ୱାଧୀନତାର ପରବର୍ତ୍ତୀ ସମୟରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସମେତ ଅନେକ ଛୋଟବଡ ଶିଳ୍ପ ପ୍ରତିଷ୍ଠାନ,କଲକାରଖାନା ସମେତ ଖଣି ଖାଦାନ ଗଢି ଉଠିଛି। ଜିଲାର ବିଭିନ୍ନ କ୍ଷେତ୍ରରେ ବିକାଶ ହୋଇଥିଲେ ମଧ୍ୟ ଅନେକ ଖଣି ଖାଦାନ ଅଞ୍ଚଳରେ ଏବେ ମଧ୍ୟ ବିସ୍ଥାପନ ସମସ୍ୟା ନେଇ ସ୍ଥାନୀୟ ଅଧିବାସୀଙ୍କ ଲଢ଼େଇ ଲାଗିରହିଛି। ଖଣିଜ ସମ୍ପଦ ସମୃଦ୍ଧ ଜିଲା ଭାବେ ଶିଳ୍ପାୟନର ବିକାଶ ପ୍ରଭାବରେ ବିସ୍ଥାପିତ ସ୍ଥାନୀୟ ଅଧିବାସୀମାନଙ୍କ ସମସ୍ୟା, ବୃତ୍ତିଗତ ପରିବର୍ତ୍ତନ ଜିଲା ପାଇଁ ଏକ ଆହ୍ୱାନ। ଜନଜାତି ବହୁଳ ଜିଲା ଭାବେ ପରିଚିତ ଏହି ଜିଲାରେ ଭୂୟାଁ, ଗୋଣ୍ଡ,କିସାନ,ଖଡିଆ,ମୁଣ୍ଡା ଓରାମ,ପାଉଡି ଭୂୟାଁ, କନ୍ଧ ଆଦି ଜନଜାତିଙ୍କ ସମେତ ବିଭିନ୍ନ ବର୍ଗର ଲୋକଙ୍କ ଭାଷା,ସଂସ୍କୃତି ସମୃଦ୍ଧ ହୋଇଛି। କଳା,ସାହିତ୍ୟ, କ୍ରିଡା କ୍ଷେତ୍ରରେ ମଧ୍ୟ ଏହି ଜିଲାର ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ସୁନ୍ଦରଗଡ ସଦର , ବଣାଇ ଓ ପାନପୋଷ ଉପଖଣ୍ଡ ସମେତ ୧୭ଟି ବ୍ଲକ ରହିଛି। ସେହିପରି ରାଉରକେଲା ସୁନ୍ଦରଗଡକୁ ନେଇ ୨ଟି ପୋଲିସ ଜିଲା ମଧ୍ୟ ରହିଛି। ଗୋଟିଏ ସଂସଦୀୟ କ୍ଷେତ୍ର ଓ ୮ଟି ବିଧାନସଭା କ୍ଷେତ୍ର ରହିଛି। ଏଥିସହ ରାଉରକେଲା ମହାନଗର ନିଗମ ସମେତ ସୁନ୍ଦରଗଡ,ରାଜଗାଙ୍ଗପୁର ଓ ବୀରମିତ୍ରପୁର ୩ଟି ମ୍ୟୁନିସିପାଲିଟି ରହିଛି। ପ୍ରକୃତି ପର୍ଯ୍ୟଟନ କ୍ଷେତ୍ରରେ ଏହାଏକ ପ୍ରସିଦ୍ଧ ଜିଲା। ବଣାଇ ଉପଖଣ୍ଡରେ ଥିବା ଖଣ୍ଡାଧାର ଜଳପ୍ରପାତ, ଐତିହ୍ୟ ପର୍ଯ୍ୟଟନ କ୍ଷେତ୍ରରେ ହେମଗିର ବ୍ଲକ ସ୍ଥିତ ମାଣିକ ମୋଡା, ଲେଖାମୁଡା, ଟଙ୍ଗୋ,ଜୁନାଗଡର ପ୍ରାକ ଐତିହାସିକ ଗୁମ୍ଫା ଆଦି ମାନବର ଆବାସସ୍ଥଳୀ ଓ ଗୁମ୍ଫାରେ ଚିତ୍ରିତ ପ୍ରସ୍ତରକଳା ସୁନ୍ଦରଗଡ ଜିଲାର ପ୍ରାଚୀନ ଐତିହ୍ୟକୁ ପ୍ରତିପାଦିତ କରିଛି। ଜିଲାରେ ପ୍ରବାହିତ ବ୍ରାହ୍ମଣୀ, ଶଙ୍ଖ, କୋଇଲି, ଇବ୍ ଆଦି ନଦୀ କୃଷି ଓ ଜଳ ଆବଶ୍ୟକତାକୁ ପୂରଣ କରିଛି। ଜିଲାବାସୀଙ୍କ ଜୀବନଜୀବିକାରେ ଅଭିବୃଦ୍ଧି ଘଟିଥିଲେ ମଧ୍ୟ ଜିଲାର ଅଧିକାଂଶ ଆଭ୍ୟନ୍ତରୀଣ ଅଞ୍ଚଳରୁ କାମଧନ୍ଦା ନାଁରେ ଦଲାଲଙ୍କ ମାଧ୍ୟମରେ ଯୁବତୀ ଯୁବକଙ୍କୁ ରାଜ୍ୟ ବାହରାକୁ ଚାଲାଣ ହେବା ଭଳି ଘଟଣା ଦେଖିବାକୁ ମିଳୁଛି। ଏଣୁ ସେହି ସବୁ ଅଞ୍ଚଳର ବେକାର ଯୁବତୀଙ୍କୁ ଆତ୍ମନିଯୁକ୍ତି ପାଇଁ ସରକାରୀ ସ୍ତରରେ ତାଲିମ ଓ ଆର୍ଥିକ ପ୍ରସାହନ ଯୋଗାଇ ଦେବାର ଆବଶ୍ୟକତା ରହିଛି। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରର ଉନ୍ନତି ସହ, କୃଷି କ୍ଷେତ୍ରକୁ ଜଳସେଚନ, ଲୋକଙ୍କୁ ପାନୀୟ ଜଳର ପର୍ଯ୍ୟାପ୍ତ ସୁବିଧା ସହ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଜିଲା ସଦର ମହକୁମା ସୁନ୍ଦରଗଡକୁ ରେଳ ସେବା ସୁବିଧା ଆଦି ଯୋଗାଇଦେବା ଦିଗରେ ସରକାର ପଦକ୍ଷେପ ନେବାକୁ ସ୍ଥାନୀୟ ଅଧିବାସୀଙ୍କ ଦାବି ରହିଛି। ଜିଲା ପ୍ରତିଷ୍ଠା ଦିବସ ପାଳନ ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେବା ସ୍ୱାଗତ ଯୋଗ୍ୟ ପଦକ୍ଷେପ ହୋଇଥିଲେ ମଧ୍ୟ ଏଥିରେ ସ୍ଥାନୀୟ ଲୋକଙ୍କ ଭାଗିଦାରୀକୁ ଅଧିକ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ବନ୍ଧୁ ସେବା ସମ୍ମାନରେ ସମ୍ବର୍ଦ୍ଧିତ ହେଲେ ଟିମ ଶ୍ମଶାନ ବନ୍ଧୁ

ସୁନ୍ଦରଗଡ,୩୧।୧୨(ଜୟ ନାରାୟଣ ମେଣ୍ଡୁଲି)



ସୁନ୍ଦରଗଡର ଟିମ ଶ୍ମଶାନ ବନ୍ଧୁ ବା ସମର୍ପିତ ସେବା ସଂସ୍ଥାନର ସଦସ୍ୟଙ୍କ ଅନବରତ ସେବା କାର୍ଯ୍ୟ ପାଇଁ ରବିବାର ବରଗଡ ଠାରେ ଜିଲା ସମାଜସେବୀ ମହାସଂଘ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ସ୍ତରୀୟ ଏହି ସମାଜସେବୀ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବନ୍ଧୁ ସେବା ସମ୍ମାନରେ ମୁଖ୍ୟ ଅତିଥି ସମାଜସେବୀ ତଥା ଏକ ଟଙ୍କିଆ ଡାକ୍ତର ଭାବେ ଚର୍ଚ୍ଚିତ ଡାକ୍ତର ଶଙ୍କର ରାମଚନ୍ଦାନୀ ଓ ସମ୍ମାନିତ ଅତିଥିଭାବେର ଯୋଗଦେଇ ଥିବା ପଦ୍ମଶ୍ରୀ ଭାଗବତ ପ୍ରଧାନଙ୍କ ଦ୍ୱାରା ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଛି। ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ଶିଶିର କୁମାର ବେହେରା, ଟିଙ୍କୁ ରକ୍ସା , ଦେବେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଏହି ସମ୍ମାନ ଗ୍ରହଣ କରିଥିଲେ।

# ପ୍ରଦୀପ ପଣ୍ଡାଙ୍କ ୭ମ ଶହୀଦ ଦିବସ

ରାଜଗାଙ୍ଗପୁର,୩୧।୧୨(ରାଜଗାଙ୍ଗପୁର )



ଶହୀଦ ଦିବସ ଅବସରରେ ଅତିଥିଙ୍କ ସହ ଅନ୍ୟମାନେ।

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ଲିପଲୋଇ ବାସିନ୍ଦା ପ୍ରଦୀପ ପଣ୍ଡା କାଶ୍ମୀରର ପୁଲୱାମାରେ ୨୦୧୭ ମସିହାରେ ଆତଙ୍କବାଦୀଙ୍କ ସହ ଲଢେଇ କରି ଗୁଲିମାଡରେ ଶହୀଦ ହୋଇଥିଲେ। ପରବର୍ତ୍ତି ସମୟରେ ତାଙ୍କୁ କିର୍ତ୍ତୀଚକ୍ରରେ ସମ୍ମାନିତ କରାଯାଇଥିଲା। ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ବିଦ୍ୟାଳୟରେ ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇ ପ୍ରତିବର୍ଷ ଶହୀଦ ଦିବସ ପାଳିତ ହେଇଆସୁଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ମା ତୁଝେ ସଲାମ ସଂସ୍ଥା ଦ୍ୱାରା ଶହୀଦ ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସିଆରପିଏଫ ସମ୍ବଲପୁର ଶାଖାର ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ରାଜେନ୍ଦ୍ର କୁମାର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶହୀଦଙ୍କ ସ୍ତ୍ରୀ ମିନତି ପଣ୍ଡାଙ୍କୁ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରି ୨ ପୁତ୍ରଙ୍କୁ ଆଶୀର୍ବାଦ କରିଥିଲେ। ସମ୍ମାନିତ ଅତିଥିଭାବେ ରାଜଗାଙ୍ଗପୁର ଥାନାଧିକାରୀ ମନୋରଞ୍ଜନ ପ୍ରଧାନ, ଉପନଗରପାଳ ମହମ୍ମଦ ଇରଫାନ, ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଅଶୋକ ଦାସ, ଅମରେଶ ପଣ୍ଡା ପ୍ରମୁଖ ଅନ୍ୟ ମାନଙ୍କ ସହିତ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ସାଇ ତ୍ରୀରଙ୍ଗା ଏକାଡେମୀର ନିର୍ଦ୍ଦେଶକ ବିଷ୍ଣୁପ୍ରିୟା ସେନାପତି ବିଶିଷ୍ଟ ଅତିଥିଭାବେ ଯୋଗଦେଇ ନିଜର ବକ୍ତବ୍ୟ ସହ ଶହୀଦଙ୍କ ସ୍ତ୍ରୀଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ସାଇ ତ୍ରିରଙ୍ଗା ଏକାଡେମୀ ଓ ହରିତ ବସୁଧା ଗ୍ରୁପ ଦ୍ୱାରା ଆୟୋଜିତ ହୋଇଥିଲା। ତ୍ରିରଙ୍ଗା ସେନାପତି ଓ ସାଇଁରାମ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଜ୍ଞାନରଞ୍ଜନ ସେନାପତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଆମ୍ବେଡକର କ୍ରିକେଟ: ଯୋଗୀସର୍ଡା ଚାମ୍ପିୟନ

ଲୋଇସିଂହା,୩୧।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ଆମ୍ବେଡକର କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ଖେଳରେ ୨୦ ରନରେ ଫାସଡକୁ ହରାଇ ଯୋଗୀସର୍ଡା ଚାମ୍ପିୟନ ହୋଇଛି। ସ୍ଥାନୀୟ ଖେଳପଡିଆରେ ଆୟୋଜକ ବୁଢୀପଦର, ରାମପୁର, ଧଉଁରାଦାଦର, ଫାସଡ, ଲାଦେରବାହାଲ, ବାଦିବାହାଲ, ଯୋଗୀସର୍ଡା ଓ ଦୁମଦୁମି ଦଳକୁ ନେଇ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଗ୍ରୁପରୁ ଫାସଡ ଓ ବି ଗ୍ରୁପରୁ ଯୋଗୀସର୍ଡା ଫାଇନାଲକୁ ଉନ୍ନୀତ ହୋଇଥିଲେ। ୬ଓଭର ବିଶିଷ୍ଟ ଫାଇନାଲରେ ଯୋଗୀସର୍ଡା ପ୍ରଥମେ ବ୍ୟାଟିଂ କରି ୭୭ ରନ କରିଥିଲେ। ନିର୍ଦ୍ଧାରିତ ଓଭରରେ ଫାସଡ ଦଳ ୫୭ ରନ କରିବାରେ ସକ୍ଷମ ହୋଇପାରିଥିଲା। ୨୦ ରନରେ ବିଜୟୀ ହୋଇ ଯୋଗୀସର୍ଡା ଚାମ୍ପିୟନ ହୋଇଛି। ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ମୁନା ବାଗ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ପଧାନ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ।


**CEE FOR RECT IN TA FOR RECT RALLY AT PITHORAGARH (UK) 2024**

Common Entrance Exam (CEE) for Run Pass and Medically Fit candidates of TA Recruitment Rally, Pithoragarh (UK) 2024 will be held at **Dogra Regimental Centre, Ayodhya Cantt (UP)** on **12 Jan 2025** from **10:00 AM to 12:00 PM**. Candidates to report by **06:30 AM** at **Exam Centre on 12 Jan 2025** with all required documents for checking of documents and biometric verification.

**ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ, କଳାହାଣ୍ଡି**

ପତ୍ର ସଂଖ୍ୟା: ୬୯୧/ଡିସିଓ | ତାରିଖ: ୩୦।୧୨।୨୦୨୪

**ବିଜ୍ଞାପନ**

ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି **'୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା' – ୨୦୨୫** ଆସନ୍ତା ତା୧୪।୦୧।୨୦୨୫ରୁ ୧୭।୦୧।୨୦୨୫ରିଖ ପର୍ଯ୍ୟନ୍ତ ସ୍ଥାନୀୟ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ଭବାନୀପାଟଣାଠାରେ ଅନୁଷ୍ଠିତ ହେବ। ଏଥିପାଇଁ ୧୫୦ଗୋଟି ପ୍ରଦର୍ଶନୀ ଷ୍ଟଲ୍ ସ୍ଥାପନ କରାଯିବ। ଷ୍ଟଲ୍‌ଗୁଡ଼ିକ ଆରକ୍ଷଣ କରିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଗୁଡ଼ିକ ପାଇଁ ଏହାର ସବିଶେଷ ବିସ୍ତୃତ ବିବରଣୀ ଜିଲ୍ଲା ୱେବ୍‌ସାଇଟ୍ **https://kalahandi.odisha.gov.in**ରେ ପ୍ରକାଶ କରାଯାଇଅଛି। ଆରକ୍ଷଣର କ୍ରମିକ ନମ୍ବର ଅନୁସାରେ ଷ୍ଟଲ୍‌ଗୁଡ଼ିକ ଆବଣ୍ଟନ କରାଯିବ। ତା୦୧।୦୧।୨୦୨୫ରିଖରୁ ଷ୍ଟଲ୍ ଆରକ୍ଷଣ କରିବା ଆରମ୍ଭ ହେବ।

ସ୍ୱା./– ଜିଲ୍ଲା ସଂସ୍କୃତି ଅଧିକାରୀ, କଳାହାଣ୍ଡି

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ. DRM/Engg/KUR/24-25/E-Tender/93, ତା.26.12.2024ରିଖ

(1) ଟେଣ୍ଡର ସଂ. e-TenderBRIDGKUR-262-24,ତା.17.12.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଜରୋଲି (JRLI) - ଟମକା (TMKA) ସେକ୍ସନ ଅଧୀନସ୍ଥ ରୋଡ୍ ଅଣ୍ଡର ବ୍ରିଜ୍(ROBs) ଗୁଡ଼ିକରେ ସୁରକ୍ଷାତ୍ମକ ପୃଷ୍ଠଭାଗ କୋଟିଙ୍ଗ୍‌ର ଉପଯୋଗ ଏବଂ ପୋଲ ଗୁଡ଼ିକରେ ତ୍ରୁଟିପୂର୍ଣ୍ଣ ଇଲାଷ୍ଟୋମେରିକ୍ ବିୟରିଙ୍ଗ୍ ଗୁଡ଼ିକର ସ୍ଥାନାନ୍ତରଣ, ଗର୍ଡର ପୋଲଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାର ପ୍ରସ୍ତାବିତ ଫିକ୍ସିଙ୍ଗ୍।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 228.52 ଲକ୍ଷ, EMD (₹) : 2,64,300.00 ।

(2) ଟେଣ୍ଡର ସଂ. eTender-HQ-KUR-270-2024, ତା.17.12.2024ରିଖ

**ବିବରଣୀ :** ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ/ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ (KUR)-ବଲାଙ୍ଗୀର (BLGR) ସେକ୍ସନର ଖୋର୍ଦ୍ଧା ରୋଡ୍ (KUR) ଠାରୁ ବୋଲଗଡ଼ (BORT) ଷ୍ଟେସନ ପର୍ଯ୍ୟନ୍ତ ପୋଲଗୁଡ଼ିକର ସମ୍ ଆପ୍ରୋନ୍, ୱିଙ୍ଗ୍ ୱାଲ, ରିଟର୍ଣ୍ଣ ୱାଲ, ଡ୍ରପ୍ ୱାଲ, ବାଲାଷ୍ଟ ରିଟେନିଙ୍ଗ୍ ୱାଲ, ଡିସିଲ୍‌ଟିଙ୍ଗ୍ ଡ୍ରେନ୍, ଜଙ୍ଗଲ ସଫେଇ, ଇପୋକ୍ସି ପ୍ଲାଷ୍ଟର, ଷ୍ଟୋନ ପିଚିଙ୍ଗ୍ ଇତ୍ୟାଦି ନିମନ୍ତେ ପ୍ରସ୍ତାବିତ ମରାମତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 135.11 ଲକ୍ଷ, EMD (₹) : 2,17,600.00 ।

(3) ଟେଣ୍ଡର ସଂ. etendernorthkur-272-2024, ତା.18.12.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଯାଜପୁର କେନ୍ଦୁଝର ରୋଡ୍ ଅଧୀନସ୍ଥ J-D ଲାଇନ୍‌ରେ କି.ମି.180.00 ଠାରୁ କି.ମି.147.00 ପର୍ଯ୍ୟନ୍ତ ଏବଂ ଯାଜପୁର କେନ୍ଦୁଝର ରୋଡ୍-ଜେନାପୁର ଷ୍ଟେସନ ମଧ୍ୟରେ କି.ମି.334.74 ଠାରୁ କି.ମି.353.80 ପର୍ଯ୍ୟନ୍ତ 30.09.2025 ପର୍ଯ୍ୟନ୍ତ ଅବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 163.18 ଲକ୍ଷ, EMD (₹) : 2,31,600.00 ।

(4) ଟେଣ୍ଡର ସଂ. etendersouthkur-271-2024, ତା.16.12.2024ରିଖ

**ବିବରଣୀ :** ସହାୟକ ମଣ୍ଡଳ ଯନ୍ତ୍ରୀ/ବାଲୁଗାଁ(BALU) ଅଧୀନସ୍ଥ ଶୌଚାଳୟ, ଫେନ୍ସିଙ୍ଗ୍, ଗଭୀର ନଳକୂପ ଏବଂ ହାଇଟ୍ ଗେଜ୍ ଇତ୍ୟାଦି ସହିତ ଲେଭେଲ କ୍ରସିଙ୍ଗ୍ ପ୍ରବେଶ ପଥ ପୃଷ୍ଠଭାଗ, ଲେଭେଲ କ୍ରସିଙ୍ଗ୍ ଗୁମଟିର ପ୍ରସ୍ତାବିତ ବିବିଧ ମରାମତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 99.93 ଲକ୍ଷ, EMD (₹) : 1,99,900.00 ।

ଶେଷ ହେବା ଅବଧି : 10(ଦଶ) ମାସ (କ୍ରମ ସଂ.1 ପାଇଁ) ଏବଂ 12(ବାର) ମାସ (କ୍ରମ ସଂ.2 ପାଇଁ) ଏବଂ 08(ଆଠ) ମାସ (କ୍ରମ ସଂ.3 ଏବଂ 4 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.01.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ୍), ଖୋର୍ଦ୍ଧା ରୋଡ୍

PR-848/P/24-25

**NOTICE**

**CHANGE OF NAME**

I, LAXMIPRIYA SWAIN, aged about 40 years, W/o. DILLIP KUMAR JENA, have changed my surname from 'SWAIN' to 'JENA' vide Affidavit dated 20.12.2024 sworn before the Executive Magistrate, Bhubaneswar. I shall, henceforth be known as LAXMIPRIYA JENA instead of LAXMIPRIYA SWAIN for all purposes.

**ୟୁକୋ ବ୍ୟାଙ୍କ UCO BANK**

(ଭାରତ ସରକାରଙ୍କ ଉପକ୍ରମ) (A Govt. of India Undertaking)

ସମ୍ମାନ ଆପଣଙ୍କ ବିଶ୍ୱାସର Honours Your Trust

ଆଞ୍ଚଳିକ କାର୍ଯ୍ୟାଳୟ: ବାଲେଶ୍ୱର, ଓଟି ରୋଡ୍, ପୋଲିସ୍ ଲାଇନ୍ ଛକ ନିକଟ, ବାଲେଶ୍ୱର, ଓଡ଼ିଶା-୭୫୬୦୦୧

**ରିୟଲ୍ ଇଷ୍ଟେଟ୍ ଏଜେଣ୍ଟ/ସମ୍ପତ୍ତି ବ୍ରୋକରମାନଙ୍କର ତାଲିକାଭୁକ୍ତିକରଣ**

**ୟୁକୋ ବ୍ୟାଙ୍କ,** ରିୟଲ୍ ଇଷ୍ଟେଟ୍ ଏଜେଣ୍ଟ/ସମ୍ପତ୍ତି ବ୍ରୋକରମାନଙ୍କର ତାଲିକାଭୁକ୍ତିକରଣ ନିମନ୍ତେ ଯୋଗ୍ୟ ବ୍ୟକ୍ତିବିଶେଷ/ସଂସ୍ଥା/ ଏଜେନ୍ସି/ ଏଲ୍‌ଏଲ୍‌ପି/ କମ୍ପାନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି । **ୟୁକୋ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ବାଲେଶ୍ୱର, ସା: ଓ.ଟି. ରୋଡ୍, ପୋଲିସ୍ ଲାଇନ୍, ଛକ, ବାଲେଶ୍ୱର, ଓଡ଼ିଶା-୭୫୬୦୦୧** ଠାରେ ଦରଖାସ୍ତ **ତା୦୭.୦୧.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ଦାଖଲ କରିପାରିବେ। ଯୋଗ୍ୟତା ଓ ଅନ୍ୟାନ୍ୟ ବିବରଣୀ ନିମନ୍ତେ ଆମର ନିକଟତମ ଶାଖା/କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା **zobalasore.rec@ucobank.co.in / zo.balasore@ucobank.co.in**କୁ ମେଲ୍ କରନ୍ତୁ ।

ତାରିଖ: ୩୧.୧୨.୨୦୨୪ ଆଞ୍ଚଳିକ ପ୍ରବନ୍ଧକ, ଆଞ୍ଚଳିକ କାର୍ଯ୍ୟାଳୟ: ବାଲେଶ୍ୱର


# ନାଚଗୀତରେ ଝୁମିଲେ ସହରବାସୀ




ରାଉରକେଲା,୩୧।୧୨(ଦିନେଶ ମିଶ୍ର)

**ସ୍ମାର୍ଟସିଟିରେ ଜିରୋ ନାଇଟ୍ ସେଲିବ୍ରେଶନ**

ସ୍ମାର୍ଟସିଟି ରାଉରକେଲା ସହରରେ ମଙ୍ଗଳବାର ଧୁମ୍‌ଧାମ୍‌ରେ ଜିରୋ ନାଇଟ୍ ସେଲିବ୍ରେଶନ କରାଯାଇଛି। ସହରର ମେ ଫେୟାର ହୋଟେଲ, ରାଉରକେଲା କ୍ଲବ, ହୋଟେଲ ଶ୍ୟାମ ବୃନ୍ଦାବନ ସହିତ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୨୦୨୪କୁ ବିଦାୟ ଦେଇ ନବବର୍ଷ ୨୦୨୫କୁ ସ୍ୱାଗତ କରିବା ପାଇଁ ସହର ଉତ୍ସବମୁଖର ହୋଇପଡିଥିଲା। ଗ୍ରାହକଙ୍କୁ ସ୍ୱାଗତ କରିବା ପାଇଁ ସହରର ଅନେକ ହୋଟେଲ ସୁବ୍ୟବସ୍ଥା କରିଥିଲେ। ଏହି ହୋଟେଲମାନଙ୍କରେ ଜିରୋ ନାଇଟ୍ ପାଳନକୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ବ୍ରାହ୍ମଣୀ କ୍ଲବ, ୟୁଥ୍ କ୍ଲବ, ରଘୁନାଥପାଲି ଯୁବ ସଙ୍ଗଠନରେ ନୂତନ ବର୍ଷକୁ ସ୍ୱାଗତ କରିବା ପାଇଁ ସଙ୍ଗୀତ ସନ୍ଧ୍ୟା ଅର୍କେଷ୍ଟ୍ରା ସହ ଫ୍ୟାଶନ ଶୋ' ନାଚଗୀତ ବ୍ୟବସ୍ଥା କରାଯାଇଥିଲା। ଏଥିସହ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ସହରର ପ୍ରମୁଖ ଛକମାନଙ୍କରେ ହାପି ନ୍ୟୁ ଇୟର–୨୦୨୫ର ହୋଡିଂ, ବ୍ୟାନର ସହ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ବିଶେଷ କରି ସହରର ଯୁବପିଢି ଓ ବିଭିନ୍ନ ବସ୍ତି ଅଞ୍ଚଳର ଲୋକେ ନୂତନ ବର୍ଷକୁ ସ୍ୱାଗତ କରିବା ପାଇଁ ସାମୂହିକ ଭୋଜିଭାତ ସହ ସଙ୍ଗୀତ ତାଳେ ତାଳେ ନାଚି ନୂତନ ବର୍ଷକୁ ସ୍ୱାଗତ କରିଥିଲେ। ଅନ୍ୟପକ୍ଷେ ଜିରୋନାଇଟ୍ ସେଲିବ୍ରେଶନକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ଲାଗି ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ନାଇଟ୍ ପାଟ୍ରୋଲିଂକୁ କଡାକଡି କରାଯାଇଥିଲା। ପ୍ରତ୍ୟେକ ଛକରେ ଟ୍ରାଫିକ ପୋଲିସ ମୁତୟନ କରାଯାଇଥିଲା।

**କଂସ ରାଜୁତିରେ ଢୁଲୁକିବ ନଗର**

# ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ପାଟଣାଗଡ଼,୩୧।୧୨(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଗଙ୍ଗାଧର ପାର୍କଠାରେ ସୋମବାର ରାତିରେ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଝାରୀ, ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ସୁଶାନ୍ତ ମହାନ୍ତି, ଉପସଭାପତି ଫାଜେଶ ଖାନ, ସମ୍ପାଦକ ଦିଲ୍ଲୀପ ଦାସ, ସହସମ୍ପାଦକ ଦିଲୀପ ବଗର୍ତ୍ତୀ, କୋଷାଧକ୍ଷ ଅଶ୍ୱିନୀ ସାହୁଙ୍କ ସମେତ ଧନୁଯାତ୍ରା ମହୋତ୍ସବ କମିଟିର କର୍ମକର୍ତ୍ତାମାନେ ମଞ୍ଚାସୀନ ଥିଲେ। ଏହି ଧନୁଯାତ୍ରା ଆସନ୍ତା ୫ ତାରିଖରେ ଉଦ୍‌ଯାପିତ ହେବ। ଉଦ୍‌ଘାଟନୀ ସଭା ପରେ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହୋଇଥିଲା। ମଥୁରା ନଗରୀର ରାଜା ଉଗ୍ରସେନଙ୍କ ମଥୁରା ନଗରୀ ପରିଭ୍ରମଣ କରି ଦରବାରରେ ପହଞ୍ଚିବା, ଯୁବରାଜ କଂସଙ୍କ ମୃଗୟା ଯାତ୍ରା, ଦେବକୀ ବସୁଦେବ ଶୁଭବିବାହ, ଶୂନ୍ୟବାଣୀ ଶୁଣି ଦେବକୀ ଓ ବସୁଦେବଙ୍କୁ ବନ୍ଦୀ କରିବା, ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସ ସିଂହାସନ ଆରୋହଣ କରିବା ଆଦି ମଞ୍ଚସ୍ଥ ହୋଇଥିଲା।

# କ୍ୟାମ୍ପରେ ୧୭୨ ରୋଗୀଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର

ରାଉରକେଲା,୩୧।୧୨
(ଦିନେଶ ମିଶ୍ର)

ରାଉରକେଲା ସିଭିଲଟାଉନ୍‌ସିପ୍ ସ୍ଥିତ ଲାୟନ୍ସ ହସ୍ପିଟାଲ ପରିସରରେ ମୋତିଆବିନ୍ଦୁ ଅସ୍ତ୍ରୋପ୍ରଚାର କ୍ୟାମ୍ପ ମଙ୍ଗଳବାରଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ସମାଜସେବୀ ପ୍ରେମ ଭଟ୍ଟ ଓ ରମେଶ ଲାଖୋଟିଆଙ୍କ ସହଯୋଗରେ କରାଯାଇଥିଲା। ଶିବିରରେ ଲାୟନ୍ସ ଆଇ ହସ୍ପିଟାଲର ଅଧ୍ୟକ୍ଷ ସୁରେଶ କେଜ୍ରିୱାଲ, ପୱନ ଅଗ୍ରୱାଲ, ରୂପେଶ ଅଗ୍ରୱାଲ ପ୍ରମୁଖ ଦାନଦାତାଙ୍କୁ ସମ୍ମାନିତ କରିଥିଲେ। ଶିବିରରେ ୧୭୨ ଜଣ ରୋଗୀଙ୍କ ୧୭୨ ଜଣଙ୍କ ନିଃଶୁଳ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିଲା। ୩ ଜଣ ବିଶେଷଜ୍ଞ ଡାକ୍ତରୀ ଟିମ୍ ଏହି ଅସ୍ତ୍ରୋପଚାର କରିଥିଲେ। ଲାୟନ୍ସ ହସ୍ପିଟାଲର ଡାକ୍ତର ମହେଶ ଜୈଥଲ୍ୟା, ଧନରାଜ ଚାଣ୍ଡକ ପ୍ରମୁଖ ସହଯୋଗ କରିଥିଲେ।


**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

अल्पकालीन पुर्न ई–निविदा आमंत्रण

सूचना संख्या – 05RI/2024–25/EE/RWD/DALTONGANJ

कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है

दिनांक–30.12.2024

1. कार्य का नाम :

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (लाख में) | | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| | | | अंक में | अक्षर में | | |
| 1 | EE/RWD/ DALTONGANJ /15/2024-25 | सोरडीहा मेन रोड से केतात मंदिर पथ तक पथ निर्माण । 2.80कि0मी0 | 308.214 | तीन करोड़ आठ लाख एक्कीस हजार चार सौ रू0 मात्र | 12 माह | द्वितीय |

2.बेवसाईट में निविदा प्रकाशन की तिथि : 04.01.2025
3.ई–निविदा प्राप्ति की अंतिम तिथि एवं समय : 18.01.2025 up to 5.00 PM
4.निविदा खोलने की तिथि एवं समय 20.01.2025 पूर्वाह्न 3.30 बजे
5.निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6.ई–निविदा प्रकोष्ठ का दूरभाष सं0 –06562357595
विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज

PR 343266 (Rural Development)24-25*D

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER, WATER RESOURCES DIVISION, KORBA (C.G.)**
**e-PROCUREMENT TENDER NOTICE**
eProcurement Portal: https://eproc.cgstate.gov.in
**(SECOND CALL)**

**NIT No.:06/SAC/24-25** **Dated: 30.12.2024**

Online tenders are invited for the following works upto 16.01.2025 at 17.30 hour.
Name of Work -
(System Tender No. 163548) : Construction of Tendubhatha Anicut on Gajar Nalla.
Probable Amount of Contract : Rs.275.67 Lakhs
(Note: Tender Invited As per SOR of August 2022)
The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in)** from **Date 06.01.2025 at 17.31 hours. (IST) onwards**.
**NOTE:** All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier registration in order to download the tender documents and participate in the subsequent bidding process.

**Sd./- Executive Engineer**
**Water Resources Division**
**Korba (C.G.)**

G-242504965/4

**PANCHASAKHA SHIKHYA SETU**
**(Erstwhile Mo School Abhiyan Parichalana Sangathan)**
**A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha - 751007**
**REQUEST FOR PROPOSAL (RFP)**

**RFP No. 771/PSS/24** **Date: 30.12.24**

No. n-180: Sealed quotations are invited for the selection of agency for providing Human Resource Services of Professionals for Project Monitoring Unit of Panchasakha Shikhya Setu (Erstwhile Mo School Abhiyan Parichalana Sangathan), A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha - 751007. The last date of submission of quotation is **23.01.2025** before **06.00 P.M.** For more details, please visit **www.moschool.in.**

OIPR-27178/11/0008/2425

# ଆଜିଠୁ ଜିଲା ମହୋତ୍ସବ ଦୁଲ୍‌ଦୁଲି

**ଖାରସୁଗୁଡ଼ା,୩୧।୧୨(ଆଶିଷ ରଞ୍ଜନ ଦାଶ)**

ଖାରସୁଗୁଡ଼ା ଜିଲା ପ୍ରତିଷ୍ଠା ଦିବସ ଏବଂ ଜିଲା ମହୋତ୍ସବ ଦୁଲ୍‌ଦୁଲି ବୁଧବାର ଉଦ୍‌ଘାଟିତ ହେବ। ଏଥିପାଇଁ ସମସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଥିବା ବେଳେ ଆସନ୍ତା ୫ ତାରିଖ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ ବୋଲି ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜନ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଜାନୁଆରୀ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଭାସ୍କର ଟେକ୍ସଟାଇଲ ମିଲ(ବିଟିଏମ୍) ପଡ଼ିଆଠାରେ ଜିଲା ପ୍ରତିଷ୍ଠା ଦିବସ, ପଲ୍ଲୀଶ୍ରୀ ମେଳା ଏବଂ ଜିଲା ମହୋତ୍ସବ ଦୁଲ୍‌ଦୁଲି ଆୟୋଜିତ ହେବ। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷା ଅବୋଲି ସୁନିଲ ନରୱଣେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ବିଭିନ୍ନ ସନ୍ଧ୍ୟାରେ କାର୍ଯ୍ୟକ୍ରମ ଆୟୋଜିତ ହେବ। ଜାନୁଆରୀ ୧ତାରିଖ ୧୨ଟାରେ ଖାଡେଶ୍ୱର ମନ୍ଦିରରୁ ଶୁଭ କଳସ ପୂଜାର୍ଚ୍ଚନା ପରେ ଷ୍ଟେଶନ ଛକସ୍ଥିତ କନକ ଦୁର୍ଗା ମନ୍ଦିର ଓ ବେହେରାମାଲସ୍ଥିତ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ମହୋତ୍ସବ ପଡ଼ିଆ ମଞ୍ଚରେ ସ୍ଥାପନ କରାଯିବ। ଜାନୁଆରୀ ୧ରୁ ମହୋତ୍ସବ ପଡ଼ିଆରେ ପଲ୍ଲୀଶ୍ରୀ ମେଳା ଆୟୋଜିତ ହେବ ବୋଲି ଓରମାସ ଡେପୁଟି ସିଇଓ ଯୁବରାଜ ସାହୁ ସୂଚନା ଦେଇଥିଲେ। ଖାରସୁଗୁଡ଼ା ଜିଲା ତଥା ଓଡ଼ିଶାର ବିଭିନ୍ନ ଜିଲା ସମେତ ରାଜ୍ୟର ବିଭିନ୍ନ ଜିଲାର ପ୍ରାୟ ୨୦୦ଟି ଷ୍ଟଲରେ ଗ୍ରାମୀଣ କଳାକାର ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପଲ୍ଲୀଶ୍ରୀ ମେଳାରେ

## ୫ରେ ଆସିବେ ମୁଖ୍ୟମନ୍ତ୍ରୀ

ପ୍ରଦର୍ଶିତ ହେବ ବୋଲି ସାହୁ କହିଥିଲେ। ଏଥର ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବାରେ ଆୟୋଜକ କମିଟି ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଇଥିବା ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ପ୍ରମୋଦ ସେନାପତି, ବିମଳେନ୍ଦୁ ଭୋଳ ଏବଂ ତାପସ ରାୟ ଚୌଧୁରୀ ମହୋତ୍ସବ ଆୟୋଜନ ନେଇ ସୂଚନା ପ୍ରଦାନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଅନିଲ କେର୍କେଟ୍ଟା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସାଲୋହୀ ଟିମ୍ ଚାମ୍ପିୟନ

**ଦେବଗଡ଼,୩୧।୧୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ତିଲେଇମାଳ ଗ୍ରାମରେ ଆଦିବାସୀ ଯୁବକ ସଂଘ ପକ୍ଷରୁ ଗତ ୨୭ ତାରିଖରୁ ଆୟୋଜିତ ପଞ୍ଚଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଅସନନାଳୀକୁ ପରାସ୍ତ କରି ସାଲୋହୀ ଦଳ ଚାମ୍ପିୟନ ହୋଇଛି। ସାଲୋହୀ ଦଳ ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୯୯ ରନ କରିଥିଲା। ଜବାବରେ ଅସନନାଳୀ ୧୦୦ ରନର ବିଜୟ ଲକ୍ଷ୍ୟ ନେଇ ଖେଳ ଆରମ୍ଭ କରିଥିବା ବେଳେ ମାତ୍ର ୭୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ତଥା



ଖେଳାଳିମାନଙ୍କ ସହ ଉପସ୍ଥିତ ଅତିଥି।

ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଉଭୟ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ଭାବେ ରବି କିଷାନ ଓ ମାନସ କିଷାନ ଫାଇନାଲ ମ୍ୟାଚ୍ ପରିଚାଳନା କରିଥିବା ବେଳେ କ୍ରିଷ୍ଣା ନାଏକ ଓ ଅଜିତ କିସାନ ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କମିଟିର ସୁଦଖ୍ୟ, ମୁନୁ, ନରେଶ, ଅଜିତ, ଅମୁଲ୍ୟ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଉତ୍ସବ ପ୍ରଧାନପାଟରେ ପଲିଶ୍ରୀ ମେଳା ପ୍ରସ୍ତୁତି ବୈଠକ

**ଦେବଗଡ଼,୩୧।୧୨(ଶଶାଙ୍କ ଶେଖର ଝାଙ୍କର)**

ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଡେପୁଟି ସିଓ ଓରମାସ ରବୀନ୍ଦ୍ର ପ୍ରଧାନଙ୍କ ଆବାହନକ୍ରମେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉତ୍ସବ ପ୍ରଧାନପାଟରେ ପଲିଶ୍ରୀ ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଲିଶ୍ରୀ ମେଳା, ଜିଲା ଉନ୍ନୟନ ପଦର୍ଶନୀ ମଣ୍ଡପ, ମୀନା ବଜାର ଜାନୁଆରୀ ୨୯ରୁ ଫେବୃଆରୀ ୨ ପର୍ଯ୍ୟନ୍ତ ପ୍ରଧାନପାଟ ବଡ଼ବଗିଚାଠାରେ ମେଳା ଚାଲିବ। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପ ଜିଲାପାଳ ପରକ୍ଷିତ ସାହୁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ୩ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ହକି ଟୁର୍ଣ୍ଣାମେଣ୍ଟ: କୁମ୍ରାପାଲି ଚାମ୍ପିୟନ

**ଦେବଗଡ଼,୩୧।୧୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ କର୍ଡାପାଳ ଗ୍ରାମରେ ଗତ ୨୮ ତାରିଖ ଠାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲାର ମୋଟ ୪୪ଟି ଦଳକୁ ନେଇ ଚାଲିଥିବା ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଆର୍‌ଏସ୍‌ପି ଇଲେଭେନ୍ ଷ୍ଟାର୍କୁ ୧–୦ ଗୋଲରେ ପରାସ୍ତ କରି କୁମ୍ରାପାଳି ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌କୁ ରେଫରୀ ଭାବେ ଅଜୟ କୁମାର ଏକ୍କା, ସଞ୍ଜୟ କୁମାର ସୁରିନ, ସୁଧିର କୁମାର କୁଜୁର ଓ ଜ୍ୟୋତି ଲାକ୍ରା ପ୍ରମୁଖ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଆୟୋଜକ ଅନୁଷ୍ଠାନ ସଭାପତି ବେଲାସ ଏକ୍କାଙ୍କ ସଭାପତିତ୍ୱ ଓ ସମ୍ପାଦକ ସେୱାନ ଲାକ୍ରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ତଥା ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼



ଅତିଥିଙ୍କ ଗହଣରେ ଖେଳାଳିମାନେ।

ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ବିପ୍ରଚରଣ ଜୟପୁରିଆ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ହକି ଖେଳାଳି ରୋଶନ ମିଞ୍ଜ (କର୍ଡାପାଳ ଗ୍ରାମର)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ କର୍ଡାପାଳସ୍ଥିତ ନେହେରୁ କ୍ଲବ ସହାୟତାରେ ଆୟୋଜିତ ହୋଇଥିଲା।

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**ବ୍ରଜରାଜନଗର,୩୧।୧୨(ବିଜୟ ବରାଡ଼):** ଖାରସୁଗୁଡ଼ା ଜିଲା ବ୍ରଜରାଜନଗର ଓ ବେଲପାହାଡ଼ ଗସ୍ତ କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଏହି ଅବସରରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ଗାନ୍ଧୀ ଛକଠାରେ ତ୍ରିନାଥ ମନ୍ଦିରଠାରେ ପୂଜାର୍ଚ୍ଚନା କରିଥିଲେ। ମନ୍ତ୍ରୀଙ୍କ ଜନ୍ମଦିନ ଥିବାରୁ ଅଞ୍ଚଳର ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୁଭେଚ୍ଛା ଜଣାଇଥିଲେ। ପରେ ବେଲପାହାଡ଼ସ୍ଥିତ ଠାକର ବାପା ଆଶ୍ରମକୁ ଯାଇ ଅନାଥାଶ୍ରମରେ ଅନାଥ ପିଲାମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସ୍ଥାନୀୟ ଏମ୍‌ସିଏଲ୍ ଅତିଥି ଭବନ ରହି ସାଧାରଣ ଲୋକମାନଙ୍କ ସମସ୍ୟା ବୁଝିଥିଲେ। ତପନ ସ୍ୱାଇଁ, ଅଶୋକ ପ୍ରଧାନ ପ୍ରମଖ ସହାୟତା ପ୍ରଦାନ କରିଥିଲେ।


**CEE FOR RECT IN TA FOR RECT RALLY AT PITHORAGARH (UK) 2024**

Common Entrance Exam (CEE) for Run Pass and Medically Fit candidates of TA Recruitment Rally, Pithoragarh (UK) 2024 will be held at **Dogra Regimental Centre, Ayodhya Cantt (UP)** on **12 Jan 2025** from **10:00 AM to 12:00 PM**. Candidates to report by **06:30 AM** at **Exam Centre on 12 Jan 2025** with all required documents for checking of documents and biometric verification.



**ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ, କଳାହାଣ୍ଡି**

ପତ୍ର ସଂଖ୍ୟା: ୬୯୧/ଡିସିଓ ତାରିଖ: ୩୦।୧୨।୨୦୨୪

**ବିଜ୍ଞାପନ**

ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି **'୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା' – ୨୦୨୫** ଆସନ୍ତା ତା୧୪।୦୧।୨୦୨୫ରୁ ୧୭।୦୧।୨୦୨୫ରିଖ ପର୍ଯ୍ୟନ୍ତ ସ୍ଥାନୀୟ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ଭବାନୀପାଟଣାଠାରେ ଅନୁଷ୍ଠିତ ହେବ। ଏଥିପାଇଁ ୧୫୦ଗୋଟି ପ୍ରଦର୍ଶନୀ ଷ୍ଟଲ୍ ସ୍ଥାପନ କରାଯିବ। ଷ୍ଟଲ୍‌ଗୁଡ଼ିକ ଆରକ୍ଷଣ କରିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଗୁଡ଼ିକ ପାଇଁ ଏହାର ସବିଶେଷ ବିସ୍ତୃତ ବିବରଣୀ ଜିଲ୍ଲା ୱେବ୍‌ସାଇଟ୍ **https://kalahandi.odisha.gov.in**ରେ ପ୍ରକାଶ କରାଯାଇଅଛି। ଆରକ୍ଷଣର କ୍ରମିକ ନମ୍ବର ଅନୁସାରେ ଷ୍ଟଲ୍‌ଗୁଡ଼ିକ ଆବଣ୍ଟନ କରାଯିବ। ତା୦୧।୦୧।୨୦୨୫ରିଖରୁ ଷ୍ଟଲ୍ ଆରକ୍ଷଣ କରିବା ଆରମ୍ଭ ହେବ।

ସ୍ୱା./– ଜିଲ୍ଲା ସଂସ୍କୃତି ଅଧିକାରୀ, କଳାହାଣ୍ଡି


# ୩ବର୍ଷ ହେବ ଚୂଡ଼ାନ୍ତ ବିଲ୍ ପାଇନାହାନ୍ତି ହିତାଧିକାରୀ




ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ନେତୃମଣ୍ଡଳୀ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା

### ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର

**ଖାରସୁଗୁଡ଼ା,୩୧।୧୨(ଆଶିଷ ରଞ୍ଜନ ଦାଶ)**

ଖାରସୁଗୁଡ଼ା ପୌର ପରିଷଦରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ହିତାଧିକାରୀମାନେ ଆଜିଯାଏ ଚୂଡ଼ାନ୍ତ ବିଲ୍ ପାଇନାହାନ୍ତି। ଅନୁସୁଚିତ ଜାତି ଓ ଅନୁସୁଚିତ ଜନଜାତି ମିଳିତ କ୍ରିୟାନୁଷ୍ଠାନ କମିଟି ଏକ ନେତୃମଣ୍ଡଳୀ ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଛି। ଯଦି ଶୀଘ୍ର ପଦକ୍ଷେପ ନିଆ ନ ଯାଏ ତାହା ହେଲେ ମିଳିତ କାର୍ଯ୍ୟାନୁଷ୍ଠାନ କମିଟି ସହିତ ବିଭିନ୍ନ ସଙ୍ଗଠନ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଜଣାଇଛନ୍ତି। ସୂଚନା ଯେ, ପୌର ପରିଷଦ ଅଧୀନ ଚିଟୁଆପଡ଼ା, ୱାର୍ଡ ନଂ. ୧୫ ବାସିନ୍ଦା କୁମାରୀ ସାବିତ୍ରୀ ଓରାମ, ମଞ୍ଜୁ ଓରାମ, ଚନ୍ଦ୍ରମା ଓରାମ ୨୦୧୯–୨୦ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିଲେ। ଏହି ଯୋଜନା ମାଧ୍ୟମରେ ୨ ଲକ୍ଷ ଟଙ୍କା କିସ୍ତି ଆକାରରେ ସିଧାସଳଖ ପାଇ ପାରିବେ ବୋଲି ଦର୍ଶାଯାଇଛି। ସେହି ଅନୁସାରେ ସେମାନେ ଗୃହ ନିର୍ମାଣ କରିଛନ୍ତି। ପ୍ରଥମ କିସ୍ତି ୬୦ ହଜାର, ଦ୍ୱିତୀୟ କିସ୍ତି ୪୦ ହଜାର, ତୃତୀୟ କିସ୍ତି ୬୦ ହଜାର ଟଙ୍କା ପାଇଥିବା ବେଳେ ଶେଷ କିସ୍ତି ୪୦ ହଜାର ଟଙ୍କା ତାଙ୍କୁ ମିଳିନାହିଁ। ଗୃହ ନିର୍ମାଣ ଶେଷ ହେବାର ୩ ବର୍ଷ ବିତିଯାଇଥିଲେ ମଧ୍ୟ ଶେଷ କିସ୍ତି ଆଜି ପର୍ଯ୍ୟନ୍ତ ମିଳିନାହିଁ। ଏ ନେଇ ଗତ ସେପ୍ଟେମ୍ବର ୨ ତାରିଖରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଜିଲାପାଳ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରି ଶୀଘ୍ର ପ୍ରଦାନ ପାଇଁ କହିଥିଲେ। ଏହାପରେ ୨ ମାସ ପରେ ମଧ୍ୟ ଟଙ୍କା ନ ମିଳିବାରୁ ପୁଣି ନଭେମ୍ବର ୪ ତାରିଖରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦ୍ୱିତୀୟ ଥର ଅଭିଯୋଗ କରିଥିଲେ। ବିଭାଗୀୟ ଅଧିକାରୀମାନେ ତତ୍ପରତାର ସହିତ ଗ୍ରାମକୁ ଯାଇ ଦୁଇ ତିନି ଦିନ ମଧ୍ୟରେ ଖାତାରେ ଟଙ୍କା ଜମା ହୋଇଯିବ କହିଥିଲେ। ହେଲେ ଅଭିଯୋଗ କରିବାର ୪ ମାସ ବିତି ଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ବକେୟା ଅର୍ଥ ପାଇନାହାନ୍ତି। ନେତୃମଣ୍ଡଳୀରେ ସଙ୍ଗଠନ ସମ୍ପାଦକ ପ୍ରଭାକର ଓରାମ, ଆଦିବାସୀ ନେତା ତ୍ରିଲୋଚନ ଦଣ୍ଡସେନା, ଛାତ୍ରନେତା ଜିତେନ୍ଦ୍ରିୟ ଧରୁଆ, ରବୀନ୍ଦ୍ର ସୋହେଲା, ବିଜୟ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ. DRM/Engg/KUR/24-25/E-Tender/93, ତା.26.12.2024ରିଖ

(1) ଟେଣ୍ଡର ସଂ. e-TenderBRIDGKUR-262-24,ତା.17.12.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଜରୋଲି (JRLI) – ଟମକା (TMKA) ସେକ୍ସନ ଅଧୀନସ୍ଥ ରୋଡ଼ ଓଭର ବ୍ରିଜ୍(ROBs) ଗୁଡ଼ିକରେ ସୁରକ୍ଷାତ୍ମକ ପୃଷ୍ଠଭାଗ କୋଟିଙ୍ଗର ଉପଯୋଗ ଏବଂ ପୋଲ ଗୁଡ଼ିକରେ ତ୍ରୁଟିପୂର୍ଣ୍ଣ ଇଲାଷ୍ଟୋମେରିକ୍ ବିୟରିଙ୍ଗ ଗୁଡ଼ିକର ସ୍ଥାନାନ୍ତରଣ, ଗର୍ଡର ପୋଲଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାର ପ୍ରସ୍ତାବିତ ଫିଟ୍ଟିଙ୍ଗ୍।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 228.52 ଲକ୍ଷ, EMD (₹) : 2,64,300.00।

(2) ଟେଣ୍ଡର ସଂ. eTender-HQ-KUR-270-2024, ତା.17.12.2024ରିଖ

**ବିବରଣୀ :** ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ/ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ (KUR)– ବଲାଙ୍ଗୀର (BLGR) ସେକ୍ସନର ଖୋର୍ଦ୍ଧା ରୋଡ଼ (KUR) ଠାରୁ ବୋଲଗଡ଼ (BORT) ଷ୍ଟେସନ ପର୍ଯ୍ୟନ୍ତ ପୋଲଗୁଡ଼ିକର ସମ୍ ଆପ୍ରୋନ୍, ୱିଙ୍ଗ୍ ୱାଲ, ରିଟର୍ଣ୍ଣ ୱାଲ, ଡ୍ରପ୍ ୱାଲ, ବାଲାଷ୍ଟ ରିଟେନିଙ୍ଗ୍ ୱାଲ, ଡିସିଲ୍‌ଟିଙ୍ଗ୍ ଡ୍ରେନ୍, ଜଙ୍ଗଲ ସଫେଇ, ଇପୋକ୍ସି ପ୍ଲାଷ୍ଟର, ଷ୍ଟୋନ ପିଚିଙ୍ଗ୍ ଇତ୍ୟାଦି ନିମନ୍ତେ ପ୍ରସ୍ତାବିତ ମରାମତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 135.11 ଲକ୍ଷ, EMD (₹) : 2,17,600.00।

(3) ଟେଣ୍ଡର ସଂ. etendernorthkur-272-2024, ତା.18.12.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଯାଜପୁର କେନ୍ଦୁଝର ରୋଡ଼ ଅଧୀନସ୍ଥ J-D ଲାଇନରେ କି.ମି.180.00 ଠାରୁ କି.ମି.147.00 ପର୍ଯ୍ୟନ୍ତ ଏବଂ ଯାଜପୁର କେନ୍ଦୁଝର ରୋଡ଼-କେନାପୁର ଷ୍ଟେସନ ମଧ୍ୟରେ କି.ମି.334.74 ଠାରୁ କି.ମି.353.80 ପର୍ଯ୍ୟନ୍ତ 30.09.2025 ପର୍ଯ୍ୟନ୍ତ ଅବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 163.18 ଲକ୍ଷ, EMD (₹) : 2,31,600.00।

(4) ଟେଣ୍ଡର ସଂ. etendersouthkur-271-2024, ତା.16.12.2024ରିଖ

**ବିବରଣୀ :** ସହାୟକ ମଣ୍ଡଳ ଯନ୍ତ୍ରୀ/ବାଲୁଗାଁ(BALU) ଅଧୀନସ୍ଥ ଶୌଚାଳୟ, ଫେନ୍ସିଙ୍ଗ୍, ଗଭୀର ନଳକୂପ ଏବଂ ହାଇଟ୍ ଗେଜ୍ ଇତ୍ୟାଦି ସହିତ ଲେଭେଲ କ୍ରସିଙ୍ଗ୍ ପ୍ରବେଶ ପଥ ପୃଷ୍ଠଭାଗ, ଲେଭେଲ କ୍ରସିଙ୍ଗ୍ ଗୁମଟିର ପ୍ରସ୍ତାବିତ ବିବିଧ ମରାମତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 99.93 ଲକ୍ଷ, EMD (₹) : 1,99,900.00।

ଶେଷ ହେବା ଅବଧି : 10(ଦଶ) ମାସ (କ୍ରମ ସଂ.1 ପାଇଁ) ଏବଂ 12(ବାର) ମାସ (କ୍ରମ ସଂ.2 ପାଇଁ) ଏବଂ 08(ଆଠ) ମାସ (କ୍ରମ ସଂ.3 ଏବଂ 4 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.01.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ୍), ଖୋର୍ଦ୍ଧା ରୋଡ଼

PR-848/P/24-25



**NOTICE**

**CHANGE OF NAME**

I, LAXMIPRIYA SWAIN, aged about 40 years, W/o. DILLIP KUMAR JENA, have changed my surname from 'SWAIN' to 'JENA' vide Affidavit dated 20.12.2024 sworn before the Executive Magistrate, Bhubaneswar. I shall, henceforth be known as LAXMIPRIYA JENA instead of LAXMIPRIYA SWAIN for all purposes.



**ୟୁକୋ ବ୍ୟାଙ୍କ UCO BANK**
(ଭାରତ ସରକାରଙ୍କ ଉପକ୍ରମ) (A Govt. of India Undertaking)
ସମ୍ମାନ ଆପଣଙ୍କ ବିଶ୍ୱାସର Honours Your Trust

ଆଞ୍ଚଳିକ କାର୍ଯ୍ୟାଳୟ: ବାଲେଶ୍ୱର, ଓଟି ରୋଡ଼, ପୋଲିସ୍ ଲାଇନ୍ ଛକ ନିକଟ, ବାଲେଶ୍ୱର, ଓଡ଼ିଶା-୭୫୬୦୦୧

**ରିୟଲ୍ ଇଷ୍ଟେଟ୍ ଏଜେଣ୍ଟ/ସମ୍ପତ୍ତି ବ୍ରୋକରମାନଙ୍କର ତାଲିକାଭୁକ୍ତିକରଣ**

ୟୁକୋ ବ୍ୟାଙ୍କ, ରିୟଲ ଇଷ୍ଟେଟ୍ ଏଜେଣ୍ଟ/ସମ୍ପତ୍ତି ବ୍ରୋକରମାନଙ୍କର ତାଲିକାଭୁକ୍ତିକରଣ ନିମନ୍ତେ ଯୋଗ୍ୟ ବ୍ୟକ୍ତିବିଶେଷ/ସଂସ୍ଥା/ଏଜେନ୍ସି/ ଏଲ୍‌ଏଲ୍‌ପି/ କମ୍ପାନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି। ୟୁକୋ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ବାଲେଶ୍ୱର, ସା: ଓ.ଟି. ରୋଡ଼, ପୋଲିସ୍ ଲାଇନ୍ ଛକ, ବାଲେଶ୍ୱର, ଓଡ଼ିଶା-୭୫୬୦୦୧ ଠାରେ ଦରଖାସ୍ତ ତା୦୭.୦୧.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିପାରିବେ। ଯୋଗ୍ୟତା ଓ ଅନ୍ୟାନ୍ୟ ବିବରଣୀ ନିମନ୍ତେ ଆମର ନିକଟତମ ଶାଖା/କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା **zobalasore.rec@ucobank.co.in / zo.balasore@ucobank.co.in**କୁ ମେଲ୍ କରନ୍ତୁ।

ତାରିଖ: ୩୧.୧୨.୨୦୨୪ ଆଞ୍ଚଳିକ ପ୍ରବନ୍ଧକ, ଆଞ୍ଚଳିକ କାର୍ଯ୍ୟାଳୟ: ବାଲେଶ୍ୱର


# ଦଣ୍ଡାସିଂହାକୁ ପରାସ୍ତ କରି ବାରକୋଟକୁ ଟାଇଟଲ



ଅତିଥିଙ୍କ ଗହଣରେ ଖେଳାଳିମାନେ।

## ପଞ୍ଚଦିବସୀୟ କ୍ରିକେଟ ପ୍ରତିଯୋଗିତା

**ଦେବଗଡ଼,୩୧।୧୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ବସାଲଇ ଗ୍ରାମପଞ୍ଚାୟତ ସଦର ମହକୁମାରେ ସେଞ୍ଚୁରୀ କ୍ଲବ ଆନୁକୂଲ୍ୟରେ ଗତ ୨୭ ତାରିଖଠାରୁ ଆରମ୍ଭ ହୋଇଥିବା ପଞ୍ଚ ଦିବସୀୟ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଦଣ୍ଡାସିଂହା କ୍ରିକେଟ ଦଳକୁ ୩୪ ରନରେ ପରାସ୍ତ କରି ବାରକୋଟ କ୍ରିକେଟ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଅମ୍ପାୟର ଭାବେ ଅମିତ ସାହୁ, ଚଗଲା ସାହୁ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ କୁନା ସାମଲ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ନୟନ ସାମଲ ଓ ପିକେଶ ବେହେରା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ଆୟୋଜକ ସେଂଚୁରୀ କ୍ଲବ ସଭାପତି ରାଜୁ ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା ଯୁବନେତା ଦିଲୀପ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଧରେନ କୁମାର ଧଳ, ଲାଲୁ ବେହେରା ଓ ଦୁଷ୍ମନ୍ତ ପ୍ରଧାନ ଯୋଗଦେଇ ବିଜେତା ବାରକୋଟ କ୍ରିକେଟ ଦଳ ଓ ଉପବିଜେତା ଦଣ୍ଡାସିଂହା କ୍ରିକେଟ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ କ୍ଲବ ସମ୍ପାଦକ ବିଜୟତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।


**GOVERNMENT OF CHHATTISGARH**

**WATER RESOURCES DEPARTMENT**

**OFFICE OF THE EXECUTIVE ENGINEER, WATER RESOURCES DIVISION, KORBA (C.G.)**

**e-PROCUREMENT TENDER NOTICE**

eProcurement Portal: https://eproc.cgstate.gov.in

**(SECOND CALL)**

**NIT No.:06/SAC/24-25** **Dated: 30.12.2024**

Online tenders are invited for the following works upto 16.01.2025 at 17.30 hour.
Name of Work -
(System Tender No. 163548) : Construction of Tendubhatha Anicut on Gajar Nalla.
Probable Amount of Contract : Rs.275.67 Lakhs
(Note: Tender Invited As per SOR of August 2022)
The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in)** from **Date 06.01.2025 at 17.31 hours. (IST) onwards**.

**NOTE:** All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier registration in order to download the tender documents and participate in the subsequent bidding process.

**Sd./- Executive Engineer**
**Water Resources Division**
**Korba (C.G.)**

G-242504965/4


# କିର୍ମିରାରେ ଯୁଗ୍ମ ଜନଶୁଣାଣି ଶିବିର

**ଖାରସୁଗୁଡ଼ା,୩୧।୧୨(ଆଶିଷ ରଞ୍ଜନ ଦାଶ):** ଖାରସୁଗୁଡ଼ା ଜିଲା କିର୍ମିରା ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି.ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁ, ଉପାଧ୍ୟକ୍ଷା ସାବିତ୍ରୀ ମାଝି, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ୭ଟି ଅଭିଯୋଗରୁ ୨ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଥିଲା। ଶିବିରରେ ସରକାରୀ ଜମି ମାପଚୁପ କରାଯିବା, କାଜୁ ବଗିଚାରେ ମରି ଯାଇଥିବା ଗଛ ସ୍ଥାନରେ ନୂତନ ଚାରା ରୋପଣ ଏବଂ କାଜୁ ପ୍ଲାଣ୍ଟେସନ ସହ ତାରବାଡ଼ ଦିଆଯିବା ଓ କାଜୁ ବଗିଚା ଚତୁଃପାଶ୍ୱରେ ଡ୍ରେନ ତିଆରି କରାଯିବା ସମ୍ପର୍କରେ କିର୍ମିରା ମୌଜାର ଗ୍ରାମବାସୀଙ୍କ ପକ୍ଷରୁ ଦରଖାସ୍ତ ଦାଖଲ କରାଯାଇଥିଲା। ଅଭିଯୋଗର ତର୍ଜମା କରି ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।


**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

अल्पकालीन पुर्न ई–निविदा आमंत्रण

सूचना संख्या – 05RI/2024–25/EE/RWD/DALTONGANJ

कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है

दिनांक–30.12.2024

1. कार्य का नाम :

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/ DALTONGAN J /15/2024-25 | सोरडीहा मेन रोड से केताल मंदिर पथ तक पथ निर्माण । 2.80कि0मी0 | 308.214 | तीन करोड़ आठ लाख एक्कीस हजार चार सौ रू0 मात्र | 12 माह | द्वितीय |

2.बेवसाईट में निविदा प्रकाशन की तिथि : 04.01.2025
3.ई–निविदा प्राप्ति की अंतिम तिथि एवं समय : 18.01.2025 up to 5.00 PM
4.निविदा खोलने की तिथि एवं समय 20.01.2025 पूर्वाह्न 3.30 बजे
5.निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6.ई–निविदा प्रकोष्ठ का दूरभाष सं0 –06562357595

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज

PR 343266 (Rural Development)24-25*D



**PANCHASAKHA SHIKHYA SETU**

**(Erstwhile Mo School Abhiyan Parichalana Sangathan)**

**A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha - 751007**

**REQUEST FOR PROPOSAL (RFP)**

**RFP No. 771/PSS/24** **Date: 30.12.24**

No. n-180: Sealed quotations are invited for the selection of agency for providing Human Resource Services of Professionals for Project Monitoring Unit of Panchasakha Shikhya Setu (Erstwhile Mo School Abhiyan Parichalana Sangathan), A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha - 751007. The last date of submission of quotation is **23.01.2025** before **06.00 P.M.** For more details, please visit **www.moschool.in**.

OIPR-27178/11/0008/2425

# ଧାନ କିଣାକୁ ସ୍ୱଚ୍ଛ କରିବାକୁ ରାଜ୍ୟ ସରକାର ବଦ୍ଧପରିକର: ମହେଶ୍ୱର

କେନ୍ଦୁଝର, ୩୧।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କେନ୍ଦୁଝର ସଦର ସବ୍‌ଡିଭିଜନର ପଣ୍ଡାପଡ଼ା, ନରଣପୁର, କେନ୍ଦୋଇପସି, ଜମୁନାପଶି, ଚେମେଣା ଆଦି ଧାନମଣ୍ଡିକୁ ମଙ୍ଗଳବାର ଗସ୍ତ କରିଛନ୍ତି। ଏହି ସମୟରେ କେନ୍ଦ୍ର ସରକାରଙ୍କ ଧାନ ସଂଗ୍ରହ ନିର୍ଦ୍ଦେଶାବଳୀ ବ୍ୟବସ୍ଥା ଅନୁଯାୟୀ ଧାନମଣ୍ଡିଗୁଡ଼ିକ ଠିକ୍‌ଠାକ୍ କାମ କରୁଛନ୍ତି କି ନାହିଁ ସେ ତାହାର ତଦାରଖ କରିଥିବା ଦେଖିବାକୁ ମିଳିଛି। ଏଥିସହ ମହେଶ୍ୱର କହିଛନ୍ତି, ଓଡ଼ିଶାରେ ଭାଜପା ସରକାର ଆସିବା ପରେ ଚାଷୀଙ୍କ ଆୟକୁ ଦୁଇଗୁଣା କରିବା ସକାଶେ କୃଷକ କଲ୍ୟାଣକାରୀ ଯୋଜନାମାନ ଚାଲୁ କରିଛନ୍ତି। ତନ୍ମଧ୍ୟରୁ ୪୮ ଘଣ୍ଟା ଭିତରେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଚ୍ଛା ୩୧୦୦ ଟଙ୍କା ପ୍ରଦାନ ବ୍ୟବସ୍ଥା ଅନ୍ୟତମ। ଫଳରେ କୃଷକମାନଙ୍କୁ ଆଉ ଶୋଷଣର ଶିକାର ହେବାକୁ ପଡ଼ିବ ନାହିଁ। ଧାନକିଣା କାରବାରକୁ ସ୍ୱଚ୍ଛ କରିବା ପାଇଁ ମୋହନ ଚରଣ ମାଝୀ ସରକାର ବଦ୍ଧପରିକର। ଯେଉଁମାନେ ଧାନକିଣା କାରବାରରେ ଚାଷୀଙ୍କୁ ହଇରାଣ କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହେଶ୍ୱର କହିଛନ୍ତି। ଉପସ୍ଥିତ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିଥିବାରୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ଭାଗିରଥି ସିଂ, ଜିଲା ଧାନ ସଂଗ୍ରହ କମିଟିର ସଦସ୍ୟ ପ୍ରକାଶ ସୂତ୍ରଧର, ଅମିତ୍ କୁମାର ପ୍ରସାଦଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।


ଧାନମଣ୍ଡିରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି।

# ଚାଷୀଙ୍କ ସମସ୍ୟା ସରକାରଙ୍କୁ ଜଣାଇବି: ନବୀନ

ପଟ୍ଟାମୁଣ୍ଡାଇ, ୩୧।୧୨(କଳ୍ପତରୁ ନାୟକ)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଙ୍ଗଳବାର ଦିନିକିଆ କେନ୍ଦ୍ରାପଡ଼ା ଜିଲା ଗସ୍ତରେ ଆସି ଅଦିନିଆ ବର୍ଷା ଯୋଗୁ ହୋଇଥିବା ଫସଲ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି। ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ଶ୍ୟାମସୁନ୍ଦରପୁର ଏକ ପଡ଼ିଆଠାରେ ଅପରାହ୍ନ ୨ଟା୨୦ରେ ହେଲିକପ୍ଟର ଯୋଗେ ଅବତରଣ କରିବା ପରେ ବିଜେଡି ନେତା ଓ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ଅନେକ ହଜାର ଚାଷୀ ଓ ମହିଳା ନବୀନଙ୍କୁ ଦେଖି ଭାବବିହ୍ୱଳ ହୋଇପଡ଼ିଥିଲେ। ଶଙ୍ଖ ଧ୍ୱନି, ହୁଳହୁଳିରେ ପୁରା ପଡ଼ିଆ ପ୍ରକମ୍ପିତ ହୋଇଉଠିଥିଲା। ପରେ ନବୀନ କ୍ଷତିଗ୍ରସ୍ତ ଚାଷୀଙ୍କ ଦୁଃଖ ଦୁର୍ଦ୍ଦଶା ଶୁଣିଥିଲେ। ଚାଷୀ ଅଭିଯୋଗ କରିଥିଲେ, ବର୍ଷା ଛାଡ଼ିଯିବାର ଏତେଦିନ ପରେ ମଧ୍ୟ କୌଣସି ସରକାରୀ କର୍ମଚାରୀ ଏପର୍ଯ୍ୟନ୍ତ କ୍ଷେତ୍ର ପରିଦର୍ଶନରେ ଆସିନାହାନ୍ତି। ବର୍ଷା ସମ୍ପର୍କରେ ସରକାରଙ୍କ ପକ୍ଷରୁ ଆଗୁଆ ସୂଚନା ଜାରି କରାଯାଇଥିଲେ ହୁଏତ ଫସଲ ବଞ୍ଚିଯାଇଥାନ୍ତା। ସେହିପରି ଫସଲ ବୀମା ସମ୍ପର୍କରେ ମଧ୍ୟ ସରକାରଙ୍କ ପକ୍ଷରୁ ଠିକ୍ ଭାବେ ଅବଗତ କରାଯାଇନାହିଁ। ବିରୋଧୀ ଦଳ ନେତା ନବୀନ ଚାଷୀଙ୍କୁ ଆଶ୍ୱାସନା ଦେଇ କହିଥିଲେ, ସେ ସବୁବେଳେ ଚାଷୀ ଭଉଣୀଭାଇଙ୍କ ସହ ଅଛନ୍ତି ଓ ସେମାନଙ୍କ ହକ୍ ପାଇଁ ଲଢ଼େଇକରିବେ। ପଟ୍ଟାମୁଣ୍ଡାଇ ଚାଷୀକୁଳ ଦୁଃଖରେ ଅଛନ୍ତି। ଅଦିନିଆ ବର୍ଷା ସେମାନଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ତୁରନ୍ତ ଚାଷୀଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବା ପାଇଁ ସରକାରଙ୍କ ନିକଟରେ ଦୃଢ଼ ଦାବି ଜଣାଇବେ। ପରେ ଗ୍ରାମରେ ପହଞ୍ଚି କ୍ଷତିଗ୍ରସ୍ତ ଚାଷଜମି ପରିଦର୍ଶନ କରିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କ ଦୁଃଖ ଦୁର୍ଦ୍ଦଶା ଶୁଣିଥିଲେ। ଚାଷୀଙ୍କ ସହ ଆଲୋଚନାକରି ରାଜ୍ୟ ସରକାରଙ୍କ ନିକଟରେ ସେମାନଙ୍କ କଲ୍ୟାଣ ପାଇଁ ବିଧାନସଭାରେ ଉପସ୍ଥାପନ କରିବେ ବୋଲି ଆଶ୍ୱାସନା ଦେଇଥିଲେ। ଏହି ଗସ୍ତ ସମୟରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ମହାକାଳପଡ଼ା ପୂର୍ବତନ ବିଧାୟକ ଅତନୁ ସବ୍ୟସଚୀ ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ନଗର ବିଜେଡି ସଭାପତି ଖଗେଶ୍ୱର ଲେଙ୍କା, ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।


ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷୀଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଭେଟି କ୍ଷୟକ୍ଷତି ସମ୍ପର୍କରେ ପଚାରୁଛନ୍ତି।































ଚଳିତ ବର୍ଷ ପରଦା ଉପରକୁ ଆସୁଥିବା ବଲିଉଡ୍, ଓଲିଉଡ୍ ଏବଂ ହଲିଉଡ୍ ଚଳଚ୍ଚିତ୍ର ସମ୍ପର୍କରେ ସୂଚନା...

# ଏ ବର୍ଷ ପରଦାରେ


'ସନି ସଂସ୍କାରୀ କି ତୁଲସୀ କୁମାରୀ' ଫିଲ୍ମରେ ବରୁଣ-ଜାହ୍ନବୀ


'ରାଣ୍ଡିପୁଅ ଅନନ୍ତା' ଫିଲ୍ମରେ ସବ୍ୟସାଚୀ

## ବଲିଉଡ୍


'ୱାର ୨' ଫିଲ୍ମରେ ଏନ୍‌ଟିଆର ଜୁନିୟର-ହ୍ରିତିକ୍

ଏଥର ବଲିଉଡ୍‌ରେ ପରଦା ଉପରକୁ ଆସିବାକୁ ଯାଉଥିବା ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ ବେଶ୍ କେତୋଟି ଷ୍ଟାର-ଷ୍ଟଡେଡ୍ ଫିଲ୍ମ ରହିଛି। ବିଶେଷଭାବରେ ଚଳିତ ବର୍ଷ ରିଲିଜ ହେଉଥିବା 'ଇମର୍ଜେନ୍ସି', 'ସ୍କାଏ ଫୋର୍ସ', 'ସିକନ୍ଦର', 'ହାଉସଫୁଲ୍ ୫' ଏବଂ 'ୱାର ୨' ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଏ ବର୍ଷ ଜୁଲାଇରେ କୌଣସି ଚଳଚ୍ଚିତ୍ର ମୁକ୍ତିଲାଭ କରିବା ସୂଚନା ନାହିଁ।

**ଜାନୁୟାରୀ ୧୦**
**ଫତେହ**
-ସୋନୁ ସୁଦ୍, ନାସିରୁଦ୍ଦିନ ଶାହା, ଜ୍ୟାକ୍‌ଲିନ୍ ଫର୍ନାଡିଜ୍
**ସନ୍ତୋଷ**
-ସଞ୍ଜୟ ବିଷ୍ଣୋଇ, ସାହାନା ଗୋସ୍ୱାମୀ
**ଜାନୁୟାରୀ ୧୭**
**ଇମର୍ଜେନ୍ସି**
-କଙ୍ଗନା ରାଣାୱତ, ଅନୁପମ ଖେର, ଶ୍ରେୟାସ ତଲପାଡେ
**ଆଜାଦ**
-ଅମନ ଦେବଗନ, ରାସା ଥଡାନି
**ମିଶନ ଗ୍ରେ ହାଉସ**
-ଅବିର ଖାନ୍, ପୂଜା ଶର୍ମା
**ଲାହୋର ୧୯୪୭**
-ସନି ଦେଓଲ, ପ୍ରୀତି ଜିଣ୍ଟା, ଆମୀର ଖାଁ
**ଜାନୁୟାରୀ ୨୪**
**ସ୍କାଏ ଫୋର୍ସ**
-ଅକ୍ଷୟ କୁମାର, ସାରା ଅଲ୍ଲୀ ଖାଁ
**ଜାନୁୟାରୀ ୩୧**
**ଦେବା**
-ଶାହୀଦ କପୁର, ପୂଜା ହେଗ୍‌ଡେ
**ଫେବୃୟାରୀ ୭**
**ଚାଭା**
-ଭିକି କୌଶଲ, ରଶ୍ମିକା ମାନ୍ଦାନା
**ଫେବୃୟାରୀ ୧୪**
**ସନ୍‌କି**
-ଆହାନ୍ ସେଟ୍ଟି, ପୂଜା ହେଗ୍‌ଡେ
**ନଖରେୱାଲି**
-ଅଂଶ ଦୁଗଲ, ପ୍ରଗତି ଶ୍ରୀବାସ୍ତବ
**ମାର୍ଚ୍ଚ ୧୪**
-ଅକ୍ଷୟ କୁମାର, ଆର୍. ମାଧବନ, ଅନନ୍ୟା ପାଣ୍ଡେ ଅଭିନୀତ ଅନ୍‌ଟାଇଟଲ୍ଡ ଫିଲ୍ମ
**ଏପ୍ରିଲ ୧**
**ସିକନ୍ଦର**
-ସଲମାନ ଖାଁ, କାଜଲ ଅଗ୍ରୱାଲ, ରଶ୍ମିକା ମାନ୍ଦାନା
**ଏପ୍ରିଲ ୧୦**
**ଜଲି ଏଲ୍‌ଏଲ୍‌ବି ୩**
-ଅକ୍ଷୟ କୁମାର, ହୁମା କ୍ୟୁରେସି
**ଏପ୍ରିଲ ୧୮**
**ସନି ସଂସ୍କାରୀ କି ତୁଲସୀ କୁମାରୀ**
-ବରୁଣ ଧାୱନ, ଜାହ୍ନବୀ କପୁର
**ଜାଟ୍**
-ସନି ଦେଓଲ, ସିୟାମୀ ଖେର
**ମେ ୧**
**ରେଡ୍ ୨**
-ଅଜୟ ଦେବଗନ, ବାଣୀ କପୁର
**ଜୁନ୍ ୬**
**ହାଉସ୍‌ଫୁଲ୍ ୫**
-ଅକ୍ଷୟ କୁମାର, ରିତେଶ ଦେଶମୁଖ, ସଞ୍ଜୟ ଦତ୍ତ, ଅଭିଷେକ ବଚ୍ଚନ, ଜ୍ୟାକ୍‌ଲିନ୍ ଫର୍ନାଡିଜ୍
**(ଜୁଲାଇରେ କୌଣସି ସିନେମା ମୁକ୍ତିଲାଭ କରିବା ବିଷୟରେ ୱିକିପିଡିଆରେ ସୂଚନା ଦିଆଯାଇନାହିଁ)**
**ଅଗଷ୍ଟ ୧୫**
**ୱାର୍ ୨**
-ହ୍ରିତିକ୍ ରୋଶନ, ଏନ୍‌ଟିଆର ଜୁନିୟର, କିଆରା ଆଡୱାନି, ଅନୀଲ କପୁର
**ଦ ଦିଲ୍ଲୀ ଫାଇଲ୍ସ**
-ମିଥୁନ ଚକ୍ରବର୍ତ୍ତୀ, ଅନୁପମ ଖେର, ପଲ୍ଲବୀ ଜୋଷୀ
**ସେପ୍ଟେମ୍ବର ୫**
**ବାଗୀ ୪**
-ଟାଇଗର ଶ୍ରଫ, ସଞ୍ଜୟ ଦତ୍ତ, ସୋନମ ବାଜୱା
**ଅକ୍ଟୋବର ୧୭**
**ଥାମା**
-ଆୟୁଷ୍ମାନ୍ ଖୁରାନା, ରଶ୍ମିକା ମାନ୍ଦାନା
**ନଭେମ୍ବର ୧୪**
**ଦେ ଦେ ପ୍ୟାର୍ ଦେ ୨**
ଅଜୟ ଦେବଗନ, ଆର୍. ମାଧବନ, ରକୁଲ ପ୍ରୀତ ସିଂ
**ନଭେମ୍ବର ୨୧**
**୧୨୦ ବାହାଦୁର**
-ଫରହାନ୍ ଅଖତର
**ଡିସେମ୍ବର ୫**
-ଶାହୀଦ କପୁର, ତ୍ରିପ୍ତି ଡିମ୍‌ରୀ ଅଭିନୀତ ଅନ୍‌ଟାଇଟଲ୍ଡ ଫିଲ୍ମ
**ଡିସେମ୍ବର ୨୫**
**ଆଲ୍‌ଫା**
-ଆଲିଆ ଭଟ୍ଟ, ବବି ଦେଓଲ, ଅନୀଲ କପୁର।

## ହଲିଉଡ୍

**ଚ**ଳିତ ବର୍ଷ ରିଲିଜ ଅପେକ୍ଷାରେ ଥିବା ପ୍ରମୁଖ ହଲିଉଡ୍ ଫିଲ୍ମଗୁଡ଼ିକ ମଧ୍ୟରେ ରହିଛି 'ମିଶନ ଇମ୍ପସିବୁଲ୍-ଦ ଫାଇନାଲ ରେକୋନିଂ' (ଟମ୍ କ୍ରୁଜ୍, ଭାନିଷା କିର୍‌ବେ), 'ଅବତାର : ଫାୟାର ଆଣ୍ଡ ଆସ୍' (ଜୋଏ ସାଲଡେନା, କାଟେ ୱିନ୍‌ସଲେଟ୍), 'ଥଣ୍ଡରବୋଲ୍ଟ' (ଫ୍ଲୋରେନ୍ସ ପ, ଡେଭିଡ୍ ହାରବର), 'ଜୁରାସିକ୍ ୱାର୍ଲ୍ଡରିବାର୍ଥ' (ଜୋନାଥ ବୈଲେ, ସ୍କାରଲେଟ୍ ଜନ୍‌ସନ), 'ଦ ଫାଣ୍ଟାଷ୍ଟିକ୍ ଫୋର : ଫାଷ୍ଟ ଷ୍ଟେପ୍' (ପେଡ୍ରୋ ପାସକାଲ, ଭାନିସା କିର୍‌ବେ), 'ସୁପରମ୍ୟାନ୍'(ଡେଭିଡ୍ କରେନ୍ସୱେଟ୍, ଇସାବେଲା ମର୍ସିଡ), 'କ୍ୟାପ୍‌ଟେନ ଆମେରିକା : ବ୍ରେଭ୍ ନ୍ୟୁ ୱାର୍ଲ୍ଡ' (ହାରିସନ୍ ଫୋର୍ଡ, ରୋସା ସାଲାଜର), 'ସ୍ନୋ ହ୍ୱାଇଟ୍' (ରାଚେଲ ଜେଗଲର, ଗାଲ୍ ଗାଡୋଟ୍), 'ମାଇକେଲ୍' (କୋଲମାନ ଡୋମିନଗୋ, ମିଲିସ ଟେଲର), 'ଲ୍ୟାରିବୟ' (କ୍ରିକ୍ କାମେରୁନ୍, ଟ୍ରେସ୍ ମ୍ୟାକ୍‌ନିଲ୍), 'ଓମାରି : ପାନଡୋରା'ସ ପ୍ଲେଗ୍ରାଉଣ୍ଡ', (ମାର୍କସ ବାରବେରି) 'ଦ କଞ୍ଜ୍ୟୁରିଂ : ଲାଷ୍ଟ ରାଇଟ୍‌ସ' (ଭେରା ଫାର୍ମିଗା, ପ୍ୟାଟ୍ରିକ୍ ଉଇଲସନ), 'ପ୍ରିଡାଟୋର : ବ୍ୟାଡ୍‌ଲ୍ୟାଣ୍ଡସ' (ଏଲି ଫାନିଙ୍ଗ), 'ଏ ମିନିକ୍ରାଫ୍ଟ ମୁଭି' (ଜ୍ୟାକ୍ ବ୍ଲାକ୍), 'କରାଟେ କିଡ୍ ଲିଜେଣ୍ଡସ' (ଜ୍ୟାକି ଚାନ୍, ଜୋସୁଆ ଜ୍ୟାକ୍‌ସନ), 'ରୁଜଭେଲ୍ଟ' (ଲିଓନାର୍ଡୋ ଡି'କାର୍ପିଓ), 'ସେରଲକ୍ ହୋଲ୍‌ମେସ୍ ୩' (ଜୁଡ୍ ଲ, ଜାରିଡ ହ୍ୟାରିସ), 'ଷ୍ଟାରଗେଟ୍' (ବ୍ରାଡ୍ ଆର୍ଚି), 'ଗ୍ରୀନ୍‌ଲାଣ୍ଡ : ମାଇଗ୍ରେସନ' (ମୋରିନା ବାକାରିନ), 'ମିକି ୧୭' (ରବର୍ଟ ପ୍ୟାଟିନସନ, ଟୋନି କୋଲେଟି), 'ଓଲ୍‌ଫ ମ୍ୟାନ' (ଜୁଲିଆ ଗାର୍ନର, ସାମ ଜାଇଗେର), 'ମୋର୍ଟାଲ କୋବାଟ ୨' (ଟାଟି ଗ୍ୟାବ୍ରିଏଲି, କାରି ଉରବାନ) ଏବଂ 'ହିଟ୍ ୨' (ଅଷ୍ଟିନ ବଟଲର, ଆଡମାନ ଡ୍ରାଇଭର)।


'ଅବତାର : ଫାୟାର ଆଣ୍ଡ ଆସ୍' ର ଦୃଶ୍ୟ


ମିଶନ ଇମ୍ପଶିବୁଲ' ଫିଲ୍ମର ଦୃଶ୍ୟ

## ଓଡ଼ିଆ ଚଳଚ୍ଚିତ୍ର

**ଗ**ତ କିଛି ବର୍ଷ ଧରି ଓଡ଼ିଆ ସିନେମା ନିର୍ମାଣ ସଂଖ୍ୟା ବୃଦ୍ଧି ହୋଇଛି। ହେଲେ ହାତ ଗଣତି କେତୋଟି ସିନେମାକୁ ବ୍ୟବସାୟିକ ସଫଳତା ମିଳିଛି। ତେବେ ଚଳିତ ବର୍ଷ ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ଚିତ୍ରର ତାଲିକା ମଧ୍ୟ ବେଶ୍ ଲମ୍ବା। ବିଶିଷ୍ଟ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ରାଣ୍ଡିପୁଅ ଅନନ୍ତା'। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସବ୍ୟସାଚୀ। ଅନ୍ୟପକ୍ଷରେ ଗତ କିଛି ବର୍ଷ ହେବ ସିରିଜ୍ ହିଟ୍ ଦେଇଆସୁଥିବା ବାବୁସାନ୍‌ଙ୍କ ଆଗାମୀ ଫିଲ୍ମର ଟାଇଟଲ ରହିଛି 'ଅନ୍ତର୍ଯାମୀ'। ପ୍ରମୋଦ ସ୍ୱାଇଁଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହେଉଛି ଓଡ଼ିଆ ସିନେମା 'ପ୍ରେମୀ ଦିୱାନା', ଯାହାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଦୀପକ ଏବଂ ରିୟା। ବିଜୟ କାନ୍ଦୋଇଙ୍କ ପ୍ରଯୋଜନାରେ ନିର୍ମିତ ହୋଇଛି 'ସନାତନୀ-କର୍ମ ହିଁ ଧର୍ମ'। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ସମ୍ମିତ। ଅଭିନେତା ମନୁ ଦ୍ୱିବେଦୀ ଏଥର ଏକାଧାରରେ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ସାଜିଛନ୍ତି ଆଉ ଏହି ଫିଲ୍ମର ଟାଇଟଲ ରହିଛି 'ମିଡ୍ ନାଇଟ୍'। ଏହାର ଲିଡ୍ ରୋଲ୍‌ରେ ମନୁ ଦ୍ୱିବେଦୀ, ଡାଏନା, ସୁଇଟି ଏବଂ ଆଲିଆ ଅଭିନୟ କରୁଛନ୍ତି। ଗତ ବର୍ଷ 'କର୍ମ'ର ସଫଳତା ପରେ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ଏ ବର୍ଷ ଆଉ ଏକ ସିନେମା 'ରାବଣ' ନିର୍ମାଣ କରିବାର ଯୋଜନା ରହିଛି। କୋରାପୁଟିଆ ଭାଷାରେ ପ୍ରସ୍ତୁତ ହେଉଥିବା ଫିଲ୍ମ 'ଜଙ୍ଗଲ ଜଳୁଛେ' ଏ ବର୍ଷ ରିଲିଜ ହେବାର ଯୋଜନା ରହିଛି। ଚିତ୍ରଟିର ପ୍ରମୁଖ ଭୂମିକାରେ ଅଛନ୍ତି ସରୋଜ ଭୂୟାଁ ଏବଂ ଶ୍ରଦ୍ଧାଞ୍ଜଳି।

ଚଳିତବର୍ଷ ରିଲିଜ ତାଲିକାରେ ଥିବା ଆଉ ଏକ ଓଡ଼ିଆ ସିନେମା ହେଲା 'ସ୍କୁଲ ଡାଏରୀ', ଯାହାର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ପ୍ରେମ, ଅଙ୍କିତା ଏବଂ ଦିବ୍ୟା। ପ୍ରାଚୀନ ବାଘନାଚକୁ ନେଇ ପ୍ରସ୍ତୁତ ହେଉଛି ଓଡ଼ିଆ ସିନେମା 'ରଙ୍ଗାଶୁର'। ଏଥିରେ ଚୌଧୁରୀ ବିକାଶ ଦାସ ଏବଂ ସମରେଶ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବେ। ଏ ବର୍ଷ ରିଲିଜ ଅପେକ୍ଷାରେ ଥିବା ଅନ୍ୟତମ ଚର୍ଚ୍ଚିତ ଫିଲ୍ମଟି ହେଉଛି 'ୱାଇଫ'। ବିଜୟ କାନ୍ଦୋଇଙ୍କ ପ୍ରଯୋଜିତ ଏବଂ ସୁଧାକର ବସନ୍ତଙ୍କ ନିର୍ଦ୍ଦେଶିତ ଏହ ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ବର୍ଷା ପ୍ରିୟଦର୍ଶନୀ। ଏହି ତାଲିକାରେ ଥିବା ଅନ୍ୟ ଏକ ଫିଲ୍ମ ହେଲା 'ଘମାଘୋଟ' (ସନୋଜ କୁମାର, ଶୈଳେନ୍ଦ୍ର)। ବିନି ସାମଲଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହେଉଥିବା 'ଶ୍ରୀଜଗନ୍ନାଥଙ୍କ ନବକଳେବର' ଚଳିତ ବର୍ଷ ପରଦା ଉପରକୁ ଆସିବାର ଯୋଜନା ରହିଛି। ଏଥିରେ ସିଦ୍ଧାନ୍ତ ମହାପାତ୍ର, ଶ୍ରୀତମ ଦାସ ଏବଂ ଜ୍ୟୋତି ନାୟକଙ୍କୁ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ। ଚଳିତ ବର୍ଷ ରିଲିଜ ହେବାକୁ ଥିବା ଆଉ ଏକ ଓଡ଼ିଆ ସିନେମା ହେଉଛି 'ଅଦୃଶ୍ୟ', ଯାହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅଭିଷେକ ଗିରି, ସାୟଲ ମୁଖାର୍ଜୀ ଏବଂ ଲିପ୍‌ସା ମିଶ୍ର। ଏହାବ୍ୟତୀତ ଦୀପକ ଏବଂ ଆର୍ଲିନ ଅଙ୍କିତା ଅଭିନୀତ ତଥା ସୁଧାକର ବସନ୍ତଙ୍କ ନିର୍ଦ୍ଦେଶିତ 'ହିଟ୍‌ଲର' ମଧ୍ୟ ରିଲିଜ ଅପେକ୍ଷାରେ ରହିଛି। ଏ ବର୍ଷ ପରଦା ଉପରକୁ ଆସିବାକୁ ଥିବା ଅନ୍ୟ କେତେକ ପ୍ରମୁଖ ସିନେମା ହେଲା- 'ଜୟୀ ରାଜଗୁରୁ' (ବିଶ୍ୱରୂପ), 'ଦର୍ପଣ' (ଭାରତ ପୁଷ୍ପରାଗ), 'ଗୁରୁଜୀ ନମସ୍କାର', 'ଆଜିର ରେବତୀ', 'ଚନ୍ଦ୍ରମା', 'ଶ୍ରୀମାନ୍ ଶ୍ରୀଯୁକ୍ତ', 'ତୋ ପାଇଁ ମୁଁ ଗାଉଛି ଗୀତ', 'ଆରେହୀ', 'ମାୟା ମରିଚିକା', 'ବେବି ଔର ବବି', 'ପରୀ' ଏବଂ 'ର୍ୟାକେଟ୍'।


'ମିଡ୍ ନାଇଟ୍' ଫିଲ୍ମରେ ଡାଏନା-ମନୁ


'ହିଟଲର' ଫିଲ୍ମରେ ଦୀପକ-ଆର୍ଲିନ ଅଙ୍କିତା


'ଶ୍ରୀଜଗନ୍ନାଥଙ୍କ ନବକଳେବର' ଫିଲ୍ମରେ ଜ୍ୟୋତି

## ମେଷ

**ଆ**ପଣଙ୍କ ଅନେକ ଅପୂରଣୀୟ ଅଭିଳାଷ, ଅଟକି ରହିଥିବା କାମ ନେଇ ଅବସୋସର ଅନ୍ତ ଏବଂ ଭାଙ୍ଗିପଡ଼ିଥିବା ମନକୁ ଯୋଡ଼ିବା ସହ ବୁଦ୍ଧିମତ୍ତା ପ୍ରୟୋଗକରି ସହଜ ଓ ସରଳ ଢଙ୍ଗରେ କର୍ମକ୍ଷେତ୍ର ଓ ପାରିବାରିକ ଜୀବନକୁ ସଜାଡ଼ିନେବେ । ଅର୍ଥର ପ୍ରାଚୁର୍ଯ୍ୟରେ ହିତୈଷୀମାନଙ୍କ ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ ପାଇବେ । ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି ଘଟି ଆରୋଗ୍ୟ ଲାଭ କରିବେ । ଦୋକାନ ବାଡ଼ିରୁ ଲାଭ,ପିଲାମାନଙ୍କ ଉନ୍ନତି, ଶତ୍ରୁ ଦମନ ଏବଂ ବନ୍ଧୁ ପ୍ରୀତି ମାଧ୍ୟମରେ ଜୀବନଯାତ୍ରା ଅବ୍ୟାହତ ରହିବ । କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ମନୋରଞ୍ଜନ, ବାଣିଜ୍ୟ, ବ୍ୟବସାୟ ଦିଗରୁ ସୁଫଳ ପାଇ ଖୁସି ହେବେ । ରଚନାତ୍ମକ କାର୍ଯ୍ୟରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ । କୃତି ଓ କୃତିତ୍ୱରୁ ସଭାସମିତିରେ ସମ୍ବର୍ଦ୍ଧିତ ହୋଇପାରନ୍ତି । ବନ୍ଧୁମାନଙ୍କ ସହ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ମିଳିବ । ବିଭିନ୍ନ ଯୋଜନା ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧି ଘଟିବ । ବିଶିଷ୍ଟ ବ୍ୟକ୍ତିଙ୍କ ସାହଚର୍ଯ୍ୟରେ ପ୍ରଶାସନିକ, ରାଜନୈତିକ ସମସ୍ୟାର ସମାଧାନ କରିବେ । ମାଙ୍ଗଳିକ କାର୍ଯ୍ୟ ପରିପ୍ରେକ୍ଷୀରେ ବନ୍ଧୁମିଳନରେ ଘର ପୂରିଉଠିବ । ନୂତନ କର୍ମନିଯୁକ୍ତି ଓ ମାଲିମକଦ୍ଦମାରେ ସଫଳତା । ନୂତନ ଗୃହ, ଜମିଜମା, ଯାନବାହନ କ୍ରୟ ପାଇଁ ମନ ବଳାଇପାରନ୍ତି । **ଅଶ୍ୱିନୀ (୧/୧)**– ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା, କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ, ସାମାଜିକ ସ୍ତରରେ ଅଶାନ୍ତି , ଜମିଜମା ବିବାଦ, ଯାନବାହନରେ ସମସ୍ୟା, ଆମଦାନୀ କାରବାରରେ ପ୍ରତିବନ୍ଧକ, ମାଙ୍ଗଳିକ କାମରେ ବାଧା, ପିତୃବର୍ଗରେ ପୀଡ଼ା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ବିବାଦ ଏବଂ ଧନହାନି ମଧ୍ୟ ଘଟିପାରେ । **ଦ୍ୱିଜା (୨/୧)**–ଦୂରଯାତ୍ରାରେ ପ୍ରତିବନ୍ଧକ, କ୍ରନିକ୍ ରୋଗପୀଡ଼ା, ବନ୍ଧୁମତାନ୍ତର, ରାଗ, ରୁଷା ଓ ମାନ ଅଭିମାନ, ଭ୍ରାତୃସମ୍ପର୍କ ହାନି, ପ୍ରକାଶନ ଓ ପ୍ରଶାସନରେ ସମସ୍ୟା, ରାଜନୈତିକ ବିତର୍କ, ଗୃହସୀମାବିବାଦ, ବ୍ୟବସାୟରେ କ୍ଷତିର ସମ୍ମୁଖୀନ ହେବେ । **କୃତ୍ତିକା(୩/୧)**–ବନ୍ଧୁ ବିରୋଧ, ଧନହାନି, ଧର୍ମକାର୍ଯ୍ୟରେ ବିଘ୍ନ, ବ୍ୟବସାୟରେ କ୍ଷତି, ପାରିବାରିକ ଅଶାନ୍ତି, ମାଲିମକଦ୍ଦମାରେ ବିଫଳତା, ଭ୍ରାତୃବର୍ଗରେ ପୀଡ଼ା ଆଶଙ୍କା ରହିଛି ।

## ବୃଷ

**ସଂ**ଘର୍ଷମୟ ପରିସ୍ଥିତିକୁ ସାମ୍ନା କରିବେ । ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା ତଥା ମାଲିମକଦ୍ଦମା କ୍ଷେତ୍ରରେ ବିଜୟୀ ହେବେ । ରାଜନୈତିକ ସଙ୍ଗଠନକୁ ଦୃଢ଼ୀଭୂତ କରାଇବାରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଅବଦାନ ଅବିସ୍ମରଣୀୟ ରହିବ । ଦୀର୍ଘ ଶତ୍ରୁତାର ବିଲୟ ଘଟିବ ଏବଂ ଆତ୍ମୀୟସ୍ୱଜନ ପାଖେଇ ଆସିବେ, ସମ୍ପର୍କୀୟମାନଙ୍କ ସମର୍ଥନ ପାଇବେ । ଋଣ ପରିଶୋଧ କରିବା ସାଙ୍ଗକୁ ନୂତନ ଗୃହ, ଜମିଜମା, ଯାନବାହନ ଲାଭ, ବାଣିଜ୍ୟ ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଉଚ୍ଚ ସମ୍ମାନ ପାଇବେ, ମିତ୍ରବନ୍ଧୁଙ୍କ ସାହାଯ୍ୟ ସହଯୋଗ ମିଳିବ । ଆଦର ଅଭ୍ୟର୍ଥନା ସାଙ୍ଗକୁ ସନ୍ତାନହେତୁକ ଗର୍ବ ଓ ଗୌରବ ଅନୁଭବ କରିପାରନ୍ତି । ନୂତନ ଗୃହ, ଯାନବାହନ ଲାଭ ସାଙ୍ଗକୁ ମାଙ୍ଗଳିକ କାମ ସମ୍ପାଦନ କରିପାରନ୍ତି । ଅଧ୍ୟୟନ, ଅଧ୍ୟାପନା, ବିଦେଶ ଯାତ୍ରା, ତୀର୍ଥାଟନ, ନୂତନ ନିଯୁକ୍ତି ପାଇବାର ସୂଚନା ରହିଛି । ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସୁସମ୍ପର୍କ ରହିବା କଷ୍ଟକର ହୋଇପାରେ । ଅଟକି ରହିଥିବା କାମ ସମ୍ପନ୍ନକରି ଆଶ୍ୱସ୍ତି ଲାଭକରିବେ । ବର୍ଷ ସାରା ଭୋଗବିଳାସ ସାଙ୍ଗକୁ ଆମୋଦ ପ୍ରମୋଦ ଏବ ବନ୍ଧୁମିଳନ ଘଟିବ । ଶିଳ୍ପ ବାଣିଜ୍ୟରେ ଅଭିବୃଦ୍ଧି, ପରିବହନରେ ସଂସ୍କାର, ପ୍ରେସ୍, ପବ୍ଲିକେଶନରେ ଉନ୍ନତି, ଯାନ୍ତ୍ରିକ ଦ୍ରବ୍ୟ ପ୍ରାପ୍ତି ସହ କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବ । ବହୁପୂର୍ବରୁ ସ୍ଥିରୀକୃତ କୌଣସି ଯୋଜନାରମ୍ଭ କରି ଖୁସି ମନାଇପାରନ୍ତି । ମାଙ୍ଗଳିକ କାର୍ଯ୍ୟ, ଗୃହ ସାଜସଜ୍ଜା,ଘରକୁ ନୂତନ ଅତିଥିଙ୍କ ଆଗମନର ସୂଚନା ମଧ୍ୟ ରହିଛି । **କୃତ୍ତିକା(୩/୨)**–କ୍ରନିକ୍ ରୋଗରେ ପୀଡ଼ା, କରଜଦାତାଙ୍କ ଚାପ, ଆତ୍ମୀୟଙ୍କ ଅପପ୍ରଚାର, ଧନହାନି,ବାଣିଜ୍ୟରେ ପ୍ରତିବନ୍ଧକ, ଯାତ୍ରାରେ କଳହ,କର୍ମକ୍ଷେତ୍ରରେ ଅବହେଳାଜନିତ ଉପରିସ୍ଥଙ୍କ ଅପ୍ରିୟଭାଜନ ହୋଇପାରନ୍ତି । **ରୋହିଣୀ(୪/୨)**–ଆତ୍ମୀୟଙ୍କ ଅନାଦର, ଜମିଜମା କଳହ,ଆକସ୍ମିକ ଦୁର୍ଘଟଣା,ସନ୍ତାନହେତୁକ ମାନସିକ ଆଘାତ, ପରୋକ୍ଷ ଶତ୍ରୁତା, ଆନୁଷ୍ଠାନିକ କାମରେ ଅପନିନ୍ଦା, ମାତୃବର୍ଗରେ ପୀଡ଼ା । **ମୃଗଶିରା(୫/୨)**– ରକ୍ତଚାପ ଓ ଡାଇବେଟିସ୍ ରୋଗରେ ପୀଡ଼ା ବୃଦ୍ଧି, ମିତ୍ରବନ୍ଧୁ ବିରୋଧ, ଯାନବାହନରେ ତ୍ରୁଟି, ପାରିବାରିକ କଳହ, ସହକର୍ମୀଙ୍କ ସହ ଶତ୍ରୁତା, ସ୍ଥଗିତ ବିଦେଶଯାତ୍ରା, ଶତ୍ରୁତାରୁ କାର୍ଯ୍ୟହାନି, ବାଣିଜ୍ୟରେ ପ୍ରତିବନ୍ଧକ ଆଶଙ୍କା ରହିଛି, ମାଙ୍ଗଳିକ କାମରେ କଳହ, କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ବିରୋଧର ସମ୍ମୁଖୀନ ହେବେ ।

## ମିଥୁନ

**ଗୃ**ହ, ଯାନବାହନ ଲାଭ ସାଙ୍ଗକୁ ମାଙ୍ଗଳିକ କାର୍ଯ୍ୟ ସମ୍ପାଦନ ଧୁମଧାମରେ ସମ୍ପନ୍ନ କରିବେ । ଯେକୌଣସି କ୍ଷେତ୍ରରେ ହେଉନା କାହିଁକି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କାମକଲେ ଅପଦସ୍ଥ ହେବେ । ଏକ ଭିନ୍ନ ପରିବେଶରେ କୌଣସି ବନ୍ଧୁଙ୍କ ପାଇଁ ତ୍ୟାଗ ସ୍ୱୀକାର କରିବେ, ମାତ୍ର ପ୍ରତିଦାନରେ କିଛି ପାଇବେ ନାହିଁ । ଅଧ୍ୟୟନ, ଅଧ୍ୟାପନା, ବିଦେଶ ଯାତ୍ରା, ତୀର୍ଥାଟନ, ନୂତନ ନିଯୁକ୍ତି ପାଇବା ସୂଚନା ରହିଛି । ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସୁସମ୍ପର୍କ ରହିବା କଷ୍ଟକର ହୋଇପାରେ । ଶିକ୍ଷା, ସନ୍ତାନହେତୁକ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବ । ବର୍ଷ ସାରା ଭୋଗବିଳାସ ଓ ଶୁଭ ଖବର ପ୍ରାପ୍ତି , ଅର୍ଥ ଦ୍ରବ୍ୟ ଲାଭ, ଆମୋଦ ପ୍ରମୋଦ, ବନ୍ଧୁମିଳନ, ଆତ୍ମୀୟମାନଙ୍କ ସହଯୋଗରେ କାମ ହାସଲ କରିବେ । ବନ୍ଧୁ ବିଚ୍ଛେଦ ଓ ଆକସ୍ମିକ ବିବାଦୀୟ ପରିସ୍ଥିତି ମଧ୍ୟରେ ମାନସିକ ଅଶାନ୍ତି ସୃଷ୍ଟିହେବା ଆଶଙ୍କା ମଧ୍ୟ ରହିଛି । ପ୍ରେମ ପ୍ରଣୟରେ ପ୍ରତାରିତ ହେବେ । ଗୃହସୀମା, କୃଷିକ୍ଷେତ୍ର, କ୍ରୟବିକ୍ରୟ କ୍ଷେତ୍ରରେ ପ୍ରତିବନ୍ଧକ, ପ୍ରତିରୋଧ ଓ କଳହ ସୃଷ୍ଟି ହେବ । ଆନୁଷ୍ଠାନିକ କାମରେ ଅଗ୍ରଣୀ ହୋଇପାରନ୍ତି । ବହୁ ପୂର୍ବରୁ ସ୍ଥିରୀକୃତ କୌଣସି ଯୋଜନାରମ୍ଭ କରି ଖୁସି ମନାଇପାରନ୍ତି । ସନ୍ତାନସନ୍ତତିଙ୍କ ବୈବାହିକ କର୍ମାଦି ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନକରି ଆତ୍ମସନ୍ତୋଷ ଲାଭକରିବେ । **ମୃଗଶିରା(୫/୩)**– ସାମୟିକ ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ କଳହ, ଚୋରଭୟ, ପଶୁହାନି, କୃଷିବାଣିଜ୍ୟ ସମସ୍ୟା, ସହକର୍ମୀଙ୍କ ସହ ଯୁକ୍ତିତର୍କ, ବିବାଦ କାରଣରୁ କର୍ମପ୍ରବାହର ଗତିରୋଧ ହୋଇପାରେ, ଭିଜିଲାନ୍ସ ଏବଂ ବହୁବ୍ୟୟର ସୂଚନା ରହିଛି । **ଆର୍ଦ୍ରା(୬/୩)**– ପାରିବାରିକ ବିଶୃଙ୍ଖଳା, ଅପବ୍ୟୟ, ପରୋକ୍ଷ ଶତ୍ରୁତା, ପୁରାତନ ରୋଗପୀଡ଼ାରୁ କଷ୍ଟ ପାଇବେ । ମାନସିକ ଅବସାଦ, ବିଳମ୍ବ ଯୋଗ, ପ୍ରତାରଣା, ପରାଶ୍ରୟତା, ବ୍ୟୟ ବହୁଳତା, ମାନସିକ ଦୁଶ୍ଚିନ୍ତା ଓ ନୈରାଶ୍ୟଭାବ, ସଭାସମିତିରେ ମତାନ୍ତର ଘଟିପାରେ । **ପୁନର୍ବସୁ(୭/୩)**– ଗୃହସୀମା, କୃଷିକ୍ଷେତ୍ର, କ୍ରୟବିକ୍ରୟ କ୍ଷେତ୍ରରେ ପ୍ରତିବନ୍ଧକ, ପ୍ରତିରୋଧ ଓ କଳହ ସୃଷ୍ଟି ହେବ । ପାଖପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସୁସମ୍ପର୍କ ରହି ନ ପାରେ । ଉଚ୍ଚଶିକ୍ଷା ଏବଂ ସନ୍ତାନହେତୁକ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବ । ସ୍ଥାବର ସମ୍ପତ୍ତିକୁ କେନ୍ଦ୍ରକରି ବିବାଦର ସମ୍ଭାବନା ରହିଛି ।

## କର୍କଟ

**କ**ର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟର ପ୍ରତିଶ୍ରୁତି ଓ ବନ୍ଧମାନଙ୍କ ସହଯୋଗ ଲାଭକରି କାମ ହାସଲ କରିବେ । ଆର୍ଥିକ ଅଭିବୃଦ୍ଧି ସହ ନୂତନ କର୍ମନିଯୁକ୍ତି, କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ରରେ ପ୍ରଶଂସିତ ହେବେ । ସଙ୍ଗଠନ, ରାଜନୀତି, ଚୁକ୍ତିପତ୍ର, ପ୍ଲଟିଂ କାରବାର ଓ ଶେୟାର ବଜାର ସନ୍ତୋଷଜନକ ରହିବ । ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଘଟିବ ଏବଂ ନିଜ ପରିସରରେ ପ୍ରତିଷ୍ଠିତ ହେବେ । ଯାନବାହନ, ଗୃହଭୂମି ଲାଭ, ଅର୍ଥ,ଦ୍ରବ୍ୟ ପ୍ରାପ୍ତି, ଶିକ୍ଷା, ସନ୍ତାନ, ମିତ୍ରତା ବୃଦ୍ଧି ଘଟିବ । ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି ଚଳଚ୍ଚିତ୍ର, ଗବେଷଣା, କଣ୍ଟ୍ରାକ୍ଟରି, ଯାନ୍ତ୍ରିକ ଶିଳ୍ପରେ ଉନ୍ନତି କରିବାରେ ସମର୍ଥ ହେବେ । କିନ୍ତୁ ଆକସ୍ମିକ ଭାବେ ବନ୍ଧୁବିଚ୍ଛେଦ ଘଟିପାରେ । ଚାକିରିରେ ବଦଳି ସ୍ଥଗିତ ରହିଯିବ । ସନ୍ଦେହ, ଭୁଲ୍ ବୁଝାମଣା,ସ୍ୱାର୍ଥପରତା ପାରିବାରିକ ଜୀବନକୁ କଳୁଷିତ କରିବ । ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିଯିବା କାରଣରୁ ମାନସିକ ପ୍ରଫୁଲ୍ଲତା ପରିଲକ୍ଷିତ ହେବ । କର୍ମକ୍ଷେତ୍ର, ପ୍ରେମ ସମ୍ପର୍କ , ଉଚ୍ଚଶିକ୍ଷା, ଧର୍ମକାର୍ଯ୍ୟ, ତୀର୍ଥଯାତ୍ରା ଓ ଭ୍ରମଣ ସକାଶେ ବର୍ଷଟି ସ୍ମରଣୀୟ ରହିବ । ଉଚ୍ଚଶିକ୍ଷା, ଗବେଷଣା, ରଚନାତ୍ମକ କାମରେ ନିକଟ ସମ୍ପର୍କୀୟମାନଙ୍କ ଗୋଡ଼ଟଣା ନୀତି କେତେକ ସମସ୍ୟା ସୃଷ୍ଟି କରିବ । ଅନ୍ୟମନସ୍କତା କାରଣରୁ ଦୁର୍ଘଟଣାର ସମ୍ମୁଖୀନ ହୋଇପାରନ୍ତି । **ପୁନର୍ବସୁ(୭/୪)**–ପିଲାମାନଙ୍କ ବାରମ୍ବାର ସ୍ୱାସ୍ଥ୍ୟ ଖରାପ, ବିଦେଶ ଯାତ୍ରାରେ ସ୍ଥଗିତାଦେଶ, ପ୍ରେମ ପ୍ରଣୟରେ ପ୍ରତାରଣା, ପାରିବାରିକ କଳହ, ମିତ୍ରବନ୍ଧୁ ବିରୋଧ, ପୈତୃକ ସମ୍ପତ୍ତିରେ ବିବାଦ, ଟଙ୍କା ଦେଣନେଣରେ କଳହ, ମାଲିମକଦ୍ଦମାରେ ହନ୍ତସନ୍ତ ହେବେ । **ପୁଷ୍ୟା (୮/୪)**–ବନ୍ଧୁଙ୍କ ପ୍ରତାରଣା, ବାଣିଜ୍ୟ ବ୍ୟବସାୟରେ ପ୍ରତିରୋଧ, କ୍ରନିକ୍ ରୋଗରେ ପୀଡ଼ା, ଭ୍ରାତୃ ମନାନ୍ତର, ମାନସିକ ଅସ୍ଥିରତା, ସାମୟିକ ଦୁର୍ଘଟଣା, ଧନହାନି, ପାରିବାରିକ ମତନ୍ତାର, ନୀଚସଙ୍ଗରୁ ଅପବାଦ, ଋଣଗ୍ରସ୍ତ, ଦୂରଯାତ୍ରାରେ ସମସ୍ୟା ସୃଷ୍ଟିସ୍ହେବ । **ଅଶ୍ଳେଷା(୯/୪)**–କର୍ମକ୍ଷେତ୍ରରେ ଅଶାନ୍ତି, ଆର୍ଥିକ ଅନଟନ, ଜମିଜମା କଳହ, କଚେରି ମାମଲା, ସ୍ୱଜନ ଶତ୍ରୁତା, ଧର୍ମକାର୍ଯ୍ୟରେ ବିଘ୍ନ , ପାରିବାରିକ ଅଶାନ୍ତି, ବୈବାହିକ ସମସ୍ୟା, ଆତ୍ମୀୟଙ୍କ ଅପନିନ୍ଦା, କରଜଦାତାଙ୍କ ଚାପ, ଉପରିସ୍ଥଙ୍କ ଚକ୍ଷୁଶୂଳ, ସ୍ଥାନାନ୍ତର ଘଟିପାରେ ।

## ସିଂହ

**ଜୀ**ବନ ଯମୁନାର ସ୍ରୋତରେ ଗତିପଥ ଓଲଟପାଲଟ ହୋଇଯାଇପାରେ । ହଜିଯାଇଥିବା ବ୍ୟକ୍ତି, ଲଡୁଥିବା ମାମଲା, ପାଉ ନ ଥିବା ପ୍ରାପ୍ୟ, ଭାଙ୍ଗିପଡ଼ିଥିବା ସମ୍ପର୍କ ସକାଶେ ଚିନ୍ତିତ ରହିବେ । ଅବଶ୍ୟ ଅଟକି ରହିଥିବା ମାଙ୍ଗଳିକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ । ବିଭିନ୍ନ ଦିଗରୁ ଅର୍ଥର ସୁଅ ଛୁଟି ଆସିବା ଫଳରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣକରି ବହୁଦିନର ସ୍ୱପ୍ନକୁ ସାର୍ଥକ କରିବେ । କର୍ମକ୍ଷେତ୍ରରେ ଉଚ୍ଚ ପଦପଦବୀ ପ୍ରାପ୍ତ ହେବାର ସୁଯୋଗ ଜୁଟିବ । ସାହିତ୍ୟ, ସଂସ୍କୃତି, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରୁ ସୁନାମ ମିଳିବ । ସାମ୍ବାଦିକତା, ରାଜନୀତି ଓ ଆଇନ ଅଦାଲତ, ସଙ୍ଗଠନ ପ୍ରଭୃତିରେ ଦକ୍ଷତା ବୃଦ୍ଧି ପାଇବ । ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ନିୟନ୍ତ୍ରଣ ଭିତରେ ରହିବ । ସାମୟିକ ଭାବେ ମାଲିମକଦ୍ଦମାର ଫଇସଲା, ନୂତନ ଗୃହ ନିର୍ମାଣ, ଯାନବାହନ ଓ ଯାନ୍ତ୍ରିକ ଜିନିଷ କିଣିପାରନ୍ତି । ପ୍ରତ୍ୟେକ କ୍ଷେତ୍ରରେ କୌଶଳରେ କାମ ହାସଲକରିବା ସହ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବେ । କଚେରି ମାମଲାର ରାୟ ସପକ୍ଷରେ ଯିବ । ଆନୁଷ୍ଠାନିକ ଓ ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ । ନିକଟ ସମ୍ପର୍କୀୟମାନେ ଈର୍ଷା ଓ ଅସୂୟା କାରଣରୁ ବିରୋଧକଲେ ମଧ୍ୟ କୌଣସି କ୍ଷତି ଘଟାଇ ପାରିବେ ନାହିଁ । ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି । ନୂତନ ଯାନବାହନ, ଧାତୁ ଅଳଙ୍କାର, ଗୃହୋପଯୋଗୀ ଜମି ଲାଭର ସୂଚନା ରହିଛି । **ମଘା(୧୦/୫)**– ସାମୟିକ ଭାବରେ ପାରିବାରିକ ଅଶାନ୍ତି ଓ କଳହ, ବନ୍ଧୁବର୍ଗରେ ସନ୍ଦେହ ଓ ଭୁଲ୍ ବୁଝାମଣା ବୃଦ୍ଧି, ଶତ୍ରୁତା କାରଣରୁ ମିଥ୍ୟାପବାଦ, ଘାତ ପ୍ରତିଘାତ, ପ୍ରତିବନ୍ଧକ ଓ ମନସ୍ତାପ ଆପଣଙ୍କ ପିଛା ଛାଡିବ ନାହିଁ । **ପୂର୍ବା ଫାଲ୍‌ଗୁନୀ (୧୧/୫)**–କ୍ରନିକ୍ ରୋଗ, ପାରିବାରିକ ଦୋଷ ଦୁର୍ବଳତା, ସନ୍ତାନଙ୍କ ସମସ୍ୟା ଓ ଖଳଲୋକମାନଙ୍କ ଈର୍ଷା ଓ ଅସୂୟାର ପ୍ରତିଫଳନ ମଧ୍ୟ ଦେଖିବାକୁ ପାଇବେ । ସାମୟିକ ଭାବରେ ପାରିବାରିକ ସମସ୍ୟା ଲାଗି ରହିବ । **ଉତ୍ତରା ଫାଲ୍‌ଗୁନୀ(୧୨/୫)**– ଅଶାନ୍ତି ଓ କଳହ, ବନ୍ଧୁବର୍ଗରେ ସନ୍ଦେହ ଓ ଭୁଲ୍ ବୁଝାମଣା ବୃଦ୍ଧି ପାଇବ । ଶତ୍ରୁତା କାରଣରୁ ମିଥ୍ୟାପବାଦ, କଳହ, ମନାନ୍ତର, ପ୍ରତିବନ୍ଧକ ଓ ମନସ୍ତାପ ଆପଣଙ୍କ ପିଛା ଛାଡ଼ିବ ନାହିଁ ।

## କନ୍ୟା

**ଗ୍ର**ହମାନଙ୍କ ଶୁଭଦୃଷ୍ଟିରେ ଉତ୍‌ଫୁଲ୍ଲିତ ରହିବେ । ଦୈହିକ ସୁସ୍ଥତା ଫେରିଆସିବ । ବନ୍ଧୁମାନଙ୍କ ସହାନୁଭୂତି ଲାଭକରି ଦୁଃଖକୁ ପାସୋରିଦେବେ । ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନ କରିବେ । ଉଚ୍ଚଚିନ୍ତା ଓ ନୂତନ ଯୋଜନାରେ ସଫଳତା ବର୍ଷ ସାରା ମାନସିକ ସ୍ଥିରତାକୁ ଅକ୍ଷୁର୍ଣ୍ଣ ରଖିବାରେ ସହାୟକ ହେବ । ପ୍ରଶାସନ, ପ୍ରକାଶନ, ଗବେଷଣା, ଅଧ୍ୟାପନା, ଶିକ୍ଷା, ପରୀକ୍ଷା କ୍ଷେତ୍ର ଉନ୍ନତ ମାନର ହେବ । ତଥାପି କୃଷି ବାଣିଜ୍ୟ, ଛୋଟ ଦୋକାନ, ବସ୍ତ୍ରାଳୟ, ବହି ଦୋକାନ, ରେଡିମେଡ୍ ଜିନିଷ ଓ ବିଦ୍ୟୁତ୍ ସରଞ୍ଜାମ ବ୍ୟବସାୟରୁ ଲାଭବାନ୍ ହେବେ । ପିଲାମାନଙ୍କ ବୈବାହିକ କାମ, ଋଣ ପରିଶୋଧ, ଗୃହ ଓ ଗାଡ଼ିମୋଟର ମରାମତି ଏବଂ ବିବାଦୀୟ ଘଟଣାର ସମାଧାନ ହେତୁ ସାମୟିକ ଶାନ୍ତି ମିଳିବ । ତୀର୍ଥାଟନ, ପରିଭ୍ରମଣର ସୁଯୋଗ ମିଳିବ । ଆଧ୍ୟାତ୍ମିକତା, ସତ୍‌ସଙ୍ଗ, ମନୋରଞ୍ଜନ କାର୍ଯ୍ୟକ୍ରମ କେତେକାଂଶରେ ଶାନ୍ତି ପ୍ରଦାନରେ ସହାୟକ ହେବ । ବିବାହଯୋଗ୍ୟତାକୁ ନେଇ ବୈବାହିକ କର୍ମ ଧୁମଧାମରେ ସମ୍ପନ୍ନ କରିବେ । ବ୍ୟବସାୟ, କଣ୍ଟ୍ରାକ୍ଟରି, ପ୍ରକାଶନ,ଏଜେନ୍ସିପ୍‌ରେ ନୂତନ ଦିଗନ୍ତ ସୃଷ୍ଟିହେବ । ନୂତନ ଗୃହ ଓ ଯାନବାହନ ଓ ସ୍ୱର୍ଣ୍ଣାଳଙ୍କାର ଲାଭ ଯୋଗ ରହିଛି ।

**ଉତ୍ତରା ଫାଲ୍‌ଗୁନୀ(୧୨/୬)**– ଶନି ଓ ରାହୁଙ୍କ ସ୍ଥିତିଜନିତ ଅପବ୍ୟୟ, ସ୍ଥାନାନ୍ତର, ଭିଜିଲାନ୍ସ ଧରପଗଡ଼, ପରିବାରରେ ସ୍ୱାସ୍ଥ୍ୟହାନିଜନିତ ଦୁଶ୍ଚିନ୍ତା, ଜମିବାଡ଼ି କିମ୍ବା ଗୃହ ସମ୍ପର୍କିତ କଳହ, ସନ୍ତାନ ମାନଙ୍କ କିଛି ସମସ୍ୟା, ଶତ୍ରୁତା, ପ୍ରବାସରେ କଷ୍ଟପୂର୍ଣ୍ଣ ପରିସ୍ଥିତି, ବନ୍ଧୁ ବିଚ୍ଛେଦଜନିତ ଦୁଃଖ ଓ ଶୋକ ଉତ୍ପନ୍ନ ହେବାର ଆଶଙ୍କା ରହିଛି । **ହସ୍ତା(୧୩/୬)**–ସାମୟିକ ଭାବରେ ପାରିବାରିକ ଝଡ଼ଝଞ୍ଜା, ସ୍ୱାମୀସ୍ତ୍ରୀରେ କଳହ ଓ ମତାନ୍ତର, ଜମିଜମା ବିବାଦ, ଅପବ୍ୟୟ, ସ୍ଥାନାନ୍ତର, ଭିଜିଲାନ୍ସ ଧରପଗଡ଼ ସାଙ୍ଗକୁ ବହୁ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ । ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ ହେତୁକ ମନ ଉଦ୍‌ବିଗ୍ନ ରହିପାରେ । **ଚିତ୍ରା (୧୪/୬)**–ପରିବାରରେ ସ୍ୱାସ୍ଥ୍ୟହାନିଜନିତ ଦୁଶ୍ଚିନ୍ତା, ଜମିବାଡ଼ି କିମ୍ବା ଗୃହ ସମ୍ପର୍କିତ କଳହ, ସାଧାରଣ କଥାରେ ଶତ୍ରୁତା, ପ୍ରବାସରେ କଷ୍ଟପୂର୍ଣ୍ଣ ପରିସ୍ଥିତି, ବନ୍ଧୁ ବିଚ୍ଛେଦଜନିତ ଦୁଃଖ ଓ ଶୋକ ଉତ୍ପନ୍ନ ହେବା ଆଶଙ୍କା ରହିଛି, ଧର୍ମକାର୍ଯ୍ୟରେ ବିଘ୍ନ, ଯାନବାହନ ସମ୍ପର୍କିତ ସମସ୍ୟା, ବକେୟାକୁ ନେଇ ଦ୍ୱନ୍ଦ୍ୱ ଲାଗିରହିବ ।

## ତୁଳା

**ଜୀ**ବନ ଜୀବିକାର ଦୋଦୁଲ୍ୟମାନ ସ୍ଥିତି ସାମନ୍ତରାଳ ଭାବରେ ସ୍ଥିର ରହିବ । ଜୀବନଯାତ୍ରା ବଦଳିଯିବ, ଦୁର୍ଦ୍ଦିନର ଅମା ଅନ୍ଧକାର ହଟିଯିବ । ବୃହସ୍ପତି ଧର୍ମକାର୍ଯ୍ୟରେ ବ୍ୟୟବୃଦ୍ଧି ଘଟାଇବେ ଓ କର୍ମକ୍ଷେତ୍ରରେ ପଦୋନ୍ନତିର ଘଣ୍ଟି ବାଜି ଉଠିବ । ରାଜନୀତି କ୍ଷେତ୍ରରେ, ଆଇନ ବ୍ୟବସାୟରେ, ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭର ଆଶା ରହିଛି । ସାମାଜିକ ଓ ଅର୍ଥନୈତିକ ସ୍ଥିତି ବେଶ୍ ମଜଭୁତ ରହିବ । ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ । ମାଲିମକଦ୍ଦମା ଫଇସଲା ହୋଇଯିବ । ଶିକ୍ଷା,ସନ୍ତାନ, ପ୍ରେମପ୍ରଣୟ ସାଙ୍ଗକୁ ମନୋରଞ୍ଜନ ଓ ମାଙ୍ଗଳିକ କାମରୁ ଖୁସି ରହିବେ । ଅର୍ଥ ସଙ୍କଟକୁ ନେଇ ବନ୍ଧୁ କିମ୍ବା ଗୁରୁଜନ ଦୂରେଇଦେଇପାରନ୍ତି, ସାମୟିକ ଉତ୍କର୍ଷ ଓ ସ୍ୱକୀୟ ପ୍ରତିଭାର ବିକାଶ ଓ ଦକ୍ଷତା ହେତୁ ବିଭିନ୍ନ ସ୍ତରରେ ପ୍ରଶଂସା ଓ ସମ୍ମାନ ପାଇବେ । ନୂତନ କର୍ମାରମ୍ଭ ,ନୂତନ କର୍ମସଂସ୍ଥାନର ଯୋଗ ରହିଛି । ବର୍ଷ ଶେଷ ବେଳକୁ ବୀମା, ପଲିସି, ସଞ୍ଚୟ ଜମା ମଧ୍ୟ କରିବାରେ ପଛାଇବେ ନାହିଁ । ସରକାରୀ ସ୍ତରରୁ ସାହାଯ୍ୟ ପାଇବେ । କଳା,ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ନୃତ୍ୟବାଦ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିବେ । କୂଟନୀତି ଓ କାଳକ୍ଷେପଣ ପଦ୍ଧତି ଅନୁଯାୟୀ ସମସ୍ୟାକୁ ନିୟନ୍ତ୍ରଣ କରିପାରିବେ । ନୂତନ ଗୃହ ନିର୍ମାଣ, ମାଙ୍ଗଳିକ କାମ, ଯାନ୍ତ୍ରିକ ଜିନିଷ,ଧାତୁ, ଅଳଙ୍କାର ପାଇବେ । **ଚିତ୍ରା(୧୪/୭)**–ପାରିବାରିକ ସମସ୍ୟା, ବନ୍ଧୁମାନଙ୍କ ଶତ୍ରୁତା, ସନ୍ତାନଙ୍କ ବିଶୃଙ୍ଖଳା ଦୁଶ୍ଚିନ୍ତାର କାରଣ ହେବ । ସତର୍କତା ଅଭାବରୁ ଚୋରି, ଭିଜିଲାନ୍ସ କିମ୍ବା ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି । **ସ୍ୱାତୀ(୧୫/୭)**– କର୍ମକ୍ଷେତ୍ରରେ ଯଶ ଓ ସମ୍ମାନ ମିଳିଲେ ମଧ୍ୟ ମିଥ୍ୟାରୋପ, ଭିଜିଲାନ୍ସ ଚଢ଼ାଉ, ସ୍ତ୍ରୀଙ୍କ ସହ ସମ୍ପର୍କ ହାନି, ସ୍ଥଗିତ ବିଦେଶ ଯାତ୍ରା, କ୍ଷତିରେ ଚାଲୁଥିବା ବ୍ୟବସାୟ ଓ ବାଣିଜ୍ୟ ଚିନ୍ତାର କାରଣ ହେବାର ଆଶଙ୍କାକୁ ଏଡ଼ିହେବ ନାହିଁ । **ବିଶାଖା (୧୬/୭)**– ପାପଗ୍ରହମାନଙ୍କ କୁପ୍ରଭାବରୁ ନିକଟ ସମ୍ପର୍କୀୟମାନଙ୍କ ପରୋକ୍ଷ ଶତ୍ରୁତା, ଅର୍ଥ ଓ ଦ୍ରବ୍ୟହାନି,ବନ୍ଧୁତାରେ ମତାନ୍ତର ଓ କଳହ, ଜମିଜମା ବିବାଦ, ମାଲି ମକଦ୍ଦମା, ବ୍ୟବସାୟରେ କ୍ଷତି,ପରିବହନରେ ଝଗଡ଼ା,ଧର୍ମକାର୍ଯ୍ୟରେ ବାଧା ଓ କର୍ମକ୍ଷେତ୍ରରେ ବହୁବିଧ ସମସ୍ୟା ମାନସିକ ଅଶାନ୍ତିର କାରଣ ହେବ ।

## ବିଛା

**ଛା**ଇ ଆଲୁଅର ଲୁଚକାଳି ଖେଳ ମଧ୍ୟରେ ଭଲମନ୍ଦର ମିଶ୍ରିତ ଅନୁଭୂତିକୁ ନେଇ ବର୍ଷଟି ଅତିବାହିତ ହେବ । ଦୈହିକ ସୁସ୍ଥତାର ନୀରୋଗତା ,ମନୋବଳ ଓ ମାନସିକ ଆବେଗକୁ ବୃଦ୍ଧି କରିବାରେ ସହାୟକ ହେବ । ଦୂରେଇଯାଇଥିବା ବନ୍ଧୁମାନେ ପାଖେଇ ଆସିବେ । ଅଧ୍ୟୟନ ଅଧ୍ୟାପନା କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି । ସଭାସମିତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସଙ୍ଗଲାଭକରି ଏକପ୍ରକାର ଆନନ୍ଦ ଅନୁଭବ କରିବେ । ଛୋଟବଡ ସମସ୍ୟା,ଝଡ଼ଝଞ୍ଜା ମଧ୍ୟ ଦେଇ ପାରିବାରିକ ଜୀବନ ଉଠାପକା ମଧ୍ୟରେ ଚାଲିବ । ଭୋଗବିଳାସ, ପ୍ରୀତିଲାଭ, ଅର୍ଥପ୍ରାଚୁର୍ଯ୍ୟ, କାର୍ଯ୍ୟସିଦ୍ଧି,ଆଦୃତି,ସୁଖସମ୍ମାନ ପାଇ ଖୁସୀ ଓ ପ୍ରଶଂସିତ ହେବେ । ଗାଡ଼ିମୋଟର,ଜମିବାଡ଼ି, ନିର୍ମାଣକାର୍ଯ୍ୟ,ଜଳ ଓ ତୈଳଜାତ ସାମଗ୍ରୀର ବ୍ୟବସାୟର ଅଭିବୃଦ୍ଧି ଘଟିବ । ପ୍ରକାଶନ ,ନୂତନ ପ୍ରକଳ୍ପ,କଳ କାରଖାନା,କଳା, ସାହିତ୍ୟ, ଚଳଚ୍ଚିତ୍ର ,ଟିଭି ଚ୍ୟାନେଲ ପ୍ରଭୃତିରେ ସୁଫଳ ପାଇବେ । ଲୋକାଭିମୁଖୀ ଜନକଲ୍ୟାଣ କର୍ମରେ ପ୍ରବେଶକରି ଉଚ୍ଚ ପ୍ରଶଂସିତ ହେବେ । ଆକସ୍ମିକ ସୁବିଧାସୁଯୋଗ ପ୍ରାପ୍ତି,ପରିବହନରେ ଉନ୍ନତି,ଦର୍ଶନୀୟ ସ୍ଥାନ ପରିଭ୍ରମଣ,ମାଲି ମକଦ୍ଦମାରେ ବିଜୟ ପ୍ରାପ୍ତି ଓ ଅର୍ଥ , ସମ୍ମାନ ମିଳିବ । ନୂତନ ଯାନବାହନ କିମ୍ବା ମୂଲ୍ୟବାନ୍ ଅଳଙ୍କାର ଖରିଦ କରିବା ଯୋଗ ରହିଛି । **ବିଶାଖା(୧୬/୮)**–ପୁରାତନ ରୋଗ,ପୂର୍ବ ଶତ୍ରୁତା,ରୋକ୍‌ଠୋକ୍ ଅପ୍ରିୟ ସତ୍ୟ କହିବା,ପ୍ରତିଶୋଧ ପରାୟଣ ମନୋଭାବ,ରହସ୍ୟଜନକ କର୍ମରେ ଅନୁପ୍ରବେଶ ,ଧର୍ମକାର୍ଯ୍ୟରେ ପ୍ରତିବନ୍ଧକ,ପ୍ରଶାସନିକ ଅସ୍ଥିରତା ,ରାଜନୈତିକ ବିବାଦ,ବକେୟା ପ୍ରାପ୍ତିରେ ସମସ୍ୟାର ସମ୍ମୁଖୀନ ,କୃଷି,ପଶୁ,ବାଡ଼ିବଗିଚା ସୀମା ବିବାଦ ଘଟିବ । **ଅନୁରାଧା(୧୭/୮)**– ପାରସ୍ପରିକ ଯୁକ୍ତିତର୍କ, ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା, ଆର୍ଥିକ ଦୁରବସ୍ଥା,ବନ୍ଧୁ ସମ୍ପର୍କହାନି, ଆକସ୍ମିକ ଦୁର୍ଘଟଣା,ତୀର୍ଥାଟନରେ ବାଧା, ପକେଟମାର, କାର୍ଯ୍ୟରେ ଅବହେଳା, ଶାରୀରିକ ଓ ମାନସିକ ଅସୁସ୍ଥତା ,ଉଚ୍ଚଶିକ୍ଷାରେ ପ୍ରତିବନ୍ଧକ,ପ୍ରକଳ୍ପାରମ୍ଭରେ ସମସ୍ୟା ସୃଷ୍ଟିହେବ । **ଜ୍ୟେଷ୍ଠା(୧୮/୮)**– ଛୋଟବଡ଼ ସମସ୍ୟା,ଝଡ଼ଝଞ୍ଜା ଦେଇ ପାରିବାରିକ ଜୀବନ ଉଠାପକା ମଧ୍ୟରେ ଗଡ଼ିଚାଲିବ । ପୁରାତନ ରୋଗପୀଡ଼ା, ପୂର୍ବ ଶତ୍ରୁତା, ଅପ୍ରିୟସତ୍ୟ କହିବା,ପ୍ରତିଶୋଧ ପରାୟଣ ମନୋଭାବ, ଗୋପନୀୟ କର୍ମ, ଅନୁପ୍ରବେଶ, ମାଦକଦ୍ରବ୍ୟ ସେବନ,ପରିବାରରେ ଦ୍ୱନ୍ଦ୍ୱ ।

## ଧନୁ

**ଦୁଃ**ଖ ଦୁର୍ଦ୍ଦିନର ଅମା ଅନ୍ଧକାର, ଦୁଶ୍ଚିନ୍ତା ଅପସରିଯିବ । ସରକାରୀ ସ୍ତରରୁ ଅର୍ଥ ଓ କର୍ମକ୍ଷେତ୍ରରେ ପଦୋନ୍ନତିର ଶୁଭସୂଚନା ମନକୁ ମଧୁ ମାଦକତାରେ ଭରିଦେବ । ଆଇନ ଅଦାଲତ,ରଚନାତ୍ମକ କାର୍ଯ୍ୟ,ଚୁକ୍ତିପତ୍ର,ରାଜନୀତି, ସଙ୍ଗଠନ, ଲୋକ ସମର୍ଥନ ଲାଭର ସଫଳତା ଅବଶ୍ୟମ୍ଭାବୀ । ପ୍ଲଟିଂ କାରବାର,ହୋଟେଲ,ରେଷ୍ଟୁରାଣ୍ଟ ପ୍ରଭୃତିରୁ ଅର୍ଥାଗମ ଅବଶ୍ୟମ୍ଭାବୀ । ଆନୁଷ୍ଠାନିକ କ୍ଷେତ୍ର, ସଭାସମିତି, ଗବେଷଣା, ଅଧ୍ୟୟନ ଓ ଅଧ୍ୟାପନାରୁ ସୁଫଳ ମିଳିବ । ସନ୍ତାନଙ୍କ ବୈବାହିକ କର୍ମକୁ ନେଇ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିପାରନ୍ତି । ଲୋଭନୀୟ ପ୍ରତିଶ୍ରୁତି ମାଧ୍ୟମରେ ବନ୍ଧୁମାନଙ୍କୁ ନିଜର କରିବାରେ ସମର୍ଥ ହେବେ । ପାରିବାରିକ ସ୍ତରରେ ସନ୍ତାନ ଲାଭ, ଉଚ୍ଚଶିକ୍ଷା, ବିଦେଶଯାତ୍ରା, ପ୍ରେମ ପ୍ରଣୟ,ନୂତନ ବନ୍ଧୁ ସମ୍ପର୍କ,କଳା,ସାହିତ୍ୟ,ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସୁଫଳ ମିଳିବ । ମାନସିକ ଦ୍ୱନ୍ଦ୍ୱ ,ନୈରାଶ୍ୟ,ବନ୍ଧୁ ବିଚ୍ଛେଦ,ଧନହାନି ଓ ସ୍ୱାସ୍ଥ୍ୟ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ । ତଥାପି ସାମାଜିକ ପ୍ରତିଷ୍ଠା, ନୂତନ ସ୍ଥାନ ପରିଭ୍ରମଣ,ମାଙ୍ଗଳିକ କାମ,ସୁସମ୍ପର୍କ ସ୍ଥାପନ,ସଭାସମିତିରେ ସମ୍ମାନ ପାଇ ଖୁସି ରହିବେ । ପ୍ରକାଶନ,ଏଜେନ୍ସିପ୍,ବେତାର, ଖବରକାଗଜ, କ୍ରୀଡ଼ା ,ସଙ୍ଗୀତ, ଚଳଚ୍ଚିତ୍ର, କ୍ଷେତରୁ ସୁନାମ ଅର୍ଜନ କରିବେ । **ମୂଳା (୧୯/୯)**– ଧନହାନି, ଅପବ୍ୟୟ,ପରୋକ୍ଷ ଶତ୍ରୁତା ସୃଷ୍ଟି କରିବା ସାଙ୍ଗକୁ ନିଜ ଲୋକମାନଙ୍କ ଦ୍ୱାରା, ସହକର୍ମୀଙ୍କ ବିରୋଧରୁ,ନୀଚ ସଙ୍ଗରୁ, ମାଦକଦ୍ରବ୍ୟ ସେବନରୁ ସ୍ୱାସ୍ଥ୍ୟହାନି ଓ ସମସ୍ୟା ଆସିବ । କର୍ମକ୍ଷେତ୍ରରେ ଗୋପନୀୟତା ପ୍ରକାଶକରି ସମସ୍ୟା ଭିତରକୁ ପଶିଯାଇପାରନ୍ତି । **ପୂର୍ବାଷାଢ଼ା(୨୦/୯)**– ବ୍ୟବସାୟରେ କ୍ଷୟକ୍ଷତି , ଶତ୍ରୁ ବୃଦ୍ଧି, ମାନସିକ ଦ୍ୱନ୍ଦ୍ୱ,ନୈରାଶ୍ୟ,ବନ୍ଧୁ ବିଚ୍ଛେଦ,ଧନହାନି ଓ ସ୍ୱାସ୍ଥ୍ୟ ସମସ୍ୟା ନେଇ ବିଶେଷ ଭାବେ ମନ ଭାରାକ୍ରାନ୍ତ ରହିବ । ସତର୍କତା ଅଭାବରୁ ଚୋରି,ଭିଜିଲାନ୍ସ କବଳରେ କବଳିତ ହୋଇପାରନ୍ତି । **ଉତ୍ତରାଷାଢ଼ା (୨୧/୯)**– ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି । ବ୍ୟବସାୟରେ କ୍ଷୟକ୍ଷତି , ଶତ୍ରୁବୃଦ୍ଧି, ମାନସିକ ଦ୍ୱନ୍ଦ୍ୱ ,ନୈରାଶ୍ୟ,ବନ୍ଧୁ ବିଚ୍ଛେଦ,ଧନହାନି ଓ ସ୍ୱାସ୍ଥ୍ୟ ସମସ୍ୟା ନେଇ ବିଶେଷ ଭାବେ ମନ ଭାରାକ୍ରାନ୍ତ ରହିବ ।

## ମକର

**ଗା**ମ୍ଭୀର୍ଯ୍ୟପୂର୍ଣ୍ଣ ସ୍ଥିତିରେ ବର୍ଷ ସାରା ଆପଣ ନିର୍ଦ୍ୱନ୍ଦ୍ୱରେ ଅବସ୍ଥାନ କରିବେ । ନୂତନ କର୍ମାରମ୍ଭ କରିବା ସହ ଆର୍ଥିକ ସ୍ଥିତି ମଜଭୁତ ରହିବ । କର୍ମକ୍ଷେତ୍ରରେ ଉଚ୍ଚ ପଦବୀ ପ୍ରାପ୍ତ ହୋଇ ଗଠନମୂଳକ କର୍ମ ପ୍ରେରଣା ଦେଇ ପ୍ରଶଂସିତ ହେବେ । ସରକାରୀ ସାହାଯ୍ୟ ମିଳିବ । ପାରିବାରିକ ସଦ୍ଭାବ ବୃଦ୍ଧି ପାଇବ । ଦୀର୍ଘଦିନର ଅଭିଳାଷ ପୂରଣ ହୋଇଯିବ । ପୁରୁଣା ଘର କିମ୍ବା ଗାଡ଼ି କିଣିପାରନ୍ତି । ବିଜାତୀୟ ବ୍ୟକ୍ତିମାନଙ୍କ ସହ ମିତ୍ରତା ବଢ଼ିବ । ଶିକ୍ଷା ଓ ପରୀକ୍ଷାରେ ସଫଳତା,ଶୁଭକାର୍ଯ୍ୟ କରଣୀୟ, ଆନୁଷ୍ଠାନିକ କାମରୁ ସୁନାମ ଓ ପ୍ରଶଂସାର୍ଜନ କରିବେ । ବିଭିନ୍ନ ପ୍ରକାର ପ୍ରକଳ୍ପ, ଉଦ୍ୟୋଗ ଓ ଯୋଜନା କାର୍ଯ୍ୟକାରୀ କରିପାରନ୍ତି । ସହକର୍ମୀ,ଆତ୍ମୀୟ ତଥା ବନ୍ଧୁମାନଙ୍କ ସାହାଯ୍ୟ,ସହଯୋଗର ଅଭାବ ରହିବ ନାହିଁ । ଉତ୍ସବାନୁଷ୍ଠାନରେ ବନ୍ଧୁମିଳନରୁ ଆନନ୍ଦିତ ହେବେ । କର୍ମଜୀବୀଙ୍କ ବଦଳି ଆଶଙ୍କା ଦୂରୀଭୂତ ହେବ । ପ୍ରଶାସନିକ ସ୍ଥିରତା ଆସିବ । ରାଜନୀତି ସଙ୍ଗଠନ ସତ୍‌ସଙ୍ଗରେ ସଫଳତା ପାଇବେ । ଗୁରୁତ୍ୱପୂର୍ଣ୍ଣ ଆନୁଷ୍ଠାନିକ କାମ, ଉଦ୍ୟୋଗ,ଶେୟାର ବଜାର,ଲଟେରି ପ୍ରଭୃତିରୁ ଲାଭବାନ୍ ହେବେ । ପ୍ଲଟିଂ କାରବାର,ଆମଦାନୀ, ବାଣିଜ୍ୟ,ବହିପତ୍ର, କଳକବ୍‌ଜା,ଯନ୍ତ୍ରାଂଶ, ବିଦ୍ୟୁତ୍ ସାମଗ୍ରୀ,ବ୍ୟବସାୟରୁଲାଭବାନହେବେ । କୃଷିରେ ଉନ୍ନତି, ପାରିବାରିକସଦ୍‌ଭାବ,ଆଇନ,ଅଦାଲତ, ପ୍ରଶାସନ,ସଭାସମିତି ଅନୁଷ୍ଠାନରୁ ସୁଫଳ ପାଇବେ । **ଉତ୍ତରାଷାଢ଼ା(୨୧/୧୦)**– ବିରୋଧାତ୍ମକ ସ୍ଥିତି ପରିବେଶରୁ ଧନହାନି, ବନ୍ଧୁରେ କଳହ,ମାଲିମକଦ୍ଦମାରୁ ଅଶାନ୍ତି, ସ୍ୱାସ୍ଥ୍ୟ ସମସ୍ୟାରେ ମନ ଭାରାକ୍ରାନ୍ତି ରହିବ, ପାରିବାରିକ ଜୀବନରେ ଦୁଃଖଦ ଅନୁଭୂତିରୁ ବୈରାଗ୍ୟଭାବ ସୃଷ୍ଟି ହେବା ସୂଚନା ରହିଛି । **ଶ୍ରବଣା (୨୨/୧୦)**– ବ୍ୟୟବହୁଳତା ମାନସିକ ଅର୍ଶା , କାର୍ଯ୍ୟରେ ବାଧା ଓ ବିଳମ୍ବ , ଶତ୍ରୁ ଠାରୁ ଭୟ ଓ ଆଶଙ୍କାଗ୍ରସ୍ତ ହେବେ । ଅର୍ଥହାନି, ସ୍ଥାନାନ୍ତର, ଆତ୍ମୀୟଙ୍କ ଅନାଦର ଭାବରୁ ମନସ୍ତାପ, ଗୃହସୀମାକୁ କେନ୍ଦ୍ରକରି ବିବାଦ ବୃଦ୍ଧିଘଟିବ, ମାନସିକ ଅସୁସ୍ଥତା,ବନ୍ଧୁବିରୋଧ । **ଧନିଷ୍ଠା (୨୩/୧୦)**–ସ୍ୱାସ୍ଥ୍ୟ,ସମ୍ପଦହାନି, ପାରିବାରିକ କଳହ, କର୍ମକ୍ଷେତ୍ରରେ ପରିବହନରେ ସମସ୍ୟା, ଶତ୍ରୁତାରୁ ମନସ୍ତାପ , କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ, ପଦସ୍ଥ ବ୍ୟକ୍ତିଙ୍କ ରୋଷର ଶିକାର ହୋଇପାରନ୍ତି ।

## କୁମ୍ଭ

**ଚ**ଳିତବର୍ଷ ସଂଦର୍ଶନୀୟ ଓ ଶୋଭନୀୟ ହୋଇଉଠିବ । ସଳିତା ଭଳି ନିଜେ ଜଳି ସାହାଯ୍ୟ ସହଯୋଗ ଓ ପରୋପକାରର ବିଚ୍ଛୁରିତ ଆଲୋକରେ ଅନ୍ୟମାନଙ୍କୁ ଆଲୋକିତ କରିବାରେ ସହାୟକ ହେବେ । ସନ୍ତାନଙ୍କ ବୈବାହିକ କର୍ମ ସମ୍ପାଦନକରି ଆତ୍ମତୃପ୍ତି ଲାଭ କରିବେ । କର୍ମକ୍ଷେତ୍ର, ଶିକ୍ଷା,ସନ୍ତାନ,ବିଦେଶ ଯାତ୍ରା,ଅର୍ଥ ସମ୍ପର୍କ ଓ ଆନୁଷ୍ଠାନିକ ଉତ୍ସବାନୁଷ୍ଠାନରୁ ପୁରସ୍କୃତ ହୋଇପାରନ୍ତି । ଜମିବାଡ଼ି ଏବଂ ଘର ସୀମାକୁ ନେଇ ରହିଥିବା ବିବାଦର ସମାଧାନ ହୋଇଯିବ । ସାଙ୍ଗଠନିକ ପ୍ରକ୍ରିୟାକୁ ଆମଦାନୀ କାରବାର ବୃଦ୍ଧିପାଇବ । ତୈଳଜାତ ବ୍ୟବସାୟରୁ ଲାଭବାନ୍ ହେବେ । ସାମଜିକ ସମ୍ମାନ ଓ ଉଚ୍ଚ ପଦପଦବୀର ସୁଯୋଗ ଲାଭକରି ଖୁସି ରହିବେ । ଶିଳ୍ପ,ବାଣିଜ୍ୟର ନବୀକରଣ କରିବା ଦିଗରେ ମନୋନିବେଶ କରିପାରନ୍ତି । କଳା,ସାହିତ୍ୟ,ସାମ୍ବାଦିକତା ପ୍ରଶାସନ କ୍ଷେତ୍ରରୁ ସୁନାମ ଓ ପ୍ରତିଷ୍ଠା ମିଳିବ । ଉଚ୍ଚାଭିଳାଷ, ଅର୍ଥପ୍ରାପ୍ତି,ଶୁଭକର୍ମ ସମ୍ପାଦନ, ପରୋପକାର କରିବେ । ଆନୁଷ୍ଠାନିକ କାମରେ ପ୍ରତିଷ୍ଠା,କୃଷି,ପଶୁରେ ଉନ୍ନତି ଓ ସନ୍ତାନ କ୍ଷେତ୍ରରୁ ସୁଫଳ ପାଇବେ । ଶିକ୍ଷା,ସନ୍ତାନ, ଜମିଜମା,ନିର୍ମାଣ, ବ୍ୟବସାୟାଦି କ୍ଷେତ୍ରରେ ସଫଳତା ପାଇବେ । ବୈଷୟିକ ଉନ୍ନତି ସାଙ୍ଗକୁ କର୍ମକ୍ଷେତ୍ର ସମସ୍ୟାମୁକ୍ତ ରହିବ । କଳା,ସାହିତ୍ୟ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ । **ଧନିଷ୍ଠା(୨୩/୧୧)**–ମାନସିକ ଦୁଃଖ,ଦୈନ୍ୟତା,କର୍ମକ୍ଷେତ୍ରରେ ବାଧା ବିଘ୍ନ, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ,ସହକର୍ମୀଙ୍କ ସହ କଳହ ,ପ୍ରିୟଜନ ମନାନ୍ତର ,କ୍ରନିକ୍ ରୋଗପୀଡ଼ା ଏବଂ ଯାନବାହନରେ ଆଘାତ,ମାଲିମକଦ୍ଦମାରେ ପରାଜୟ,ଲକ୍ଷ୍ୟହୀନ ଭ୍ରମଣ,ବିଦେଶଯାତ୍ରାରେ ସମସ୍ୟା, ମାଦକଦ୍ରବ୍ୟ ସେବନ,ମିଥ୍ୟାପବାଦର ଆଶଙ୍କା ରହିଛି । **ଶତଭିଷା(୨୪/୧୧)**– ସାମାଜିକ ସ୍ତରରେ ସନ୍ଦେହ, ଅଜଣା ଭୟ ଓ ଆଶଙ୍କା , ମିଥ୍ୟାପବାଦ,ପାରିବାରିକ କଳହ, ଭ୍ରାତୃ ସମ୍ପର୍କହାନି, କଚେରି ମାମଲା,ପ୍ରତିଯୋଗିତାରେ ବିଫଳତା,କ୍ରୀଡ଼ା, ଚଳଚ୍ଚିତ୍ରରେ ବିବାଦ । **ପୂର୍ବ ଭାଦ୍ରପଦ (୨୫/୧୧)**– ବନ୍ଧୁଙ୍କ ପ୍ରତାରଣା ଓ ବିଶ୍ୱାସଘାତକତା, କରଜଦାତାଙ୍କ ଚାପ,ଆତ୍ମୀୟଙ୍କ ଅପପ୍ରଚାର,ସନ୍ତାନଙ୍କ ବିଶୃଙ୍ଖଳା,ସ୍ତ୍ରୀ/ସ୍ୱାମୀଙ୍କ କଟୂକ୍ତି, ଆନୁଷ୍ଠାନିକ ଅସହଯୋଗ, ମାଙ୍ଗଳିକ କାମରେ ପ୍ରତିବନ୍ଧକ, ପ୍ରତ୍ୟାବର୍ତ୍ତନରେ ସମସ୍ୟା ,ବିଜାତୀୟଙ୍କ ବିରୋଧ,ରାଜନୈତିକ ଅସ୍ଥିରତା, ପ୍ରାପ୍ୟ ଧନରେ ବାଧା ।

## ମୀନ

**ଆ**ପଣଙ୍କ ଭାଗ୍ୟ ଓ ଭବିଷ୍ୟତ ଚଳିତ ନବବର୍ଷରେ ଝଲସିଉଠିବ । ପାରିବାରିକ ଜୀବନରେ ଉତ୍ତମ ବୁଝାମଣା ସାମାଜିକ ଜୀବନକୁ ମଧ୍ୟ ପ୍ରଭାବିତ କରିବ । ପ୍ରଚୁର ଅର୍ଥ ପ୍ରାପ୍ତି ,ଗୁପ୍ତ ସମ୍ପତ୍ତି ଲାଭ ସାଙ୍ଗକୁ ବାକ୍‌ପଟୁତା ଏବଂ ସୃଜନୀ ଶକ୍ତିର ଅଭ୍ୟୁଦୟ ଘଟିବ । ଅଭିନୟ ପ୍ରତି ରୁଚି,ନୂତନ କର୍ମସଂସ୍ଥାନ ପାଇଁ ଅନୁକୂଳ ବାତାବରଣ ଓ କୁଟୁମ୍ବରେ ସୌଖ୍ୟ । ରାହୁଙ୍କ ପ୍ରଭାବରୁ ଶତ୍ରୁନାଶ, ମାଲିମକଦ୍ଦମା ଫଇସଲା,ରାଜନୀତି ଓ ପ୍ରଶାସନିକ ସ୍ତରରେ ସମ୍ମାନ,ବିଦେଶ ଯାତ୍ରାର ସୁଯୋଗ ପାଇବେ । ପ୍ରକାଶନ,ପ୍ରଶାସନ,ରାଜନୀତି,କଳା,ସାହିତ୍ୟ,ଆଇନକାନୁନ,ଗବେଷଣା, ଅନୁସନ୍ଧାନ, ରପ୍ତାନି ବାଣିଜ୍ୟ, ଯାନବାହନରୁ ଶୁଭଫଳ ପାଇବେ । ବାଣିଜ୍ୟ ,ବ୍ୟବସାୟ, ପରିବହନ,ଏଜେନ୍ସିପ୍,ଚୁକ୍ତିପତ୍ର,ଜମିଜମା, ନିର୍ମାଣ କାମ ପାଇଁ ଭଲ । ସ୍ୱାସ୍ଥ୍ୟ ଭଲ ରହିବା ସାଙ୍ଗକୁ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ, ମାଙ୍ଗଳିକ କାମ, କାର୍ଯ୍ୟସିଦ୍ଧି,ସ୍ନେହ,ଶ୍ରଦ୍ଧା ଓ ଆଦର ସମ୍ମାନ ପାଇବେ । ଅର୍ଥନୈତିକ ଅଭିବୃଦ୍ଧି,ପ୍ରକାଶନ,ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, କଳା,ସାହିତ୍ୟ,ମନୋରଞ୍ଜନ, ବାଣିଜ୍ୟ ବ୍ୟବସାୟରୁ ଉତ୍ତମ ଫଳ ପାଇ ଖୁସି ରହିବେ । **ପୂର୍ବଭାଦ୍ରପଦ(୨୫/୧୨)**– ବିଭିନ୍ନ ପ୍ରକାର ସମସ୍ୟା ଓ ଧନହାନି ,ପୈତୃକ ସମ୍ପତ୍ତି ସକାଶେ ବିବାଦ, ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେବ । କର୍ମାରମ୍ଭରେ ଅସଫଳତା ଓ କାର୍ଯ୍ୟସିଦ୍ଧିରେ ବିଳମ୍ବ, ଅର୍ଥପ୍ରାପ୍ତିରେ ପ୍ରତୀକ୍ଷା ଓ ବନ୍ଧୁମାନଙ୍କ ଅନାଦର ଭାବ ଅଶାନ୍ତିକୁ ବହୁ ମାତ୍ରାରେ ବଢ଼ାଇଦେବ । କର୍ମକ୍ଷେତ୍ରରେ ଅସହଯୋଗ ଓ ପରୋକ୍ଷ ଶତ୍ରୁତା ଲାଗି ରହିବ । ସ୍ୱାସ୍ଥ୍ୟ ସେତେଟା ଭଲ ରହିବ ନାହିଁ । **ଉତ୍ତରଭାଦ୍ରପଦ (୨୬/୧୨)**– ଜମିଜମା କଳହ, ବ୍ୟବସାୟ, ଯାନବାହନରେ କ୍ଷତି, ଆଶଙ୍କା ଓ ମନସ୍ତାପ ଭୋଗିବାକୁ ପଡ଼ିବ । ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ଭିତରେ ଗତି କରିବାକୁ ହେବ । କାର୍ଯ୍ୟହାନି,ବନ୍ଧୁ ବିରୋଧ,ଧନକ୍ଷୟ,ଶତ୍ରୁତା, ଅଚାନକ କଳହ,ଦୁର୍ଘଟଣା କାରଣରୁ ବହୁବିଧ ସମସ୍ୟା ଆସିବ । **ରେବତୀ(୨୭/୧୨)**– ମିଥ୍ୟା ଅପବାଦ,କାରଣବିହୀନ ଅଭିଯୋଗ,ଭୁଲ୍ ବୁଝାମଣା, ସନ୍ଦେହଜନକ କାମରେ ଅନୁ ପ୍ରବେଶ ପ୍ରଭୃତି ଅଶୁଭତ୍ୱ ପ୍ରତି ସାବଧାନ ରହିବା ବିଧେୟ ।

**ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର**

ମୋ–୯୭୭୭୮୦୧୮୫୫ mail: pkmahapatro@gmail.com

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଜିଠୁ ଅଚଳ ହେବ ୩ ବର୍ଗର ବ୍ୟାଙ୍କ ଆକାଉଣ୍ଟ: ଆର୍‌ବିଆଇ

**ଭୁବନେଶ୍ୱର,୩୧।୧୨ (ଅନୁରାଧା ମହାରଣା)**

୨୦୨୫ର ପ୍ରଥମ ଦିନରୁ ବ୍ୟାଙ୍କ କାରବାର ସମ୍ପର୍କିତ ଅନେକ ନିୟମ ପରିବର୍ତ୍ତନ ହେବାକୁ ଯାଉଛି। ତେବେ ଜାନୁଆରୀ ପହିଲାରୁ ୩ ପ୍ରକାରର ବ୍ୟାଙ୍କ ଆକାଉଣ୍ଟ ଅଚଳ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବ୍ୟାଙ୍କିଂ ସେକ୍ଟରରେ ଠକେଇ ରୋକିବା, ସ୍ୱଚ୍ଛତା ରକ୍ଷା କରିବା ଓ ଡିଜିଟାଲାଇଜେଶନକୁ ପ୍ରୋତ୍ସାହିତ କରିବା ପାଇଁ ଆର୍‌ବିଆଇ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ନିଷ୍କ୍ରିୟ ଆକାଉଣ୍ଟ, ଜିରୋ ବାଲାନ୍ସ ଆକାଉଣ୍ଟ ଓ ଡରମେଟ୍ ଆକାଉଣ୍ଟ ଆଦି ୩ ପ୍ରକାରର ଆକାଉଣ୍ଟ ଏଥିରେ ରହିଛି। ଯଦି କୌଣସି ଆକାଉଣ୍ଟରେ ୧ବର୍ଷ ବା ୧୨ ମାସରୁ ଅଧିକ ଦିନ ଧରି କୌଣସି ଆର୍ଥିକ କାରବାର ହୋଇନାହିଁ ତେବେ ଏହି ଆକାଉଣ୍ଟକୁ ଇନ୍‌ଆକ୍ଟିଭ୍ ବା ନିଷ୍କ୍ରିୟ ବର୍ଗରେ ଗଣତି କରାଯିବା ସହ ଉକ୍ତ ଆକାଉଣ୍ଟକୁ ଅଚଳ କରିଦିଆଯିବ। ତେବେ ଆବଶ୍ୟକସ୍ଥଳେ ବ୍ୟାଙ୍କ ସହ ଯୋଗାଯୋଗ କରି ଉପଭୋକ୍ତା ତାଙ୍କ ଆକାଉଣ୍ଟଙ୍କୁ ପୁନଃ ସକ୍ରିୟ କରିପାରିବେ।




ସେହିପରି ଦୀର୍ଘ ଦିନ ଧରି ଜିରୋ ବାଲାନ୍ସ ବା ଶୂନ୍ୟ ଅର୍ଥ ଥିବା ଆକାଉଣ୍ଟଗୁଡ଼ିକୁ ମଧ୍ୟ ପହିଲାରୁ ଅଚଳ କରାଯିବ। ଏହି ଆକାଉଣ୍ଟକୁ କୌଣସି ଦୁରୁପଯୋଗରୁ ରକ୍ଷା କରିବା ପାଇଁ ଏପରି ପଦକ୍ଷେପ ନିଆଯାଇଥିବା ଆରବିଆଇ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଜିରୋ ବାଲାନ୍ସ ଆକାଉଣ୍ଟଧାରୀଙ୍କ ଦ୍ୱାରା ବ୍ୟାଙ୍କ କାରବାର ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ସେହିପରି ଦୀର୍ଘଦିନ ଧରି ଅବ୍ୟବହୃତ ରହିଥିବା ଆକାଉଣ୍ଟକୁ ନିକଟସ୍ଥ ବ୍ୟାଙ୍କ ଶାଖାରେ କେଓ୍ୱାଇସି କରାଇବା ପାଇଁ ଆକାଉଣ୍ଟଧାରୀଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ୨ବର୍ଷରୁ ଅଧିକ ସମୟ ଧରି କୌଣସି ଆର୍ଥିକ କାରବାର ହୋଇ ନ ଥିବା ଆକାଉଣ୍ଟ ଅର୍ଥାତ୍ ଡରମାଣ୍ଟ ଆକାଉଣ୍ଟକୁ ମଧ୍ୟ ଅଚଳ କରିଦିଆଯିବ। ଏହି ଆକାଉଣ୍ଟଗୁଡ଼ିକ ସାଇବର ଅପରାଧୀଙ୍କ ଟାର୍ଗେଟରେ ରହୁଥିବାବେଳେ ଏପରି ଆକାଉଣ୍ଟ ହ୍ୟାକ୍ କରି ପରବର୍ତ୍ତୀ ସମୟରେ ଆର୍ଥିକ ଠକେଇ କରିଥାନ୍ତି। ତେଣୁ ଏପରି ଅପରାଧ ଏଡାଇବାକୁ ଆରବିଆଇ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

# ଖସିଲା ଶେୟାର ବଜାର

**ମୁମ୍ବାଇ,୩୧।୧୨**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୦୯.୧୨ ପଏଣ୍ଟ କମି ୭୮,୧୩୯.୦୧ ଅଙ୍କରେ କାରବାର ବନ୍ଦ ହୋଇଥିଲା। ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୦.୧୦ ପଏଣ୍ଟ ହ୍ରାସ ଘଟି ୨୩,୬୪୪.୮୦ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।



D-2440










# ହେମରାଜଙ୍କ ଚମତ୍କାର କଳା ପ୍ରଦର୍ଶନ

## ଆଜି ରବି ଟକିଜରେ ୪ଶୋ'

**ଭୁବନେଶ୍ୱର,୩୧।୧୨**
**(ଅଭୟ ଦାଶ)**

ବର୍ତ୍ତମାନର ଅତ୍ୟାଧୁନିକ ସୁବିଧା ସୁଯୋଗ ଓ ସୋସିଆଲ ମିଡିଆ ଯୁଗରେ ମଧ୍ୟ ଯାଦୁକଳାର ଚାହିଦା ପୂର୍ବ ପରି ରହିଛି ବୋଲି ଡାଇମଣ୍ଡ ଷ୍ଟାର ଯାଦୁଗର ହେମରାଜ ମତପ୍ରକାଶ କରିଛନ୍ତି। ଏପରିକି ଭୁବନେଶ୍ୱରର ରବି ଟକିଜରେ ଜାରି ରହିଥିବା 'ହେମରାଜ ମ୍ୟାଜିକ ଶୋ'ର ଦର୍ଶକଙ୍କ କହିବା ଅନୁଯାୟୀ ଯାଦୁକଳାକୁ ବଞ୍ଚାଇ ରଖିବା ସହିତ ହେମରାଜଙ୍କ ସୁନ୍ଦର କଳା ଓ ଆକର୍ଷଣୀୟ ମ୍ୟାଜିକ ପ୍ରଦର୍ଶନକୁ ସବୁ ବର୍ଗର ଦର୍ଶକ ଖୁବ ଉପଭୋଗ କରୁଛନ୍ତି। ସେହିପରି ପ୍ରଥମ ଥର ପାଇଁ ଭୁବନେଶ୍ୱରର ଏକ ଫିଲ୍ମ ହଲ ଜରିଆରେ ଏହି ମ୍ୟାଜିକ ଶୋ' ପ୍ରଦର୍ଶିତ ହେଉଛି। ଏପରିକି ଶୃଙ୍ଖଳିତ ଭାବେ ମ୍ୟାଜିକ ଶୋ'କୁ ଆୟୋଜନ କରିବା ସହିତ ଦର୍ଶକଙ୍କ ଭଲ ପାଇବା ମିଳିବାରୁ ଆମେ ଚଳିତ ନବ ବର୍ଷ ଉପଲକ୍ଷେ ୪ଟି ଶୋ ' ଆୟୋଜନ କରିଛୁ। ଏପରିକି ୧ ଜାନୁଆରୀ ୨୦୨୫ ଦିବା ୧ ଘଟିକା, ୩.୧୫ ଘଟିକା, ୫.୧୫ଘଟିକା ଏବଂ ସନ୍ଧ୍ୟା ୭.୩୦ ଘଟିକାରେ ଏହି ସ୍ୱତନ୍ତ୍ର ଶୋ'ର ଆୟୋଜନ କରାଯାଉଛି। ଅପରପକ୍ଷରେ ପ୍ରତିଦିନ ୨ଟି ଶୋ (ସୋମବାରରୁ ଶନିବାର ଅପରାହ୍ନ ୫.୧୫ଘଟିକା ଏବଂ ସନ୍ଧ୍ୟା ୭,୩୦ଘଟିକା) ଏବଂ ରବିବାର ଓ ଛୁଟିଦିନଗୁଡିକରେ ୩ଟି ଶୋ ( ଅପରାହ୍ନ ୩.୧୫ ଘଟିକା, ୫.୩୦ ଘଟିକା ଏବଂ ସନ୍ଧ୍ୟା ୭,୪୫ ଘଟିକା) ୨ ଘଣ୍ଟିଆ ପରିବେଷଣ କରାଯାଉଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଭାରତର ପ୍ରଥମ ପାରିବାରିକ କମେଡି ମ୍ୟାଜିକ ଶୋ'ଭୁବନେଶ୍ୱରର ରବି ଟକିଜରେ ପରିବେଷଣ ହେଉଛି। ଏହି ଶୋ' ୨୦୨୫ ଜାନୁୟାରୀ ୧୫ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକ ତଥା ସଂସ୍ଥାର ମ୍ୟାନେଜର ଅତୁଲ ଯୋଶୀ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।



# ନଭେମ୍ବରରେ କୋର ସେକ୍ଟରର ବୃଦ୍ଧି ୪.୩%

**ନୂଆଦିଲ୍ଲୀ,୩୧।୧୨**

କ୍ରମାଗତ ଭାବେ ଦେଶର ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ବୃଦ୍ଧି ହେଉଛି। ଏପରି କି କୋର ସେକ୍ଟରର ବୃଦ୍ଧି ମଧ୍ୟ ସମ ପରିମାଣରେ ବୃଦ୍ଧି ଘଟୁଥିବାବେଳେ ୨୦୨୪ ନଭେମ୍ବରରେ ଏହା ୪.୩%ରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ୨୦୨୪ ନଭେମ୍ବରରେ ଦେଶର କୋର ସେକ୍ଟରର ବୃଦ୍ଧି ଘଟି ୪.୩% ପହଞ୍ଚିଛି। ଗତ ମାସରେ ଏହି କ୍ଷେତ୍ରର ବୃଦ୍ଧି ୩.୭% ହୋଇଥିବାବେଳେ ନଭେମ୍ବରର ଅଭିବୃଦ୍ଧି ଗତ ୪ ମାସର ସର୍ବାଧିକ ବୋଲି କୁହାଯାଉଛି। ଅପରପକ୍ଷରେ ଦେଶର ପ୍ରମୁଖ ୮ କୋର ସେକ୍ଟରର ସୂଚୀ ଅନୁଯାୟୀ ନଭେମ୍ବର ମାସର ବୃଦ୍ଧି ପରିଲକ୍ଷିତ ହୋଇଛି। ଏପରି କି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ୨୦୨୪ ଅଗଷ୍ଟରେ ଏହାର ପରିମାଣ ୧.୫%, ସେପ୍ଟେମ୍ବରରେ ୨.୪% ଏବଂ ଅକ୍ଟୋବରରେ ୩.୭%ର ଅଭିବୃଦ୍ଧି ପରିଲକ୍ଷିତ ହୋଇଥିଲା।

# ବଢ଼ିଲା ଆଇଟିଆର୍ ଦାଖଲ ସମୟସୀମା

**ଭୁବନେଶ୍ୱର,୩୧।୧୨ (ଅନୁରାଧା ମହାରଣା)**

ଇନକମ୍ ଟ୍ୟାକ୍ସ ରିଟର୍ନ (ଆଇଟିଆର) ଦାଖଲ କରିବାର ସମୟସୀମା ବୃଦ୍ଧି କରାଯାଇଛି। ପୂର୍ବରୁ ଡିସେମ୍ବର ୩୧ ଶେଷ ତାରିଖ ବୋଲି ଘୋଷଣା କରାଯାଇଥିଲା। ତେବେ ବିଭିନ୍ନ ବର୍ଗର କରଦାତାଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସମୟସୀମାକୁ ଜାନୁୟାରୀ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ଏହି ବର୍ଦ୍ଧିତ ସମୟସୀମା କେବଳ ବ୍ୟକ୍ତିଗତ କରଦାତାମାନଙ୍କ ପାଇଁ ଉପଲବ୍ଧ ହେବ। ଯେଉଁମାନେ ପୂର୍ବରୁ ସମୟସୀମା ମଧ୍ୟରେ ଆୟକର ରିଟର୍ନ ଦାଖଲ କରିଛନ୍ତି, ଆବଶ୍ୟକସ୍ଥଳେ ସେମାନେ ସଂଶୋଧିତ ଆଇଟିଆର ମଧ୍ୟ ଦାଖଲ କରିପାରିବେ। ଯେଉଁ ଟିକସଦାତାଙ୍କ ଆଇଟିଆର ବାର୍ଷିକ କାରବାର ସହିତ ମେଳ ଖାଉ ନାହିଁ ସେମାନଙ୍କୁ ଆୟକର ବିଭାଗ ପକ୍ଷରୁ ଅବଗତ କରାଯାଇଛି।

# Classified Everyday

**0674-2580101, 9692975378**



## MATRIMONIAL

### BRIDE WANTED

Brahmin ପୁଅ, ସରକାରୀ ହାଇସ୍କୁଲରେ ଶିକ୍ଷକ, ବୟସ- 52 ବର୍ଷ, ମାସିକ ଦରମା 1.15 ଲକ୍ଷ, Life partner ନିମନ୍ତେ (42-50) ବର୍ଷ ବ୍ରାହ୍ମଣ, ଅବିବାହିତା କନ୍ୟା, ନିଃସନ୍ତାନ ବିଧବା କିମ୍ବା ଛାଡ଼ପତ୍ର, ସୁଗୃହିଣୀ ପାତ୍ରୀ ଆବଶ୍ୟକ। କେବଳ ପ୍ରାର୍ଥିନୀ କିମ୍ବା ଅଭିଭାବକ ଯୋଗାଯୋଗ କରନ୍ତୁ- 9437137925. D-2445

### GROOM WANTED

47 ବର୍ଷ, Forest Departmentରେ କାର୍ଯ୍ୟରତ ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ, ଘରଜ୍ୱାଇଁ ମଧ୍ୟ ଗ୍ରହଣୀୟ। 8455853154. D-2444



## REAL ESTATE

### SALE

Bhubaneswar BDA approved apartment adjacent Times Gurukul near Kalinganagar DAV, KV, Sum Hospital. 7008459987. D-76220

Official space & shops (BMC & RERA approved) for sale in a prime location of BBSR. For details please contact: 7605932509. D-2319

4 BHK luxurious flat for sale at Unit-3, Kharavelanagar, back side of Ram Mandir. Handover within 2 months. Please contact: 9438362399. D-2395

ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ - 7008052921. D-76228

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599. D-2441

## AFFIDAVIT

By virtue of an affidavit sworn before Notary Public, Cuttack, dated 31.12.2024, I, Brijesh Kumar Nayak, Address: Vill.- Dakshina Dandi, P.O.- Madanpur, Dist.- Kendrapara, Pin-754246 declared that I have changed my son's name from Aditya Kumar Nayak to Ashutosh Nayak. Henceforth, he shall be known as Ashutosh Nayak for all future purposes. Brijesh Kumar Nayak D-2446

By virtue of an affidavit in the CourtA of the Executive Magistrate, Simulia, I, Gouribala Barik alias Ushamani Barik, W/o Bijay Barik of Kalaspur, P.S.- Simulia declare that in my Aadhaar Card my name has been mentioned as Usharani Barik. But in my LIC Certificate my name has been recorded as Gouribala Barik. Both the above name belongs to one and same person. D-2448

## LEGAL NOTICE

**ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ ନମ୍ବର-୪,**
**ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଧୀନେ**
**ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଚତୁର୍ଥ ମହଲା, ଭୁବନେଶ୍ୱର, ସଚିବାଳୟ ମାର୍ଗ, ୟୁନିଟ୍-୫, ଭୁବନେଶ୍ୱର**

2407
31.12.2024

**ଓ.ଏସ୍.ଏସ୍. ମକଦ୍ଦମା ନମ୍ବର- ୧୧୩୨/୨୦୨୩**

ଶ୍ରୀମତୀ ପ୍ରିୟଦର୍ଶିନୀ ଉଦ୍‌ଗାତା ... ... ... ବାଦିନୀ

ବନାମ

ହରଷ ମହାରଣା ଏବଂ ଅନ୍ୟମାନେ ... ... ... ପ୍ରତିବାଦୀ

ଇସ୍ତାହାର ମାଧ୍ୟମରେ ସୂଚନା ଆଦେଶ ନଂ. ୫ ଏବଂ ନିୟମ ୨୦ ଅଧିନିୟମ (୧-କ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ଉପର ଲିଖିତ ରିଭିଜନ ମକଦ୍ଦମା ପ୍ରତିବାଦୀ ନମ୍ବର-୨ ଗନ୍ଧର୍ବ ମହାରଣାଙ୍କର ମୃତ୍ୟୁ ହୋଇଥିବାରୁ ସେମାନଙ୍କର ଉତ୍ତରାଧିକାରୀ ତଥା ତାଙ୍କ ମନୋନୀତ ପ୍ରାର୍ଥୀ କିମ୍ବା ଆଇନମତେ ତାଙ୍କ ତରଫରୁ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଦୈନିକ ଖବରକାଗଜ ଦ୍ୱାରା ବିଜ୍ଞାପନ ମାଧ୍ୟମରେ ସୂଚନା ପ୍ରଦାନ କରାଯାଉଅଛି କି ଉପର ଲିଖିତ ମାନ୍ୟବର ଅଦାଲତରେ ଆସନ୍ତା ତା୧୭।୦୨।୨୦୨୫ରିଖ ଦିବା ୧୧.୩୦ ଘଟିକାରେ ଉପସ୍ଥିତ ହୋଇ ସେମାନଙ୍କ ତରଫରୁ ଉକ୍ତ ମାମଲାକୁ ପରିଚାଳନା କରିବା ପାଇଁ ବିହିତ ଆଦେଶ ଅଟେ। ଏହି ସୂଚନା ମାଧ୍ୟମରେ ଜଣାଇ ଦିଆଯାଉଛି ଯେ, ସୂଚନା ମୁତାବକ ସମୟରେ ଉପସ୍ଥିତ ରହି ନିଜ ମତ ଉପସ୍ଥାପନ କରନ୍ତୁ।

ପ୍ରତିବାଦୀମାନଙ୍କର ନାମ ଓ ଧାମ:
ପ୍ରତିବାଦୀ ନମ୍ବର-୨: ଗନ୍ଧର୍ବ ମହାରଣା, ପିତା- ଲୋକନାଥ ମହାରଣା, ଗ୍ରାମ/ପୋଷ୍ଟ/ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଉପରଲିଖିତ ପ୍ରତିବାଦୀ କ୍ରମିକ ନମ୍ବର-୨ଙ୍କ ବିରୁଦ୍ଧରେ ଉପରଲିଖିତ ବାଦିନୀ ମାନ୍ୟବର ଅଦାଲତ ଓଡ଼ିଶା ଭୂ-ବନ୍ଦୋବସ୍ତ ଆଇନ ୧୯୫୮ ମୁତାବକ ଧାରା ୧୫-ଖରେ ଏକ ରିଭିଜନ ମକଦ୍ଦମା କରିଅଛନ୍ତି। ଉକ୍ତ ରିଭିଜନ ମକଦ୍ଦମାରେ ବାଦିନୀ କ୍ରୟ କରିଥିବା ଜମିର ସାବକ ମୌଜା- ଘାଟିକିଆ, ସାବିକ ଖାତା ନମ୍ବର- ୨୬୨, ପ୍ଲଟ୍ ନମ୍ବର- ୧୧୫୦, ଯାହାର ରକବା ଏ.ସି. ୦.୦୫୫ ଡିସିମିଲ, କିସମ - ଶାରଦ-୩, ଯାହାର ଚଳିତ ହାଲ୍ ବନ୍ଦୋବସ୍ତରେ ହାଲ୍ ଖାତା ନମ୍ବର-୧୯୩୬, ପ୍ଲଟ୍ ନମ୍ବର-୩୯୨୦, ଏରିଆ ଏ.ସି. ୦.୦୨୯ ଡିସିମିଲ, କିସମ- ଶାରଦ ଅଣ ଜଳସେଚିତ-୩ ଅଟେ, ଯାହାକି ଅଦ୍ୟ ବାଦିନୀ ଗତ ତା୨୨।୦୩।୧୯୮୮ରିଖରେ ଅଦ୍ୟ ବାଦିନୀଙ୍କୁ ରେଜିଷ୍ଟ୍ରି ବିକ୍ରୟ ଦଲିଲ ନମ୍ବର ୨୬୬୫ରେ ଖରିଦ କରିଅଛନ୍ତି ; ଯାହାକି ବାଦିନୀଙ୍କ ନାମରେ ରେକର୍ଡ କରିବା ନିମନ୍ତେ ଅଦ୍ୟ ରିଭିଜନ ମକଦ୍ଦମା ମାନ୍ୟବର ଅତିରିକ୍ତ କମିଶନରଙ୍କ ଅଦାଲତରେ କ୍ରମିକ ନମ୍ବର-୪, ଭୁବନେଶ୍ୱରରେ ମାମଲା ଦାଖଲ କରିଅଛନ୍ତି। କିନ୍ତୁ ଉପର ଲିଖିତ ଦିଆଯାଇଥିବା ଠିକଣା ମତେ ମାନ୍ୟବର ଅଦାଲତଙ୍କ ଏକାଧିକ ଥର ନୋଟିସ ପ୍ରେରଣ ହୋଇଥିଲା। କିନ୍ତୁ ପ୍ରତିବାଦୀ ନମ୍ବର-୨ଙ୍କ ଦେହାନ୍ତ ହୋଇଯାଇଥିବାରୁ ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ କିମ୍ବା ଆଇନ ମତେ ଉକ୍ତ ମକଦ୍ଦମାକୁ ସେମାନଙ୍କ ତରଫରୁ ପରିଚାଳନା କରିବା ନିମନ୍ତେ ଉପସ୍ଥିତ ରହିବେ। ଏଣୁ ଅଦ୍ୟ ବିଜ୍ଞାପନ ମାଧ୍ୟମରେ ଉପରଲିଖିତ ପ୍ରତିବାଦୀଙ୍କ ତରଫରୁ ସେମାନଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ପ୍ରାର୍ଥୀ କିମ୍ବା ଆଇନ ମତେ ପରିଚାଳନା କରୁଥିବା ବ୍ୟକ୍ତିବିଶେଷମାନେ ମାନ୍ୟବର ଅଦାଲତରେ ଧାର୍ଯ୍ୟ ତାରିଖ ଆସନ୍ତା ତା୧୭।୨।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଉକ୍ତ ମାମଲାକୁ ତାଙ୍କ ତରଫରୁ ପରିଚାଳନା କରିବେ । ଯଦି ଉକ୍ତ ଧାର୍ଯ୍ୟ ତାରିଖ ଦିନ ଉକ୍ତ ପ୍ରତିବାଦୀଙ୍କ ତରଫରୁ କୌଣସି ବ୍ୟକ୍ତି କିମ୍ବା ତାଙ୍କର ଉତ୍ତରାଧିକାରୀ, ମନୋନୀତ ପ୍ରାର୍ଥୀ ଉକ୍ତ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ସେମାନଙ୍କ ତରଫରୁ ଦାବି ଉପସ୍ଥାପନ କରିବେ ନତୁବା କେହି ବ୍ୟକ୍ତି ଅନୁପସ୍ଥିତ ରୁହନ୍ତି ତେବେ ଉକ୍ତ ମାମଲାକୁ ଆଇନ ମତେ ବିଚାର କରାଯିବ। ଏଣୁ ଦୈନିକ ଖବରକାଗଜ ଦ୍ୱାରା ବିଜ୍ଞାପନ ମାଧ୍ୟମରେ ସେମାନଙ୍କୁ ସୂଚନା/ନୋଟିସ ପ୍ରଦାନ କରାଗଲା।

ସ୍ଥାନ: ଭୁବନେଶ୍ୱର
ତାରିଖ: 31.12.2024

**ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ**
**ନମ୍ବର ୪ଙ୍କ ଆଦେଶ କ୍ରମେ**
**ସ୍ୱା./- କୋର୍ଟ ଅଫିସର**

ଧ-୨୪୪୩

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your classified advertisement published in Dharitri will be listed free in Dharitri online edition: **dharitriepaper.in**

# ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପ୍ରଦୀପ୍ତ କିରଣ ମହାନ୍ତି**
ନାଗବାଲି, କଟକ
ଆବିର୍ଭାବ: ୧୯.୦୪.୧୯୬୬
ତିରୋଧାନ: ୨୧.୧୨.୨୦୨୪
ତୁମର ଆଦର୍ଶ ଆମ ପାଇଁ ପ୍ରେରଣା। ତୁମ ମହାନ ଆତ୍ମାର ସ୍ୱର୍ଗପ୍ରାପ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ନିବେଦନ।
ଶୋକସନ୍ତପ୍ତ : ପତ୍ନୀ- ମଧୁସ୍ମିତା ମହାନ୍ତି
ଝିଅ- ଶୁଭଜ୍ୟୋତି, ଦିବ୍ୟଜ୍ୟୋତି, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
D-2449

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ସୁଶ୍ମିତା ଶତପଥି**
ଆବିର୍ଭାବ- ୧୨.୦୨.୧୯୪୮
ତିରୋଧାନ- ୨୩.୧୨.୨୦୨୪
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟପରାୟଣ ଆମପାଇଁ ଚିର ସ୍ମରଣୀୟ ହୋଇ ରହିବ । ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ ।
-ଶୋକସନ୍ତପ୍ତ-
ବନ୍ଧୁ ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୬୧୮୧

**ଶ୍ରଦ୍ଧାଞ୍ଜଳି**
**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



**୰ ଇଂ. ସଦାନନ୍ଦ ନାୟକ**
ମହାନଦୀ ବିହାର, କଟକ
ଆବିର୍ଭାବ: ୦୧.୦୫.୧୯୪୦
ତିରୋଧାନ: ୦୧.୦୧.୨୦୧୯
ତମ ସ୍ଥାନ ବାବା କିଏ ପୂର୍ଣ୍ଣ କରିବ ?
ଜୀବନର ଯାତ୍ରା ସମୟର ରାସ୍ତା ଅଟକି ନଯାଇ ଗଡ଼ି ଚାଲିଲେ ବି ତମ ସ୍ଥାନ ଶୂନ୍ୟ ରହିଯିବ...
-: ଶୋକ ସନ୍ତପ୍ତ :-
ପ୍ରେମଲତା ନାୟକ
ବନ୍ଧୁ ଓ ପରିବାର ବର୍ଗ
ଧ-୨୪୪୭

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ**



**୰ ରାସବିହାରୀ ପଟ୍ଟନାୟକ**
ଭୁବନେଶ୍ୱର
ଆବିର୍ଭାବ : ୦୩.୦୩.୧୯୫୨
ତିରୋଧାନ : ୦୧.୦୧.୨୦୨୪
ଓଡ଼ିଶା ପ୍ରଶାସନିକ ସେବାରେ ଥାଇ ବହୁ ଉନ୍ନତିମୂଳକ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ଆପଣ ହୋଇଥିଲେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ପତ୍ନୀ-ଦିପ୍ତୀ, ଭାଉଜ-ସଲୀଳା ଓ ଶୋକସନ୍ତପ୍ତ ପରିବାର ମଞ୍ଜୁ, ଜୟନ୍ତ, ରଞ୍ଜୁ, ଶରତ, ପୂର୍ଣ୍ଣଚନ୍ଦ୍ର, ଗୋଧୂଳୀ, ସିଦ୍ଧାର୍ଥ, ସୁସ୍ମିତା, ଝୁଲୁ, ଟୁଟୁ, ଟିକି, ଟିକା, ରିତି, ଟିଟି, ପ୍ରିତୀ, ଲିଟି, ଲିପି, ଲୀନା, ବୁଲୁ, ପପୁନ୍, ରାଜନ୍, ଲକି, ରୋଜି, ଠାକୁର ଦାସ
ଧ-୭୫୮୩୪

**ଧର୍ମେଶଙ୍କୁ ମିଳିଲା ଗୁରୁ ଆଚାର୍ଯ୍ୟ ସମ୍ମାନ**

ଖଡ଼ିଆଳ(ସୁଜିତ କୁମାର ପ୍ରଧାନ)– ନୂଆପଡ଼ା ଜିଲା ଖଡ଼ିଆଳ ସହରର ଧର୍ମେଶ ଡ୍ୟାନ୍ସ ଏକାଡେମୀ ନିର୍ଦ୍ଦେଶକ ଧର୍ମେଶ ମେହେରଙ୍କୁ ଗୁରୁ ଆଚାର୍ଯ୍ୟ ସମ୍ମାନ ମିଳିଛି। ଡିସେମ୍ବର ୨୪ରୁ ୩୦ ପର୍ଯ୍ୟନ୍ତ ରାୟପୁରର ଦୁର୍ଗଠାରେ ଚାଲିଥିବା ନାଟ୍ୟ ନର୍ତନ ଡ୍ୟାନ୍ସ ଫେଷ୍ଟିଭାଲରେ ତାଙ୍କୁ ଏହି ସମ୍ମାନ ମିଳିଛି। ଧର୍ମେଶ ଓଡ଼ିଶାର ଜଣେ ଜଣାଶୁଣା ନୃତ୍ୟ ଗୁରୁ, କରାଟେ ଗୁରୁ ଓ ଜୁମ୍ବା ଟ୍ରେନର। ସେ ବିଭିନ୍ନ ଟିଭି ଶୋ'ରେ ଯୋଗଦେଇ ସଫଳତା ଅର୍ଜନ କରିଛନ୍ତି। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାଇ ସେ ନୃତ୍ୟ ଓ କରାଟେ ଶିକ୍ଷା ଦେଇଥାନ୍ତି।



## ସଂକ୍ଷେପରେ

### ମହାବିଦ୍ୟାଳୟ ପ୍ରଶାସନିକ ସହାୟକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଧର୍ମଗଡ,୩୧।୧୨ (ଆକାଶ କୁମାର ଜଗତ):** ଧର୍ମଗଡ ପଞ୍ଚାୟତ ମହାବିଦ୍ୟାଳୟରେ କାର୍ଯ୍ୟରତ ପ୍ରଶାସନିକ ସହାୟକ ପ୍ରହଲ୍ଲାଦ ଯୋଷୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଏସ୍. ଜଗନ୍ନାଥ ରାଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉପାଧ୍ୟକ୍ଷ ଆଶୋକ କୁମାର ବେହେରା, ପ୍ରାଧ୍ୟାପକ ଲିଙ୍ଗରାଜ ପାତ୍ର, ବସନ୍ତ କୁମାର ପଣ୍ଡା, ଭାର୍ଗବ କୁମାର ସାହୁ, ନିମାଇଁ ଚରଣ ପାତ୍ର ପ୍ରମୁଖ ମଞ୍ଚାସୀନ ରହି ଯୋଷୀଙ୍କ ସମୟାନୁବର୍ତ୍ତିତା, କର୍ମତତ୍ପରତା ବିଷୟରେ ଆଲୋକପାତ କରିଥିଲେ। ଯୋଷୀଙ୍କୁ ଫୁଲତୋଡ଼ା, ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଗଣପତି ବାଗ ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପକ ସଦୟ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ଜିଲାପାଳଙ୍କ ଜନଶୁଣାଣି ଶିବିର, ୮୩ ଅଭିଯୋଗ ପଞ୍ଜୀକୃତ

**କର୍ଲାମୁଣ୍ଡା,୩୧।୧୨(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ପରିସର ରାଜୀବ ଗାନ୍ଧୀ ସେବା ଭବନଠାରେ ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ବିଡିଓ ସିଦ୍ଧେଶ୍ୱର ମେହେର, ବ୍ଲକ୍ ଅଧ୍ୟକ୍ଷା କୁନି ସାହୁଙ୍କ ସମେତ ଜିଲା ଓ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୮୩ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଥବିର ବରିହା, ରିଷିଡ଼ା ଫାଣ୍ଡି ଅଧିକାରୀ ବିପିନ ବିହାରୀ ମିଶ୍ର ଉପସ୍ଥିତ ଥିଲେ।

### ୧୭୨୮ ବୋତଲ କଫ୍ ସିରପ ଜବତ, ଜଣେ ଗିରଫ



**କେସିଙ୍ଗା,୩୧।୧୨(ଡୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବୋରିଆ–ଜୋଲକୋ ଗ୍ରାମ ଦେଇ ଯାଇଥିବା ଜାତୀୟ ରାଜପଥରେ କେସିଙ୍ଗା ପୋଲିସ ମଙ୍ଗଳବାର ଚଢାଉ କରି ଏକ କାର୍‌ରୁ ୧୭୨୮ ବୋତଲ କଫ୍ ସିରପ ଜବତ କରିଛି। ଏହାସହ ନୂଆପଡ଼ା ଜିଲା କୋମନା ବ୍ଲକ ଉଦ୍ୟାନବନ୍ଧ ଗ୍ରାମର କାର୍ ଡ୍ରାଇଭର ଆକାଶ ଅଗ୍ରୱାଲଙ୍କୁ ଗିରଫ କରିଛି। ସିଜି୦୪ଏଲ୍‌ୟୁ–୦୩୧୬ନଂ. ବିଶିଷ୍ଟ କାର୍ କେସିଙ୍ଗା ରେଳ ଷ୍ଟେଶନରୁ ନୂଆପଡ଼ା ଯାଉଥିବାବେଳେ ପୋଲିସ କଫ୍ ସିରପ ଥିବା ଖବର ପାଇ ପିଛା କରିଥିଲା। ଜୋଲକୋ ବୋରିଆ ଗ୍ରାମ ନିକଟରେ ଗାଡ଼ି ଅଟକାଇ ପୋଲିସ ଯାଞ୍ଚ କରିବାରେ ସେଥିରୁ ଉପରୋକ୍ତ ପରିମାଣ କଫ ସିରଫ ଜବତ ବାହାରିଥିଲା। ମାଜିଷ୍ଟ୍ରେଟ ଭାବେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିଲା ପରେ କଫ ସିରପ ବୋତଲ ଗଣତି କରାଯାଇଥିଲା। ବର୍ତ୍ତମାନ ଜବତ କଫ୍ ସିରପ କେସିଙ୍ଗା ଥାନାରେ ରଖାଯାଇ ତଦନ୍ତ ଜାରି ରହିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

# ଖାଉଟି ଅଦାଲତରେ ଜିଲା ଶ୍ରମ ଅଧିକାରୀ ଦଣ୍ଡିତ

**ମୃତ୍ୟୁ ସହାୟତା ରାଶି ପ୍ରଦାନରେ ଅନିୟମିତତା**

ନୂଆପଡ଼ା,୩୧।୧୨ (ମକାରୁ ବେମାଲ)

ମୃତ୍ୟୁ ସହାୟତା ରାଶି ପ୍ରଦାନରେ ଅନିୟମିତତା ନେଇ ନୂଆପଡ଼ା ଜିଲା ଶ୍ରମ ଅଧିକାରୀ ଜିଲା ଖାଉଟି ଅଦାଲତରେ ଦଣ୍ଡିତ ହୋଇଛନ୍ତି। ସୂଚନା ମୁତାବକ ନୂଆପଡ଼ା ସଦର ବ୍ଲକ ବେଲଟୁକୁରି ଥାନା ଭାଲେଶ୍ୱର ପଞ୍ଚାୟତ ସରାଇପାଲି ଗାଁର କୁମାରୀ ରାଉତ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ କଲ୍ୟାଣ ବୋର୍ଡ ଓଡ଼ିଶା ଦ୍ୱାରା ପଞ୍ଜିକୃତ ଶ୍ରମିକ ଥିଲେ । ନିର୍ମାଣ କଲ୍ୟାଣ ଯୋଜନା ଅନୁଯାୟୀ ଲାଭାର୍ଥୀଙ୍କ ମୃତ୍ୟୁ ପରେ ନୋମିନୀଙ୍କୁ ୨ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ ବ୍ୟବସ୍ଥା ରହିଛି। ଶ୍ରମିକ କୁମାରୀ ରାଉତଙ୍କ ୨୦୨୦ ଜୁଲାଇ ୬ରେ ମୃତ୍ୟୁ ହୋଇଥିଲା। ମୃତ୍ୟୁକାଳୀନ ସହାୟତା ପାଇଁ ମୃତକଙ୍କ ସ୍ୱାମୀ ପୁରୁଷୋତ୍ତମ ରାଉତ ଜିଲା ଶ୍ରମ ବିଭାଗରେ ଆବେଦନ କରିଥିଲେ। ପରେ ଜିଲା ଶ୍ରମ ଅଧିକାରୀ ୨ ଲକ୍ଷ ଟଙ୍କା ପ୍ରଦାନ ନିମନ୍ତେ ଟଙ୍କା ମଞ୍ଜୁର କଲେ। ମଞ୍ଜୁରୀପ୍ରାପ୍ତ ଟଙ୍କା ବ୍ୟାଙ୍କ ଖାତାରେ ଜମା ନ ହେବାରୁ ପୁରୁଷୋତ୍ତମ ଜିଲା ଶ୍ରମ ଅଧିକାରୀଙ୍କୁ ଜଣାଇଥିଲେ। ପରବର୍ତ୍ତୀ ସମୟରେ ଜଣାଗଲା ଯେ, ଜିଲା ଶ୍ରମ ଅଧିକାରୀ ୨୦୨୧ ଜୁଲାଇ ୧୫ରେ ମଞ୍ଜୁରୀପ୍ରାପ୍ତ ଟଙ୍କା ପ୍ରତୀକ ବରିହା ନାମକ ବ୍ୟକ୍ତିଙ୍କ ନାମରେ ଜମା ପାଇଁ ବ୍ୟାଙ୍କକୁ ଟଙ୍କା ଦେଇଛନ୍ତି । ଅଦାଲତ ସମ୍ମୁଖରେ ବ୍ୟକ୍ତିଗତ ଭାବରେ ଜିଲା ଶ୍ରମ ଅଧିକାରୀ ଉପସ୍ଥିତ ହୋଇ ଅଭିଯୋଗକାରୀ ନ୍ୟାୟ ପାଇଁ ୨୦୨୨ ଡିସେମ୍ବର ୨୩ରେ ଜନଶୁଣାଣି ପୋର୍ଟାଲରେ ଗୁହାରି କରିଥିବା ଜବାବ ରଖିଥିଲେ। ଅଭିଯୋଗ ପାଇଲା ପରେ ଶ୍ରମ ଅଧିକାରୀ ଅନୁଧ୍ୟାନ କରି ପ୍ରତୀକ ବରିହାଙ୍କ ବିରୋଧରେ ଏତଲା ପ୍ରଦାନ କରି ଶ୍ରମ କମିଶନର ଓ ଜିଲାପାଳ ନୂଆପଡାଙ୍କୁ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇଥିଲେ। ସେଠାରୁ ନ୍ୟାୟ ନ ମିଳିବାରୁ ଜିଲା ଖାଉଟି ଅଦାଲତରେ ଲିଖିତ ଭାବରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଖାଉଟି ଅଦାଲତ ନୂଆପଡା ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ସଦସ୍ୟ ହଳଧର ପ୍ରଧାନଙ୍କ ଖଣ୍ଡପୀଠ ମାମଲାର ବିଚାର କରି ଜିଲା ଶ୍ରମ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ନିର୍ଦ୍ଦେଶନାମା ପାଇବାର ୩୦ ଦିନ ମଧ୍ୟରେ ୨ ଲକ୍ଷ ଟଙ୍କା ମୃତ୍ୟୁ ସହାୟତା ରାଶି,୧ ଲକ୍ଷ ଟଙ୍କା ଜରିମାନା ଓ କେସ୍ ଖର୍ଚ୍ଚ ୨୦ ହଜାର ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହାର ଖିଲାପ କଲେ ବାର୍ଷିକ ୧୫% ସୁଧ ଲାଗୁ ହେବ। ଏ ସଂକ୍ରାନ୍ତରେ ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲାଙ୍କୁ ପଚାରିବାରୁ ଏହି କେସ୍ ତାଙ୍କ ସମୟର ନୁହେଁ । ସେ ୨୦୨୧ ଡିସେମ୍ବରରେ କାର୍ଯ୍ୟରେ ଯୋଗଦେଇଛନ୍ତି। ତାଙ୍କ ପୂର୍ବରୁ ଥିବା ଶ୍ରମ ଅଧିକାରୀ ସମୟରେ ଏହି କେସ୍ ହୋଇଛି। ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହିସବୁ ବିଷୟ ଉପରିସ୍ଥ ଅଧିକାରୀମାନଙ୍କୁ ଜଣାଇ ଦେଇଛନ୍ତି ବୋଲି ସେ କହିଥିଲେ ।

## ୩ଦଫା ଦାବିରେ ଜାତୀୟ ରାଜପଥ ଅବରୋଧ




କୁଟୁଖମାରଠାରେ ଆନ୍ଦୋଳନକାରୀ ରାସ୍ତା ଅବରୋଧ କରିଛନ୍ତି।

**କଳାହାଣ୍ଡିରେ ଭାରତ ବନ୍ଦ ଡାକରା**

ଭବାନୀପାଟଣା,୩୧।୧୨(ଉତ୍ତମ କୁମାର ଦାଶ)

ଭାରତ ମୁକ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା, ବହୁଜନ କ୍ରାନ୍ତି ମୋର୍ଚ୍ଚା ଓ ରାଷ୍ଟ୍ରୀୟ ପରିବର୍ତ୍ତନ ମୋର୍ଚ୍ଚା ପକ୍ଷରୁ ସୋମବାର ୩ ଦଫା ଦାବି ନେଇ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଓବିସିଙ୍କୁ ଜାତିଗତ ଜନଗଣନାରେ ସାମିଲ କରିବା, ବାବା ସାହେବ ଡ. ଆମ୍ବେଦକରଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଅପମାନକ ଜନକ ମନ୍ତବ୍ୟ ଦେବା ଓ ନିର୍ବାଚନରେ ବାଲଟ ପେପର ଲାଗୁ କରିବା ଦାବି ରହିଥିଲା। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକର କୁଟୁଖମାରଠାରେ ସକାଳୁ ଆନ୍ଦୋଳନକାରୀ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏହି ଆନ୍ଦୋଳନରେ ବିଏମ୍‌ପି ରାଜ୍ୟ ସଭାପତି ଗଙ୍ଗାଧର ଜାଲ, ପ୍ରଭାରୀ ଡମ୍ବରୁଧର ମାଝୀ, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା କଳାହାଣ୍ଡି ଜିଲା ସଭାପତି ଆଦିତ୍ୟ ହଂସ ଯାଦବ ପ୍ରମୁଖ ନେତୃତ୍ୱ ନେଇଥିଲେ। ସେହିପରି ଏହି ଆନ୍ଦୋଳନ ଧର୍ମଗଡ ଚାରିଛକଠାରେ ମଧ୍ୟ ହୋଇଥିଲା। ସେଠାରେ ଆନ୍ଦୋଳନକାରୀ ରାସ୍ତା ଅବରୋଧ କରି ନାରାବାଜି କରିଥିଲେ।

## ଜାତୀୟ କବାଡିରେ ନୂଆପଡ଼ାର ୨ ଖେଳାଳି

ନୂଆପଡ଼ା,୩୧।୧୨ (ମକାରୁ ବେମାଲ)

ପ୍ରଥମଥର ପାଇଁ ଓଡିଶାର କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ହେବାକୁ ଯାଉଥିବା ଜାତୀୟ କବାଡି ପ୍ରତିଯୋଗିତାରେ ନୂଆପଡ଼ା ଜିଲାରୁ ଦୁଇ ଜଣ କ୍ରୀଡ଼ାବିତ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ଏଜି ଜାତୀୟ କବାଡି ପ୍ରତିଯୋଗିତାରେ ରାଜ୍ୟରୁ ୩୨ ଜଣ ଖେଳାଳି ଚୟନ ହୋଇଛନ୍ତି । ସେଥି ମଧ୍ୟରୁ ନୂଆପଡା ଜିଲାରୁ ଦୁଇ ଜଣ ଖେଳାଳି ଚୟନ ହୋଇ ଜିଲା ପାଇଁ ଗୌରବ ଆଣି ଦେଇଛନ୍ତି । ଖେଳାଳି ଦ୍ୱୟ ହେଲେ କୋମନା ବ୍ଲକ ଅନ୍ତର୍ଗତ ଦର୍ଲିପଡା ପଞ୍ଚାୟତ ହାତିସରା ଗାଁର ହରିଶ କୁମାର ଅହିର ଓ ରେଙ୍ଗାବାହାଲ ଗାଁର ପୀୟୁଷ ଅହିର। ଚଳିତ ୭୨ତମ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାରେ ହରିଶ ନୂଆପଡା ପୁରୁଷ ଦଳର ଅଧିନାୟକ ଥିଲେ। ହରିଶ କୋମନା ଡିଗ୍ରୀ କଲେଜରେ ଅର୍ଥନୀତି ବିଭାଗରେ ଅଧ୍ୟାପକ ରହି ମଧ୍ୟ ୧୨ ବର୍ଷ ହେବ କବାଡି ଓ ଖେଳାଳି ସହିତ ଜଡିତ ଅଛନ୍ତି। ପିୟୁଷ ମହାରାଷ୍ଟ୍ରର ଏକ ଘରୋଇ କବାଡି ସଂସ୍ଥାରେ ଅଭ୍ୟାସ କରୁଛନ୍ତି । ଆସନ୍ତା ୧୨ରେ ଫାଇନାଲ ଖେଳାଳି ଚୟନ ଅଛି। କବାଡି ଆସୋସିଏଶନ ଅଫ ଓଡିଶା ୧୨ ଜଣ ଖେଳାଳିଙ୍କୁ ଚୟନ କରିବେ । ଆସନ୍ତା ଫେବୃଆରୀ ୨୦ରୁ ୨୩ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରତିଯୋଗିତାରେ ଦେଶର ୨୮ ଓ ରାଜ୍ୟରୁ ଉଭୟ ମହିଳା ଓ ପୁରୁଷ ବିଭାଗର ଖେଳାଳି ଭାଗ ନେବାକୁ ସ୍ଥିର କରାଯାଇଛି ବୋଲି ଉଭୟ ଖେଳାଳି ସୂଚନା ଦେଇଛନ୍ତି।

## ରାସ୍ତାକାମ ନିମ୍ନମାନର, ଉଠିଯାଉଛି ପିଚୁ

ଥୁଆମୂଳ ରାମପୁର, ୩୧।୧୨ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ଡାକକୋଟା ଭାରତ ଯାତ୍ରାଠାରୁ ଡୁକଗୁଡ଼ା ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ରାସ୍ତାକାମ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ମାତ୍ର ଦିନ କେଇଟା ମଧ୍ୟରେ ହାତ ମାରିଲେ ରାସ୍ତାରୁ ପିଚୁ ଉଠିଯାଉଥିବା ଦେଖିବାକୁ ମିଳିଛି। ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗ ପକ୍ଷରୁ ୫ କି.ମି. ଦୀର୍ଘ ରାସ୍ତାର ଉନ୍ନତୀକରଣ ଓ ମରାମତି ପାଇଁ ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ଏହି ରାସ୍ତା ଉପରେ ଆଖପାଖ ତୁନାପାରି, ଭଟାଗୁଡ଼ା, ଥୁଆମୂଳ, ଖମାରପଦର, ମର୍ଦିଗୁଡ଼ା, ଗୁଞ୍ଜିଗୁଡ଼ା ଆଦି ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ନିମ୍ନମାନର କାମ ନେଇ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାକୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପିଚୁ ପକାଇବା ପରେ ଠିକ୍ ଭାବରେ ରୋଲର ଚଳାଯାଉ ନାହିଁ। ଫଳରେ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ମନୋଜ ନାୟକଙ୍କୁ ପଚାରିବାରୁ ୫ କି.ମି. ରାସ୍ତାର ମରାମତି ବାବଦକୁ ୭୦ ଲକ୍ଷ ଟଙ୍କା ଆସିଛି। ତାଙ୍କ ଉପସ୍ଥିତିରେ ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ ୧ ଇଞ୍ଚ ଲେଖା ପିଚୁ ପଡୁଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଯଦି କୌଣସି ସ୍ଥାନରେ ଖରାପ କାମ ହୋଇଛି ତେବେ ପୁନର୍ବାର କାମ କରାଯିବ ବୋଲି ସେ କହିଥିଲେ।

## ନିରୋଜଙ୍କ ଘରେ ପହଞ୍ଚିଲା ମେଡିକାଲ ଟିମ୍

**ଧରିତ୍ରୀ ପ୍ରଭାବ**

ଲୋଇସିଂହା, ୩୧।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତର ସଦର ଗ୍ରାମର ନିରୋଜ ନାଗ(୩୩) ମସ୍ତିଷ୍କ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ୩ ବର୍ଷ ହେଲା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଔଷଧ ଖାଉଥିଲେ ସୁଦ୍ଧା ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସୁନାହିଁ। ପାରିବାରିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଉଚ୍ଚତର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ ସମ୍ପର୍କରେ ୩୦ ଡିସେମ୍ବର ୨୦୨୪ରେ ଧରିତ୍ରୀ ଖବର ପ୍ରକାଶ ପାଇଥିଲା। ଖବରକୁ ଆଧାରକରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଯଶୋବନ୍ତ ପାଢୀଙ୍କ ନେତୃତ୍ୱରେ ଏକ ଟିମ ନିରୋଜଙ୍କ ଘରେ ପହଞ୍ଚିଥିଲେ। ଡାକ୍ତରୀ ଦଳ ନିରୋଜଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆଲୋଚନା କରିଥିଲେ। ଆଲୋଚନାବେଳେ ନିରୋଜ ଏହା ବଂଶଗତ ରୋଗ ଏବଂ ଏହି ରୋଗରେ ପରିବାରର ୬ ଜଣଙ୍କ ମୃତ୍ୟୁ ଘଟିଥିବା ସେ ଡାକ୍ତରୀ ଦଳକୁ ଜଣାଇଥିଲେ। ନିରୋଜଙ୍କ କହିବା ଅନୁଯାୟୀ ତାଙ୍କ ଆଈ ପ୍ରଥମେ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡିଥିଲେ। ନିରୋଜଙ୍କ ବାପା, କାକା, ପିଉସୀ ଏବଂ ୨ କାକା ଝିଅ ଉକ୍ତ ରୋଗରେ ଆକ୍ରାନ୍ତ ହୋଇ ଉପଯୁକ୍ତ ଚିକିତ୍ସା ସୁବିଧା ନ ପାଇ ମୃତ୍ୟୁ ହୋଇଥିବା ଜଣାଇଥିଲେ। ସୁସ୍ଥ ଥିବା ସମୟରେ ଦୀର୍ଘ ବର୍ଷଧରି ରାଜ୍ୟ ବାହାରେ ସେ ଦାଦନ ଖଟି ପରିବାର ପରିପୋଷଣ କରୁଥିଲେ। ରୋଗରେ ଆକ୍ରାନ୍ତ ପରେ ଗାଁକୁ ଚାଲି ଆସିଥିଲେ। ୩ ବର୍ଷ ହେଲା ସରକାରୀ ଓ ବେସରକାରୀ ଭାବେ ଚିକିତ୍ସିତ ହେଉଛନ୍ତି। ଚିକିତ୍ସା ବାବଦକୁ ସର୍ବସାନ୍ତ ହୋଇ ପଡିଥିବାବେଳେ ଏବେ ପାରିବାରିକ ସ୍ଥିତି ଦୋହଲି ପଡିଥିବା ସେ କହିଥିଲେ। ନିରୋଜଙ୍କୁ ଉଚ୍ଚ ଚିକିତ୍ସା ଯୋଗାଇଦେବାକୁ ଡାକ୍ତରୀ ଦଳକୁ ନିବେଦନ କରିଥିଲେ। ଅପରପକ୍ଷେ ନିରୋଜଙ୍କ ମା ଜନ ତାଙ୍କ ପୁଅର ଏପରି ଅବସ୍ଥା ଦେଖି ଆଖିରୁ ଲୁହ ଗଡାଇବା ସହିତ ଡାକ୍ତରୀଦଳକୁ ସାହା ହେବାକୁ କହିଥିଲେ। ଏସମ୍ପର୍କରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଶେଖରଲାଲ ପଧାନ କହନ୍ତି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ବାଦିବାହାଲ ଯାଇଥିଲେ। ଏହା ମସ୍ତିଷ୍କ ରୋଗ ବୋଲି ଜଣାପଡିଛି। ବଲାଙ୍ଗୀର କିମ୍ବା ବୁର୍ଲାରେ ଏହାର ଚିକିତ୍ସା ସମ୍ଭବ ପର ନୁହେଁ । ବାହାରେ ଏହାର ଚିକିତ୍ସା ସୁବିଧା ରହିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି।

## ରାଜ୍ୟ ପାରା ବ୍ୟାଡ୍‌ମିଣ୍ଟନରେ ଆକାଶଙ୍କୁ ୨ ବ୍ରୋଞ୍ଜ ପଦକ



ଆକାଶଙ୍କୁ ପଦ୍ମଶ୍ରୀ ପ୍ରମୋଦ ଭଗତ ମାନପତ୍ର ପ୍ରଦାନ କରୁଛନ୍ତି।

ଭବାନୀପାଟଣା,୩୧।୧୨(ଉତ୍ତମ କୁମାର ଦାଶ)

ଭୁବନେଶ୍ୱର ଡିଏସ୍‌ୱାଇଏସ୍ ଇଣ୍ଡୋର ହଲଠାରେ ଗତ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡିର ଯୁବ ଖେଳାଳି ଆକାଶ ମୁଣ୍ଡ ଅଂଶ ଗ୍ରହଣ କରି ୨ଟି ବ୍ରୋଞ୍ଜ ପଦକ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଆକାଶ ସିଙ୍ଗଲ୍ସରେ ଗୋଟିଏ ଓ ଡବଲ୍ସରେ ଗୋଟିଏ ବ୍ରୋଞ୍ଜ ପଦକ ପାଇଛନ୍ତି। ଟୁର୍ନାମେଣ୍ଟରେ ଅତିଥି ଭାବେ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ଅତିରିକ୍ତ ସଚିବ ବିକେ ସ୍ୱାଇଁ, ନିର୍ଦ୍ଦେଶକ ସିଦ୍ଧାର୍ଥ ଦାଶ, ପାରା ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ତଥା ପଦ୍ମଶ୍ରୀ ପ୍ରମୋଦ ଭଗତ, ଓଡିଶା ପାରା ଆସୋସିଏଶନର ସମ୍ପାଦକ ସୁନୀଲ ପ୍ରଧାନ, ଓଡିଶାର ପ୍ରଥମ ଏସିଆ ଖେଳାଳି ଅମରେନ୍ଦ୍ର ବେହେରା, ପିଏସ୍‌ଏଓ ସଭାପତି କମଳାକାନ୍ତ ରଥ ପ୍ରମୁଖ ଯୋଗଦେଇଥିଲେ। ପଦ୍ମଶ୍ରୀ ପ୍ରମୋଦ ଭଗତ ଏହି ସଫଳତା ପାଇଁ ଆକାଶଙ୍କୁ ମାନପତ୍ର ସହ ବ୍ରୋଞ୍ଜ ପଦକ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଆକାଶ ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଓ ସ୍ପେନରେ ହେବାକୁ ଥିବା ଅର୍ନ୍ତଜାତୀୟ ପାରା ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଭାଗ ନେବେ ବୋଲି ସୂଚନା ଦେଇଛନ୍ତି।

## ସ୍ଥାୟୀ ଜମିପଟ୍ଟା ଦାବିରେ ଧାରଣା



ଧାରଣାରତ କଲୋନି ପଡ଼ାବାସୀଙ୍କ ସହ ଉପଜିଲାପାଳ ଆଲୋଚନା କରୁଛନ୍ତି।

କର୍ଲାମୁଣ୍ଡା,୩୧।୧୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ରେଗଡ଼ା କଲୋନି ପଡ଼ାବାସୀ ଘରଡିହ ସ୍ଥାୟୀ ପଟ୍ଟା ଦାବିରେ ଧାରଣା ଦେଇଥିଲେ। ତେବେ ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମ.ରାମପୁର ତହସିଲଦାର ଓ କର୍ଲାମୁଣ୍ଡା ତହସିଲଦାରଙ୍କୁ ଶୀଘ୍ର ତଦନ୍ତକରି ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଏହି ସମୟରେ ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ରେଗଡ଼ା ସରପଞ୍ଚ ଦୀପ୍ତିମୟୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାମତେ ରେଗଡ଼ା କଲୋନି ପଡ଼ାବାସୀ ଦୀର୍ଘ ୪୪ବର୍ଷ ଧରି ବସବାସ କରିଆସୁଥିଲେ ମଧ୍ୟ ସ୍ଥାୟୀ ପଟ୍ଟା ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଭଙ୍ଗା ଘରେ ବିତୁଛି ଜୀବନ

ରିଷିଡ଼ା,୩୧।୧୨ (ସୁଶାନ୍ତ ମଲ୍ଲିକ)



ଭଙ୍ଗା ଘର ଆଗରେ ପରିବାର ସଦସ୍ୟ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବରୋପଦର ପଞ୍ଚାୟତ ତେଲିସରାବାହାଲି ବସ୍ତିପଡ଼ାରେ ଅନିରୁଦ୍ଧ ଭୋଇ ପରିବାର ସହ ରହନ୍ତି। ପରିବାର କହିଲେ ସ୍ତ୍ରୀ ଓ ଦୁଇ ଝିଅପୁଅ। ଦୀର୍ଘ ୧୦ବର୍ଷ ହେବ ଏହି ପରିବାର ଆବାସ ଯୋଜନାରେ ସାମିଲ ହୋଇପାରି ନାହାନ୍ତି। ମରାମତି କରିପାରୁ ନ ଥିବାରୁ ଘରର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଲଘୁଚାପ ଜନିତ ବର୍ଷାରେ ଗୋଟିଏ କାନ୍ଥ ଭୁଶୁଡ଼ି ଥିବାରୁ ସେହି ଭଙ୍ଗାଦଦରା ଘରେ ପରିବାର ସଦସ୍ୟ ବିପଦସଙ୍କୁଳ ଅବସ୍ଥାରେ ରହୁଛନ୍ତି। ଘର ଖଣ୍ଡିଏ ପାଇଁ ସେ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ପଞ୍ଚାୟତ ଅଫିସକୁ ଦୌଡୁଥିଲେ ମଧ୍ୟ ସୁଫଳ ମିଳୁ ନ ଥିବା ଅନିରୁଦ୍ଧ କହିଛନ୍ତି। ବ୍ଲକ ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ ନୂତନ ସର୍ଭେରେ ତାଙ୍କୁ ଆବାସ ଘର ଯୋଗାଇଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ବିଡିଓ ସିଦ୍ଧେଶ୍ୱର ମେହେରଙ୍କୁ ପଚାରିବାରୁ ନୂତନ ସର୍ଭେରେ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ହିତାଧିକାରୀ ଚୟନ ସହିତ ଆବାସଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି।

### ଜେଏମ୍‌ପିସି କପ କ୍ରିକେଟ୍ ଉଦ୍‌ଯାପିତ

## ସୁନାବେଡ଼ା ଦଳ ଚାମ୍ପିୟନ

ନୂଆପଡ଼ା,୩୧।୧୨ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ ଠୋଙ୍ଗୋ ଜୟ ମା' ପାଟଣେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜେଏମ୍‌ପିସି କପ କ୍ରିକେଟ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ସୁନାବେଡା ଓ ଜାମବାହାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁନାବେଡା ଦଳ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଜାମବାହାଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲ। ଜବାବରେ ସୁନାବେଡା ଦଳ ୧୧.୩ ଓଭରରେ ୫ ଉଇକେଟ ହରାଇ ୧୨୪ ରନ କରି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ ମୁଖ୍ୟଅତିଥି, ସମାଜିକ କର୍ମୀ ରାମଲାଲ ହଂସ, ଦୁକାଲୁ ଅହିର, ମାଧବ ଧରୁଆ, ଧରମସିଂ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଚାମ୍ପିୟନ ଓ ରନର୍ସ ଅପ ଦଳକୁ ମୁଖ୍ୟଅତିଥି ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଟିକଚନ ଧରୁଆ ଓ ସରୋଜ ଅହିର ଖେଳ ପରିଚାଳନା କରିଥିବା ବେଳେ ଜଗନ୍ନାଥ ମାଝି ସ୍କୋର ଦାୟିତ୍ୱରେ ରହିଥିଲେ। ମୁରଲି ଅହିର, ଗଜିନ୍ଦ୍ର ଧରୁଆ, ବଂଶୀଧର ଧରୁଆ, କମଳ ଅହିର, ତୋସନ ଅହିର ପ୍ରମୁଖ ଆୟୋଜନ କରିଥିଲେ ।



ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

## କ୍ଷତିପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଲଗାଣ ବର୍ଷାରେ ଧାନଫସଲ ନଷ୍ଟ**

କୋକସରା,୩୧।୧୨ (ଦୁଷ୍ମନ୍ତ କୁମାର ପାଟଯୋଷୀ)

ଲଘୁଚାପ ଜନିତ ଲଗାଣ ବର୍ଷାରେ କଳାହାଣ୍ଡି ଜିଲା କୋକସରା ବ୍ଲକର ୨୨ ପଞ୍ଚାୟତରେ ଚାଷୀଙ୍କ ଧାନଫସଲ ନଷ୍ଟ ହୋଇଛି। କେତେକଙ୍କ ଜମିରେ ଥିବା ଧାନ ନଷ୍ଟ ହୋଇଥିବାବେଳେ ଆଉ କେତେଜଣଙ୍କ ଧାନ ଖଳାରେ ନଷ୍ଟ ହୋଇଛି। ସେହିପରି ବିଭିନ୍ନ ମଣ୍ଡିରେ ପଡି ରହିଥିବା ହଜାର ହଜାର କୁଇଣ୍ଟାଲ ଧାନ ମଧ୍ୟ ବର୍ଷାରେ ଓଦା ହୋଇ ଗୁଣବତ୍ତା ହରାଇଛି। ଏହାସହ ତୈଳବିଜ ଫସଲ, ପନିପରିବା ଚାଷ ମଧ୍ୟ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଚାଷୀମାନେ କ୍ଷତିପୂରଣ ଦାବି କରି ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରାରମ୍ଭରେ କୋକସରା ବ୍ଲକ କୃଷକ ସଚେତନ ମଞ୍ଚ ପକ୍ଷରୁ ଚାଷୀନେତା ଶିବ ପ୍ରସାଦ ପ୍ରଧାନୀ ଓ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଶତାଧିକ ଚାଷୀ କୋକସରା ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଶସ୍ୟବିମା ଲାଗୁ, ଇନ୍‌ପୁଟ ସବ୍‌ସିଡ଼ି, କୃଷିଋଣ ଛାଡ଼, ଛାତ୍ରୀଛାତ୍ରଙ୍କ ଫି ଛାଡ଼, ମେଗାଲିଫ୍ଟରୁ ରବି ଚାଷ ପାଇଁ ଜଳସେଚନ ସୁବିଧା କରିବାକୁ ଚାଷୀମାନେ ନାରାବାଜି କରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଏକ ପଥପ୍ରାନ୍ତ ସଭାରେ ଚାଷୀଙ୍କ ନ୍ୟାର୍ଯ୍ୟ ଦାବିକୁ ଶୀଘ୍ର ରାଜ୍ୟ ସରକାର ପୂରଣ କରିବାକୁ ଦାବି କରିଥିଲେ। ପରେ ତହସିଲଦାର ନବୀନ କିଶୋର ପାଢ଼ୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ସଚେତନ କୃଷକ ମଞ୍ଚ ପକ୍ଷରୁ ମିନିକେତନ ପ୍ରଧାନୀ, ଜୟଲାଲ ନାଏକ, ଘନଶ୍ୟାମ ନାଏକ, ଧର୍ମବ୍ରତ ପଣ୍ଡା, ଗରୁଡ଼ଧ୍ୱଜ ମାଝୀ, କମଳାକାନ୍ତ ପଣ୍ଡା, ପ୍ରକାଶ ଚୌଧୁରୀ, କେଶବ ଚନ୍ଦ୍ର ନାଏକଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଚାଷୀଙ୍କ ଧାରଣାକୁ ପ୍ରଶାସନର ଅଣଦେଖା

**ବରଗଡ଼, ୩୧।୧୨ (ପ୍ରେମାନନ୍ଦ ଖମାରୀ)**


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣା ଦେଇଛନ୍ତି।

■ ପଞ୍ଚମ ଦିନରେ ପହଞ୍ଚିଲା ଧାରଣା
■ ପହଞ୍ଚି ନାହାନ୍ତି ବିଭାଗୀୟ ଅଧିକାରୀ
■ ବଢୁଛି ଚାଷୀଙ୍କ ଅସନ୍ତୋଷ

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଅବ୍ୟବସ୍ଥା ଲାଗି ରହିଛି। ଜିଲାର ବିଭିନ୍ନ ମଣ୍ଡିକୁ ଚାଷୀମାନେ ଧାନ ଆଣୁଛନ୍ତି। କିନ୍ତୁ ଉକ୍ତ ଧାନକୁ ଠିକ୍ ଭାବେ ଉଠାଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ମିଲର୍ସଙ୍କ ଟ୍ୟାଗ୍ (ଆଲଟମେଣ୍ଟ) ନ ଥିବା, କଟନୀଛଟନୀ ଆଦି ଆଳ ଦେଖାଇ ଧାନ ଉଠାଯାଉନାହିଁ। ଫଳରେ ଚାଷୀମାନେ ଶୀତ, କାକରରେ ବିଭିନ୍ନ ମଣ୍ଡିରେ ଧାନକୁ ଜଗି ରହିଛନ୍ତି। ଏଭଳି ଧାନ କିଣାବିକା ସମସ୍ୟା ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ମଣ୍ଡିରେ ପଡ଼ିଥିବା ସମସ୍ତ ଧାନ ତୁରନ୍ତ ଉଠାଇବା ଦାବି କରି ସଂଯୁକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ମଙ୍ଗଳବାର ଏହି ଧାରଣା ପଞ୍ଚମ ଦିନରେ ପହଞ୍ଚିଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଚାଷୀଙ୍କ ପାଖକୁ ଆଲୋଚନା ପାଇଁ ପହଞ୍ଚି ନ ଥିବା ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର ଅଭିଯୋଗ କରିଛନ୍ତି। ମଣ୍ଡିରେ ସମସ୍ତ ଧାନ ଯେତେଦିନ ପର୍ଯ୍ୟନ୍ତ ଉଠିବନାହିଁ, ସେତେଦିନ ଯାଏ ଧାରଣା ଜାରି ରହିବ ବୋଲି ମହାପାତ୍ର ଚେତାବନୀ ଦେଇଛନ୍ତି।

ବରଗଡ଼ ଜିଲାରେ ଗତ ନଭେମ୍ବର ୨୦ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ପର୍ଯ୍ୟାୟକ୍ରମେ ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି(ଆରଏମ୍‌ସି) ଅଧୀନରେ ଧାନ ସଂଗ୍ରହ ପାଇଁ ୨୨୯ମଣ୍ଡି ଖୋଲିଥିଲା। ମଣ୍ଡି ଖୋଲିବା ଆରମ୍ଭରୁ ଟୋକନ କଟକଣା ଧାନବିକ୍ରିରେ ବାଧକ ସାଜିଥିଲା। ଯେଉଁ ଚାଷୀଙ୍କ ଧାନ ଅମଳ ସେତେବେଳେ ସରିଥିଲା, ସେଭଳି ଚାଷୀଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଯଥେଷ୍ଟ ବିଳମ୍ବ ଅର୍ଥାତ୍ ଡିସେମ୍ବର, ଜାନୁୟାରୀ ମାସରେ ରହିଥିବା ଚାଷୀମାନେ ଅଭିଯୋଗ କରିଥିଲେ। ସେହିଭଳି ଯେଉଁମାନେ ଧାନ ଅମଳ ସାରି ନ ଥିଲେ, ସେମାନଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଆଗୁଆ ରହିଥିଲା। ଏଭଳି କ୍ଷେତ୍ରରେ ଚାଷୀମାନଙ୍କୁ ହଟହଟା ହେବାକୁ ପଡ଼ିଥିଲା।

ବର୍ତ୍ତମାନ ଜିଲାର ସମସ୍ତ ଚାଷୀ ଧାନ ଅମଳ ସାରିଥିବାବେଳେ ଜାନୁୟାରୀ ପହିଲାରୁ କେନାଲ ପାଣି ଛାଡ଼ିଲେ ରବି ଚାଷକାର୍ଯ୍ୟ ଆରମ୍ଭ କରିବେ। କିନ୍ତୁ ଏପର୍ଯ୍ୟନ୍ତ ମଣ୍ଡିରେ ପଡ଼ିଥିବା ଧାନ ଉଠାଯାଉ ନ ଥିବାରୁ ରବି ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି। ନୂଆ ସରକାର ଶାସନକୁ ଆସିବା ପୂର୍ବରୁ ନିର୍ବାଚନୀ ପ୍ରଚାର ସମୟରେ ବିନା କଟନୀଛଟନୀରେ ଧାନ କିଣାଯିବ ଏବଂ ସମସ୍ତ ମଣ୍ଡି ଦଲାଲମୁକ୍ତ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ବାସ୍ତବତା ବଦଳି ଯାଇଛି ବୋଲି ସଂଯୁକ୍ତ କୃଷକ ସଙ୍ଗଠନ ଅଭିଯୋଗ କରିଛି। କଟନୀଛଟନୀରେ ରାଜି ନ ହେଲେ ମଣ୍ଡିରୁ ଧାନ ଉଠାଯାଉନାହିଁ ଏବଂ ମିଲର୍ସଙ୍କ ମର୍ଜିରେ ସବୁ ମଣ୍ଡି ଚାଲୁଥିବାବେଳେ ମଣ୍ଡିଗୁଡ଼ିକରେ ଦଲାଲଙ୍କ ଦାଦାଗିରି ଚାଲୁଛି। ଏଭଳି ଅଭିଯୋଗ କରି ବିନା କଟନୀଛଟନୀରେ ମଣ୍ଡିରେ ଥିବା ସମସ୍ତ ଧାନ ଉଠାଯିବା ଏବଂ ମଣ୍ଡି ଗୁଡ଼ିକୁ ସମ୍ପୂର୍ଣ୍ଣ ଦଲାଲମୁକ୍ତ କରିବା ଦାବିରେ ଗତ ଶୁକ୍ରବାରଠାରୁ ସଂଯୁକ୍ତ କୃଷକ ସଙ୍ଗଠନ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇ ଆସୁଛି। ମଙ୍ଗଳବାର ସୋନପୁର କୃଷକ ସଙ୍ଗଠନର ପ୍ରଦ୍ୟୁମ୍ନ ପାଢ଼ୀ, ବିଜୟ ନାୟକ, ଶୁଭମ ସାହୁପ୍ରମୁଖ ପହଞ୍ଚିଧାରଣାକୁ ସମର୍ଥନ ଜଣାଇଥିଲେ। ସେହିପରି ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ମହାପାତ୍ରଙ୍କ ସମେତ ଅରବିନ୍ଦ ପଣ୍ଡା, ସୁରେଶ ନେକାଣ୍ଟି, ନିରଞ୍ଜନ ପ୍ରଧାନ, ନରେଶ ପଧାନ, ପୁରୋହିତ ପୋଢ଼, ହାରାଧନ ସାହୁ, ଥବିର ସାହୁପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ।

## ଭୈରବୀ ଡିଗ୍ରୀ କଲେଜ ଇତିହାସ ବିଭାଗର ଆଲୋଚନାଚକ୍ର

**ହରଭଙ୍ଗା, ୩୧।୧୨ (ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ବିଭାଗ ଆନୁକୁଲ୍ୟରେ ପୁରାତନ ଓ ମଧ୍ୟ ଯୁଗୀୟ ଭାରତ ଇତିହାସର ସାହିତ୍ୟକ ଉପାଦାନ ଉପରେ ଏକ ଆଲୋଚନାଚକ୍ର ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଲଳିତ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମା'ମାହେଶ୍ୱରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନିରୁଦ୍ଧ ମହାକୁଡ, ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ତାରେଣିଆ ଯୋଗ ଦେଇଥିଲେ। ଅଧ୍ୟାପକ ଡ. ପ୍ରମୋଦ କୁମାର ମହାପାତ୍ର, ରଞ୍ଜିତ କୁମାର ସାମଲ, ପୀତବାସ ମେହେର, ଅଧ୍ୟାପିକା ସୁଷମାରାଣୀ ବହିଦାର, ଶୁଭ୍ରା ମଲିକ, ପୂଜାରାନି ଦେଓ, ଦମୟନ୍ତି ନାୟକ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଭାରତର ଇତିହାସ ଲେଖିବା ପାଇଁ ସାହିତ୍ୟକ ଉପାଦାନ କିପରି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ, ସେ ନେଇ ଅତିଥିମାନେ ଆଲୋଚନା କରିଥିଲେ। ଅଧ୍ୟାପକ ସୁରେଶ୍ୱର ଯୋଶି ଧନ୍ୟବାଦ ପ୍ରଦାନ କରିଥିଲେ।

## ବରଗଡ଼ରେ ବୀରତା ଦିବସ

**ବରଗଡ଼, ୩୧।୧୨ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ମଙ୍ଗଳବାର ଶହୀଦ ମାଧୋ ସିଂଙ୍କ ସ୍ମୃତିରେ ବୀରତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶହୀଦଙ୍କ ଜନ୍ମମାଟି ଘେଁସ୍‌ରୁ କୋସଲ ସେନା ପକ୍ଷରୁ ଏକ ପଦଯାତ୍ରା ବରଗଡ଼ରେ ପହଞ୍ଚିଥିଲା। ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସମସ୍ତେ ସ୍ଥାନୀୟ ଗାନ୍ଧୀଛକରେ ପହଞ୍ଚିଥିଲେ। ସେଠାରେ ମହାତ୍ମା ଗାନ୍ଧୀ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ଭିଏସ୍‌ଏସ୍ ନଗରରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବରଗଡ଼ ସହର ଉପକଣ୍ଠ ହଳଦୀପାଲି ବୀରଛକରେ ଶହୀଦ ମାଧୋ ସିଂଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ଶହୀଦଙ୍କ ସ୍ମୃତିରେ ଏକ ସଭା ହୋଇଥିଲା। ସ୍ମୃତିସଭାରେ ରବି ପଣ୍ଡା, ମନୋରଞ୍ଜନ ସାହୁ, ପ୍ରମୋଦ ଝାଙ୍କର, ନିର୍ମଳ କର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ପ୍ରମୁଖ ମଞ୍ଚାସୀନ ରହି ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ପାଣ୍ଡବ କର୍ଣ୍ଣ ଶହୀଦ ମାଧୋ ସିଂ ବେଶରେ ସଜ୍ଜିତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍ଗଠନର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ।

## ନିଖୋଜ ବୃଦ୍ଧ ନାଳ ମଧ୍ୟରୁ ଉଦ୍ଧାର

**ବାଉଁଶୁଣୀ, ୩୧।୧୨ (ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନାପଡାର ନିଖୋଜ ବୃଦ୍ଧ ତଥା ଅବସରପ୍ରାପ୍ତ ଶିକ୍ଷକ ଶଙ୍କର୍ଷଣ ମେହେର ମଙ୍ଗଳବାର ମଧାହ୍ନରେ ଉଦ୍ଧାର ହୋଇଛନ୍ତି। ସୋମବାର ଅପରାହ୍ନ ୪ଟାରୁ ନିଖୋଜ ହୋଇଯାଇଥିଲେ। ଏସମ୍ପର୍କରେ ରାତି ସାରା ଖୋଜାଖୋଜିକରି ତାଙ୍କର ସନ୍ଧାନ ନ ମିଳିବାରୁ ମଙ୍ଗଳବାର ସକାଳେ ପରିବାର ସଦସ୍ୟ ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରିବାର ସଦସ୍ୟ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରୁଥିବାବେଳେ ଟିଁକିରାପଡା ନିକଟ ଏକ ବିଲରେ ଯାଇଥିବା କାଡା ନାଳରେ ପଡି ରହିଥିବା ଦେଖିବାକୁ ପାଇଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରାଯାଇଥିବା ଓ ସେ ସୁସ୍ଥ ଥିବା ସୂଚନା ମିଳିଛି ।

## ଟେଲିକମ୍ ଗ୍ରାହକ ସଚେତନତା କର୍ମଶାଳା


କର୍ମଶାଳାରେ ଉପସ୍ଥିତ ଟେଲିକମ୍ ଗ୍ରାହକବୃନ୍ଦ।

**ବରଗଡ଼, ୩୧।୧୨ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ପରିଷଦ ସଭାଗୃହରେ ମଙ୍ଗଳବାର ଟେଲିକମ୍ ଗ୍ରାହକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସିଏଜି ବାର୍ଡ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଡିଜିଟାଲ ସାକ୍ଷରତା ଏବଂ ଇ-ସେବା ଉପରେ ନିର୍ଭରଶୀଳ ତଥା ସବୁବର୍ଗର ଲୋକଙ୍କ ପାଇଁ ମୋବାଇଲ, ଇଣ୍ଟରନେଟ୍ ବ୍ୟବହାର ଅପରିହାର୍ଯ୍ୟ ହୋଇଗଲାଣି ବୋଲି କର୍ମଶାଳାରେ ମତପ୍ରକାଶ ପାଇଥିଲା। ସାଇବର ସେଲ୍ ଥାନା ଏସ୍‌ଆଇ ମଙ୍ଗଳ କିସ୍କୁ ସାଇବର ନିରାପତ୍ତା ଉପରେ ଆଲୋକପାତ କରିଥିଲେ। ଚନ୍ଦ୍ରଶେଖର ସାହୁ ଗ୍ରାହକ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରେ ରହିଥିବା ମୋବାଇଲ ନେଟୱର୍କ ସମସ୍ୟା ଲାଗି ରହିଥିବାବେଳେ ଟେଲିକମ୍ କମ୍ପାନୀ ଗୁଡ଼ିକ ସେଥିପ୍ରତି ଅଣଦେଖା କରୁଥିବା କର୍ମଶାଳାରେ ମତପ୍ରକାଶ ପାଇଥିଲା। ସେହିପରି ଟ୍ରାଇ ନିୟମ କଡ଼ାକଡ଼ି ଥିବା ସତ୍ତ୍ୱେ ଟେଲିକମ୍ କମ୍ପାନୀ ଗୁଡ଼ିକ ତାକୁ ବେଖାତିର କରୁଥିବା ଅଭିଯୋଗ ହୋଇଥିଲା। ଟେଲିକମ କମ୍ପାନୀ ଗୁଡ଼ିକ ଟ୍ରାଇ ନିୟମ, ନିର୍ଦ୍ଦେଶାବଳୀ ନ ମାନିଲେ କାର୍ଯ୍ୟାନୁଷ୍ଠାନ ନିଆଯିବାର ବ୍ୟବସ୍ଥା ରହିଥିବା ସୂଚନା ଦିଆଯାଇଥିଲା। କର୍ମଶାଳାରେ ଅଙ୍ଗନୱାଡ଼ି କର୍ମୀ, ଦିବ୍ୟାଙ୍ଗ ଆସୋସିଏଶନ ନେତା, ବରିଷ୍ଠ ନାଗରିକ, ଏସ୍‌ଏଚ୍‌ଜି ମହିଳା, ବଣିକ ସଂଘ ପ୍ରତିନିଧି, ବିଭିନ୍ନ ଟେଲିକମ୍ କମ୍ପାନୀର ପ୍ରତିନିଧି ଉପସ୍ଥିତ ଥିଲେ। ସାନନ୍ଦ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିମା ମଠର ବାର୍ଷିକୋତ୍ସବ ପାଇଁ କଳସ ଶୋଭାଯାତ୍ରା

**ପାଇକମାଲ, ୩୧।୧୨ (ବଡ ଶତପଥୀ)**

ବରଗଡ ଜିଲା ପାଇକମାଲ ବ୍ଲକ ବୁକୁରାମୁଣ୍ଡା, ପଲସେନ, ମହୁଲପାଲିବଜାର ଛକରେ ଥିବା ମହିମା ମଠର ବାର୍ଷିକୋତ୍ସବ ଅବସରରେ ମଙ୍ଗଳବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ମହିମା ମନ୍ଦିରରେ ସ୍ଥାପନ କରିଥିଲେ। ଏଥିରେ ମହିମା ମଠର ଅଧିଷ୍ଠାତା ସାଧୁ ଗିରିଜା ଶଙ୍କର ଦାସ ମୁଖ୍ୟ ଉଦ୍ୟୋକ୍ତା ଅଛନ୍ତି। ଗୋପପୁର ମହିମା ମଠର ଅଧିଷ୍ଠାତା ସାଧୁ ନୃସିଂହ ଦାସ ଆଧ୍ୟାତ୍ମିକ ପ୍ରବଚନ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ବାର୍ଷିକୋତ୍ସବ ଅବସରରେ ରକ୍ତଦାନ ଶିବିର, ମୀନା ବଜାର ଆଦି କାର୍ଯ୍ୟକ୍ରମ ରହିଛି। ଅହୋରାତ୍ର ହୋମ ଯଜ୍ଞ, ଭଜନ କୀର୍ତ୍ତନ ହେବ ବୋଲି ଜଣାପଡିଛି।

## ସ୍ୱାସ୍ଥ୍ୟ ସଚେତନତା ପାଇଁ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

**ହରଭଙ୍ଗା, ୩୧।୧୨ (ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧର ଇନ୍‌ଡୋର ଷ୍ଟାଡିୟମଠାରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ ଅବସରରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନଙ୍କୁ ନେଇ ଏକ ବ୍ୟାଡମିଣ୍ଟନ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କୁ ସ୍ୱାସ୍ଥ୍ୟସେବାରେ ସାମିଲ କରାଇବା ଦିଗରେ ସଚେତନତା ସୃଷ୍ଟି କରିବା ଓ ସୁସ୍ଥ ରହିବା ପାଇଁ ପ୍ରବର୍ତ୍ତାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜୟକୃଷ୍ଣ ମିଶ୍ର ଓ ଅତିରିକ୍ତ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିକେଆରସି ହେମ୍ବ୍ରମ ଅତିଥି ଭାବରେ ଯୋଗଦେଇ ଖେଳାଳିମାନଙ୍କ ସହିତ ପରିଚିତ ହୋଇଥିଲେ। ଏହା ସହିତ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାର ଚାମ୍ପିୟନ ଯୋଡି ଡା. କିଶୋର ଚନ୍ଦ୍ର ପଟ୍ଟନାୟକ ଓ ଡା. ଶେଷଦେବ ସମର୍ଥ ଓ ରନର୍ସଅପ ଯୋଡି ଡା.ମନୋରଞ୍ଜନ ମହାକୁଡ ଓ ଡା. ଏସ ଶିବାନନ୍ଦଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।



ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଖେଳାଳିମାନେ।

## ପାଚିକା, ସହାୟିକାଙ୍କ ପ୍ରଶିକ୍ଷଣ ଶିବିର


ପାଚିକା ଓ ସହାୟିକାଙ୍କ ପ୍ରଶିକ୍ଷଣ ଶିବିରରେ ଅତିଥି ଓ ଅନ୍ୟମାନେ।

**ସରଣ୍ଡା, ୩୧।୧୨ (ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ଉଚ୍ଚବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପାଚିକା ଓ ସହାୟିକାଙ୍କ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷାଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବରଗଡ଼ ଡିଇଓ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି, ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରବିନାରାୟଣ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ତ୍ତିକ ବାଗ ଓ ତପନ କୁମାର ଦାସ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା ଏବଂ ଆଇସିଏସ୍‌ଡିଏସ୍ ସୁପରଭାଇଜର ଇପ୍‌ସିତା ମିଶ୍ର ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ଛଅଟି ବ୍ୟାଚ୍‌ରେ ହୋଇଥିଲା। ସାଧନ କର୍ମୀ ଭାବେ ସିଆର୍‌ସିସି ଋଷଭ ପଣ୍ଡା, କୃତାର୍ଥ ଚନ୍ଦ୍ର ଭୁଏ, ରଞ୍ଜନ ବାଗ, ସୀତାପତି ପ୍ରଧାନ, ଧରମ ନାଏକ, କେଶବ ଛନ୍ଦ, କିଚକ ସୁନା, ତ୍ରିଲୋଚନ ସେଠ୍, ଜୟଦେବ ନାଏକ, ରାଜୀବ ବିଶ୍ୱାଳ, ଭକ୍ତ କହ୍ନେଇ, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମେହେର, ପୂର୍ଣ୍ଣଚନ୍ଦ୍ର ବେହେରା ଯୋଗଦାନ କରି ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ପାଚିକା, ସହାୟିକାଙ୍କ ମଧ୍ୟରେ ରନ୍ଧନ ପ୍ରତିଯୋଗିତା ହୋଇଥିଲା। ସତ୍ୟବାନ୍ ସାହୁ, ସିଆରସିସି ନନ୍ଦିଘୋଷ ଭୁଏ, ବିଆର୍‌ଟି ବଳରାମ ନାଗ ସହଯୋଗ କରିଥିଲେ।

## ଚ୍ୟାଲେଞ୍ଜର ଟ୍ରଫି: ଫରେଷ୍ଟ କ୍ରିକେଟ କ୍ଲବ ବିଜୟୀ

**ବରପାଲି, ୩୧।୧୨ (ଚିତ୍ତରଞ୍ଜନ ସାହୁ)**

ବରପାଲି ହାଇସ୍କୁଲ ପଡିଆରେ ଚାଲିଥିବା ସର୍ବଭାରତୀୟ ସମଲେଶ୍ୱରୀ ଚ୍ୟାଲେଞ୍ଜର ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ୍ ଫରେଷ୍ଟ କ୍ରିକେଟ କ୍ଲବ ଛତିଶଗଡ ଓ ବିରାଟ କ୍ରିକେଟ ଏକାଡେମୀ କୋଲକତା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫରେଷ୍ଟ କ୍ରିକେଟ କ୍ଲବ ଟସ୍ ଜିଣି ବ୍ୟାଟିଂ କରି ୧୦ ଉଇକେଟ ବିନିମୟରେ ୨୦୯ ରନ ସଂଗ୍ରହ କରିଥିଲା। ଜବାବରେ କୋଲକତା ଦଳ ସମସ୍ତ ଉଇକେଟ ହରାଇ ମୋଟ ୧୫୦ ରନ କରି ପରାଜିତ ହୋଇଥିଲା। ଫରେଷ୍ଟ କ୍ରିକେଟ କ୍ଲବ ଦଳର ନମନ୍ ଧ୍ରୁ ମୋଟ ୭୪ ବଲ୍‌ରେ ୧୧୨ ରନ ସଂଗ୍ରହ କରି ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ଉଦଘାଟନୀ ଉତ୍ସବରେ ବିକାଶ ଗ୍ରୁପ୍‌ର ଅଧ୍ୟକ୍ଷ ଡି. ମୁରଲୀକ୍ରିଷ୍ଣା ଓ ଉଦ୍‌ଯାପନୀ ଉତ୍ସବରେ ବରପାଲି ତହସିଲଦାର ରୁକ୍ମଣ ମେହେର ଯୋଗ ଦେଇଥିଲେ। ପ୍ରଥମ ଦିନର ମ୍ୟାଚ୍ ପ୍ରୟାଗରାଜ ଆହ୍ଲାବାଦ ଓ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇ ଏଥିରେ ରାଉରକେଲା ଦଳ ବିଜୟୀ ହୋଇଥିଲା।


ପଡିଆରେ ମ୍ୟାଚ୍ ପାଇଁ ପ୍ରସ୍ତୁତ ଖେଳାଳି।

## କ୍ରିକେଟ: ରୟାଲ କିଙ୍ଗ୍‌ସ ଚାମ୍ପିୟନ

**ସରଣ୍ଡା, ୩୧।୧୨ (ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଲହଣ୍ଡା ଗ୍ରାମରେ ୪ଦିନ ଧରି ଚାଲିଥିବା ଲହଣ୍ଡା ପ୍ରିମିୟର କ୍ରିକେଟ ଲିଗ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଲିଗ୍‌ରେ ରୟାଲ କିଙ୍ଗ୍‌ସ, ଆରୋହୀ ଫାଇଟର୍ସ, ତେଜଶ୍ରୀ ଫାଇଟର୍ସ ଓ ଆର୍‌ଆର୍ ସିକ୍ସର ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ରୟାଲ୍ କିଙ୍ଗ୍‌ସ ଓ ଆରୋହୀ ଫାଇଟର୍ସ ମଧ୍ୟରେ ମ୍ୟାଚ୍ ହୋଇଥିବାବେଳେ ୩ରନ୍‌ରେ ରୟାଲ କିଙ୍ଗ୍‌ସ ବିଜୟୀ ହୋଇଥିଲା। କ୍ରିକେଟପ୍ରେମୀ ନିମିଥ କୁମାରଙ୍କ ଉଦ୍ୟମରେ ଅନୁଷ୍ଠିତ ଲହଣ୍ଡା ପ୍ରିମିୟର କ୍ରିକେଟ ଲିଗ୍ ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବରେ ଲହଣ୍ଡା ସରପଞ୍ଚ ଅର୍ଜୁନ ନାୟକ, ଖେଳ ଶିକ୍ଷକ କିଶୋର ପଧାନ, ସମାଜସେବୀ ମୂଳଜୀ ପ୍ରଧାନ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ରାଜା ବେରିହାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ, ବିକାଶ ମହାକୁରଙ୍କୁ ଅରେଞ୍ଜ କ୍ୟାପ୍ ଓ କ୍ରିଷ୍ଣା ବର୍ଗର୍ତ୍ତିଙ୍କୁ ପର୍ପଲ କ୍ୟାପ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିକ୍ରମ ବର୍ଗର୍ତ୍ତି ଓ ଅଜିତ ବାରିକ ଅମ୍ପାୟାର ଥିବାବେଳେ ଆଦର୍ଶ ସାହୁ ଏବଂ ସୁବ୍ରତ କୁମାର ସେଠ ସ୍କୋରର ଦାୟିତ୍ୱ ତୁଲାଇଥିଲେ।



ବିଜୟୀ ରୟାଲ୍ କିଙ୍ଗ୍‌ସ ଦଳକୁ ପୁରସ୍କୃତ କରାଯାଉଛି।

## ବ୍ଲକସ୍ତରୀୟ ଭିନ୍ନକ୍ଷମ ଚିହ୍ନଟ ଶିବିର

**ଝାରବନ୍ଧ, ୩୧।୧୨ (ଦେବେନ୍ଦ୍ର ସାହୁ)**

ଝାରବନ୍ଧ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଭିନ୍ନକ୍ଷମ ଚିହ୍ନଟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଅଲକିମୋ ଭୁବନେଶ୍ୱର ତରଫରୁ ଡାକ୍ତରୀ ଟିମ୍ ଧରିତ୍ରୀ ଗଡତିଆ, ଅନିଲ ନାଏକ, ବିଶ୍ୱରଞ୍ଜନ ପୃଷ୍ଟି ସ୍ୱାସ୍ଥ୍ୟ ପରୀକ୍ଷା କରି ଭିନ୍ନକ୍ଷମଙ୍କୁ ଆବଶ୍ୟକ ଉପକରଣ ପ୍ରଦାନ କରିଥିଲେ। ଶିବିରରେ ୭୪ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଝାରବନ୍ଧ ଏବିଇଓ ଦୟାନିଧି କୈବର୍ତ୍ତ, ମହେନ୍ଦ୍ର ପ୍ରଧାନ, ବିଆରଟି ରାଜକିଶୋର ବାରିକ, ରାଜକିଶୋର ମେହେର ଯୋଗଦାନ କରି ସଚେତନ କରିଥିଲେ। ସିଆର୍‌ସିସି ଗୋପାଳ ହରିଜନ ମଞ୍ଚ ପରିଚାଳନା କରିଥିବାବେଳେ ବ୍ଲକ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶିବିରରେ ୨ଟି ରୋଲେଟର, ୧୧ଟି ଶ୍ରବଣ ଯନ୍ତ୍ର, ୬ଟି ପିସି ଚେୟାର, ୨ଟି ହ୍ୱାଇଟ କେନ, ୬ଟି କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା।

## ଶୋଭାଯାତ୍ରାରେ ବୀର ଶହୀଦଙ୍କ ସ୍ମୃତିଚାରଣ


ବୀରତା ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।


ବୀରତା ଦିବସ ଉପଲକ୍ଷେ ପାଇକମାଳରେ ଶୋଭାଯାତ୍ରା ।

**ପଦ୍ମପୁର/ପାଇକମାଳ, ୩୧।୧୨ (ପ୍ରଦୀପ୍ତ ଦାଶ/ବଡ଼ ଶତପଥୀ)**

ଶହୀଦ ବୀର ମାଧୋ ସିଂଙ୍କ ୧୬୭ତମ ଫାଶୀ ଦିବସ ସ୍ମୃତିରେ ସୋହେଲା ବ୍ଲକ ଘେଁସ ଗ୍ରାମରେ ମଙ୍ଗଳବାର ବୀରତା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଆଦିବାସୀ କୁଳର ଦେବଦେବୀ ଏବଂ ପାରମ୍ପରିକ ଅସ୍ତ୍ରଶସ୍ତ୍ର ପୂଜାର୍ଚ୍ଚନା କରି ଘେଁସ ଗ୍ରାମରେ ଏକ ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରା ମାଧୋ ସିଂଙ୍କ ସ୍ମୃତି ପୀଠରେ ପହଞ୍ଚିବା ପରେ ମାଧୋ ସିଂଙ୍କ ସମେତ ତାଙ୍କ ଚାରି ପୁତ୍ରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ସଂଘର ପ୍ରତିଷ୍ଠାତା ଗୋବର୍ଦ୍ଧନ ଭୋଏ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଛତିଗଡ଼ ବିଞ୍ଝାଲ ସମାଜର ବୈଶାଖୁ ବରିହା, ଟିମନ ବରିହା, ସୁବର୍ଣ୍ଣପୁର ଜିଲାର କୁଶ ଝାଙ୍କର, ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲା ସଭାପତି ଗୋବିନ୍ଦ ବରିହା, ଜିଲା ସମ୍ପାଦକ ତ୍ରିଲୋଚନ ଭୁଏ, ମାଖୁନୁ ବରିହା, କର୍ମଦେବ ବେହେରା, ହୀରା ବେହେରା, ଧର୍ମରାଜ ସିଂ ବରିହା, ଦୁର୍ଜନ ସିଂ ବରିହା, ଭୂଷଣ ବିଶ୍ୱାଳ, କେଶବ ଭୁଏ, ନିରାକାର ଭୁଏ, ଗୋପାଳ ଭୋଇ, ଝସକେତନ ବରିହା, ଚୈତନ୍ୟ ପ୍ରସାଦ ବରିହା, ସତ୍ୟାନନ୍ଦ ବୁଡେକ, ଗାଇସିଲେଟ ବ୍ଲକର ଶଶିଭୂଷଣ ବରିହା, ପ୍ରମୋଦ ବାରିକ, ଧନଞ୍ଜୟ ବରିହା, ରମେଶ ଭୁଏ, ପ୍ରେମଶୀଳା ବରିହା, ଗୁରୁବାରି ଭୁଏ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଭାପତି ଗୋବିନ୍ଦ ବରିହା ସଭା ପରିଚାଳନା କରିଥିଲେ। ଜିଲା ସମ୍ପାଦକ ତ୍ରିଲୋଚନ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ। ୧୨ ବ୍ଲକରୁ ବହୁ ଆଦିବାସୀ ମହିଳା ପୁରୁଷ ଯୋଗଦାନ କରିଥିଲେ।

ସେହିପରି ପାଇକମାଳ ବ୍ଲକ ନୃସିଂହନାଥସ୍ଥିତ ବିନ୍ଧ୍ୟବାସିନୀ ଯାତ୍ରୀ ନିବାସରେ ଶହୀଦ ମାଧୋ ସିଂଙ୍କ ବୀରତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ପାଇକମାଳ ବଜାରରୁ ଏକ ବିରାଟ ଶୋଭାଯାତ୍ରା ପାଇକମାଳ ଧର୍ମଶାଳା ପର୍ଯ୍ୟନ୍ତ ଯାଇଥିଲା। ପରେ ଅନୁଷ୍ଠିତ ସଭାରେ ପଦ୍ମପୁର ଉପଖଣ୍ଡସ୍ତରୀୟ କର୍ମକର୍ତ୍ତା ଏବଂ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ମିଳିତ ଆନୁକୂଲ୍ୟରେ ଜାତି, ଦଳ, ଧର୍ମ ବର୍ଣ୍ଣ ନିର୍ବିଶେଷରେ ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ଆଇନ ପାଇଁ ଦାବି କରାଯାଇଥିଲା। ଏଥିରେ ରାଜକୁମାର ସେଠ ସଭାପତିତ୍ୱ କରିଥିବା ବେଳେ ହୃଦାନନ୍ଦ ବାରିକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଲିଙ୍ଗରାଜ ଆଜାଦ, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ସଂଗ୍ରାମୀ ସୁଶୀଲ ନାୟକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରିତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ରାଜୁ ଘିବେଲା, କ୍ଷେତ୍ରୀ ଲୁହାର, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଗିରିଶ ଦଣ୍ଡସନା, ମୋହନ ଜଗତ ପ୍ରମୁଖ ସହଯୋଗ କରିଥିବାବେଳେ ଗୁପତ ରାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଡିଏଭି ପବ୍ଲିକ୍ ସ୍କୁଲର ୩୨ତମ ବାର୍ଷିକ କ୍ରୀଡ଼ୋତ୍ସବ

ରାଉରକେଲା,୩୧।୧୨(ଦିନେଶ ମିଶ୍ର)

ବାସନ୍ତୀ କଲୋନୀସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲର ଦୁଇଦିନିଆ ୩୨ତମ ବାର୍ଷିକ କ୍ରୀଡ଼ୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ସୁନ୍ଦରଗଡ କ୍ରୀଡ଼ା ବିଭାଗ ଡେପୁଟି ନିର୍ଦ୍ଦେଶକ ସୁଦୀପ୍ତ କୁମାର ନାଏକ ମୁଖ୍ୟ ଅତିଥି, ସେକ୍ଟର-୧୬ର ଡିଏଭି ପବ୍ଲିକ୍ ସ୍କୁଲର ଅଧକ୍ଷା ଯଶବିନ୍ଦର କୌର, ଅରବିନ୍ଦ ପାତ୍ର, ଅଶୋକ କୁମାର ରାଉତ, ଏଲ୍ଏମ୍‌ସି ମେମ୍ବର, ଏସ୍. କେ. ଯୋଶୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧକ୍ଷ ଲୋକନାଥ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆର୍ଏସ୍‌ପି ସିଜିଏମ୍ ହୀରାଲାଲ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟସଙ୍ଗୀତ ପରିବେଷଣ କରାଯାଇଥିଲା।

# ସୁଧୁରୁନି ସହରାଞ୍ଚଳ ବସ୍ତି ଅବସ୍ଥା


ମୁଖ୍ୟରାସ୍ତା ପାର୍ଶ୍ୱ ଡ୍ରେନ୍ ଅଳିଆ ଆବର୍ଜନାପୂର୍ଣ୍ଣ ହୋଇଛି।


ବାଲୁଘାଟର ଆବୁଡାଖାବୁଡ଼ା ରାସ୍ତା।

ରାଉରକେଲା,୩୧।୧୨(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ମହାନଗର ନିଗମ ଅଧୀନ ୪୧ଟି ୱାର୍ଡରେ ଥିବା ୧୩୨ ବସ୍ତି ଅଞ୍ଚଳର ବିକାଶ ପାଇଁ ବିଜୁ ଆଦର୍ଶ କଲୋନୀ ଯୋଜନା କରାଯାଇଥିଲା। ଏହି ଯୋଜନାରେ ସହରାଞ୍ଚଳ ବସ୍ତି ଅଞ୍ଚଳର ରାସ୍ତା, ଡ୍ରେନ୍ ଆଦିର ଉନ୍ନତୀକରଣ ପାଇଁ ମିଳିଥିବା ଅନୁଦାନ ଠିକ୍ ଭାବେ ଖର୍ଚ୍ଚ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ଫଳରେ ୬୦ଭାଗ ବସ୍ତି ଅଞ୍ଚଳରେ ରାସ୍ତାଘାଟ, ଡ୍ରେନେଜ ଆଦିର ବିକାଶ କାର୍ଯ୍ୟ ଯେଉଁଭଳି ଭାବେ ହେବା କଥା ତାହା ନ ହୋଇପାରିନାହିଁ।

ବସ୍ତି ବାସିନ୍ଦାଙ୍କ କହିବା ମୁତାବକ, ବସ୍ତି ରାସ୍ତାଘାଟ ପୁରୁଣା ହୋଇଯାଇଥିବା ବେଳେ ରାଜ୍ୟରେ ନୂଆ ସରକାର ଆସିଲା ପରେ ସେଗୁଡିକର ମରାମତି ହେଉନାହିଁ। ସେହିପରି ରାସ୍ତାରେ ମାସ ମାସ ଧରି ଅଳିଆ ଆବର୍ଜନା ପଡିରହୁଛି। ସହାରାଞ୍ଚଳ ଡ୍ରେନ ଗୁଡିକରେ ଅଳିଆ ଆବର୍ଜନା ପାଣି ଜମି ରହୁଛି। ଡ୍ରେନ ସଫେଇ ହେଉନାହିଁ। ଫଳରେ ମୁଖ୍ୟରାସ୍ତାରେ ଯାତ୍ରା କରିବା ସମୟରେ ଡ୍ରେନ ଦୁର୍ଗନ୍ଧରେ ଲୋକେ ଅତିଷ୍ଠ ହେଉଛନ୍ତି। ସହରର ମୁଖ୍ୟମାର୍ଗ ଗୁଡିକ ଚକାଚକ୍ ହେଉଛି। ଅନ୍ୟପଟେ ସର୍ବାଧିକ ଜନସଂଖ୍ୟା ରହୁଥିବା ବସ୍ତି ରାସ୍ତାର ଉନ୍ନତୀକରଣ ହେଉନାହିଁ। ବାଲୁଘାଟ ବସ୍ତି ଅଞ୍ଚଳରେ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଲୋକ ରହୁଥିବା ବେଳେ ବସ୍ତି ରାସ୍ତା ଆବଡା ଖାବଡା ହୋଇ ଦୀର୍ଘମାସରୁ ପଡିରହିଛି। ସେହିପରି ଦୁର୍ଗାପୁର ପାହାଣ୍ଡଟୋଲି ଅଞ୍ଚଳର ବିଭିନ୍ନ ରାସ୍ତାରୁ କଂକ୍ରିଟ ଉଠିଯାଇଛି। ଫଳରେ ଏହି ରାସ୍ତାରେ ଯାତାୟାତ ସମ୍ଭବ ହେଉନାହିଁ। ଏଥିସହିତ ପାନପୋଷ ଶବ ବ୍ୟବଛେଦ କେନ୍ଦ୍ରରୁ ନମାଜ ହକ୍ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ଅବସ୍ଥାରେ ପଡିରହିଛି। ଏ ନେଇ ଆର୍ଏମ୍‌ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ସହରାଞ୍ଚଳର ପ୍ରମୁଖ ୧୧ଟି ଡ୍ରେନ ନିର୍ମାଣ ସମ୍ପୂର୍ଣ୍ଣ ହୋଇସାରିଛି। ବହୁ ବସ୍ତି ରାସ୍ତା ସଙ୍କୁଚିତ ଥିବାରୁ ଅଳିଆଉଠା ଯାନ ବସ୍ତିକୁ ଯାଇପାରୁନାହିଁ। ଏଣୁ ଆଗକୁ ଆରଏମ୍‌ସି ପକ୍ଷରୁ ୧୧ରୁ ଊର୍ଦ୍ଧ୍ୱ ଅଳିଆଉଠା ସାଇକେଲ ବ୍ୟବସ୍ଥା କରାଯିବାର ଅଛି। ଏଥିସହ ବସ୍ତି ଅଞ୍ଚଳ ରାସ୍ତା ଗୁଡିକର ଉନ୍ନତୀକରଣ ମଧ ଖୁବ୍‌ଶୀଘ୍ର କରାଯିବ ବୋଲି କୁଲକର୍ଣ୍ଣୀ କହିଥିଲେ।

## ରାଉରକେଲା ମହାନଗର ନିଗମ

# ୭ମ ଡାନ୍ ବ୍ଲାକବେଲ୍ଟ ପାଇଲେ ରାଜୀବ ସିଂ

ରାଉରକେଲା,୩୧।୧୨(ଦିନେଶ ମିଶ୍ର)

ରାଉରକେଲା ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଓ ମୁଖ୍ୟ ପ୍ରଶିକ୍ଷକ ତଥା ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ(ଓସ୍କା)ର କାର୍ଯ୍ୟକାରିଣୀ ସଦସ୍ୟ ରାଜୀବ ସିଂଙ୍କୁ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ)ର ୭ମ ଡାନ୍ ବ୍ଲାକବେଲ୍ଟ ପ୍ରଦାନ କରାଯାଇଛି। ସିଂ ଦୀର୍ଘ ୪୦ ବର୍ଷରୁ କରାଟେକାରେ ଯୋଗଦାନ କରି କରାଟେ କ୍ରୀଡାରେ ଜାତୀୟ ଓ ଅନ୍ତର୍ଜାତୀୟ ପଦକ ଜିଣିବା ସହ ଏସୀୟ କରାଟେ କୋଚ୍ ଓ ଜଜ୍ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ରେଫରୀ କମିଶନର ସଦସ୍ୟ ହୋଇଛନ୍ତି। ରାଉରକେଲାର ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠା କରି ଦୀର୍ଘବର୍ଷର ପ୍ରଶିକ୍ଷକତା ମାଧ୍ୟମରେ ରାଉରକେଲାରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପଦକପ୍ରାପ୍ତ କରାଟେ ଖେଳାଳି ଗଢ଼ିବା ସହ ଦେଶରେ କରାଟେ କ୍ରୀଡ଼ା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଭୁବନେଶ୍ୱରଠାରେ ଗତ ୨୬ରୁ ୨୯ ତାରିଖ ମଧ୍ୟରେ ଆୟୋଜିତ ୧୪ତମ ଅଲ ଇଣ୍ଡିଆ ଓପନ କରାଟେ ଚାମ୍ପିୟନଶିପ୍ ଅବସରରେ କିଓର ସଭାପତି ହାଂଶୀ ଭାରତ ଶର୍ମା ରାଜୀବଙ୍କୁ ଏହି ବ୍ଲାକବେଲ୍ଟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଓଡ଼ିଶା କରାଟେ ଆସୋସିଏଶନ ସଭାପତି ହାଂଶୀ ଡକ୍ଟର ହରିପ୍ରସାଦ ପଟ୍ଟନାୟକ ଉପସ୍ଥିତ ଥିଲେ। କରାଟେ କ୍ରୀଡ଼ା କ୍ଷେତ୍ରରେ ଏହି ଗୌରବ ପାଇବାରେ ରାଜୀବ ପଶ୍ଚିମ ଓଡିଶାର ପ୍ରଥମ ବ୍ୟକ୍ତିତ୍ୱ। ଏଥିପାଇଁ ଓଡ଼ିଶା କରାଟେ ସଂଘ(ଓସ୍କା)ର କର୍ମକର୍ତ୍ତା ଓ ରାଉରକେଲା କରାଟେ ଆସୋସିଏଶନ ସଭାପତି ତଥା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ସମେତ ବାସନ୍ତୀ ସାଂସ୍କୃତିକ ପରିଷଦ, ରାଉରକେଲା ଜଣାଇଛନ୍ତି।


ରାଜୀବ ସିଂଙ୍କୁ ବ୍ଲାକବେଲ୍ଟ ପ୍ରଦାନ କରାଯାଉଛି।

# ସେଲ୍‌କୁ ମିଳିଲା ଦ୍ୱିତୀୟ ଥର ଗ୍ରେଟ ପ୍ଲେସ ଟୁ ୱାର୍କ ପ୍ରମାଣପତ୍ର

ରାଉରକେଲା,୩୧।୧୨(ବିପ୍ଲବ ରଞ୍ଜନ ଦାଶ)

ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ ୨୦୨୫ ଜାନୁଆରୀରୁ ୨୦୨୬ ଜାନୁଆରୀ ପର୍ଯ୍ୟନ୍ତ ଗ୍ରେଟ ପ୍ଲେସ ଟୁ ୱାର୍କ ଇନ୍‌ଷ୍ଟିଚ୍ୟୁଟ ଭାରତଠାରୁ ସମ୍ମାନଜନକ ଗ୍ରେଟ ପ୍ଲେସ ଟୁ ୱାର୍କ ପ୍ରମାଣପତ୍ର ହାସଲ କରିଛି। ସେଲ କ୍ରମାଗତ ଦ୍ୱିତୀୟ ଥର ପାଇଁ ଏହି ପ୍ରମାଣପତ୍ର ପାଇଛି। ପ୍ରଥମେ ୨୦୨୩ ଡିସେମ୍ବରରୁ ୨୦୨୪ ଡିସେମ୍ବର ପର୍ଯ୍ୟନ୍ତ ଅବଧି ପାଇଁ ସେଲ ଏହି ପ୍ରମାଣପତ୍ର ପ୍ରାପ୍ତ କରିଥିଲା। ଏହି କ୍ରମାଗତ ବିଶ୍ୱସ୍ତରୀୟ ସ୍ୱୀକୃତି, କମ୍ପାନୀ ଅଭିନବ ଏଚ୍‌ଆର ପଦକ୍ଷେପ ଯଥା ୱାର୍କପ୍ଲେସ ଅଦର ଦ୍ୟାନ୍ ୱାର୍କପ୍ଲେସ ଯୋଜନା, ସହର ଭିତ୍ତିକ କର୍ମଚାରୀଙ୍କ ପାଇଁ ନମନୀୟ ସମୟ, ଲିଙ୍କ୍‌ଡଇନ ଲର୍ନିଙ୍ଗ ହବ୍, ଇ-ପାଠଶାଳା ମାଧ୍ୟମରେ ନିଜସ୍ୱ ଶିକ୍ଷା, ନାସକମ ସହଯୋଗରେ ଉଚ୍ଚ ଆଇଟି ସହ ଡିଜିଟାଲ ତାଲିମ, ଆଇଆଇଏମ ଓ ଏଏସ୍‌ସିଆଇ ସହଯୋଗରେ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ, କର୍ମଚାରୀ ସହାୟତା କାର୍ଯ୍ୟକ୍ରମ ଅଧୀନରେ ଇ-କାଉନସେଲିଙ୍ଗ, ସ୍ୱାସ୍ଥ୍ୟସେବାରେ ଉନ୍ନତି ଓ ବରିଷ୍ଠ ଅଧିକାରୀମାନଙ୍କ ପାଇଁ ନେତୃତ୍ୱ କୋଚିଂ ଇତ୍ୟାଦି ସ୍ୱୀକୃତିକୁ ସୂଚିତ କରୁଛି। ଏହି ପଦକ୍ଷେପ ଗୁଡିକ ଉତ୍ପାଦକତା ବୃଦ୍ଧି, ଭବିଷ୍ୟତରେ ବୈଷୟିକ ପ୍ରଗତି ପାଇଁ କର୍ମଚାରୀମାନଙ୍କୁ ପ୍ରସ୍ତୁତ କରିବା ଏବଂ ସେମାନଙ୍କ ସାମର୍ଥ୍ୟକୁ ପୂର୍ଣ୍ଣ ଉପଯୋଗ କରିବାକୁ ଲକ୍ଷ୍ୟ ରଖିଛି। ଗ୍ରେଟ ପ୍ଲେସ ଟୁ ୱାର୍କ ଇନଷ୍ଟିଚ୍ୟୁଟ ଏକ ବିଶ୍ୱସ୍ତରୀୟ ସଙ୍ଗଠନ ଯାହା ଏକ କଠୋର ମୂଲ୍ୟାଙ୍କନ ପ୍ରକ୍ରିୟା ଯୋଗେ ଉଲ୍ଲେଖନୀୟ କର୍ମଚାରୀ ଅଭିଜ୍ଞତା ପ୍ରଦାନ କରୁଥିବା ନିଯୁକ୍ତିଦାତାଙ୍କୁ ସ୍ୱୀକୃତି ପ୍ରଦାନ କରିଥାଏ। ସେଲ୍‌ର କର୍ମଚାରୀମାନଙ୍କ ପ୍ରତ୍ୟକ୍ଷ ମତାମତ ଉପରେ ଆଧାର କରି ଅନୁଷ୍ଠାନ ଦ୍ୱାରା କରାଯାଇଥିବା ଏକ ବିସ୍ତୃତ ସର୍ଭେ ପରେ ସେଲ୍ ଏହି ପ୍ରମାଣପତ୍ରକୁ ବଜାୟ ରଖିପାରିଛି। ସେଲ୍ ଅଧକ୍ଷ ଅମରେନ୍ଦୁ ପ୍ରକାଶ କହିଛନ୍ତି, ଏକ ମହାନ କାର୍ଯ୍ୟକ୍ଷେତ୍ର ଭାବେ ସେଲ୍‌ର କ୍ରମାଗତ ପ୍ରମାଣପତ୍ର ହାସଲ କରିବା, ଏକ ସ୍ୱତନ୍ତ୍ର କର୍ମକ୍ଷେତ୍ର ସଂସ୍କୃତି ପ୍ରତିପାଦନ କରିବା ଓ ବିଶ୍ୱାସ, ସହଯୋଗ ଏବଂ କର୍ମଚାରୀଙ୍କ ସଶକ୍ତୀକରଣ ଉପରେ ନିର୍ମିତ ଏକ ସକାରାତ୍ମକ କର୍ମଚାରୀ ଅଭିଜ୍ଞତା ପ୍ରଦାନ ପାଇଁ ସେଲ୍‌ର ନିରନ୍ତର ସମର୍ପିତ ପ୍ରୟାସକୁ ପ୍ରମାଣିତ କରୁଛି। କଠିନ ପରିଶ୍ରମ ଏବଂ ଅଧିକ ଆଗକୁ ବଢିବାକୁ ସମଗ୍ର ସାମୂହିକଙ୍କୁ ଏହି ପ୍ରମାଣପତ୍ର ଉତ୍ସାହିତ କରିବ ବୋଲି କୁହାଯାଇଛି।


ସେଲ୍‌କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।


ଆଦିବାସୀ ସମ୍ପ୍ରଦାୟର ଲୋକେ ଶୋଭାଯାତ୍ରାରେ ଯାଉଛନ୍ତି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ରାଉରକେଲା,୩୧।୧୨(ଦିନେଶ ମିଶ୍ର)

ବିଭିନ୍ନ ଦାବି ନେଇ ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଉରକେଲା ଏଡିଏମ୍‌ଙ୍କୁ ସୋମବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଆଦିବାସୀମାନଙ୍କ ଆଦିଧର୍ମର ପ୍ରଚାର ଓ ପ୍ରସାର, ପାରମ୍ପରିକ, ସାମାଜିକ ଓ ଧାର୍ମିକ ନ୍ୟାୟ ବ୍ୟବସ୍ଥାକୁ ସମାନ ଅଧିକାର ନେଇ ଆଦିବାସୀ ସମ୍ପ୍ରଦାୟର ଲୋକେ ଆରଏମ୍‌ସି ସୁବାଷ ଚନ୍ଦ୍ର ବୋଷ ପାର୍କ ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ପରେ ସେମାନେ ଆରଏମ୍‌ସି କମିଶନର ତଥା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ଆଦିବାସୀ ସମ୍ପ୍ରଦାୟର ଲାଲସିଂ ଭୂମିଜ, କେଦାର ନାଥ ଲୁଗୁନ, ଘନେଶ୍ୱର ମୁଣ୍ଡା, ପାଦାପାଡହା ସମାଜର କର୍ମକର୍ତ୍ତାଙ୍କ ସମେତ ରାଜୀ ପାଡହା ସମ୍ପ୍ରଦାୟର କର୍ମୀମାନେ ସାମିଲ ହୋଇଥିଲେ।

# ବହୁ ମାରଣାସ୍ତ୍ର ଜବତ, ୫ ଗିରଫ

ରାଉରକେଲା,୩୧।୧୨(ଦିନେଶ ମିଶ୍ର)

## ଡକାୟତି ଯୋଜନା ବେଳେ ମାଡ଼ିବସିଲା ପୋଲିସ

ରାଉରକେଲା ସେକ୍ଟର-୭ ଥାନା ଅନ୍ତର୍ଗତ ଛେଣ୍ଡ ପେଟ୍ରୋଲ ପମ୍ପ ପଛପଟ ଲୁଗୁନ୍ ପାର୍କର ଜଙ୍ଗଲିଆ ସ୍ଥାନରେ ମଙ୍ଗଳବାର ଏକ ବଡଧରଣର ଡକାୟତି ଯୋଜନା କରୁଥିବା ବେଳେ ଏକ ଡକାୟତ ଗ୍ୟାଙ୍ଗ୍‌ର ୫ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର-୧୭ସ୍ଥିତ ପାର୍କ ବସ୍ତିର ରାହୁଲ କୁମ୍ଭାର(୨୨), ସେକ୍ଟର-୧୮ର ବିଶାଲ ମୁନା(୩୧), ସେକ୍ଟର-୧୭ର ଶିବଦାସ ହରିପାଲ(୧୯) ସେକ୍ଟର-୬ ସୁବାସପାଲି ବସ୍ତିର ଅଜୟ ସୁନା(୩୪) ଓ ଛେଣ୍ଡ କଳିଙ୍ଗ ବିହାର ଏମ୍‌କେ. ଦାସ କଲୋନୀର ଶୁଭମ୍ ନାଗ(୨୭)। ସେମାନଙ୍କଠାରୁ ୨ଟି ଖଣ୍ଡା, ଗୋଟିଏ ଛୁରି, ଲୁହାରଡ୍, ବେସ୍‌ବଲ ଷ୍ଟିକ୍, ୩ଟି ମୋବାଇଲ ସହ ୨ଟି ବାଇକ୍(ନଂ.ଓଡି୧୪ଏଜି/୩୨୫୬ ଓ ନଂ.ଓଆର୧୭ଜି/୬୯୬୧)କୁ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୬୨/୨୪) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ଛେଣ୍ଡ ପେଟ୍ରୋଲ ପମ୍ପ ପଛପଟେ ଥିବା ଲୁଗୁନ ପାର୍କ ଜଙ୍ଗଲ ଭିତରେ କିଛି ଦୁର୍ବୃତ୍ତ ବସି ଜିରୋ ନାଇଟ୍ ରାତିରେ ଡକାୟତି କରିବା ପାଇଁ ଉଦ୍ୟମ କରୁଥିଲେ। ଏ ନେଇ ସେକ୍ଟର-୭ ଥାନା ପୋଲିସ କୌଣସି ବିଶେଷ ସୂତ୍ରରୁ ଖବର ପାଇ ସନ୍ଧ୍ୟା ସାଢେ ୫ଟାରେ ଘଟଣାସ୍ଥଳରେ ହଠାତ ଚଢ଼ାଉ କରିଥିଲା। ଏହି ସମୟରେ ଡକାୟତମାନେ ଘଟଣାସ୍ଥଳରୁ ଫେରାର ହେଉଥିବାବେଳେ ପୋଲିସ ପିଛା କରି ୫ଜଣଙ୍କୁ କାବୁ କରିଥିଲା। ଚଢ଼ାଉ ସମୟରେ ପୋଲିସ ଏସ୍ଆଇ ମାନସ ରଞ୍ଜନ ନାୟକ, ଭବାନୀ ସେଠୀ, ହାବିଲଦାର ବସନ୍ତ ପାତ୍ର, କନଷ୍ଟେବଲ ପ୍ରସନ୍ନ କୁମାର ତ୍ରିପାଠୀ, ହୋମ୍‌ଗାର୍ଡ ହିମାଂଶୁ ଶେଖର ନାୟକ, ଅନୁଜ ପ୍ରଧାନ ଓ ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଗିରଫ ୫ ଡକାୟତ।

# ସାଇଣ୍ଟିଫିକ ଟିମ୍, ଅନୁସନ୍ଧାନୀ କୁକୁର ନେଇ ତଦନ୍ତ

ବଡ଼ଗାଁ, ୩୧।୧୨(ଅଶୋକ ଷଡ଼ଙ୍ଗୀ)

## ତାଲା ଭାଙ୍ଗି ଚୋରି ଘଟଣା

ସୁନ୍ଦରଗଡ ଜିଲା ବଡ଼ଗାଁ ବସ୍ତିରେ ଦିବ୍ୟ ଲୋଚନ ପୃଷେଟଙ୍କ ଘରୁ ତାଲା ଭାଙ୍ଗି ଚୋରି ହୋଇଥିଲା। ଏନେଇ ସୋମବାର ସଂଧ୍ୟାରେ ବଡ଼ଗାଁ ଥାନାରେ ଅଭିଯୋଗ ହୋଇଥିଲା। ସୋମବାର ସଂଧ୍ୟାରେ ବଡ଼ଗାଁ ପୋଲିସ ଇତମା ନିକଟ ରାସ୍ତା ପାର୍ଶ୍ୱରେ ପଡିଥିବା ଦିବ୍ୟ ଲୋଚନ ପୃଷେଟଙ୍କ ଆଧାର କାର୍ଡ , କେତେକ ଗୁରୁତ୍ୱପୂର୍ଣ୍ଣ କାଗଜ ଓ ଚାବି ପେନ୍ଥା ଜବତ କରିଥିଲା। ମଙ୍ଗଳପୁର ବଡ଼ଗାଁ ଥାନା ଆଇଆଇସି ଆଶିଷ କୁମାର ଜେନା, ଏଏସଆଇ ଶ୍ରୀକାନ୍ତ ପଣ୍ଡା, ଉମାକାନ୍ତ ନାଏକ ସଦଳବଳେ ଅନୁସନ୍ଧାନୀ କୁକୁର ଓ ସୁନ୍ଦରଗଡ ସାଇଣ୍ଟିଫିକ ଟିମ ସହିତ ତଦନ୍ତ ଆରମ୍ଭ କରିଛନ୍ତି। ଡଗ ସ୍କାର୍ଡର ସୁବ୍ରତ ନାଥ ସନ୍ଧନୀ କୁକୁର ଦ୍ୱାରା ତଦନ୍ତ କରିଥିଲେ।

# ଆଦର୍ଶ ଯୁବ ପରିଷଦର ରୌପ୍ୟ ଜୟନ୍ତୀ ପାଳିତ

ରାଉରକେଲା,୩୧।୧୨(ଦିନେଶ ମିଶ୍ର)

ରାଉରକେଲା ସହରର ଆଦର୍ଶ ଯୁବ ପରିଷଦର ୨୫ତମ ବାର୍ଷିକୋତ୍ସବ ତଥା ରୌପ୍ୟ ଜୟନ୍ତୀ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ବରୋଦା ପ୍ରସନ୍ନ ଦାସ ସଭାପତିତ୍ୱ କରିଥିଲେ। ଏହି ସମାରୋହରେ ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ରଞ୍ଜନ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରିଷଦର କ୍ରୀଡ଼ା, ଶିକ୍ଷା, ସାଂସ୍କୃତିକ କ୍ଷେତ୍ରରେ ଏଭଳି ପ୍ରତିଯୋଗିତାମାନ ଆୟୋଜନ ଦ୍ୱାରା ସହରର ଛାତ୍ରୀଛାତ୍ର ନିଜ ପ୍ରତିଭା ପ୍ରଦର୍ଶନ ସହ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ହୋଇପାରିଛନ୍ତି ବୋଲି ଅତିଥି ଜେନା ମତପ୍ରକାଶ କରିଥିଲେ। ଆର୍ଏସ୍‌ପି ୟୁଟିଲିଟି ବିଭାଗ ମୁଖ୍ୟ ମହାପ୍ରବନ୍ଧକ ହୀରାଲାଲ ମହାପାତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ପରିଷଦ ଦୀର୍ଘ ୨୫ ବର୍ଷ ଧରି ତାର ନିରବଚ୍ଛିନ୍ନ ଯାତ୍ରା ପଥରେ ପିଲାମାନଙ୍କ ଲାଗି ଏଭଳି କାର୍ଯ୍ୟକ୍ରମ ଆୟୋଜନ କରି ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚକୁ ଆଣିବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରୁଆସୁଛି ବୋଲି କହିଥିଲେ। ବନରକ୍ଷୀ ସୌମ୍ୟରଞ୍ଜନ ଗୋଛାୟତ, ଶର୍ମିଷ୍ଠା କବି ଶତପଥୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଉପଦେଷ୍ଟା ବିଜୟ ମହାରଣା ଓ କେଦାର ପରିଡା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସାଧାରଣ ଜ୍ଞାନ, ଫ୍ଲାଇଙ୍ଗ କଲର୍ସ, ଚିତ୍ରାଙ୍କନ, ଦୌଡ଼ ଆଦି ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପରିଷଦର ବରିଷ୍ଠ ସଦସ୍ୟ ଜୟଜିତ ପାଲ ଓ ସିଦ୍ଧାର୍ଥ ଦ୍ୱିବେଦୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦାଶିବ ପଣ୍ଡା, ସତ୍ୟସୁନ୍ଦର ପାତ୍ର, ସରୋଜିନୀ ଷଡଙ୍ଗୀ, ଅଂଶୁମାନ ପାତ୍ର, ସିଦ୍ଧାର୍ଥ ଦ୍ୱିବେଦୀ, ଜୟଜିତ ପାଲ, ମନୋଜ ଧୂପାଳ, ଧନଞ୍ଜୟ ଦଣ୍ଡପାଟ, ଅଶୋକ ସାମଲ, ତୃପ୍ତି ପରିଡା ପ୍ରମୁଖ ସହଯୋଗ କରିଥିଲେ। ଶୈଳେନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସହ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା।

# ସୁଟ୍‌ଆଉଟ୍‌ରେ ଜିତିଲା ହାଇଦ୍ରାବାଦ ତୋଫାନ

## ହକି ଇଣ୍ଡିଆ ଲିଗ୍ ମ୍ୟାଚ୍‌ର ଚତୁର୍ଥ ଦିବସ

ରାଉରକେଲା,୩୧।୧୨(ଦିନେଶ ମିଶ୍ର)



ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଆୟୋଜିତ ହକି ଇଣ୍ଡିଆ ପ୍ରୋଲିଗ୍(ଏଚ୍‌ଆଇଏଲ୍)ର ଚତୁର୍ଥ ଦିନ ମ୍ୟାଚ୍ ହାଇଦ୍ରାବାଦ ତୋଫାନ ଦଳ ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟରେ ଖେଳାଯାଇଥିଲା। ଏଥିରେ ହାଇଦ୍ରାବାଦ ତୋଫାନ ଦଳ ୫-୪ ସୁଟ୍‌ଆଉଟ୍‌ରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ଖେଳ ଆରମ୍ଭରେ ହାଇଦ୍ରାବାଦ ତୋଫାନ ଦଳ ଦିଲ୍ଲୀ ଏସ୍‌ଜି ପାଇପର୍ସ ଦଳ ଉପରେ ଆକ୍ରମକ ଖେଳ ପ୍ରଦର୍ଶନ କରି ଖେଳର ପ୍ରଥମ କ୍ୱାର୍ଟର୍ସର ୧୧ ମିନିଟ୍‌ରେ ୪ ନମ୍ବର ଖେଳାଳି ଅମନଦୀପ ଲାକ୍ରା ଗୋଟିଏ ଓ ୧୩ ମିନିଟ୍‌ରେ ୨ ନମ୍ବର ଖେଳାଳି ଗଞ୍ଜୋଲୋ ପିଲଟ୍ ଗୋଟିଏ ଗୋଲ ମାରି ଦଳକୁ ୨-୦ ଗୋଲରେ ଆଗୁଆ ରଖିଥିଲେ। ଏହି ଗୋଲର ପ୍ରତିଶୋଧ ନେବାକୁ ଯାଇ ଦିଲ୍ଲୀ ଏସ୍‌ଜି ପାଇପର୍ସ ଦଳ ଆକ୍ରମକ ଖେଳ ପ୍ରଦର୍ଶନ କରି ମ୍ୟାଚ୍‌ର ଦ୍ୱିତୀୟ କ୍ୱାର୍ଟରର ୨୧ ମିନିଟ୍‌ରେ ୨୨ ନମ୍ବର ଖେଳାଳି ଧୀରଜ ସିଂ ହାଇଦ୍ରାବାଦ ତୋଫାନ ବିପକ୍ଷରେ ଗୋଟିଏ ଗୋଲ କରିଥିଲେ। ଖେଳର ଅନ୍ତିମ ପର୍ଯ୍ୟାୟର ୫୦ ମିନିଟ୍‌ରେ ଗ୍ରେଥ୍ ଫୁରଲଙ୍ଗ୍ ହାଇଦ୍ରାବାଦ ବିପକ୍ଷରେ ଦ୍ୱିତୀୟ ଗୋଲ ମାରି ମ୍ୟାଚ୍‌କୁ ଡ୍ର କରି ଦେଇଥିଲେ। ଶେଷ ପର୍ଯ୍ୟାୟରେ ଉଭୟ ଦଳକୁ ସୁଟ୍‌ଆଉଟ୍‌ର ସୁଯୋଗ ମିଳିଥିଲା। ହାଇଦ୍ରାବାଦ ତୋଫାନ ଦଳ ୫-୪ ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ହାଇଦ୍ରାବାଦ ତୋଫାନର ଗୋଲକିପର ଡୋମିନିକ୍ ଡିକ୍ସନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରୁସ୍କାର ପ୍ରଦାନ କରାଯାଇଥିଲା।

# ଫାସକୁଦାକୁ ଐତିହାସିକ ସ୍ମାରକୀ କର


ଫାସକୁଦାରେ ବୀର ଯୋଦ୍ଧା ଶହୀଦ ମାଧୋ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।


ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଫାସକୁଦାଠାରେ ଶହୀଦ ମାଧୋ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।


ଶହୀଦ ମାଧୋ ସିଂ ସ୍ମୃତି କମିଟି ପକ୍ଷରୁ ଫାସକୁଦା ସମ୍ମୁଖ ପଡିଆରେ ସାମୂହିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

**ସମ୍ବଲପୁର,୩୧।୧୨(ବି.ଶଙ୍କର)**

ବୀର ଯୋଦ୍ଧା ଶହୀଦ ମାଧୋ ସିଂଙ୍କୁ ମଙ୍ଗଳବାର ସମ୍ବଲପୁରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସମ୍ବଲପୁର କଚେରିଛକ ସ୍ଥିତ ସହୀଦ ସ୍ତମ୍ଭ ଏବଂ ବିନାଖଣ୍ଡ ନିକଟ ଐତିହାସିକ ଫାସକୁଦାରେ ମାଧୋ ସିଂଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି। ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡ. ପରେଶ ଚନ୍ଦ୍ର ଦାନୀ, ସମ୍ପାଦକ ଦୀନବନ୍ଧୁ ପଣ୍ଡା, ପୂର୍ବତନ ସଭାପତି ଅଶୋକ କୁମାର ମିଶ୍ର ଓ ସମ୍ପାଦକ ବୋଧବରାମ ଦାଶ, ଭାଜପା ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ଏଥିରେ ସାମିଲ ଥିଲେ। ସେହିପରି ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଫାସକୁଦାର ଐତିହାସିକ କୂଅ ନିକଟରେ ମାଧୋ ସିଂହଙ୍କ ସହ ଅନ୍ୟ ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମଞ୍ଚ ଉପଦେଷ୍ଟା ଡ. ପ୍ରମୋଦ ରଥ, ସଙ୍ଗୀତଜ୍ଞ ମୋତିଲାଲ ଦୋରା, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସୀ, ଜିଲା ସଂଯୋଜକ କିଶୋର ଧରେଇ, ମହିଳା ସଂଯୋଜିକା ପଙ୍କଜିନୀ ମେହେର, ସେବା ସଂଯୋଜିକା କାନ୍ତି ମେହେର ଉପସ୍ଥିତ ରହିଥିଲେ। ଶହୀଦ ମାଧୋ ସିଂ ସ୍ମୃତି କମିଟି ପକ୍ଷରୁ ମଧ୍ୟ ଅନୁରୂପ ଭାବେ ଫାସକୁଦା ସମ୍ମୁଖ ପଡିଆରେ ସାମୂହିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜୟବ୍ରତ ଦେଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାଏକ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ଦେବ ଭୂଷଣ, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଦାମୋଦର କର, ସମୀର ରଞ୍ଜନ ବାବୁ, ସୁଧିର ରଞ୍ଜନ ବହିଦାର, କାର୍ତ୍ତିକ ପ୍ରସାଦ ବହିଦାର, ଫଣିନ୍ଦ୍ର କୁମାର ମିଶ୍ର ଯୋଗଦେଇ ମାଧୋ ସିଂଙ୍କ ବଳିଦାନ ବିଷୟରେ ଉଲ୍ଲେଖ କରିଥିଲେ। ସନ୍ଧ୍ୟାରେ ସ୍ୱାଧୀନତା ସଂଗ୍ରାମୀ ପୀଠରେ ସଭା ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ହୋଇଥିଲା। ଇଂରେଜ ସରକାରଙ୍କ ବିରୋଧରେ ମାଧୋ ସିଂଙ୍କ ପରିବାରର ବଳିଦାନ ଅତୁଳନୀୟ। ମାଧୋଙ୍କ ଦୁଇ ପୁଅ ହଟେ ସିଂହ ଓ ବୈରୀ ସିଂହ ଇଂରେଜମାନଙ୍କ ଦ୍ୱାରା ଗିରଫ ହୋଇଥିଲେ। ବୈରୀ ସିଂହ ସମ୍ବଲପୁର ଜେଲରେ ପ୍ରାଣତ୍ୟାଗ କରିଥିଲା। ଆଣ୍ଡାମାନରେ କଳାପାଣି ଭୋଗୁଥିବା ବେଳେ ହଟେ ସିଂହ ପ୍ରାଣତ୍ୟାଗ କରିଥିଲେ। ଅନ୍ୟତମ ପୁଅ କୁଞ୍ଜଲ ସିଂଙ୍କୁ ଇଂରେଜମାନେ ସମ୍ବଲପୁରରେ ଫାଶୀ ଦେଇଥିଲେ। ପୁଅ ଐରି ସିଂହ ଇଂରେଜମାନଙ୍କ ସହିତ ଲଢେଇରେ ପ୍ରାଣ ହରାଇଥିଲେ। ୧୮୫୮ ମସିହା ଡିସେମ୍ବର ୩୧ରେ ମାଧୋ ସିଂଙ୍କୁ ସମ୍ବଲପୁର ଫାସକୁଦାଠାରେ ୭୨ବର୍ଷ ବୟସରେ ଫାଶୀଦଣ୍ଡ ଦିଆଯାଇଥିଲା। ଗୋଟିଏ ପରିବାରର ପାଞ୍ଚଜଣ ଶହୀଦ ହୋଇଥିଲେ। ଦ୍ୱାଇଁ ଛତିଶଗଡ଼ ସୋନାଖାନ ଜମିଦାର ବୀର ନାରାୟଣ ସିଂଙ୍କୁ ରାୟପୁର ଜୟସ୍ତମ୍ଭ ଛକରେ ଫାଶୀ ଦିଆଯାଇଥିଲା। ତେଣୁ ମାଧୋ ସିଂହଙ୍କ ପରିବାରର ବଳିଦାନ ଇତିହାସରେ ବିରଳ। ସେହିପରି ୧୮୫୭ ଡିସେମ୍ବର ୩୦ରେ କୁଦୋପାଲି ମହାସଂଗ୍ରାମର ୪ ଜଣଙ୍କୁ ମଧ୍ୟ ଏହି ଫାସକୁଦରେ ଫାସି ଦିଆଯାଇଥିଲା। ମାଧୋ ସିଂଙ୍କୁ ଫାଶୀ ଦିଆଯାଇଥିବା ସ୍ଥାନ ଫାସକୁଦା ରିଂରୋଡ ତିଆରି ସମୟରେ ମାଟି ଖୋଳି ନେବା ଦ୍ୱାରା ବଡ଼ ପୋଖରୀରେ ପରିଣତ ହୋଇଛି। ଫଳରେ ସେହି ସ୍ଥାନକୁ ଯିବା କଷ୍ଟକର ହେଉଛି। ଶହୀଦ ଘେଁସ ଜମିଦାର ମାଧୋ ସିଂଙ୍କ ସ୍ମୃତି ଉଜ୍ଜିବୀତ କରିବା ଜରୁରୀ। ଏହାକୁ ଦୃଷ୍ଟିରେ ରଖି ଫାସକୁଦାକୁ ଐତିହାସିକ ସ୍ମାରକୀ ସହ ପର୍ଯ୍ୟଟନସ୍ଥଳି ଭାବେ ବିକଶିତ କରିବା ଆବଶ୍ୟକତା ରହିଛି ବୋଲି ଶହୀଦ ଦିବସରେ ଶ୍ରଦ୍ଧାଞ୍ଜଳି ଜଣାଇ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଦାବି ଉପସ୍ଥାପନ କରିଛନ୍ତି।

**ଫାସକୁଦା ଶହୀଦ ପୀଠରେ ମାଧୋ ସିଂଙ୍କୁ ଶ୍ରଦ୍ଧାଞ୍ଜଳି**

# ନିଜ ଜ୍ଞାନକୁ ଯୁବପିଢିଙ୍କ ପାଇଁ ଉତ୍ସର୍ଗୀକୃତ କର

**କୁଚିଣ୍ଡା,୩୧।୧୨(ବିରଞ୍ଚି ଦର୍କା)**

## ବ୍ଲକସ୍ତରୀୟ ବରିଷ୍ଠ ନାଗରିକ ସଂଘ ଗଠିତ

ସମ୍ବଲପୁର ଜିଲା ବାମରା ବ୍ଲକ କେନ୍ଦୁପାଣି ପ୍ରେକ୍ଷାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ବରିଷ୍ଠ ନାଗରିକଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାମରା ବ୍ଲକ ଅଧିନ ବିଭିନ୍ନ ପଞ୍ଚାୟତର ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ। ଯୋଗବିହାରୀ ପରିଡାଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ ସଭାପତି ଧିରେନ୍ଦ୍ର କୁମାର ମହାନ୍ତି, ଉପଦେଷ୍ଟା ଶାନ୍ତନୁ କୁମାର ସାହୁ, ଜୟପ୍ରକାଶ ଗୁପ୍ତା, ସମ୍ପାଦକ ତୁଳାରାମ ସାହୁ ଯୋଗଦେଇଥିଲେ। ସେମାନେ କହିଥିଲେ ଯେ, ବରିଷ୍ଠମାନେ ଅବସର ଗ୍ରହଣ ପରେ ଧୀରେ ଧୀରେ ସମାଜରେ କୋଣଠେସା ହୋଇପଡୁଛନ୍ତି। ତେଣୁ ବରିଷ୍ଠମାନେ ନିଜର ସମସ୍ତ ଜ୍ଞାନକୁ ନୂତନ ପିଢ଼ି ପାଇଁ ଉତ୍ସର୍ଗୀକୃତ କଲେ ଅବାଟରେ ଯାଉଥିବା ଯୁବସମାଜ ଠିକ୍ ବାଟକୁ ଆସିବେ ବୋଲି କହିଥିଲେ। ଏହାଛଡା ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ବରିଷ୍ଠମାନେ କିପରି ସମସ୍ତ ସୁବିଧା ସୁଯୋଗ ସହ ଚିକିତ୍ସା ସୁବିଧା, ପୋଲିସ ସହାୟତା, ବ୍ୟାଙ୍କ ସୁବିଧା ଏବଂ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଯୋଜନାର ଲାଭ କିପରି ମିଳିପାରିବ ସେ ନେଇ ଆଲୋଚନା କରିଥିଲେ। ପରେ ବାମରା ବ୍ଲକସ୍ତରୀୟ ଏକ ସଂଘ ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ଯୋଗବିହାରୀ ପରିଡ଼ା ସଭାପତି, ଗଗନ ବିହାରୀ ଚୌଧୁରୀ ଓ ଲକ୍ଷ୍ମୀ ନାରାୟଣ ଛତ୍ରିଆ ଉପସଭାପତି, ଅବନୀ କୁମାର ସାହୁ ସମ୍ପାଦକ, ତପନ କୁମାର ନାୟକ, ଭିକାରୀ ଚରଣ ଖଡିରତ୍ନ ସହସମ୍ପାଦକ ଓ ଅଭିମନ୍ୟୁ ସାହୁ କୋଷାଧ୍ୟକ୍ଷଭାବେ ମନୋନୀତ ହୋଇଛନ୍ତି। ସେହିପରି ଭିକାରୀ ଚରଣ ପଟେଲ ପ୍ରକଳ୍ପ ସଂଯୋଜକ ଏବଂ ସରୋଜ କୁମାର ସିହ୍ନା, ଖଗେଶ୍ୱର ମାକର, ଦୈତାରୀ ଚରଣ ନାଏକ, ଲକ୍ଷ୍ମୀପ୍ରସାଦ ପରୁଆ, ବିନୋଦ ବାଘ ଉପଦେଷ୍ଟାଭାବେ ମନୋନୀତ ହୋଇଛନ୍ତି। ପରବର୍ତ୍ତୀ ବୈଠକ ଜାନୁଆରୀ ୨୬ରେ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶେଷରେ ହରିହର ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।


ନବଗଠିତ ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତାମାନେ।

# ଅନ୍ଧାରୀ କପ କ୍ରିକେଟ: ବଳମ ଚାମ୍ପିୟନ

**ନାକଟିଦେଉଳ,୩୧।୧୨(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଳମ ଗ୍ରାମର ଯୁଥ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଗତ ୨୬ ତାରିଖଠାରୁ ଚାଲିଥିବା ନବମ ଅନ୍ଧାରୀ କପ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବଳମ ଏବଂ ଉପରମୁଣ୍ଡା ମଧ୍ୟରେ ହୋଇଥିଲା। ଟସ୍ ଜିଣି ବଳମ ବୋଲିଂ ନିଷ୍ପତ୍ତି ନେଇଥିଲା। ଉପରମୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୭.୩ଓଭର ଖେଳି ସମସ୍ତ ଉଇକେଟ ହରାଇ ୯୭ରନ କରିଥିଲା। ଜବାବରେ ବଳମ ଦଳ ୧୧.୩ଓଭରରେ ୩ ଉଇକେଟରେ ୯୮ ରନ କରି ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ବଳମର ସୀତୁନ ପ୍ରଧାନ ମ୍ୟାନ ଅଫ ଦି ସିରିଜ, ଭବାନୀ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶିକ୍ଷକ ସମୀର କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥିଭାବେ ବ୍ଲକ ଯୁବ ବିଜେଡି ସଭାପତି ଧିରେନ କୁମାର ସାହୁ, ସମ୍ମାନିତ ଅତିଥିଭାବେ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ସାହେବୀ ସରପଞ୍ଚ ରାମ ପ୍ରସାଦ ସାହୁ, ଭାଜପା କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳ, ସମାଜସେବୀ ରମେଶ କୁମାର ପ୍ରଧାନ ଏବଂ ସୁମନ୍ତ ଦିକ୍ଷିତ ଯୋଗଦେଇ ବିଜେତା ଏବଂ ଉପ ବିଜେତା ଦଳକୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ଆୟୋଜନରେ ଶଙ୍କର୍ଷଣ ପ୍ରଧାନ, ପିଣ୍ଟୁ ପ୍ରଧାନ, ସୁମନ ପ୍ରଧାନ ଏବଂ ବାଦଲ କୁମାର ନାଏକ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।


**ବିଦାୟ ୨୦୨୪:** ମଙ୍ଗଳବାର ସମ୍ବଲପୁର ମହାନଦୀ ବାଲିବନ୍ଧା ଘାଟରେ ଚଳିତ ବର୍ଷର ଶେଷ ସୂର୍ଯ୍ୟାସ୍ତର ମନୋରମ ଦୃଶ୍ୟ।

# ଟେଲିକମ୍ ଗ୍ରାହକ ସଚେତନତା କର୍ମଶାଳା

**ସମ୍ବଲପୁର,୩୧।୧୨(ପ୍ରମୋଦ ବହିଦାର)**

ସେବାରେ ଅବହେଳା କଲେ ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ(ଟିଆର୍‌ଏଆଇ) ବା ଟ୍ରାଇର ନିୟମ ଅନୁସାରେ ଟେଲିକମ୍ କମ୍ପାନୀଗୁଡ଼ିକୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯିବ। ଏଥିସହ ସେମାନଙ୍କୁ ସେବାରୁ ନିବୃତ୍ତ କରାଯିବା ଭଳି ଦଣ୍ଡବିଧାନ ପ୍ରାବଧାନ ରହିଛି। ସମ୍ବଲପୁର ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଟେଲିକମ ଗ୍ରାହକ ସଚେତନତା କର୍ମଶାଳାରେ ଉପଭୋକ୍ତା ଓକିଲାତି ମହାସଂଘ ସଦସ୍ୟ ତଥା ବୋଲି ଭଞ୍ଜ ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ବାର୍ଡ)ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ କହିଛନ୍ତି। ବାର୍ଡ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ ଟେଲିକମ୍ ଉପଭୋକ୍ତାଙ୍କୁ ମୋବାଇଲ ଏସ୍‌ଏମ୍‌ଏସ୍, ହ୍ୱାଟ୍‌ସଆପ, ମାଇକ୍ରୋସ୍ପିଡ ଆପର ବ୍ୟବହାର ଓ ପ୍ରୟୋଗ ସହିତ ଅଭିଯୋଗର ପ୍ରକାରଭେଦ ଉପରେ ଉପଭୋକ୍ତାଙ୍କୁ ତାଲିମ ଦେଇଥିଲେ। ସେହିପରି ସାଇବାର କ୍ରାଇମ ଆକାର ଓ ନିରାକରଣ ଉପରେ ତାଲିମ ଦିଆଯାଇଥିଲା। ମୁଖ୍ୟଅତିଥିଭାବେ ଶିଶୁ ପ୍ରକଳ୍ପ ଅଧିକାରୀ ମିନତୀ ପାଣିଗ୍ରାହୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ସାଇବାର ସେଲ ଥାନା ଅଧିକାରୀ ଅମିୟ ଢୁଙ୍ଗୁଢୁଙ୍ଗୁ, ମହେଶ୍ୱର ସାହୁ ସାଇବର ନିରାପତ୍ତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ଅଧକ୍ଷତା କରିଥିଲେ ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ରତ୍ନଭୂଷଣ ପୃଷ୍ଟେଠ। ସେ ନେଟୱର୍କ ସମସ୍ୟା, ଫେକ୍ ମ୍ୟାସେଜ, ସରକାରୀ ଡିଜିଟାଲ୍ ସାକ୍ଷର, ଇ-ଗର୍ଭନାନ୍ସ ଆଦି ସମସ୍ତ ଇ-ସେବା ପାଇଁ ଆବଶ୍ୟକ ଭିତ୍ତିଭୂମିର ଅଭାବ, ଅଞ୍ଚଳରେ ଟେଲିକମ କମ୍ପାନୀମାନଙ୍କ କଷ୍ଟମର କେୟାର ନମ୍ବର ମାଧ୍ୟମରେ ବୃଦ୍ଧି ପାଉଥିବା ସାଇବାର ଅପରାଧକୁ ରୋକିବା ଉପରେ ଟ୍ରାଇର ଦୃଷ୍ଟି ଆକର୍ଷଣ କରିଥିଲେ। ଉପଭୋକ୍ତାମାନେ ବାମରା, ଲଇକେରା ଅଞ୍ଚଳରେ ମୋବାଇଲ ଟାୱାର ଅସୁବିଧା ଏବଂ ରିଚାର୍ଜପ୍ଲାନ ଭଡ଼ା ବଢାଯାଉଥିବା ଅଭିଯୋଗ କରିଥିଲେ। ବିଭିନ୍ନ ପ୍ଲାନର ସରଳୀକରଣ, ଓଡ଼ିଆ ଭାଷା ପ୍ରଚଳନ କରିବାକୁ ସେମାନେ ଦାବି କରିଥିଲେ। ଏଥିରେ ଅଙ୍ଗନବାଡ଼ି କର୍ମୀ, ବରିଷ୍ଠ ନାଗରିକ ମଞ୍ଚ, ମହିଳା ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହିତ ବିଏସ୍‌ଏନ୍‌ଏଲ୍ ଓ ଜିଓ କ୍ଷେତ୍ର ଅଧିକାରୀ ଯୋଗଦେଇଥିଲେ। ବଦ୍ରି ନାରାୟଣ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁର ଧନୁଯାତ୍ରା କମିଟି ସମ୍ବର୍ଦ୍ଧିତ

**ସମ୍ବଲପୁର,୩୧।୧୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁରୀ ଧନୁଯାତ୍ରା କମିଟି ମଙ୍ଗଳବାର ସମ୍ବଲପୁରୀ ଭାଷା ସଂସ୍କୃତି ଓ ପରମ୍ପରାର ପ୍ରଚାର ପାଇଁ ସମ୍ବର୍ଦ୍ଧିତ ହୋଇଛି। ମଙ୍ଗଳବାର ବିଶିଷ୍ଟ ସମାଜସେବୀ କର୍ନେଲ ପ୍ରଭାତ କୁମାର ପଣ୍ଡା ତାଙ୍କ ଦଳାଇପଡାସ୍ଥିତ ବାସଭବନରେ ଆୟୋଜିତ ଏକ ଉତ୍ସବରେ ସମ୍ବଲପୁରୀ ଧନୁଯାତ୍ରା କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। କମିଟି ସଭାପତି ସଞ୍ଜୟ କୁମାର ବାବୁ, ସମ୍ପାଦକ ଗୁଣରଞ୍ଜନ ସାଲିମା, ନାଟ୍ୟକାର ନିର୍ଦ୍ଦେଶକ ବବଲୁ ବାଗ, କଂସ ଅଭିନେତା ଫଣିନ୍ଦ୍ର ପଣ୍ଡା, ଉପଦେଷ୍ଟା ସୂର୍ଯ୍ୟ ପାଣିଗ୍ରାହୀ, ସାଂସ୍କୃତିକ ସମ୍ପାଦକ କୃଷ୍ଣଚନ୍ଦ୍ର ବାଗ, କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ, ସୌରୀ ନାରାୟଣ ପାଣିଗ୍ରାହୀ, ଯୋଗେଶ ନନ୍ଦ, ଚୈତନ୍ୟ ନାୟକ, ଲଳିତ ମୋହନ ବେବର୍ତ୍ତା ଉପସ୍ଥିତ ଥିଲେ। ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରୁଥିବା ଅନୁଷ୍ଠାନଗୁଡିକୁ ସହଯୋଗର ଆବଶ୍ୟକତା ରହିଛି ଏହି ଅବସରରେ କର୍ନେଲ ପଣ୍ଡା କହିଛନ୍ତି।

# ପୁଣ୍ୟତିଥିରେ ଗୁରୁ ସତ୍ୟନାରାୟଣଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର,୩୧।୧୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାରକ ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କର ୪୪ତମ ପୁଣ୍ୟତିଥିରେ ମଙ୍ଗଳବାର ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜେଲଛକ ସ୍ଥିତ ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଡେରାରେ ଥିବା ପ୍ରତିମୂର୍ତ୍ତିରେ ବିଭିନ୍ନ ଅନଷ୍ଠାନ କର୍ମକର୍ତ୍ତା ମାଲ୍ୟାର୍ପଣ କରିଥିଲେ। ବିଧାୟକ ଜୟ ନାରାୟଣ ମିଶ୍ର ଗୁରୁଶ୍ରୀ ବହିଦାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସମ୍ବଲପୁରୀ ଭାଷା ସଂସ୍କୃତି ପାଇଁ ଥିବା ତାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଲୋକ ମହୋତ୍ସବ ମୁଖ୍ୟ ସଂଯୋଜକ ପ୍ରଫୁଲ୍ଲ ହୋତା, ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡ଼.ପରେଶ ଚନ୍ଦ୍ର ଦାନୀ, ସାଧାରଣ ସମ୍ପାଦକ ଦୀନବନ୍ଧୁ ପଣ୍ଡା, ବାବଲୁ ବାଗ, ଫଣିନ୍ଦ୍ର ପଣ୍ଡା, ସମଲେଶରୀ ଟ୍ରଷ୍ଟ ବୋଡ଼ ସଭାପତି ସଞ୍ଜୟ ବାବୁ, ରାଜେନ୍ଦ୍ର ପଣ୍ଡା, ସମ୍ବଲପୁର ଲେଖକ ପରିଷଦ ସଭାପତି ଦେବାର୍ଚ୍ଚନ ଠାକୁର, ଜିଲା ବର୍ଷିୟାନ କ୍ରୀଡ଼ା ସଂଘର ସୁରେନ୍ଦ୍ର ନାୟକ, ଐତିହାସିକ ଦୀପକ କୁମାର ପଣ୍ଡା, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦର ପ୍ରଶାନ୍ତ କୁମାର ପାଟଯୋଶୀ, ଓଡ଼ିଶା ଯାଦବ ପରିବାର ସୁରେନ୍ଦ୍ର ବଗର୍ତ୍ତି, ସିଦ୍ଧେଶ୍ୱରୀ ଧର୍ମ ସଂସଦର ଗୋପୀନାଥ ଷଡ଼ଙ୍ଗୀ, ପଶ୍ଚିମାଞ୍ଚଳ ଏକତା ମଞ୍ଚ ଉପଦେଷ୍ଟା ଡ଼.ପ୍ରମୋଦ ରଥ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସୀ, ପଙ୍କଜିନୀ ମେହେର, କାନ୍ତୀ ମେହେର, ଲଳିତା ଭୋଇ, ଦଶରଥ ମେହେର, ରାଜେଶ ବେହେରା, ଭକ୍ତ ପ୍ରସାଦ ପଣ୍ଡା, ରାହୁଲ ଗୁପ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ସତ୍ୟ ନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ: ସମ୍ବଲପୁରୀ ଧନୁଯାତ୍ରା କମିଟି(ବାମ), ବିଧାୟକ ଜୟନାରାୟଣ ମିଶ୍ର ଓ ଅନ୍ୟମାନେ।

# ବିହନ ନାମରେ ଶୋଷଣ ବନ୍ଦ କର

**ସମ୍ବଲପୁର,୩୧।୧୨(ଭବାନୀ ଶଙ୍କର ଭୋଇ)**


ଭାରତୀୟ କିସାନ ସଂଘ ଅଧିବେଶନରେ ଅତିଥିଙ୍କ ଗହଣରେ କର୍ମକର୍ତ୍ତା।

## ଭାରତୀୟ କିସାନ ସଂଘର ରାଜ୍ୟ ଅଧିବେଶନ

ଭାରତୀୟ କିସାନ ସଂଘ ଓଡିଶା ପ୍ରଦେଶ ପକ୍ଷରୁ ଦୁଇଦିନିଆ ୧୦ମ ରାଜ୍ୟ ଅଧିବେଶନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ କିସାନ ସଂଘର ରାଜ୍ୟ ସଭାପତି ଶ୍ରୀମୁଖ ପ୍ରଧାନଙ୍କ ଅଧକ୍ଷତାରେ ସମ୍ବଲପୁର ଧନୁପାଲିସ୍ଥିତ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଏହି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଚଳିତ ବଜେଟରେ କୃଷି ଓ କୃଷକଙ୍କ ପାଇଁ ନିର୍ଦ୍ଧାରିତ ହୋଇଥିବା ନୀତି, ଭବଷ୍ୟତର ରଣନୀତି ଓ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା ହୋଇଥିଲା। ଚାଷୀଙ୍କ ହିତରେ ବିହନ ନିୟମ ତିଆରି କରିବାକୁ ବୈଠକରେ ଦାବି ହୋଇଥିଲା। ୧୯୬୬ ମସିହାରେ ପ୍ରଥମେ ବିହନ ନିୟମ ଲାଗୁ ହୋଇଥିଲା। ଏହାପରେ ୨୦୦୪ ମସିହାରେ ଯେଉଁ ଅଧିନିୟମ ଅଣାଗଲା ଭାରତୀୟ କିସାନ ସଂଘ ପ୍ରତିବାଦ ପରେ ନିୟମରେ ପରିଣତ ହୋଇ ପାରି ନ ଥିଲା। ପୁଣିଥରେ ୨୦୧୯ ଏହାକୁ ଅଣାଗଲା ଯାହାକି ସମ୍ପୂର୍ଣ୍ଣ ଚାଷୀ ହିତୈଷୀ ନ ଥିଲା। ଆଜି ବିହନ ବଜାର ୧୫ ହଜାର କୋଟିରୁ ଉର୍ଦ୍ଧ୍ୱ ରହିଥିବାବେଳେ ଚାଷୀ ହତାଶ। ବିହନ ଚାଷୀର ଅଧିକାର। ତେଣୁ ବିହନ ନାମରେ ଚାଲିଥିବା ଶୋଷଣ ପ୍ରକ୍ରିୟା ବନ୍ଦ କରିବାକୁ ଏକ ନିୟମ ଆଣିବାକୁ ଭାରତୀୟ କିସାନ ସଂଘ ଦାବି ଉପସ୍ଥାପନ କରିଛି। କୃଷି ଜଳବାୟୁକୁ ଅନୁଧ୍ୟାନ କରି ଉପଯୁକ୍ତ ବିହନ ଚାଷୀକୁ ବିତରଣ କରାଯାଉ ବୋଲି ସଂଘ ଦାବି କରିଛି। ସଂଘର ଅଖିଳ ଭାରତୀୟ ମହା ମନ୍ତ୍ରୀ ମୋହିନୀ ମୋହନ ମିଶ୍ର, ରାଷ୍ଟ୍ରୀୟ ସହ ସଂଗଠନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଓ କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଶ୍ରୀନିବାସ ଜୀ ଓ ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର ଅଧିବେଶନରେ ଉପସ୍ଥିତ ରହି କୃଷକ ପ୍ରତିନିଧିଙ୍କୁ ମାର୍ଗଦର୍ଶନ କରିଥିଲେ। ରାଜ୍ୟର କୃଷି ଓ କୃଷକ ବିଭିନ୍ନ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସମ୍ବଲପୁର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସରକାର ଚାଷୀଙ୍କ ସମସ୍ୟା ସମାଧାନ ନ କଲେ ଆଗାମୀ ଦିନରେ ଚାଷୀ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି କିସାନ ସଂଘ ରାଜ୍ୟ ସଭାପତି କହିଥିଲେ। ଏହି ଅଧିବେଶନରେ ଆଗାମୀ ୩ବର୍ଷ ପାଇଁ ଓଡ଼ିଶା ପ୍ରଦେଶର ନୂତନ ରାଜ୍ୟ କାର୍ଯ୍ୟକାରିଣୀ କମିଟି ନିବାଚିତ ହୋଇ ଶ୍ରୀମୁଖ ପ୍ରଧାନ ସଭାପତି, ଜାନକୀ ବଲ୍ଲଭ ସ୍ୱାଇଁ ସାଧାରଣ ସମ୍ପାଦକ, ଉପସଭାପତି ଭାବେ ପ୍ରଦୀପ ମହନ୍ତ ଓ ଗୋପାଳ ନାୟକ ଏବଂ ମହିଳା ପ୍ରମୁଖ ଭାବେ ସଂଘମିତ୍ରା ପଟେଲ ସର୍ବସମ୍ମତ ନିବାଚିତ ହୋଇଥିଲେ। ଏହାସହ ପର୍ଣ୍ଣାଙ୍ଗ ୨୧ଜଣିଆ କମିଟି ଗଠନ ହୋଇଥିଲା।

# ଶାନ୍ତି, ଏକତାର ବାର୍ତ୍ତା

## ଗ୍ଲୋବାଲ ଫ୍ୟାମିଲି ଡେ’

**ଆଜି** ସମଗ୍ର ବିଶ୍ୱରେ ଲୋକମାନେ ନୂଆବର୍ଷର ପ୍ରଥମ ସକାଳକୁ ଉପଭୋଗ କରୁଛନ୍ତି। ଲୋକେ ସେମାନଙ୍କର ବନ୍ଧୁ, ପରିବାର ଏବଂ ଘନିଷ୍ଠ ବ୍ୟକ୍ତିଙ୍କ ଏହି ବିଶେଷ ଦିନ ପାଳନ କରୁଛନ୍ତି। ନୂତନ ବର୍ଷ ସହିତ ‘ଗ୍ଲୋବାଲ ଫ୍ୟାମିଲି ଡେ’ ମଧ୍ୟ ବର୍ଷର ପ୍ରଥମ ଦିନରେ ଅର୍ଥାତ୍ ଜାନୁଆରୀ ୧ରେ ପାଳନ କରୁଛନ୍ତି। ଏହି ଦିନ ପରିବାର ମାଧ୍ୟମରେ ଜାତି, ସଂସ୍କୃତି ମଧ୍ୟରେ ଏକତା, ସମ୍ପ୍ରଦାୟ, ଭାଇଚାରା ଭାବନା ସୃଷ୍ଟି କରେ। ଦୁନିଆରେ ଶାନ୍ତି ବଜାୟ ରଖିବା ପାଇଁ ଏକ ପରିବାର ଗଠନ କରିବା ଆବଶ୍ୟକ। ଯାହାଫଳରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେବା ସହିତ ହିଂସା ମଧ୍ୟ ହ୍ରାସ ପାଇବ। ବିଶ୍ୱ ଏକତା ଦିବସ ବିଶ୍ୱକୁ ଏକତାର ସକାରାତ୍ମକ ବାର୍ତ୍ତା ଦିଏ ଯେ, ଆମେ ସମସ୍ତେ ଏକ। ସଂସ୍କୃତି ଏବଂ ଧର୍ମ ସମଗ୍ର ବିଶ୍ୱରେ ଭିନ୍ନ ହୋଇପାରେ କିନ୍ତୁ ସମଗ୍ର ମାନବ ଜାତି ହେଉଛି ଏକ ବଡ଼ ପରିବାର। ଯାହା ସମସ୍ତେ ଏକାଠି ହେଲେ ହିଁ ବଞ୍ଚିପାରିବ ଏବଂ ସଫଳ ହୋଇପାରିବ। କେବଳ ଶାନ୍ତି ଏବଂ ଏକତାର ବାର୍ତ୍ତା ଜରିଆରେ ଏହି ଲକ୍ଷ୍ୟ ହାସଲ କରିହେବ। ୧୯୯୭ରେ ଏହା ଆରମ୍ଭ ହୋଇଥିଲା। ଯେତେବେଳେ ମିଳିତ ଜାତିସଂଘର ସାଧାରଣ ସଭା ନୂତନ ସହସ୍ର ବର୍ଷର ପ୍ରଥମ ଦିନରୁ ଶାନ୍ତି ଏବଂ ସଂସ୍କୃତିର ଅହିଂସା ସଂସ୍କୃତି ପାଇଁ ଅନ୍ତର୍ଜାତୀୟ ଦଶନ୍ଧି ଆରମ୍ଭ କରିଥିଲା।

# ତୃତୀୟ ବିବାହ ଚର୍ଚ୍ଚାକୁ ଶ୍ୱେତାଙ୍କ ଖଣ୍ଡନ

**ମୁମ୍ବାଇ:** ଅଭିନେତା ବିଶାଲ ଆଦିତ୍ୟ ସିଂଙ୍କ ସହ ଅଭିନେତ୍ରୀ ଶ୍ୱେତା ତିୱାରୀଙ୍କର କିଛି ଫଟୋ ଭାଇରାଲ ହେବାରେ ଲାଗିଛି। ଶ୍ୱେତା ବିଶାଲଙ୍କୁ ପ୍ରେମ କରୁଛନ୍ତି ଏବଂ ଖୁବ୍‌ଶୀଘ୍ର ସେ ବିଶାଲଙ୍କ ସହ ତୃତୀୟ ବିବାହ କରିବେ ବୋଲି ସୋସିଆଲ ମିଡିଆରେ ଆଲୋଚନା ଚାଲିଥିଲା। ମଙ୍ଗଳବାର ଶ୍ୱେତା ଏକ ସାକ୍ଷାତ୍‌କାର ଦେଇ ଏହି ପ୍ରସଙ୍ଗରେ ନିଜ ନୀରବତା ଭଙ୍ଗିଛନ୍ତି। ଶ୍ୱେତା କହିଛନ୍ତି, ତାଙ୍କୁ ନେଇ ସୋସିଆଲ ମିଡିଆରେ ହେଉଥିବା ଚର୍ଚ୍ଚା, ଆଲୋଚନା ଓ ଟ୍ରୋଲ୍‌ଗୁଡ଼ିକୁ ସେ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ। ଏହା ମିଥ୍ୟା ଓ ଗୁଜବ।













































# ଦୀପ୍ତି ୫ମ ସ୍ଥାନକୁ ଉନ୍ନୀତ

ଡର୍ବାନ, ୩୧।୧୨ (ପି.ଟି.)



ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ର୍‍ୟାଙ୍କିଙ୍ଗ ପ୍ରକାଶ ପାଇଛି। ନିକଟରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ମ୍ୟାଚ ବିଜୟୀ ପ୍ରଦର୍ଶନ ପାଇଁ ଭାରତୀୟ ଅଫ୍-ସ୍ପିନର ଦୀପ୍ତି ଶର୍ମା ଗୋଟିଏ ସ୍ଥାନ ଉପରକୁ ଉଠି ବୋଲିଂ ର୍‍ୟାଙ୍କିଙ୍ଗ ତାଲିକାର ଟପ୍ ୫ରେ ପ୍ରବେଶ କରିଛନ୍ତି। ଦୀପ୍ତି ବର୍ତ୍ତମାନ ଦକ୍ଷିଣ

**ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ**

ଆଫ୍ରିକାର ମାରିଜେନ୍ କାପ୍ (୬୭୭ ରେଟିଂ ପଏଣ୍ଟ) ପଛକୁ ୬୬୫ ରେଟିଂ ପଏଣ୍ଟ ସହ ୫ମ ସ୍ଥାନରେ ରହିଛନ୍ତି। ୨୭ବର୍ଷୀୟା ଏହି ବୋଲର ଦୁଇଟି ମ୍ୟାଚରୁ ୮ଉଇକେଟ ଅକ୍ତିଆର କରିଛନ୍ତି। ତନ୍ମଧ୍ୟରେ ଗତ ମ୍ୟାଚରେ ତାଙ୍କ ବୋଲିଂ ଫିଗର ୬/୩୧ ରହିଛି। ଭଦୋଦରାଠାରେ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ କ୍ଲିନ ସୁଇପ୍ କରିଥିଲା। ବ୍ୟାଟରମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗ୍ସ (୫୩୭ ରେଟିଂ ପଏଣ୍ଟ) ଟପ୍-୨୦ର ନିକଟତର ହୋଇଛନ୍ତି। ସେ ୪ଟିସ୍ଥାନ ପଦୋନ୍ନତିସହ ୨୨ତମ ସ୍ଥାନରେ ଅଛନ୍ତି। ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ସେ ୨୯ ଓ ୫୨ ରନ କରିଥିଲେ। ବିସ୍ଫୋରକ ବ୍ୟାଟର ରିଚା ଘୋଷ (୧୩* ଓ ୨୩*) ୭ ସ୍ଥାନ ପଦୋନ୍ନତି ସହ ୪୧ତମ ସ୍ଥାନ (୪୪୮ ରେଟିଂ ପଏଣ୍ଟ)ରେ ଅଛନ୍ତି। ତୃତୀୟ ଅନ୍ତର୍ଜାତୀୟ ଦିନିକିଆରେ ଅର୍ଦ୍ଧଶତକ ଯୋଗୁ ଚିନେଲି ହେନ୍‌ରୀ ୨୧ତମ ସ୍ଥାନ ଡେଇଁ ୬୫ତମ (୩୪୯ ରେଟିଂ ପଏଣ୍ଟ) ସ୍ଥାନରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ସିରିଜରେ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିବା ଭାରତର ଷ୍ଟାର ଓପନର ସ୍ମୃତି ମନ୍ଧାନା (୭୨୦ ରେଟିଂ ପଏଣ୍ଟ) ଗୋଟିଏ ସ୍ଥାନ ତଳକୁ ଖସି ତୃତୀୟ ସ୍ଥାନକୁ ଚାଲି ଆସିଛନ୍ତି। ଆଇସିସି ମହିଳା ବ୍ୟାଟିଂ ର୍‍ୟାଙ୍କିଙ୍ଗ ତାଲିକାରେ ଦକ୍ଷିଣ ଆଫ୍ରିକାର ଲାଉରା ଓଲ୍‌ଭାର୍ଡଟ (୭୭୩) ଓ ଚାମରୀ ଆଥାପାଥୁ(୭୩୩) ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅଧିନାୟିକା ହରମନପ୍ରୀତ କୌର ୩ ସ୍ଥାନ ତଳକୁ ଖସି ୧୩ତମ ସ୍ଥାନକୁ ଚାଲିଆସିଛନ୍ତି। ଭଦୋଦରାରେ ତାଙ୍କର ୭ମ ଅନ୍ତର୍ଜାତୀୟ ଦିନିକିଆ ଶତକ ହାସଲ କରିଥିବା ୱେଷ୍ଟଇଣ୍ଡିଜ ଓପନର ହେଲି ମାଥ୍ୟୁସ ୬ ସ୍ଥାନକୁ ପଦୋନ୍ନତି ପାଇ ୭ମ ସ୍ଥାନ ଅଧିକାର କରିନେଇଛନ୍ତି।

# ଫିଟ୍‌ନେସ୍‌ର ପ୍ରମାଣ ଦେଲେ କିର୍‌ଗିଓସ

ବ୍ରିସ୍‌ବେନ୍, ୩୧।୧୨ (ଏପି)

ଅଷ୍ଟ୍ରେଲିଆର ପ୍ରଫେଶନାଲ ଟେନିସ ଖେଳାଳି ନିକ୍ କିରଗିଓସ ମଙ୍ଗଳବାର ବ୍ରିସ୍‌ବେନ୍ ଇଣ୍ଟରନ୍ୟାଶନାଲରେ ହୁଏତ ତାଙ୍କ ମ୍ୟାଚରେ ପରାଜିତ ହୋଇଥାଇପାରନ୍ତି, ମାତ୍ର ସେ ତାଙ୍କ ଫିଟ୍‌ନେସ୍‌ର ପ୍ରମାଣ ଦେଇଛନ୍ତି। କଟଟି ଓ ଆଣ୍ଠୁରେ ଆଘାତପ୍ରାପ୍ତ ଯୋଗୁ ଟେନିସରୁ ୧୮ ମାସ ଧରି ଦୂରେଇ ରହିଥିବା କିରଗିଓସ ପ୍ୟାଟ ରାଫଟର ଆରେନାଠାରେ ଫ୍ରାନ୍ସର ୨୧ ବର୍ଷୀୟ ଜିଓଭାନୀ ଏମ୍‌ପିଟିସି ପେରିକାର୍ଡଙ୍କଠାରୁ ୩ ଟ୍ରାଇବ୍ରେକ୍ ସେଟ୍ ୭-୬ (୨), ୬-୭ (୪), ୭-୬ (୩)ରେ ହାରିଯାଇଛନ୍ତି। ୨୯ ବର୍ଷୀୟ ପେରିକାର୍ଡଙ୍କ ସହ ତାଙ୍କର ଏହି ମ୍ୟାଚ ୨ ଘଣ୍ଟା ୨୭ ମିନିଟ ଧରି ଚାଲିଥିଲା। ସୋମବାର କିରଗିଓସ ଓ ତାଙ୍କ ପାର୍ଟନର ନୋଭାକ୍ ଜୋକୋଭିଚ୍ ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ଜିତି ସାରିଛନ୍ତି। ପୂର୍ବରୁ ବିଶ୍ୱର ନମ୍ବର ୱାନ ତଥା ଗତ ଦୁଇଥର ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ଆରିନା ସାବାଲେଙ୍କା ମେକ୍ସିକୋର ରେନେଟା ଜାରାଜୁଆ ୬-୪, ୬-୦ରେ ପରାସ୍ତ କରି ବ୍ରିସ୍‌ବେନ ସିଙ୍ଗଲ୍ସ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି।



























ଧରିତ୍ରୀ DHARITRI 51 Years
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧/୨୦୨୫ Bhubaneswar, Wednesday, January 1/ 2025

# ବିଶ୍ୱ ରେକର୍ଡ କଲେ ମାହାତ୍ରେ

**ଅହମଦାବାଦ, ୩୧।୧୨ (ପି.ଟି.)**

ମୁମ୍ବାଇର ଆୟୁଷ ମାହାତ୍ରେ ମଙ୍ଗଳବାର ସର୍ବକନିଷ୍ଠ ଖେଳାଳି ହିସାବରେ ଲିଷ୍ଟ-ଏ କ୍ରିକେଟରେ ୧୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରି ନୂଆ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏଠାରେ ନାଗାଲାଣ୍ଡ ବିପକ୍ଷ ବିଜୟ ହଜାରେ ଟ୍ରଫି ମ୍ୟାଚରେ ସେ ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଏହାଦ୍ୱାରା ସେ ନିଜ ଦେଶର ଯଶସ୍ୱୀ ଜୟସ୍ୱାଲଙ୍କ ରେକର୍ଡକୁ ଭଙ୍ଗ କରିଛନ୍ତି। ମାହାତ୍ରେ ୧୭ ବର୍ଷ ୧୬୮ ଦିନ ବୟସରେ ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଭାରତୀୟ ଖେଳାଳି ଜୟସ୍ୱାଲଙ୍କ ନାମରେ ରହିଥିଲା। ସେତେବେଳେ ତାଙ୍କ ବୟସ ୧୭ ବର୍ଷ ୨୯୧ ଦିନ ଥିଲା। ୨୦୧୯ରେ ସେ ମୁମ୍ବାଇ ତରଫରୁ ଖେଳି ଝାଡ଼ଖଣ୍ଡ ବିପକ୍ଷରେ ଏହି ସଫଳତା ହାସଲ କରିଥିଲେ। ମାହାତ୍ରେ ଚଳିତ ସିଜନ ଆରମ୍ଭରେ ମୁମ୍ବାଇ ତରଫରୁ ତାଙ୍କର ପଦାର୍ପଣ ମ୍ୟାଚ ଖେଳିଥିଲେ। ସେ ୧୧୭ ବଲ୍ ସାମ୍ନା କରି ୧୫ ଚୌକା ଓ ୧୧ ଛକା ସହ ୧୮୧ ରନ କରିଥିଲେ। ଫଳରେ ମୁମ୍ବାଇ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ବିନିମୟରେ ୪୦୩ ରନ କରିବାରେ ସମର୍ଥ ହୋଇଛି। ମାହାତ୍ରେଙ୍କ ଜନ୍ମ ସ୍ଥାନ ହେଉଛି ମୁମ୍ବାଇ ଉପକଣ୍ଠସ୍ଥିତ ଭିରାରରେ। ସିଜନ ଆରମ୍ଭରେ ମୁମ୍ବାଇ ଦଳରେ ଯୋଗଦାନ ପରଠାରୁ ସେ ଦଳ ତରଫରୁ ନିୟମିତ ସମସ୍ତ ଫର୍ମାଟରେ ଖେଳି ଆସୁଛନ୍ତି। ସେ ଇରାନୀ କପ୍ ବିଜୟୀ ମୁମ୍ବାଇ ଦଳର ଅଂଶବିଶେଷ ଥିଲେ। ଅକ୍ଟୋବରରେ ଅବଶିଷ୍ଟ ଭାରତ ଏକାଦଶକୁ ପରାସ୍ତ କରି ମୁମ୍ବାଇ ୨୭ ବର୍ଷ ପରେ ଟ୍ରଫି ଜିତିଥିଲା। ରଣଜୀ ଟ୍ରଫି ପଦାର୍ପଣ ମ୍ୟାଚରେ ମାହାତ୍ରେ ୭୧ ବଲ୍‌ରେ ୫୨ ରନ କରିଥିଲେ। ମାତ୍ର ସିଜନ ଓପନର ବରୋଦା ବିପକ୍ଷ ଏକ ଆୱେ ଗେମ୍‌ରେ ମୁମ୍ବାଇ ପରାଜିତ ହୋଇଥିଲା। ପ୍ରଥମ ମ୍ୟାଚରେ ପରାଜିତ ହେବା ପରେ ଗତଥରର ଚାମ୍ପିୟନ ଦଳ ଟୁର୍ନାମେଣ୍ଟକୁ ପ୍ରତ୍ୟାବର୍ତ୍ତନ ଲାଗି ଚେଷ୍ଟା କରିଥିଲା। ମାହାତ୍ରେଙ୍କ ଆକର୍ଷଣୀୟ ୧୭୬ ରନ (୨୩୨ ବଲ୍, ୨୨ ଚୌକା ଓ ୪ ଛକା) ସହାୟତାରେ ମୁମ୍ବାଇ ୯ଉଇକେଟରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ତେବେ ତ୍ରିପୁରା ଓ ଓଡ଼ିଶା ବିପକ୍ଷ ମ୍ୟାଚରେ ତାଙ୍କ ବ୍ୟାଟ ନୀରବ ରହିଥିଲା। କିନ୍ତୁ ସର୍ଭିସେସ୍ ବିପକ୍ଷରେ ସେ ଆକର୍ଷଣୀୟ ୧୧୬ (୧୪୯ବଲ୍, ୧୨ ଚୌକା ଓ ୩ ଛକା) ରନ କରିଥିଲା। ଏହାଥିଲା ତାଙ୍କର ଦ୍ୱିତୀୟ ପ୍ରଥମଶ୍ରେଣୀ ଶତକ। ପରେ ଭାରତ ତରଫରୁ ୧୯ବର୍ଷରୁ କମ୍ ଏସିଆ କପ୍ ଖେଳିଥିଲେ। ଏହି ଡାହାଣହାତୀ ବ୍ୟାଟର ଜାପାନ ଓ ୟୁଏଇ ବିପକ୍ଷରେ ଯଥାକ୍ରମେ ୫୪ ଓ ୬୭* ସ୍କୋର କରିଥିଲେ। ମାତ୍ର ବାଂଲାଦେଶ ବିପକ୍ଷ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ସେ ବିନା କୌଣସି ରନରେ ଆଉଟ ହୋଇଯାଇଥିଲେ। ଭାରତ ଏହି ମ୍ୟାଚରେ ପରାଜିତ ହୋଇଥିଲା। ମାହାତ୍ରେ ମୁମ୍ବାଇର ସୟଦ ମୁସ୍ତାକ ଅଲି ଟ୍ରଫି ସଫଳତାରେ ଭାଗ ନେବାରୁ ବଞ୍ଚିତ ହୋଇଥିଲେ ମଧ୍ୟ ଘରୋଇ ପ୍ରମୁଖ ୫୦ ଓଭର ବିଶିଷ୍ଟ ପ୍ରତିଯୋଗିତାର କର୍ନାଟକ ବିପକ୍ଷ ଏକ ହାଇ ସ୍କୋରିଂ ମୁକାବିଲାରେ ସେ ଚମତ୍କାର ୭୮ରନ କରି ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ।


ଆୟୁଷ ମାହାତ୍ରେ

**ଲିଷ୍ଟ 'ଏ' କ୍ରିକେଟ**

## ଓଡ଼ିଶାକୁ ୭ ଉଇକେଟରେ ହରାଇଲା ଝାଡ଼ଖଣ୍ଡ

**ଜୟପୁର, ୩୧।୧୨ :** ସ୍ଥାନୀୟ କେ.ଏଲ୍. ସଇନୀ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ୫୦ ଓଭର ବିଶିଷ୍ଟ ବିଜୟ ହଜାରେ ଟ୍ରଫି କ୍ରିକେଟ ମ୍ୟାଚରେ ଝାଡ଼ଖଣ୍ଡ ୭ ଉଇକେଟରେ ଓଡ଼ିଶାକୁ ହରାଇ ଦେଇଛି। ଏଥିରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଦଳ ୨୪.୫ ଓଭରରେ ୧୬୨ ରନ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ଦଳ ତରଫରୁ ଟପ୍ ସ୍କୋରର ଅଭିଷେକ ରାଉତ ୪୦ରନ (୪୫ ବଲ୍, ୨ ଚୌକା ଓ ୧ ଛକା) କରିଥିଲେ। ସ୍ୱସ୍ତିକ ସାମଲ ୧୭ ବଲ୍ ଖେଳି ୩ ଚୌକା ଓ ଗୋଟିଏ ଛକା ସହ ୨୨ ରନ କରିଥିଲେ। ବିପକ୍ଷ ଦଳର ସଫଳ ବୋଲର ଅନୁକୂଳ ରୟ ତାଙ୍କ ୫ ଓଭର ବୋଲିଂରେ ମାତ୍ର ୧୯ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ସୁପ୍ରିୟ ଚକ୍ରବର୍ତ୍ତୀ ୩.୫ ଓଭର ବୋଲିଂ କରି ୨୩ ରନ ଦେଇ ୩ ଉଇକେଟ ନେଇଥିଲେ। ଜବାବରେ ଝାଡ଼ଖଣ୍ଡ ୨୨.୩ ଓଭରରେ ୩ ଉଇକେଟ ବିନିମୟରେ ୧୬୪ରନ କରି ମ୍ୟାଚ ଜିତି ନେଇଥିଲା। ଦଳ ତରଫରୁ ଉତ୍କର୍ଷ ସିଂଙ୍କ ଆକର୍ଷଣୀୟ ୯୧ରନ କରି ଅପରାଜିତ ରହିଥିଲେ। ସେ ୬୦ ବଲ୍ ସାମ୍ନା କରିଥିବା ବେଳେ ୧୧ ଚୌକା ଓ ୩ ଛକା ଲଗାଇଥିଲେ। କୁମାର କୁସାଗ୍ରା ୧୪ ବଲ୍‌ରୁ ୩୩ ରନ କରିଥିଲେ। ଓଡ଼ିଶା ତରଫରୁ ରାଜେଶ ମହାନ୍ତି ୧୬ରନ ଦେଇ ୨ ଉଇକେଟ ନେଇଥିବା ବେଳେ କାର୍ତ୍ତିକ ବିଶ୍ୱାଳ ୨୬ ରନ ବିନିମୟରେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ସୂଚନାଯୋଗ୍ୟ, କୁହୁଡ଼ି ଓ ଖରାପ ଆଲୋକ ଯୋଗୁ ମ୍ୟାଚ ବିଳମ୍ବରେ ଆରମ୍ଭ ହୋଇଥିଲା।

## ବୈଶାଳୀ ଜିତିଲେ ୱାର୍ଲ୍ଡ ବ୍ଲିଜ ଫାଇନାଲ୍ସ କ୍ୱାଲିଫାୟର

**ନ୍ୟୁୟର୍କ, ୩୧।୧୨ (ପି.ଟି.)**

ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ବୈଶାଳୀ ମହିଳା କ୍ୱାଲିଫାୟର ଜିତି ଏଠାରେ ୱାର୍ଲ୍ଡ ବ୍ଲିଜ ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଫଳାଫଳ ଅପ୍ରତ୍ୟାଶିତ ଥିଲା ବୋଲି ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ପୂର୍ବରୁ ରବିବାର ରାପିଡ୍ ଇଭେଣ୍ଟରେ କୋନେରୁ ହମ୍ପି ଚମକପ୍ରଦ ପ୍ରଦର୍ଶନ ସହ ସେ ତାଙ୍କର ପ୍ରଥମ ସ୍ୱର୍ଣ୍ଣ ଜିତିବା ସହିତ ୬୦,୦୦୦ ଆମେରିକୀୟ ଡଲାର ପୁରସ୍କାର ରାଶି ପକେଟସ୍ଥ କରିସାରିଛନ୍ତି। ସମର୍ଥକମାନଙ୍କୁ ଖୁସି କରାଇବା ପାଳି ଏବେ ବୈଶାଳୀଙ୍କର। ମହିଳା ବିଭାଗରେ ୩ ଡ୍ର ସହ ସେ ସମ୍ଭାବ୍ୟ ୧୧ରୁ ୯.୫ ପଏଣ୍ଟ ସ୍କୋର କରିଛନ୍ତି। ବୈଶାଳୀଙ୍କ ପଛକୁ ୮.୫ ପଏଣ୍ଟ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି ରୁଷିଆର କାଟରିନା ଲାଗ୍‌ନୋ। ଅବଶିଷ୍ଟ ୬ କ୍ୱାଲିଫାୟର୍ସ ସମାନ ୮ ପଏଣ୍ଟ ଅର୍ଜନ କରିଛନ୍ତି। ହମ୍ପି ଯଦିଓ ପଏଣ୍ଟ ମାନଦଣ୍ଡ ପୂରଣ କରିଛନ୍ତି ଏକ ଖରାପ ଟାଇବ୍ରେକର ଯୋଗୁ ୯ମ ସ୍ଥାନରେ ରହି ସେ ବାଦ୍ ପଡ଼ିଥିଲେ। ଓପନ ବିଭାଗରେ ବିଶ୍ୱର ନମ୍ବର ୱାନ ମାଗ୍ନସ କାଲସେନଙ୍କ ସମେତ ୧୦ ଖେଳାଳି ଟାଇ ସହ ମିଳିତ ପ୍ରଥମ ସ୍ଥାନରେ ଅଛନ୍ତି। ନରୱେର ଏହି ଖେଳାଳି ଆବଶ୍ୟକ ସ୍ଥଳେ ସ୍କୋର କରିଥାନ୍ତି। ସେ ୧୩ଟି ଗେମ୍‌ରୁ ୬ଟି ଡ୍ର ରଖିଛନ୍ତି। ରୁଷିଆର ଇଆନ ନେପମ ନିଆଚି ୯.୫ ପଏଣ୍ଟ ସହ କ୍ୱାଲିଫାୟର ଜିତିଛନ୍ତି। ସେ ବେଷ୍ଟ ଟାଇବ୍ରେକରରୁ ଫାଇଦା ଉଠାଇଥିବା ବେଳେ କାର୍ଲସେନ୍‌ଙ୍କ ଆଗରେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ର ଫାବିଆନୋ କାରୁଆନା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍ଲସେନ ତୃତୀୟ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାରେ କେତେଜଣ ଭାରତୀୟ ଆରମ୍ଭରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଜଣେ ହେଲେ ଭାରତୀୟ ଟପ୍ ୮ରେ ସ୍ଥାନ ପାଇ ନାହାନ୍ତି।


ଆର. ବୈଶାଳୀ







ଏନ୍‌ଟିପିସି ଜାତୀୟ ସିନିୟର ତୀରନ୍ଦାଜୀ ପ୍ରତିଯୋଗିତାରେ ବ୍ରୋଞ୍ଜ ଜିତିଥିବା ବେଦାନ୍ତ କ୍ରୀଡ଼ାବିତ୍ ଓଡ଼ିଶାର ସଞ୍ଜୟ ମାଝି।

## ତୀରନ୍ଦାଜୀରେ ସଞ୍ଜୟଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୩୧।୧୨**
**(ବିଜୟ ରଣା)**

ଓଡ଼ିଶାର ସଞ୍ଜୟ ମାଝୀ ଏନ୍‌ଟିପିସି ଜାତୀୟ ସିନିୟର ତୀରନ୍ଦାଜୀ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ସଞ୍ଜୟ ହେଉଛନ୍ତି ବେଦାନ୍ତ କ୍ରୀଡ଼ା ପ୍ରୋତ୍ସାହନର ପ୍ରତିଭାବାନ ଯୁବ ତୀରନ୍ଦାଜ। ଲାଞ୍ଜିଗଡ଼ସ୍ଥିତ କମ୍ପାନୀର ପ୍ରଶିକ୍ଷଣ କେନ୍ଦ୍ରରେ ସଞ୍ଜୟ ତାଲିମ ନେଇଛନ୍ତି। ଏହି ଅବସରରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟାଚାର୍ଯ୍ୟ କହିଛନ୍ତି, ତାଙ୍କ କମ୍ପାନୀ ବିଶେଷ କରି ଅବହେଳିତ ସମ୍ପ୍ରଦାୟର ଯୁବ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବାରେ ବିଶ୍ୱାସ କରେ। ଓଡ଼ିଶାରେ କ୍ରୀଡ଼ା ଅଭିଯାନ ମାଧ୍ୟମରେ ତୃଣମୂଳସ୍ତରରୁ ତୀରନ୍ଦାଜୀ, ହକି, କରାଟେ ଓ ଫୁଟ୍‌ବଲ ଭଳି କ୍ରୀଡ଼ାରେ ୫୦୦ରୁ ଅଧିକ ଯୁବକଙ୍କୁ ଇତିମଧ୍ୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇସାରିଛି।

## କୋଚ୍ ପଦବୀରୁ ବହିଷ୍କୃତ ହେଲେ ରୁନି

**ଲଣ୍ଡନ, ୩୧।୧୨ (ଏ.ପି)**

ପ୍ଲାଏମାଉଥ ଆର୍ଗିଲ ଫୁଟ୍‌ବଲ ଦଳର କୋଚ୍ ପଦବୀରୁ ବହିଷ୍କୃତ ହୋଇଛନ୍ତି ୱେନ୍ ରୁନି। ୩୯ ବର୍ଷୀୟ ତଥା ପୂର୍ବତନ ଇଂଲଣ୍ଡ ଓ ମାଞ୍ଚେଷ୍ଟର ଷ୍ଟ୍ରାଇକରଙ୍କୁ ଗତ ମେ ମାସରେ ନିଯୁକ୍ତି ମିଳିଥିଲା। ପ୍ଲାଏମାଉଥ ହେଉଛି ଇଂଲଣ୍ଡର ଦ୍ୱିତୀୟ ପାହ୍ୟା ଦଳ। ଚଳିତ ସିଜନରେ ଦଳ ଏପର୍ଯ୍ୟନ୍ତ ଖେଳିଥବବା ୨୩ଟି ଗେମ୍ ମଧ୍ୟରୁ ମାତ୍ର ୪ଟିରେ ବିଜୟ ହାସଲ କରିଛି। ରବିବାର ଅନୁଷ୍ଠିତ ଫାଇନାଲ ଗେମ୍‌ରେ ଦଳ ଅକ୍ସଫୋର୍ଡ ୟୁନାଇଟେଡ୍‌ଠାରୁ ୨-୦ ଗୋଲରେ ପରାଜିତ ହୋଇଥିଲା। ଆର୍ଗିଲ ଦଳର ଏହାଥିଲା କ୍ରମାଗତ ୯ମ ପରାଜୟ। କ୍ଲବ ତରଫରୁ ଜାରି କରାଯାଇଥିବା ଇସ୍ତାହାରରେ କୁହାଯାଇଛି ଉଭୟ ମଧ୍ୟରେ ଆପୋଷ ଆଲୋଚନା ପରେ ରୁନି କୋଚ୍ ପଦବୀ ଛାଡ଼ିଛନ୍ତି। ସୂଚନାଯୋଗ୍ୟ, ୩୮ବର୍ଷୀୟ ରୁନି ଇଂଲଣ୍ଡ ତରଫରୁ ୧୨୦ ମ୍ୟାଚ ଖେଳିଛନ୍ତି।

# ଯଶପ୍ରୀତ୍ ବୁମ୍‌ରା ଅଧିନାୟକ

**ସିଡ୍‌ନୀ, ୩୧।୧୨ (ପି.ଟି.)**

ଚଳିତ ବର୍ଡର-ଗାଭାସ୍କର ଟ୍ରଫିରେ ଜବରଦସ୍ତ ପ୍ରଦର୍ଶନ ପାଇଁ ଯଶପ୍ରୀତ୍ ବୁମ୍‌ରାଙ୍କୁ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଟେଷ୍ଟ ଟିମ୍ ଅଫ୍ ଦି ଇୟରରେ ସ୍ଥାନ ମିଳିଛି। କେବଳ ବୋଲର ଭାବେ ନୁହେଁ ତାଙ୍କୁ ଦଳର ଅଧିନାୟକ ମଧ୍ୟ କରାଯାଇଛି। ଏହି ଦଳରେ ଯଶସ୍ୱୀ ଜୟସ୍ୱାଲଙ୍କୁ ମଧ୍ୟ ସ୍ଥାନ ମିଳିଛି। ବୁମ୍‌ରା ହେଉଛନ୍ତି ୨୦୨୪ ଟେଷ୍ଟ କ୍ରିକେଟର ଶ୍ରେଷ୍ଠ ବୋଲର। ସେ ୧୩ ମ୍ୟାଚ ଖେଳି ୭୧ ଉଇକେଟ ଅକ୍ତିଆର କରିଛନ୍ତି। ତାଙ୍କର ଆଭରେଜ ୧୪.୯୨ ଓ ଷ୍ଟ୍ରାଇକ୍‌ରେଟ୍ ୩୦.୧୬ ରହିଛି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପେସ୍ ବୋଲରମାନଙ୍କ ମଧ୍ୟରେ ବୁମ୍‌ରା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଡେଲ୍ ଷ୍ଟେଇନ ଏହି ତାଲିକାର ପ୍ରଥମ ସ୍ଥାନରେ ଅଛନ୍ତି। ୨୦୦୮ କ୍ୟାଲେଣ୍ଡର ବର୍ଷରେ ସେ ୭୪ ଉଇକେଟ ନେଇଥିଲେ। ଏହା ପୂର୍ବରୁ ଇମ୍ରାନ୍ ଖାନ୍ ୧୯୮୨ରେ ୧୩.୨୯ ଆଭରେଜରେ ୬୨ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟପକ୍ଷରେ ଜୟସ୍ୱାଲ ବର୍ଷର ଦ୍ୱିତୀୟ ସର୍ବୋଚ୍ଚ ରନ ସଂଗ୍ରହକାରୀ ବ୍ୟାଟର ରହିଛନ୍ତି। ସେ ୧୫ଟି ମ୍ୟାଚ ଖେଳି (୨୯ ଇନିଂସ) ୫୪.୭୪ ଆଭରେଜରେ ୯ ଅର୍ଦ୍ଧଶତକ ଓ ୩ ଶତକ ସହ ୧, ୪୭୮ ରନ ସଂଗ୍ରହ କରିଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆ ଜୟସ୍ୱାଲଙ୍କୁ ଭାରତର ଭବିଷ୍ୟତ ଷ୍ଟାର ବ୍ୟାଟର ବୋଲି କହିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସଙ୍କୁ ଏହି ୧୨ଜଣିଆ ଦଳରେ ସ୍ଥାନ ମିଳିନି। ବର୍ଷରେ ତାଙ୍କ ପ୍ରଦର୍ଶନ ଭଲ ରହିଛି, ତଥାପି ତାଙ୍କୁ ନିଆଯାଇ ନାହିଁ। କମିନ୍ସ ୯ଟି ମ୍ୟାଚରେ ୨୪.୦୨ ଆଭରେଜ ସହିତ ୩୭ ଉଇକେଟ ଅକ୍ତିଆର କରିଛନ୍ତି। ସେ ଦୁଇଥର ୫ ଉଇକେଟ ସଫଳତା ହାସଲ କରିଛନ୍ତି। ଦଳରେ ଅଷ୍ଟ୍ରେଲିଆର କେବଳ ୨ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଆଲେକ୍ସ କାରେ ଓ ଜୋଶ ହାଜେଲ୍‌ଉଡ୍। ଅନ୍ୟମାନେ ହେଲେ ଇଂଲଣ୍ଡର ବେନ୍ ଡକେଟ, ଜୋ ରୁଟ୍ ଓ ହ୍ୟାରୀ ବ୍ରୁକ୍, ନ୍ୟୁଜିଲାଣ୍ଡର ରାଚିନ ରବୀନ୍ଦ୍ର ଓ ମ୍ୟାଟ୍ ହେନ୍‌ରୀ, ଶ୍ରୀଲଙ୍କାର କାମିନ୍ଦୁ ମେଣ୍ଡିସ ଓ ଦକ୍ଷିଣ ଆଫ୍ରିକାର କେଶବ ମହାରାଜ।

**କ୍ରିକେଟ ଅଷ୍ଟ୍ରେଲିଆର ଟେଷ୍ଟ ଟିମ୍ ଅଫ୍ ଦି ଇୟର**








Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ